# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ମେ ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, May 19/2025 | Page 14 | ₹ 7.00

୫୧ଶ ଭାଗ ୧୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 173 | ମୂଲ୍ୟ ₹୭/-




**‘ଭୂତ୍ ବଙ୍ଗଲା’: ଅକ୍ଷୟ, ୱାମିକାଙ୍କ ରୋମାନ୍ସ**

ଅଭିନେତା ଅକ୍ଷୟ କୁମାର ଅଭିନେତ୍ରୀ ୱାମିକା ଗବ୍ବିଙ୍କ ସହ ନିଜର ଆଗାମୀ ଫିଲ୍ମ ‘ଭୂତ୍ ବଙ୍ଗଲା’ ଶୁଟିଂଶେଟ୍‌ର ଏକ ବିଟିଏସ୍ କ୍ଲିପ୍‌କୁ ରବିବାର ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି।

୧୧

୧୪

**ହରପ୍ରୀତ୍ ପ୍ଲେୟର ଅଫ୍ ଦି ମ୍ୟାଚ**

ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ପଞ୍ଜାବ କିଙ୍ଗ୍ସର ହରପ୍ରୀତ୍ ବ୍ରାର।





ଆମେରିକାର ନ୍ୟୁୟର୍କସ୍ଥିତ ବ୍ରୁକ୍‌ଲିନ୍ ବ୍ରିଜ୍‌କୁ ଶନିବାର ସନ୍ଧ୍ୟାରେ ଧକ୍କା ଦେଇଥିବା ମେକ୍ସିକୋ ନୌସେନାର ଟ୍ରେନିଂ ଜାହାଜ। ଇଷ୍ଟ ନଦୀରେ ଆସୁଥିବା ୩୦୦ ଫୁଟ ଲମ୍ବ ବିଶିଷ୍ଟ ଏହି ଜାହାଜ ବୈଷୟିକ ତ୍ରୁଟି ଯୋଗୁ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ଏହାର ଉପର ଅଂଶ ଭାଙ୍ଗିଯାଇଛି। ଜାହାଜରେ ଥିବା ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୨ଜଣ ଆହତ ହୋଇଛନ୍ତି।

## ଶର୍ଟ ସର୍କିଟରୁ ନିଆଁ: ୨୫ ମୃତ

### ହାଇଦ୍ରାବାଦରେ ୧୭, ସୋଲାପୁରରେ ୮

ହାଇଦ୍ରାବାଦ/ମୁମ୍ବାଇ,୧୮।୫

ରବିବାର ସକାଳେ ତେଲଙ୍ଗାନାର ହାଇଦ୍ରାବାଦ ଓ ମହାରାଷ୍ଟ୍ରର ସୋଲାପୁରରେ ଶର୍ଟ ସର୍କିଟରୁ ନିଆଁ ଲାଗି ୨୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ହାଇଦ୍ରାବାଦର ପ୍ରସିଦ୍ଧ ଚାରମିନାର ନିକଟ ଗୁଲଜାର ହାଉସ୍ ବିଲ୍ଡିଂରେ ସକାଳ ୬ଟାରେ ହଠାତ୍ ନିଆଁ ଲାଗିଥିବା ଜଣାପଡ଼ିଥିଲା। ଅଗ୍ନିଶମ ବାହିନୀକୁ ୬ଟା ୧୬ରେ ଏନେଇ ଫୋନ୍ କରାଯାଇଥିଲା। ଅଗ୍ନିଶମ ବାହିନୀ ତୁରନ୍ତ ୧୧ ଫାୟାର ଇଞ୍ଜିନ୍ ସହ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ବିଲ୍ଡିଂରେ ନିଆଁ ଲାଗିବାବେଳେ ସେଠାରେ ୨୧ ଜଣ ଥିଲେ। ଅଗ୍ନିଶମ ଟିମ୍‌ର କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ସଂଜ୍ଞାହୀନ ଅବସ୍ଥାରେ ଥିବା ୧୭ ଜଣଙ୍କୁ ହସ୍ପିଟାଲକୁ ପଠାଇଥିଲେ। କିନ୍ତୁ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ମଧ୍ୟରେ ୮ ପିଲା ଥିଲେ, ଯାହାଙ୍କ ବୟସ ୧୦ ବର୍ଷରୁ କମ୍ ହେବ ବୋଲି ତେଲଙ୍ଗାନା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଏବଂ ଅଗ୍ନିଶମ ମହାନିର୍ଦ୍ଦେଶକ ୱାଇ. ନାଗି ରେଡ୍ଡୀ ଘଟଣାସ୍ଥଳ ପରିଦର୍ଶନ ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ହସ୍ତଗତ ରିପୋର୍ଟ ଅନୁଯାୟୀ, ଗୁଲଜାର ହାଉସ୍‌ର ତଳ ମହଲାର ଦୋକାନ ଗୃହ ଥିବାବେଳେ ଉପର ମହଲାରେ ୪ ପରିବାର ବସବାସ କରୁଥିଲେ। ସେମାନେ ସମସ୍ତେ ପରସ୍ପରର ସମ୍ପର୍କୀୟ। ସେମାନଙ୍କ ମଧ୍ୟରୁ କେତେଜଣ ଛୁଟି ବିତାଇବାକୁ ଆସିଥିଲେ। ଅନେକ ସମୟରେ କିଣାକିଣି କରିବାକୁ ସେଠାରେ ଲୋକଙ୍କ ଗହଳି ଲାଗି ରହିଥାଏ। ତେବେ ଉପର ମହଲାରୁ ତଳକୁ ଆସିବା ପାଇଁ ଉଦ୍ଦିଷ୍ଟ ଶିଡ଼ି ଅତି ସଂକୀର୍ଣ୍ଣ ଥିଲା। ଏଥିଯୋଗୁ ତଳେ ଥିବା କ୍ରିଷ୍ଣା ପାର୍ଲ୍ସ ଶପ୍‌ରେ ନିଆଁ ଲାଗି ଉପର ୨ଟି ମହଲାକୁ ବ୍ୟାପିବା ପରେ ସେଠାରେ ରହୁଥିବା ଲୋକେ ସୁରକ୍ଷିତ ଭାବେ ତଳକୁ ଆସିପାରି ନ ଥିଲେ। ଚାହୁଁ ଚାହୁଁ ୧୭ ଜଣଙ୍କ ଜୀବନ ଚାଲିଗଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଗଭୀର ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି (ପିଏମ୍‌ଏନ୍‌ଆର୍‌ଏଫ୍)ରୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ଆହତମାନଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଦିଆଯିବ ବୋଲି ମୋଦି ଏକ୍ସ’ରେ ପୋଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ମଧ୍ୟ ଶୋକ ବ୍ୟକ୍ତ କରି ଆହତଙ୍କୁ ସବୁ ପ୍ରକାର ସହଯୋଗ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ କେଉଁ ପରିସ୍ଥିତିରେ ଏତେବଡ଼ ଘଟଣା ଘଟିଲା, ତା’ର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ଏନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶର୍ଟ ସର୍କିଟରୁ ନିଆଁ ଲାଗିଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଅଗ୍ନିଶମ ବିଭାଗ କହିଛି। ତେବେ ଧୂଆଁରେ ଅଣନିଃଶ୍ୱାସୀ ହୋଇ ଅଧିକାଂଶଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ଶରୀରରେ ପୋଡ଼ା କ୍ଷତ ନ ଥିବା ଜଣାପଡ଼ିଛି। ତେଲଙ୍ଗାନା ସରକାରଙ୍କ ପକ୍ଷରୁ ଜାରି ତାଲିକା ଅନୁସାରେ ୮ ନାବାଳକଙ୍କ ମଧ୍ୟରୁ ସର୍ବକନିଷ୍ଠ ପ୍ରଥାନଙ୍କ ବୟସ ଦେଢ଼ବର୍ଷ। ଅନ୍ୟ ୭ ପିଲା ହେଲେ ହମୟ(୭), ପ୍ରିୟାଂଶ(୪), ଇରାଜ(୨), ଆରୁଶୀ(୩), ଋଷଭ(୪), ଅନୁୟାନ୍(୩) ଓ ଇଦ୍ଧୁ(୪)।

ଅନ୍ୟପକ୍ଷେ ମହାରାଷ୍ଟ୍ର ସୋଲାପୁର ଜିଲାସ୍ଥିତ ଏକ ଟେକ୍ସଟାଇଲ ମିଲ୍‌ରେ ଭୋର ସକାଳ ୩ଟା ୪୫ରେ ନିଆଁ ଲାଗିଥିଲା। ଅକ୍କଲକୋଟ ରୋଡ୍‌ରେ ଥିବା ଏହି ମିଲ୍‌ରେ ମଧ୍ୟ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଏଥିରେ ଜଣେ ଶିଶୁ, ୩ ମହିଳାଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଫ୍ୟାକ୍ଟ୍ରି ମାଲିକ ଓ ୪ ଶ୍ରମିକ ଥିଲେ। ନିଆଁ ଲିଭାଇବା ପାଇଁ ୫ରୁ ୬ ଘଣ୍ଟା ଲାଗିଯାଇଥିଲା।

# ତଦନ୍ତରେ ପୁରୀ ଝିଅ ପ୍ରିୟଙ୍କା

**ପାକିସ୍ତାନୀ ଗୋଇନ୍ଦା ସଂସ୍ଥାକୁ ଭାରତର ପ୍ରତିରକ୍ଷା ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ପଠାଇବା ଅଭିଯୋଗରେ ହରିୟାଣା ହିସାରର ୟୁଟ୍ୟୁବର ଜ୍ୟୋତି ମାଲ୍‌ହୋତ୍ରାଙ୍କୁ ଗିରଫ କରାଯାଇଛି। ତେବେ ଜ୍ୟୋତି ୨୦୨୪ ସେପ୍ଟେମ୍ବରରେ ପୁରୀ ଆସିବା ଏବଂ ଏଠାରେ ୟୁଟ୍ୟୁବ ବ୍ଲଗର ପ୍ରିୟଙ୍କା ସେନାପତିଙ୍କ ସହ ମିଶିଥିବା ଜଣାପଡ଼ିଛି। ଜ୍ୟୋତିଙ୍କୁ ପ୍ରିୟଙ୍କା ବିଭିନ୍ନ ସ୍ଥାନ ବୁଲାଇଥିଲେ। ସେହିପରି ପ୍ରିୟଙ୍କା ୩ମାସ ତଳେ ପାକିସ୍ତାନର କର୍ତ୍ତାରପୁର ଯାଇଥିଲେ। ତେଣୁ ପ୍ରିୟଙ୍କା କର୍ତ୍ତାରପୁର ଯିବା ପାଇଁ ଜ୍ୟୋତିଙ୍କ ପରାମର୍ଶ ନେଇଥାଇପାରନ୍ତି ବା ଜ୍ୟୋତି ତାଙ୍କୁ ସାହାଯ୍ୟ କରିଥାଇପାରନ୍ତି ବୋଲି ଏବେ ସନ୍ଦେହ ଉପୁଜିଛି। କେବଳ ପୁରୀ ନୁହେଁ, ପହଲଗାମ ସମେତ ବିଭିନ୍ନ ରାଜ୍ୟରେ ବୁଲିଥିବା ସମୟର ଉଭୟଙ୍କ ଏକାଧିକ ଫଟୋ ରହିଥିବାରୁ ଏହାକୁ ପୋଲିସ ଗୁରୁତ୍ୱର ସହ ନେଇ ତଦନ୍ତ ଚଳାଇଛି। ଅପରପକ୍ଷରେ ଜ୍ୟୋତିଙ୍କ ସହ କୌଣସି ଗୁପ୍ତଚରଗିରି କାର୍ଯ୍ୟରେ ପ୍ରିୟଙ୍କା ସମ୍ପୃକ୍ତ ନାହାନ୍ତି ବୋଲି ତାଙ୍କ ପରିବାର ତରଫରୁ ସଫେଇ ଦିଆଯାଇଛି।**



ପ୍ରିୟଙ୍କା ସେନାପତି ଓ ଜ୍ୟୋତି ମାଲହୋତ୍ରାଙ୍କ ଭାଇରାଲ ଫଟୋ।

### ପାକ୍ ପାଇଁ ଗୁପ୍ତଚରଗିରି ପ୍ରସଙ୍ଗ

- **ପୋଲିସର ମାରାଥନ୍ ଜେରା**
- **୩ ମାସ ତଳେ ପାକିସ୍ତାନ କର୍ତ୍ତାରପୁର ଯାଇଥିଲେ**
- **ପୁରୀ ଛାଡି ନ ଯିବାକୁ ଏସ୍‌ପିଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,(ସତ୍ୟଜିତ ରାଉତ)/ପୁରୀ,୧୮।୫(ଅଜିତ୍ କୁମାର ମହାନ୍ତି)

ପାକିସ୍ତାନୀ ଗୋଇନ୍ଦା ସଂସ୍ଥାକୁ ଭାରତର ପ୍ରତିରକ୍ଷା ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ପଠାଇବା ଅଭିଯୋଗରେ ହରିୟାଣା ପୋଲିସ ଦ୍ୱାରା ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସହ ପୁରୀ ଝିଅ ୟୁଟ୍ୟୁବର ପ୍ରିୟଙ୍କା ସେନାପତିଙ୍କ ଲିଙ୍କ୍ ଆସିବା ପରେ ଓଡ଼ିଶା ପୋଲିସ ଏହାକୁ ଗୁରୁତ୍ୱର ସହ ନେଇଛି। ଏପରିକି ଗୋଇନ୍ଦା ସଂସ୍ଥା ପ୍ରିୟଙ୍କାଙ୍କୁ ସ୍କାନରକୁ ଆଣିଛି। ଜ୍ୟୋତିଙ୍କ ସହ ପ୍ରିୟଙ୍କାଙ୍କ ଅନେକ ଫଟୋ ଓ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେଉଛି। ଜ୍ୟୋତି ୭ ମାସ ତଳେ ପୁରୀ ଆସି ପ୍ରିୟଙ୍କାଙ୍କ ସହଯୋଗରେ ଏଠାରେ ବୁଲାବୁଲି କରିଥିଲେ। ଏପରିକି ୩ମାସ ତଳେ ପାକିସ୍ତାନ କର୍ତ୍ତାରପୁର ଯାଇଥିଲେ ପ୍ରିୟଙ୍କା। ପ୍ରିୟଙ୍କାଠୁ କୌଣସି ସମ୍ବେଦନଶୀଳ ତଥ୍ୟ ଜ୍ୟୋତି ନେଇ ପାକିସ୍ତାନକୁ ଦେଇଥିବା ସନ୍ଦେହ କରାଯାଉଛି। ଏସବୁକୁ ନେଇ ପ୍ରିୟଙ୍କାଙ୍କୁ ଜେରା କରିବାକୁ ସ୍କାନରକୁ ଆଣିଛି ଗୋଇନ୍ଦା ସଂସ୍ଥା। ଜ୍ୟୋତିଙ୍କ ସହ କଶ୍ମୀର ଓ ପାକିସ୍ତାନର କେଉଁ ସ୍ଥାନକୁ ପ୍ରିୟଙ୍କା ବୁଲିଯାଇଥିଲେ ଏବଂ ଏଥିପାଇଁ ପାକିସ୍ତାନରୁ ଟଙ୍କା ଆସିଥିଲା କି ନାହିଁ ପ୍ରଶ୍ନ ଉଠିଛି। ଭାଇରାଲ ହେଉଥିବା ଫଟୋରେ ଜ୍ୟୋତି ପହଲଗାମ୍ ଓ ଲାଲଚୌକ ବୁଲୁଥିବା ଜଣାପଡ଼ିଛି। ସବୁ ଭିଡିଓ ଓ ଫଟୋକୁ ପୋଲିସ ଯାଞ୍ଚ କରି ତଥ୍ୟ ହାସଲ କରୁଛି। ରବିବାର ପୁରୀ ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପୋଲିସ ଟିମ୍ ପ୍ରିୟଙ୍କାଙ୍କ କାଳିକାଦେବୀ ସାହିସ୍ଥିତ ଘରକୁ ଯାଇ ଜେରା କରିଛି। ଏନେଇ ପୁରୀ ଏସ୍‌ପି ବିନିତ୍ ଅଗ୍ରୱାଲ କହିଛନ୍ତି, ଘଟଣାକୁ ଗୁରୁତର ସହ ନେଇଛୁ। ଜ୍ୟୋତିଙ୍କ ଲିଙ୍କ୍‌ରେ ପ୍ରିୟଙ୍କା ସମ୍ପୃକ୍ତି ନେଇ ତଦନ୍ତ କରାଯାଉଛି। ରାଜ୍ୟ ଏବଂ କେନ୍ଦ୍ର ଗୋଇନ୍ଦା ଏଜେନ୍ସି ସମେତ ହରିୟାଣା ପୋଲିସ ସହ ଯୋଗାଯୋଗରେ ଅଛୁ। ତଦନ୍ତ ପରେ ସବୁ ତଥ୍ୟ ସାମ୍ନାକୁ ଆସିବ। ରଥଯାତ୍ରା ପାଇଁ ୟୁଟ୍ୟୁବରମାନଙ୍କୁ କଟକଣା ସମ୍ପର୍କରେ ଜିଲା ପ୍ରଶାସନ ସହ ଆଲୋଚନା କରାଯିବ। ଆବଶ୍ୟକ ପଡ଼ିଲେ ସାଇବର ଏକ୍ସପର୍ଟଙ୍କ ପରାମର୍ଶ ନିଆଯିବ ବୋଲି ଏସ୍‌ପି କହିଛନ୍ତି। ଅପରପକ୍ଷରେ ପ୍ରିୟଙ୍କା ନିଜ ଇନ୍‌ଷ୍ଟାଗ୍ରାମରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି। ୟୁଟ୍ୟୁବ୍ ମାଧ୍ୟମରେ ସେ ଜ୍ୟୋତିଙ୍କୁ ଚିହ୍ନିଥିବାବେଳେ ତାଙ୍କ ସମ୍ପର୍କରେ ଅଧିକ ଅବଗତ ନ ଥିଲି। ସେ ପାକିସ୍ତାନ ଗୁପ୍ତଚର ଭାବେ କାମ କରୁଛନ୍ତି ବୋଲି ଜାଣିଥିଲେ କେବେ ବି ତାଙ୍କ ସହ ଯୋଗାଯୋଗରେ ଆସି ନ ଥାନ୍ତେ ବୋଲି ପ୍ରିୟଙ୍କା ଲେଖିଛନ୍ତି। ଏଥିସହ ତାଙ୍କ ସମ୍ପର୍କରେ ଏସବୁ ଜାଣିବା ପରେ ଏବେ ତାଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ ଲାଗୁଛି। ଯଦି କୌଣସି ତଦନ୍ତକାରୀ ସଂସ୍ଥା ତାଙ୍କୁ ପ୍ରଶ୍ନ ପଚାରନ୍ତି ତେବେ ସେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରିୟଙ୍କା କହିଛନ୍ତି। ପ୍ରିୟଙ୍କାଙ୍କ ବାପା ରାଜକିଶୋର କହିଛନ୍ତି, ଜ୍ୟୋତି ପୁରୀ ଆସୁଥିବାବେଳେ ସାଙ୍ଗ ହିସାବରେ ପ୍ରିୟଙ୍କା ତାଙ୍କୁ ପୁରୀ ବୁଲାଇଥିଲେ। ଜ୍ୟୋତି ତାଙ୍କ ଘରକୁ ଆସି ନ ଥିଲେ। ପୋଲିସକୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ରାଜକିଶୋର କହିଛନ୍ତି।

## ଭୁବନେଶ୍ୱରରେ ଏନ୍‌ଆଇଏ ଥାନା

ଭୁବନେଶ୍ୱର,୧୮।୫(ସତ୍ୟଜିତ ରାଉତ)

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ଓଡ଼ିଶା ଶାଖାକୁ ଥାନା ମାନ୍ୟତା ଦିଆଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱର ଭିଏସ୍‌ଏସ୍ ନଗରସ୍ଥିତ ବିଏସ୍‌ଏନ୍‌ଏଲ୍ କୋଠାରେ ପୂର୍ବରୁ ବ୍ରାଞ୍ଚ ଅଫିସ କାର୍ଯ୍ୟ କରୁଥିବାବେଳେ ଏହା ଏବେ ପୋଲିସ ଥାନା ଭାବେ କାର୍ଯ୍ୟ କରିବ। ଜଣେ ଏସ୍‌ପି ଏହି ଥାନା ଦାୟିତ୍ୱରେ ରହିବେ। ଏହାର କାର୍ଯ୍ୟ ପରିସର ରାଜ୍ୟବ୍ୟାପୀ ରହିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ, ଏନ୍‌ଆଇଏ ବିଶେଷକରି ଆତଙ୍କବାଦ କାର୍ଯ୍ୟକଳାପ ଓ ଟେରର ଫଣ୍ଡିଂ ଘଟଣାରେ ତଦନ୍ତ କରିଥାଏ। ତେବେ କିଛିବର୍ଷ ଭିତରେ ଓଡ଼ିଶାରେ ଆତଙ୍କବାଦୀ ଲିଙ୍କ୍ ସାମ୍ନାକୁ ଆସିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନିଆଯାଇଛି। ଏଥିପାଇଁ ଏନ୍‌ଆଇଏକୁ ଏକ ଥାନା ମାନ୍ୟତା ଦିଆଯାଇଥିବା କୁହାଯାଉଛି।

ଆଜିର ସମ୍ପାଦକୀୟ — ସୁଗାର ବୋର୍ଡ

## ମଝିଆ ଭଉଣୀଙ୍କୁ ହତ୍ୟା କଲେ ଭଉଣୀ ଭାଇ

### ବଡ଼ବାପାଙ୍କ ଶୁଦ୍ଧିକ୍ରିୟାରେ ଅଘଟଣ

କୁଚିଣ୍ଡା,୧୮।୫(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ମଝାପଡା ଗୁଣ୍ଡିଚାମନ୍ଦିର ସମ୍ମୁଖରେ ବଡ଼ ବାପାଙ୍କ ଶୁଦ୍ଧିକ୍ରିୟା ଚାଲିଥିବା ସମୟରେ ଜମିବାଡି ବିବାଦକୁ ନେଇ ବଡ଼ ଭଉଣୀ ଓ ସାନ ଭାଇ ମିଶି ମଝିଆଁ ଭଉଣୀଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି। ମୃତା ମଝିଆ ଭଉଣୀ ହେଲେ ମହୁଲପାଲି ଥାନା ସୋଲବଗାରେ ବିବାହ କରିଥିବା ଲୀନା ସାହୁ (୪୦)। ଅଭିଯୁକ୍ତ ବଡ଼ ଭଉଣୀ ପୁଷ୍ପାଞ୍ଜଳି ସାହୁ( ୪୫) ଏବଂ ସାନ ଭାଇ ଗୋଲକ ସାହୁ(୩୦)ଙ୍କୁ ପୋଲିସ ଗିରଫ କରି ରାତି ୮ଟାରେ କୁଚିଣ୍ଡା ଏସଡିଜେମ୍ କୋର୍ଟକୁ ଚାଲାଣ କରିଛି। ଘଟଣା ସ୍ଥଳରେ ଗୋବିନ୍ଦପୁର ଆଇଆଇସି ରାଜେନ୍ଦ୍ର ବେହେରା, କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସ ଓ ସମ୍ବଲପୁରର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରୁଛନ୍ତି। ମୃତକଙ୍କ ବଡ଼ବାପା ପୁଅ ପ୍ରଭୁଦତ୍ତ ସାହୁ ଓରଫ ଅରକ୍ଷିତଙ୍କ ରିପୋର୍ଟ କ୍ରମେ ପୋଲିସ ଗୋବିନ୍ଦପୁର ଥାନାରେ ଦଫା ୧୦୩(୧)/୩(୫)ବିଏନଏସ (ନଂ.୬୭/୨୫)ମାମଲା ରୁଜୁ କରି ମୃତଦେହ ଜବତ କରି ଗୋବିନ୍ଦପୁର ମେଡିକାଲରେ ବ୍ୟବଚ୍ଛେଦ କରାଇଛି।

ସୂଚନା ଅନୁଯାୟୀ, ବାମରା ଗୋବିନ୍ଦପୁରର ବିନୋଦ ସାହୁଙ୍କ ୨ ଝିଅ ଏବଂ ଗୋଟିଏ ପୁଅ। ବଡ଼ ଝିଅ ଓ ପୁଅ ଅବିବାହିତ ଥିବା ବେଳେ ମୃତା ମଝିଆ ଝିଅ ଲୀନା କେଶାଇବାହାଲ ନିକଟସ୍ଥ ସୋଲବଗାରେ ବିବାହ କରିଛନ୍ତି। ହେଲେ କୌଣସି କାରଣରୁ ଲୀନା ବାପଘରେ ରହୁଥିଲେ। ସେ ସମ୍ବଲପୁରର ଏକ ଜୁଏଲେରି ଦୋକାନରେ ଚାକିରି କରି ସେଠାରେ ରହୁଥିଲେ। ପରେ ବାପାଙ୍କ ଜମିବାଡି ସମ୍ପତ୍ତିରୁ ଭାଗ ସେ ମାଗିଥିଲେ। ବଡ଼ ଭଉଣୀ ପୁଷ୍ପାଞ୍ଜଳି ଓ ସାନପୁଅ ଗୋଲକ ଅବିବାହିତ ଥିବାରୁ ଭାଗବଣ୍ଟା ନେଇ ଭାଇ ଭଉଣୀଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଏନେଇ ଲୀନା କୁଚିଣ୍ଡା କୋର୍ଟରେ ସମ୍ପତ୍ତି ଭାଗ ପାଇଁ କେସ୍ କରିଛନ୍ତି ଏବଂ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଏହାକୁ ନେଇ ଲୀନା ସହ ହତ୍ୟାକାରୀ ଭଉଣୀ ଓ ଭାଇଙ୍କ ମଧ୍ୟରେ ଶତ୍ରୁତା ବଢିଚାଲିଥିଲା। ଅରକ୍ଷିତଙ୍କ ବାପାଙ୍କ ରବିବାର ଶୁଦ୍ଧିକ୍ରିୟା ଚାଲିଥିଲା। ଲୀନା ବଡବାପାଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଆସିଥିଲେ। ତାଙ୍କୁ ଦେଖି ପୂର୍ବାହ୍ନ ପ୍ରାୟ ୧୧ଟା ୧୦ରେ ଗୋଲକ ଓ ପୁଷ୍ପାଞ୍ଜଳୀ ତାଙ୍କୁ ଛୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଲୀନା ସଂଜ୍ଞାହୀନ ହୋଇ ରକ୍ତାକ୍ତ ଅବସ୍ଥାରେ ତଳେ ପଡିଯାଇଥିଲେ। ଶୁଦ୍ଧିକ୍ରିୟାରେ ଉପସ୍ଥିତ ବନ୍ଧୁ ବାନ୍ଧବ ଏହାଦେଖି ତୁରନ୍ତ ଗୋବିନ୍ଦପୁର ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଭାରତୀୟ ଆମ୍ବକୁ ଆମେରିକାର ପ୍ରତ୍ୟାଖ୍ୟାନ

ୱାଶିଂଟନ୍/ନୂଆଦିଲ୍ଲୀ,୧୮।୫


ଆମେରିକା ଭାରତୀୟ ରପ୍ତାନିକାରୀଙ୍କୁ ଝଟ୍‌କା ଦେବା ଭଳି କାର୍ଯ୍ୟ କରିଛି। ଭାରତରୁ ଲସ୍‌ଏଞ୍ଜେଲ୍ସ, ସାନ୍ ଫ୍ରାନ୍‌ସିସ୍କୋ ଓ ଆଟଲାଣ୍ଟା ବିମାନବନ୍ଦରରେ ୧୫ କଣ୍ଟେନରରେ ପହଞ୍ଚିଥିବା ଆମ୍ବକୁ କାଗଜପତ୍ରରେ ତ୍ରୁଟି ଥିବା ଦର୍ଶାଇ ଆମେରିକୀୟ କର୍ତ୍ତୃପକ୍ଷ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଏଥିଯୋଗୁ ଭାରତୀୟ ବ୍ୟବସାୟୀମାନଙ୍କୁ ୫ ଲକ୍ଷ ଡଲାର (ପ୍ରାୟ ୪ କୋଟି ୨୮ ଲକ୍ଷ ଟଙ୍କା)ର କ୍ଷତି ସହିବାକୁ ପଡ଼ିଛି।

ଇକୋନୋମିକ୍ ଟାଇମ୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଭାରତରୁ ଏୟାର ଗାର୍ଗୋ ଯୋଗେ ୧୫ ଶିପ୍‌ମେଣ୍ଟରେ ଆମ୍ବ ପଠାଯାଇଥିଲା। ମୁମ୍ବାଇରୁ ରପ୍ତାନି ପୂର୍ବରୁ ମେ’ ୮ ଓ ୯ ତାରିଖରେ ନଭି ମୁମ୍ବାଇରେ ଥିବା ୟୁନାଇଟେଡ୍ ଷ୍ଟେଟ୍ସ ଡିପାର୍ଟମେଣ୍ଟ ଅଫ୍ ଏଗ୍ରିକଲ୍ଚର (ୟୁଏସ୍‌ଡିଏ) ପ୍ରତିନିଧିଙ୍କ ତତ୍ତ୍ୱାବଧାନରେ ଆମ୍ବଗୁଡ଼ିକୁ ରେଡିଏଶନ୍ ଟ୍ରିଟ୍‌ମେଣ୍ଟ ପ୍ରକ୍ରିୟା ଜରିଆରେ ଯାଞ୍ଚ କରାଯାଇଥିଲା। ପିପିକ୍ୟୁ ୨୦୩ ଫର୍ମର ଆବଶ୍ୟକତା ଅନୁସାରେ ଉକ୍ତ ପ୍ରକ୍ରିୟାରେ ଆମ୍ବରେ କୀଟାଣୁନାଶ କରି ଏହାକୁ ଅଧିକ ସମୟ ସତେଜ ରଖିବା ସକାଶେ ବିକିରଣର ନିୟନ୍ତ୍ରିତ ଡୋଜ୍ ଦିଆଯାଇଥାଏ। ଆମେରିକାକୁ କୌଣସି ଫଳ ରପ୍ତାନି କରିବାକୁ ହେଲେ ଏହି ପ୍ରକ୍ରିୟା ଆପଣାଇବା ବାଧ୍ୟତାମୂଳକ କରାଯାଇଛି। ଏହା କରାଯିବା ସତ୍ତ୍ୱେ ଆମେରିକୀୟ ଅଧିକାରୀମାନେ ପିପିକ୍ୟୁ ୨୦୩ ଫର୍ମରେ ତ୍ରୁଟି ଥିବା ଦର୍ଶାଇ କଣ୍ଟେନରଗୁଡ଼ିକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ରପ୍ତାନିକାରୀଙ୍କୁ ଦୁଇଟି ବିକଳ୍ପ ଦିଆଯାଇଥିଲା- ଆମ୍ବଗୁଡ଼ିକୁ ନଷ୍ଟ କରିଦିଅ କିମ୍ବା ଭାରତକୁ ଫେରାଇ ନିଅ। ତେବେ ଭାରତକୁ ଆମ୍ବ ଫେରାଇ ଆଣିବା ବ୍ୟୟବହୁଳ ହୋଇଥିବାରୁ ରପ୍ତାନିକାରୀମାନେ ସେଗୁଡ଼ିକୁ ନଷ୍ଟ କରିବାକୁ ବାଧ୍ୟ ହୋଇଛନ୍ତି। ଏହି ଘଟଣା ଭାରତୀୟ ବ୍ୟବସାୟୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଥିସହ ଅନ୍ତର୍ଜାତୀୟ ବଜାରର ମାନକ ପୂରଣ ଦିଗରେ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ବାର୍ତ୍ତା ଦେଇଛି। ଅନେକ ଭାରତୀୟ ବ୍ୟବସାୟିକ ସଂସ୍ଥା ଭବିଷ୍ୟତରେ ଏପରି କ୍ଷତି ଏଡ଼ାଇବା ପାଇଁ ବର୍ତ୍ତମାନ ନିୟାମକ କର୍ତ୍ତୃପକ୍ଷମାନଙ୍କ ମଧ୍ୟରେ ଉନ୍ନତ ସମନ୍ୱୟ ରକ୍ଷା ଦାବି କରିଛନ୍ତି। ବିଶ୍ୱରେ ଭାରତୀୟ ଆମ୍ବର ଚାହିଦା ରହିଥିବାବେଳେ ଆମେରିକାର ଏପରି ପ୍ରତ୍ୟାଖ୍ୟାନ ଯୋଗୁ ବ୍ୟବସାୟୀମାନଙ୍କୁ ଝଟ୍‌କା ଲାଗିଛି। ଆଗାମୀ ଋତୁରେ ଏପରି ସମସ୍ୟା ଏଡ଼ାଇବା ଲାଗି ସେମାନେ ଆହୁରି ଅଧିକ ପ୍ରସ୍ତୁତ ହେବେ ବୋଲି କହିଛନ୍ତି। ଅନ୍ୟ ଜଣେ ବ୍ୟବସାୟୀ ଏହାଦ୍ୱାରା ଆମେରିକା ସହ ଭାରତର ବାଣିଜ୍ୟିକ ସମ୍ପର୍କ ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି।



# ପାକ୍ ପାଇଁ ଆଇଏମ୍ଏଫ୍‌ର ୧୧ ସର୍ତ୍ତ

ଇସ୍‌ଲାମାବାଦ,୧୮ା୫ (ପି.ଟି.)


ଶେହ୍‌ୱାଜ ଶରିଫ୍




ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ପାକିସ୍ତାନକୁ ଏହାର ସହାୟତା ପ୍ୟାକେଜ୍‌ର ପରବର୍ତ୍ତୀ କିସ୍ତି ପ୍ରଦାନ କରିବା ପୂର୍ବରୁ ୧୧ଟି ନୂଆ ସର୍ତ୍ତ ଲଗାଇଛି। ଭାରତ ସହ ଉତ୍ତେଜନା ଯୋଗୁ ଯୋଜନାର ଆର୍ଥିକ, ବାହ୍ୟ ତଥା ସାଂସ୍କୃତିକ ଲକ୍ଷ୍ୟ ପ୍ରତି ବିପଦ ବଢ଼ିପାରେ ବୋଲି ଆଇଏମ୍ଏଫ୍ ପାକିସ୍ତାନକୁ ସତର୍କ କରାଇଥିବା ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି।

ପାକିସ୍ତାନ ଉପରେ ଲଗାଯାଇଥିବା ନୂଆ ସର୍ତ୍ତ ମଧ୍ୟରେ ରହିଛି ନୂଆ ୧୭.୬ ଟ୍ରିଲିୟନ ଟଙ୍କା ବଜେଟକୁ ପାର୍ଲାମେଣ୍ଟର ଅନୁମୋଦନ, ବିଦ୍ୟୁତ୍ ବିଲ୍ ଉପରେ ଋଣ ସେବା ସର୍‌ଚାର୍ଜ ବୃଦ୍ଧି ଏବଂ ୩ ବର୍ଷରୁ ଊର୍ଦ୍ଧ୍ୱ ବ୍ୟବହୃତ କାର୍ ଆମଦାନୀ ଉପରୁ କଟକଣା ଉଠାଇବା। ଆଇଏମ୍ଏଫ୍‌ର ୧୧ ନୂଆ ସର୍ତ୍ତ ସହ ପାକିସ୍ତାନ ଉପରେ ମୋଟ ସର୍ତ୍ତ ସଂଖ୍ୟା ୫୦ରେ ପହଞ୍ଚିଛି। ଆଇଏମ୍ଏଫ୍ ରିପୋର୍ଟ ଅନୁଯାୟୀ, ପାକିସ୍ତାନର ସଂଘୀୟ ବଜେଟ ୧୭.୬ ଟ୍ରିଲିୟନ ଟଙ୍କା ହେବ ଏବଂ ସେଥିରୁ ୧.୦୭ ଟ୍ରିଲିୟନ ଟଙ୍କା ବିକାଶ କାର୍ଯ୍ୟ ପାଇଁ ରହିବ। ପାକିସ୍ତାନର ପ୍ରଦେଶଗୁଡ଼ିକ ପାଇଁ ରହିଥିବା ସର୍ତ୍ତ ହେଲା ୪ ସଂଘୀୟ ସଂସ୍ଥା ବିସ୍ତୃତ ଯୋଜନା ଜରିଆରେ ନୂଆ କୃଷି ଆୟକର ଲଗାଇବେ। ପ୍ରୋସେସିଂ ରିଟର୍ନ ଏବଂ କରଦାତା ଚିହ୍ନଟ ଓ ପଞ୍ଜୀକରଣ ପାଇଁ ଏକ କାର୍ଯ୍ୟକାରିତା ପ୍ଲାଟ୍‌ଫର୍ମ ସ୍ଥାପନ କରାଯିବ, ଯୋଗାଯୋଗ ଅଭିଯାନ ହେବ ଏବଂ ଅନୁପାଳନ ଉନ୍ନତୀକରଣ ଯୋଜନା ରହିବ। ଏହି ନୂଆ ଆଇନ କାର୍ଯ୍ୟକାରୀ କରିବାର ସମୟସୀମା ଚଳିତ ବର୍ଷ ଜୁନ୍ ରହିଛି। ତୃତୀୟ ସର୍ତ୍ତ ଅନୁଯାୟୀ, ଆଇଏମ୍ଏଫ୍‌ର ଗଭର୍ନାନ୍ସ ଡାଇଗ୍ନୋଷ୍ଟିକ୍ ଆସେସ୍‌ମେଣ୍ଟର ସୁପାରିସ ଆଧାରରେ ସରକାର ଶାସନର କାର୍ଯ୍ୟଯୋଜନା ପ୍ରକାଶ କରିବେ। ଏହା ବ୍ୟତୀତ ୨୦୨୭ ପରବର୍ତ୍ତୀ ସରକାରଙ୍କ ଆର୍ଥିକ କ୍ଷେତ୍ର ରଣନୀତି ସମ୍ପର୍କିତ ଯୋଜନା ପ୍ରସ୍ତୁତ କରି ପ୍ରକାଶ କରାଯିବ। ଶକ୍ତି କ୍ଷେତ୍ର ପାଇଁ ୪ଟି ନୂଆ ସର୍ତ୍ତ ଲଗାଇବାକୁ କୁହାଯାଇଛି। ତଦନୁଯାୟୀ ସରକାର ମୂଲ୍ୟ ଆଦାୟ ସ୍ତରକୁ ଆଧାର କରି ବାର୍ଷିକ ବିଦ୍ୟୁତ୍ ଶୁଳ୍କ ଏବଂ ଅର୍ଦ୍ଧବାର୍ଷିକ ଗ୍ୟାସ୍ ଟାରିଫ୍ ଉପରେ ବିଜ୍ଞପ୍ତି ଜାରି କରିବେ। ଚଳିତ ମାସ ଶେଷ ସୁଦ୍ଧା କ୍ୟାପ୍‌ଟିଭ୍ ପାୱାର ଶୁଳ୍କ ଅଧ୍ୟାଦେଶକୁ ସ୍ଥାୟୀ କରିବା ପାଇଁ ପାର୍ଲାମେଣ୍ଟ ଆଇନ ଆଣିବ। ଋଣ ସେବା ସର୍‌ଚାର୍ଜ ଉପରେ ସର୍ବାଧିକ ୟୁନିଟ୍ ପିଛା ୩ ଟଙ୍କା ୨୧ ପଇସା ସୀମାକୁ ଉଠାଇଦେବା ପାଇଁ ପାର୍ଲାମେଣ୍ଟରେ ଆଇନ ଗୃହୀତ ହେବ।

ଏକ୍ସପ୍ରେସ୍ ଟ୍ରିବ୍ୟୁନ୍‌ରେ ପ୍ରକାଶିତ ଖବର ଅନୁଯାୟୀ, ଆଇଏମ୍ଏଫ୍ ଶନିବାର ଜାରି କରିଥିବା ଷ୍ଟାଫ୍ ଲେଭଲ ରିପୋର୍ଟରେ କୁହାଯାଇଛି। ଭାରତ ପାକିସ୍ତାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଯଦି ଦୀର୍ଘଦିନ ରହେ କିମ୍ବା ଅଧିକ ଖରାପ ହୁଏ, ତେବେ ଋଣ କାର୍ଯ୍ୟକ୍ରମର ଆର୍ଥିକ, ବାହ୍ୟ ଓ ସଂସ୍କାର ଲକ୍ଷ୍ୟ ପ୍ରତି ବିପଦ ବଢ଼ିବା ସମ୍ଭାବନା ରହିଛି। ଗତ ୨ ସପ୍ତାହରେ ୨ ପଡୋଶୀ ଦେଶ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା। ରିପୋର୍ଟ ଅନୁଯାୟୀ, ପାକିସ୍ତାନର ଆସନ୍ତାବର୍ଷର ପ୍ରତିରକ୍ଷା ବଜେଟ ୨.୪୧୪ ଟ୍ରିଲିୟନ ଟଙ୍କା, ଯାହାକି ୧୨% ବା ୨୫୨ ବିଲିୟନ ଟଙ୍କା ଅଧିକ। ଭାରତ ସହ ମୁହାଁମୁହିଁ ପରେ ଆଇଏମ୍ଏଫ୍‌ର ପୂର୍ବାନୁମାନ ତୁଳନାରେ ପାକ୍ ସରକାର ଅଧିକ ୨.୫ ଟ୍ରିଲିୟନ ଟଙ୍କା ବା ୧୮ ପ୍ରତିଶତ ଅଧିକ ବଜେଟ ମଞ୍ଜୁରୀ ସମ୍ପର୍କରେ ସୂଚନା ଦେଇଥିଲେ।

## ସମ୍ବିଧାନର ୩ ସ୍ତମ୍ଭ ସମାନ: ସିଜେଆଇ

ମୁମ୍ବାଇ,୧୮ା୫


ଜଷ୍ଟିସ୍ ବି.ଆର୍. ଗବଇ

ନ୍ୟାୟପାଳିକା କି କାର୍ଯ୍ୟପାଳିକା ନୁହେଁ, ବରଂ ଦେଶର ସମ୍ବିଧାନ ସବୁଠୁ ଉଚ୍ଚରେ। ସମ୍ବିଧାନର ୩ ସ୍ତମ୍ଭ ଏକାଠି ହୋଇ କାର୍ଯ୍ୟ କରିବା ଜରୁରୀ ବୋଲି ରବିବାର ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ ଗୁରୁତ୍ୱାରୋପ କରିଛନ୍ତି। ଚଳିତ ସପ୍ତାହରେ ୫୨ତମ ସିଜେଆଇ ରୂପେ ଶପଥ ନେଇଥିବା ଜଷ୍ଟିସ୍ ଗବଇ ମହାରାଷ୍ଟ୍ର ଓ ଗୋଆ ବାର୍ କାଉନ୍ସିଲ ପକ୍ଷରୁ ମୁମ୍ବାଇରେ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ସମ୍ବୋଧିତ କରି କହିଛନ୍ତି, ସମ୍ବିଧାନର ୩ ସ୍ତମ୍ଭ ନ୍ୟାୟପାଳିକା, ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ସମାନ। ପ୍ରତ୍ୟେକ ସ୍ତମ୍ଭ ପରସ୍ପରକୁ ସମ୍ମାନ ଦେଇ ସହଯୋଗୀ ଭାବେ କାର୍ଯ୍ୟ କରିବା ଉଚିତ। ଯଦିଓ ସଂସଦର ସମ୍ବିଧାନ ସଂଶୋଧନ କ୍ଷମତା ରହିଛି, ତଥାପି ସାମ୍ବିଧାନିକ ଢାଞ୍ଚାର ମୌଳିକ ସିଦ୍ଧାନ୍ତକୁ ପାର୍ଲାମେଣ୍ଟ ସ୍ପର୍ଶ କରିପାରିବ ନାହିଁ।

ଦେଶରେ ନ୍ୟାୟପାଳିକାର ଭୂମିକାକୁ ନେଇ ବିତର୍କ ଜାରି ରହିଥିବାବେଳେ ନିଜ ରାଜ୍ୟ ମହାରାଷ୍ଟ୍ରକୁ ଗସ୍ତ ଅବସରରେ ସିଜେଆଇ ଗବଇ ପ୍ରଟୋକଲରେ ରହିଥିବା ବ୍ୟବଧାନକୁ ରେଖାଙ୍କିତ କରିଛନ୍ତି। ଯେତେବେଳେ ମହାରାଷ୍ଟ୍ରର ଜଣେ ବ୍ୟକ୍ତି ସିଜେଆଇ ହୋଇ ନିଜ ରାଜ୍ୟକୁ ଆସୁଛନ୍ତି, ସେତେବେଳେ ପୋଲିସ ମହାନିର୍ଦ୍ଦେଶକ କିମ୍ବା ପୋଲିସ କମିଶନର ଉପସ୍ଥିତ ନ ରହିବା ଦୁର୍ଭାଗ୍ୟଜନକ। ପ୍ରଟୋକଲ କିଛି ନୂଆ କଥା ନୁହେଁ। ଏହା ଏକ ସାମ୍ବିଧାନିକ ସଂସ୍ଥା ଅନ୍ୟ ଏକ ସାମ୍ବିଧାନିକ ସଂସ୍ଥାକୁ ଦେଉଥିବା ସମ୍ମାନ। ସିଜେଆଇ ଆହୁରି କହିଛନ୍ତି, ସମ୍ବିଧାନର ଅନୁଚ୍ଛେଦ ୧୪୨ ସୁପ୍ରିମକୋର୍ଟଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିଛି। ବିଚାରପତିମାନେ ପ୍ରଟୋକଲ ଭାଙ୍ଗିଲେ ମଧ୍ୟ ଅନୁଚ୍ଛେଦ ୧୪୨ ଲାଗୁହେବ। ସେହିପରି 'ବୁଲ୍‌ଡୋଜର ନ୍ୟାୟ' କଥା ଉଠାଇ ଆଶ୍ରୟ ଅଧିକାରକୁ ସର୍ବୋପରି ବୋଲି ସିଜେଆଇ କହିଛନ୍ତି।

## ସଂକ୍ଷେପରେ

### ଇସ୍ରୋର ପିଏସ୍ଏଲ୍‌ଭି-ସି୬୧ ମିଶନ ବିଫଳ

ଶ୍ରୀହରିକୋଟା,୧୮ା୫

ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରର ପ୍ରଥମ ଲଞ୍ଚ୍‌ପ୍ୟାଡ୍‌ରୁ ରବିବାର ଭାରତୀୟ ମହାକାଶ ଗବେଷଣା ସଂସ୍ଥାର ୧୦୧ତମ ମିଶନ ବିଫଳ ହୋଇଛି। ନିର୍ଦ୍ଧାରିତ ସମୟ ସକାଳ ୫ଟା ୫୯ ମିନିଟ୍‌ରେ ଏହାର ପିଏସ୍ଏଲ୍‌ଭି-ସି୬୧ ରକେଟ୍ ଭୂ-ପର୍ଯ୍ୟବେକ୍ଷଣ ସାଟେଲାଇଟ୍ (ଇଓଏସ୍-୦୯)କୁ ନେଇ ମହାକାଶ ଅଭିମୁଖେ ଯାତ୍ରା କରିବାର ପ୍ରାୟ ୧୬ ମିନିଟ୍ ପରେ ମିଶନ ବିଫଳ ହୋଇଥିବା ଇସ୍ରୋ ଅଧ୍ୟକ୍ଷ ଏନ. ନାରାୟଣନ୍ ଘୋଷଣା କରିଥିଲେ। ଏହି ମିଶନରେ ବୈଜ୍ଞାନିକମାନେ ଏକ ସବୁଦିନିଆ ଭୂପର୍ଯ୍ୟବେକ୍ଷଣ ସାଟେଲାଇଟ୍‌କୁ ସନ୍‌ସିନକ୍ରୋନୋସ୍ ପୋଲାର ଅର୍ବିଟ୍ (ଏସ୍‌ପିଓ)ରେ ଅବସ୍ଥାପିତ କରିବାକୁ ଯାଉଥିଲେ। ୪ ପର୍ଯ୍ୟାୟ ବିଶିଷ୍ଟ ପିଏସ୍ଏଲ୍‌ଭି ଦ୍ୱିତୀୟ ପର୍ଯ୍ୟାୟ ପର୍ଯ୍ୟନ୍ତ ସ୍ୱାଭାବିକ ପ୍ରଦର୍ଶନ କରିଥିଲା। ତେବେ ଗୁରୁତ୍ୱପୂର୍ଣ୍ଣ ତୃତୀୟ ପର୍ଯ୍ୟନ୍ତ ଦହନ ବେଳେ ରକେଟ୍‌ଟି ଲକ୍ଷ୍ୟପଥରୁ ବିଚ୍ୟୁତ ହେବାରୁ ମିଶନ ବିଫଳ ହୋଇଥିଲା। ଇସ୍ରୋ ଏବେ ବିଫଳତାର ମୂଳ କାରଣ ଖୋଜି ବାହାର କରିବାକୁ ଉଦ୍ୟମ କରୁଛି, ଯାହା ଭବିଷ୍ୟତ ମିଶନର ସୁରକ୍ଷା ଓ ଅଧିକ ନିର୍ଭରଯୋଗ୍ୟତା ପାଇଁ ଗୁରୁତ୍ୱପୂର୍ଣ୍ଣ।

### ମଣିପୁରରେ ୩୫୦ ଉଗ୍ରପନ୍ଥୀ ଗିରଫ

ଇମ୍ଫାଲ, ୧୮ା୫ (ପି.ଟି.)

ମଣିପୁରରେ ସୁରକ୍ଷା ବଳ ପକ୍ଷରୁ ଲୋକଙ୍କଠାରୁ ବଟି ଆଦାୟ କରୁଥିବା ୩୫୦ରୁ ଅଧିକ ଉଗ୍ରପନ୍ଥୀଙ୍କୁ ଗିରଫ କରାଯାଇଛି। ଗିରଫ ଉଗ୍ରପନ୍ଥୀମାନଙ୍କ ଏକ ଗ୍ୟାଙ୍ଗ୍ ମଣିପୁରର ଉପତ୍ୟକା ଅଞ୍ଚଳଗୁଡ଼ିକରେ ବିଭିନ୍ନ ବୈବାହିକ ଏବଂ ସମ୍ପତ୍ତି ସମ୍ପର୍କିତ ବିବାଦକୁ ସମାଧାନ କରିବା ନାଁରେ ବଟି ଆଦାୟ କରୁଥିଲେ। ଇମ୍ଫାଲର ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ଗତ ଫେବୃଆରୀରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହେବା ପରଠାରୁ ଏହି ଉଗ୍ରପନ୍ଥୀମାନଙ୍କୁ ଗିରଫ କରାଯାଇଛି। ରାଷ୍ଟ୍ରପତି ଶାସନ ଲାଗୁ ହେବା ପରଠାରୁ ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନରେ ଉଗ୍ରପନ୍ଥୀ ଗୋଷ୍ଠୀଗୁଡ଼ିକୁ ଅନେକ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା। ଏପରି ସ୍ଥଳେ ସେମାନେ ବିଭିନ୍ନ ଉପାୟରେ ବଟି ଆଦାୟ କରି ଲୋକଙ୍କୁ ଶୋଷଣ କରିବା ଆରମ୍ଭ କରିଥିଲେ।

### ଜନ୍ ସୁରାଜ୍ ପାର୍ଟିରେ ଯୋଗଦେଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆର୍‌ସିପି ସିଂ



ପାଟନା, ୧୮ା୫ (ପି.ଟି.)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆର୍‌ସିପି ସିଂ ରବିବାର ପ୍ରଶାନ୍ତ କିଶୋରଙ୍କ ଜନ୍ ସୁରାଜ ପାର୍ଟିରେ ଯୋଗ ଦେଇଛନ୍ତି। ଏହାସହ ତାଙ୍କ ଦଳ 'ଆପ୍ ସବ୍‌କୀ ଆୱାଜ୍'ର ଜନ୍ ସୁରାଜ ପାର୍ଟିରେ ବିଲୟ ହୋଇଥିବା ନେଇ ଏହି ଅବସରରେ ଆର୍‌ସିପି ଘୋଷଣା କରିଛନ୍ତି। ପ୍ରଶାନ୍ତଙ୍କ ସହ ମିଶି ବିହାରକୁ ବିକଶିତ ରାଜ୍ୟ ଭାବେ ଗଢ଼ିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ନାଳନ୍ଦାରୁ ଆସୁଥିବା ଉତ୍ତରପ୍ରଦେଶ କ୍ୟାଡର୍‌ର ପୂର୍ବତନ ଆଇଏଏସ୍ ଅଧିକାରୀ ଆର୍‌ସିପି ୨୦୧୦ରେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ)ରେ ଯୋଗଦେଇଥିଲେ। ସେ ୨ ଥର ରାଜ୍ୟ ସଭା ସଦସ୍ୟ ରହିଥିବା ସହ ଜେଡିୟୁ ରାଷ୍ଟ୍ରୀୟ ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ୨୦୨୧ରୁ ୨୦୨୨ ପର୍ଯ୍ୟନ୍ତ ସେ ଭାରତର ଇସ୍ପାତ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୨୩ରେ ସେ ଜେଡିୟୁରୁ ଅଲଗା ହୋଇ ଭାଜପାରେ ଯୋଗ ଦେଇଥିଲେ। ଗତବର୍ଷ ନଭେମ୍ବରରେ ସେ ଭାଜପାରୁ ଇସ୍ତଫା ଦେଇ 'ଆପ୍ ସବ୍‌କୀ ଆୱାଜ୍' ନାମକ ଏକ ଦଳ ଗଢ଼ିଥିଲେ।

## ଅପରେଶନ ସିନ୍ଦୂର ବିରୋଧରେ ପୋଷ୍ଟ କରି ଅଶୋକା ୟୁନିଭର୍ସିଟି ପ୍ରଫେସର ଗିରଫ


ଅଲି ଖାନ୍ ମହମୁଦାବାଦ

ସୋନିପତ,୧୮ା୫ (ପି.ଟି.)

ଭାରତୀୟ ସେନାର ଅପରେଶନ ସିନ୍ଦୂର ବିରୋଧରେ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଅଶୋକା ୟୁନିଭର୍ସିଟିର ରାଜନୀତି ବିଜ୍ଞାନ ମୁଖ୍ୟ ତଥା ଆସୋସିଏଟ୍ ପ୍ରଫେସର ଅଲି ଖାନ୍ ମହମୁଦାବାଦଙ୍କୁ ଶନିବାର ଗିରଫ କରାଯାଇଛି। ତାଙ୍କ ବିରୋଧରେ ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିବା ସମେତ କଠୋର ଅଭିଯୋଗରେ ୨ଟି ଏତଲା ଦାଏର ହୋଇଛି। ତେବେ ପୋଷ୍ଟକୁ ନେଇ ଭୁଲ୍ ବୁଝାମଣା ହୋଇଥିବା ମହମୁଦାବାଦ କହିବା ସହ ସେ ଅଭିବ୍ୟକ୍ତି ସ୍ୱାଧୀନତା ମୌଳିକ ଅଧିକାରର ଉପଯୋଗ କରିଥିବା ମତ ରଖିଥିଲେ ମଧ୍ୟ ହରିୟାଣା ରାଜ୍ୟ ମହିଳା କମିଶନ ତାଙ୍କୁ ନୋଟିସ୍ ଜାରି କରିଥିଲା। ମହିଳା କମିଶନ ଅଧ୍ୟକ୍ଷା ରେଣୁ ଭାଟିଆ ଓ ଅନ୍ୟମାନଙ୍କ ଅଭିଯୋଗକ୍ରମେ ମହମୁଦାବାଦଙ୍କ ବିରୋଧରେ ରାଇ ଥାନାରେ ୨ଟି ଏତଲା ଦାଏର କରାଯାଇଥିବା ଡିସିପି ନରେନ୍ଦ୍ର କଦ୍ୟାନ କହିଛନ୍ତି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ସେନାର ଅପରେଶନ ସିନ୍ଦୂରକୁ ନେଇ ୨ ମହିଳା ଅଫିସର କର୍ଣ୍ଣେଲ ସୋଫିୟା କ୍ୟୁରେଶୀ ଏବଂ ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂଙ୍କ ମିଡିଆ ବ୍ରିଫିଙ୍ଗ୍ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ବାସ୍ତବ ହୋଇ ନ ଥିଲେ, ଛଳନାତ୍ମକ ହେବ। ତାଙ୍କର ଏଭଳି ମନ୍ତବ୍ୟ ଜାତୀୟ ସାମରିକ କାର୍ଯ୍ୟାନୁଷ୍ଠାନକୁ ବଦ୍‌ନାମ କରିବା ପାଇଁ ଉଦ୍ୟମ ବୋଲି କମିଶନ କହିଥିଲେ।


ଗାଜା ଷ୍ଟ୍ରିପ୍‌ର ଜବାଲିଆ ଶରଣାର୍ଥୀ ଶିବିରରେ ଇସ୍ରାଏଲୀ ସେନା ଆକ୍ରମଣ ପରେ ଆହତମାନେ ଚିକିତ୍ସା ପାଇଁ ଏକ କାର୍‌ରେ ଯାଉଛନ୍ତି।

## ବିଦେଶକୁ କୂଟନୈତିକ ପ୍ରତିନିଧି ପଠାଇବ ପାକିସ୍ତାନ

ଇସ୍‌ଲାମାବାଦ,୧୮ା୫ (ପି.ଟି.)

### ପାକିସ୍ତାନର ଆଭିମୁଖ୍ୟକୁ ବିଶ୍ୱର କେତେକ ପ୍ରମୁଖ ରାଜଧାନୀରେ ପହଞ୍ଚାଇବା ଲକ୍ଷ୍ୟ

ଆତଙ୍କବାଦକୁ ପାକିସ୍ତାନୀ ସେନା ଓ ସରକାରଙ୍କ ସମର୍ଥନ ଏବଂ ଏହା ବିରୋଧରେ ଭାରତର ନିରନ୍ତର ଲଢ଼େଇ ସମ୍ପର୍କିତ ବାର୍ତ୍ତା ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାର ୭ ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ଗଠନ କରିଛନ୍ତି। ଏହି ଏମ୍‌ପିମାନଙ୍କ ପ୍ରତିନିଧିମଣ୍ଡଳୀ ବିଭିନ୍ନ ଦେଶକୁ ଯାଇ ଅପରେଶନ ସିନ୍ଦୂର ପରିପ୍ରେକ୍ଷୀରେ ଭାରତର ଆତଙ୍କବାଦ ନିରୋଧୀ ଅଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବେ। ଭାରତ ଏଭଳି ନିଷ୍ପତ୍ତି ନେବାର କିଛି ଘଣ୍ଟା ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ନିଜ ଦେଶର ଆଭିମୁଖ୍ୟକୁ ବିଶ୍ୱର କେତେକ ପ୍ରମୁଖ ରାଜଧାନୀରେ ପହଞ୍ଚାଇବା ପାଇଁ କୂଟନୈତିକ ଟିମ୍ ପଠାଇବାକୁ ଘୋଷଣା କରିଛନ୍ତି। ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ତଥା ପାକିସ୍ତାନ ପିପୁଲ୍ସ ପାର୍ଟି ଅଧ୍ୟକ୍ଷ ବିଲାୱାଲ ଭୁଟ୍ଟୋ ଜର୍ଦ୍ଦାରୀଙ୍କ ସହ ଟେଲିଫୋନ୍ ଯୋଗେ କଥା ହେବା ପରେ ଶେହୱାଜ୍ ଏହି ନିଷ୍ପତ୍ତି ନେଇଛନ୍ତି। ଉକ୍ତ ହାଇଲେବଲ୍ କୂଟନୈତିକ ପ୍ରତିନିଧି ଦଳର ନେତୃତ୍ୱ ବିଲାୱାଲ ନେବେ। ଅନ୍ୟମାନଙ୍କ ମଧ୍ୟରେ ଶକ୍ତିମନ୍ତ୍ରୀ ମୁସାଦିକ ମଲିକ, ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜର ନେତା ଖୁରମ ଦସ୍ତଗିର ଖାନ୍, ସିନେଟର ଶେରୀ ରେହମନ, ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ହୀନା ରବ୍ବାନି ଖାର୍, ମୁତ୍ତାହିଦା କ୍ୱାମି ମୁଭ୍‌ମେଣ୍ଟର ସାଂସଦ ଫୈସଲ ସବ୍‌ଜ୍ୱାରି, ପୂର୍ବତନ ବହିର୍ବ୍ୟାପାର ସଚିବ ତେହମିନା ଜଞ୍ଜୁଆ ଏବଂ ଜଲିଲ ଆବ୍ବାସ ଜିଲାନି ସାମିଲ ହୋଇଛନ୍ତି। ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ପାଇଁ ପାକିସ୍ତାନର ସଚ୍ଚୋଟ ଉଦ୍ୟମ ସମ୍ପର୍କରେ ପ୍ରତିନିଧି ଦଳ ବିଭିନ୍ନ ଦେଶକୁ ଜଣାଇବେ ବୋଲି ଶେହବାଜଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ପ୍ରତିନିଧି ଦଳ ଖୁବ୍‌ଶୀଘ୍ର ଆମେରିକା, ବ୍ରିଟେନ, ବ୍ରୁସେଲ୍ସ, ଫ୍ରାନ୍ସ ଓ ରୁଷିଆ ଗସ୍ତ କରିବ।

## ଗାଜାରେ ଇସ୍ରାଏଲ ଆକ୍ରମଣ, ୧୦୩ ମୃତ

ଖାନ୍ ୟୁନିସ୍, ୧୮ା୫

ଗାଜା ଷ୍ଟ୍ରିପ୍‌ରେ ଶନିବାର ମଧ୍ୟରାତ୍ରିଠାରୁ ଇସ୍ରାଏଲର ଏୟାର ଷ୍ଟ୍ରାଇକରେ ୧୦୩ ଜଣଙ୍କର ମୃତ୍ୟୁ ଘଟିଛି। ଅସ୍ଥାୟୀ ଯୁଦ୍ଧ ବିରତିରେ ରାଜି ହେବା ପାଇଁ ହମାସ୍ ଉପରେ ଚାପ ବୃଦ୍ଧି କରିବାକୁ ଇସ୍ରାଏଲ ଲଗାତର ଗାଜା ଉପରେ ଆକ୍ରମଣ କରୁଥିବା ନେଇ ଗାଜାରେ କାର୍ଯ୍ୟରତ ଜଣେ ଡାକ୍ତର କହିଛନ୍ତି। ଗାଜା ଷ୍ଟ୍ରିପ୍‌ର ଅଲ୍ ମାୱସୀ ଅଞ୍ଚଳରେ ବିସ୍ଥାପିତ ପରିବାରଗୁଡ଼ିକ ରହୁଥିବା ଘର ଏବଂ ତମ୍ବୁଗୁଡ଼ିକୁ ଟାର୍ଗେଟ କରି ଇସ୍ରାଏଲ ଆକ୍ରମଣରେ ୨୦ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଉତ୍ତର ଗାଜାର ବିଭିନ୍ନ ସ୍ଥାନରେ ୩୫ ଏବଂ ଦକ୍ଷିଣ ଗାଜାର ଖାନ୍ ୟୁନିସ୍ ସହରରେ ୪୮ ଜଣଙ୍କର ମୃତ୍ୟୁ ଘଟିଛି।

## ଭାରତରେ ୩ ଆକ୍ରମଣରେ ସମ୍ପୃକ୍ତ ଶୀର୍ଷ ଲଶ୍କର ଆତଙ୍କବାଦୀ ନିହତ

ନୂଆଦିଲ୍ଲୀ,୧୮ା୫


ସୈଫୁଲ୍ଲା ଖାଲିଦ୍

ପାକିସ୍ତାନର ସିନ୍ଧ ପ୍ରଦେଶରେ ଲଶ୍କର-ଇ-ତୋଇବାର ଶୀର୍ଷ ଆତଙ୍କବାଦୀ ସୈଫୁଲ୍ଲା ଖାଲିଦ୍ ଅଜଣା ଆତତାୟୀ ଆକ୍ରମଣରେ ନିହତ ହୋଇଛନ୍ତି। ସେ ୨୦୦୫ରେ ବେଙ୍ଗାଲୁରୁରେ ଅନୁଷ୍ଠିତ ଭାରତୀୟ ବିଜ୍ଞାନ କଂଗ୍ରେସ ଉପରେ ଆକ୍ରମଣ, ୨୦୦୬ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍ଏସ୍)ର ନାଗପୁର ମୁଖ୍ୟାଳୟ ଆକ୍ରମଣ ଏବଂ ୨୦୦୮ରେ ରାମପୁରସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପ୍ ଉପରେ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲେ। ୩ଟି ଆକ୍ରମଣରେ ଅନେକ ଲୋକଙ୍କ ଜୀବନ ଯାଇଥିଲା। ନେପାଳରେ ରହି ସେ ଲଶ୍କର ସଂଗଠନ କାର୍ଯ୍ୟରେ ସହଯୋଗ କରୁଥିଲେ ଓ ଏହି ସଂଗଠନରେ ନିଯୁକ୍ତି ଦେବା ଓ ଲଜିଷ୍ଟିକ୍ ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ।

## ଶେଖ୍ ହାସିନା ଭୂମିକାରେ ଅଭିନୟ କରିଥିବା ନୁସ୍‌ରତ ଫାରିଆ ଗିରଫ

ଢାକା,୧୮ା୫



ଶେଖ୍ ମୁଜିବୁର ରହମାନଙ୍କ ଜୀବନୀ ଉପରେ ନିର୍ମିତ ଚଳଚ୍ଚିତ୍ର 'ମୁଜିବ୍: ଦି ମେକିଂ ଅଫ୍ ଏ ନେଶନ'ରେ ବାଂଲାଦେଶର ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଭୂମିକାରେ ଅଭିନୟ କରିଥିବା ଲୋକପ୍ରିୟ ଅଭିନେତ୍ରୀ ନୁସ୍‌ରତ ଫାରିଆଙ୍କୁ ହତ୍ୟା ଉଦ୍ୟମ ମାମଲାରେ ରବିବାର ଢାକା ବିମାନବନ୍ଦରରୁ ଗିରଫ କରାଯାଇଛି। ଗତବର୍ଷ ଜୁଲାଇରେ ହାସିନାଙ୍କ ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ନୁସ୍‌ରତ ଏକ ହତ୍ୟା ମାମଲା ସହ ଜଡ଼ିତ ଥିବା ଅଭିଯୋଗ ହୋଇଥିଲା। ରବିବାର ସକାଳେ ୩୧ ବର୍ଷୀୟା ଅଭିନେତ୍ରୀ ଥାଇଲାଣ୍ଡ ଯିବା ପାଇଁ ଶାହଜାଲାଲ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିବାବେଳେ ଇମିଗ୍ରେଶନ ଚେକ୍‌ପଏଣ୍ଟରୁ ତାଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇଥିଲା।

## ୧୭ ଏମ୍‌ପିଙ୍କୁ ମିଳିବ ସାଂସଦରତ୍ନ ପୁରସ୍କାର

ନୂଆଦିଲ୍ଲୀ,୧୮ା୫ (ପି.ଟି.)


ସୁପ୍ରିୟା ସୁଲେ


ଭର୍ତ୍ତୃହରି ମହତାବ


ବର୍ଷା ଗାଏକ୍ୱାଡ୍

କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ପାର୍ଲାମେଣ୍ଟର ୧୭ ଜଣ ସଦସ୍ୟ ଏବଂ ୨ଟି ସଂସଦୀୟ ସ୍ଥାୟୀ କମିଟିକୁ ଚଳିତ ବର୍ଷର ସାଂସଦରତ୍ନ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ପ୍ରାଇମ୍ ପଏଣ୍ଟ ଫାଉଣ୍ଡେଶନ ଦ୍ୱାରା ପ୍ରତିଷ୍ଠିତ ଏହି ପୁରସ୍କାର ଏମ୍‌ପିମାନଙ୍କୁ ପାର୍ଲାମେଣ୍ଟ ପ୍ରତି ସେମାନଙ୍କ ଅବଦାନ ପାଇଁ ପ୍ରଦାନ କରାଯାଇଥାଏ। ଜାତୀୟ ପଛୁଆ ବର୍ଗ କମିଶନ (ଏନ୍‌ସିବିସି) ଅଧ୍ୟକ୍ଷ ହଂସରାଜ ଅହିରଙ୍କ ଅଧ୍ୟକ୍ଷତାରେ ଜୁରୀ କମିଟି ପୁରସ୍କାର ପାଇବାକୁ ଥିବା ଏମ୍‌ପିମାନଙ୍କୁ ଚୟନ କରିଛି।

ସଂସଦୀୟ ଗଣତନ୍ତ୍ର ପ୍ରତି ଉଲ୍ଲେଖନୀୟ ତଥା କ୍ରମାଗତ ଅବଦାନ ପାଇଁ ଭର୍ତ୍ତୃହରିଙ୍କ ସମେତ ଏନ୍‌ସିପି(ଏସ୍‌ପି) ଏମ୍‌ପି ସୁପ୍ରିୟା ସୁଲେ, ଆର୍‌ଏସ୍‌ପିର ଏନ୍.କେ. ପ୍ରେମଚନ୍ଦ୍ରନ ଏବଂ ଶ୍ରୀରଙ୍ଗ ଆପ୍ପା ବର୍ନେଙ୍କୁ ପୁରସ୍କୃତ କରାଯିବ। ଷୋଡ଼ଶ ଏବଂ ସପ୍ତଦଶ ଲୋକ ସଭାରେ ଏହି ୪ ଏମ୍‌ପିଙ୍କ ପ୍ରଦର୍ଶନ ଶୀର୍ଷସ୍ଥାନରେ ରହିଥିଲାବେଳେ ଚଳିତ ଲୋକ ସଭାରେ ମଧ୍ୟ ଉନ୍ନତ ପ୍ରଦର୍ଶନ ଜାରି ରହିଛି। ପୁରସ୍କୃତ ହେବାକୁ ଥିବା ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ସ୍ମିତା ୱାଘ (ଭାଜପା), ଅରବିନ୍ଦ ସାୱନ୍ତ (ଶିବସେନା ୟୁବିଟି), ନରେଶ ଗନପତ ମହସ୍କେ(ଶିବସେନା), ବର୍ଷା ଗାଏକ୍ୱାଡ୍ (କଂଗ୍ରେସ), ମେଧା କୁଲକର୍ନି (ଭାଜପା), ପ୍ରବୀନ ପଟେଲ (ଭାଜପା), ରବି କିଶନ (ଭାଜପା), ନିଶିକାନ୍ତ ଦୁବେ(ଭାଜପା), ପି.ପି. ଚୌଧରୀ(ଭାଜପା), ମଦନ ରାଠୋର (ଭାଜପା), ସି.ଏନ୍. ଆନ୍ନାଦୁରାଇ(ଡିଏମ୍‌କେ) ଏବଂ ଦିଲୀପ ସାଇକିଆ(ଭାଜପା)। ଅର୍ଥ ଏବଂ କୃଷି ବିଭାଗୀୟ ଷ୍ଟାଣ୍ଡିଂ କମିଟିକୁ ମଧ୍ୟ ଏହାର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯିବ। ଅର୍ଥ ସ୍ଥାୟୀ କମିଟିର ଅଧ୍ୟକ୍ଷ ଭର୍ତ୍ତୃହରି ରହିଥିବାବେଳେ କୃଷି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ କଂଗ୍ରେସର ଚରନ୍‌ଜିତ ସିଂ ଚନ୍ନି ଅଛନ୍ତି।

# ଅଧିକାରୀଙ୍କ ଭୁଲ୍ ପାଇଁ ସରକାର ଗଣିବେ ୨୦ କୋଟିର ଦଣ୍ଡ

## କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅର୍ଥର କୁପରିଚାଳନା

ଭୁବନେଶ୍ୱର,୧୮।୫(ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା (ସିଏସ୍ଏସ୍) ଅର୍ଥ କିଭଳି ଖର୍ଚ୍ଚ କରାଯିବ, ସେନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବାରମ୍ବାର ରାଜ୍ୟ ସରକାରଙ୍କୁ ଅବଗତ କରାଯାଉଛି। ଏ ସଂକ୍ରାନ୍ତରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ମଧ୍ୟ ଜାରି ହୋଇଛି। ଏହାସହିତ ମୁଖ୍ୟ ଶାସନ ସଚିବ ଓ ଅର୍ଥ ସଚିବଙ୍କ ଅଧ୍ୟକ୍ଷତାରେ ବାରମ୍ବାର ବୈଠକ ବସି ସବୁ ବିଭାଗର ଅର୍ଥ ପରାମର୍ଶଦାତାଙ୍କୁ ସଚେତନ କରାଯାଉଛି। ହେଲେ ବାସ୍ତବ କ୍ଷେତ୍ରରେ ଅର୍ଥ ପରାମର୍ଶଦାତାମାନେ ତାଙ୍କର ଦାୟିତ୍ୱ ଠିକଣା ଭାବେ ନିର୍ବାହ କରୁ ନ ଥିବାରୁ ଏବେ ରାଜ୍ୟ ସରକାରଙ୍କୁ ପ୍ରାୟ ୨୦କୋଟି ଟଙ୍କାର ସୁଧ ଗଣିବାକୁ ପଡ଼ିଛି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଖ୍ୟଶାସନ ସଚିବଙ୍କୁ ଅବଗତ କରାଯିବା ପରେ ଅର୍ଥ ବିଭାଗ ପକ୍ଷରୁ ଚଳିତମାସ ୧୬ ତାରିଖରେ ପୃଥକ୍ ଭାବେ ବିଭାଗସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ କେନ୍ଦ୍ରୀୟ ଅର୍ଥ କିଭଳି ଠିକଣା ଭାବେ ପରିଚାଳନା ହେବ ସେନେଇ ଗୁରୁତ୍ୱ ଦିଆଯାଇଛି।

ବୈଠକର ସୂଚନା ଅନୁଯାୟୀ, କେତେକ ବିଭାଗ ବର୍ଷ ବର୍ଷ ଧରି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅର୍ଥକୁ ଖର୍ଚ୍ଚ କରିପାରୁ ନାହାନ୍ତି। ମାର୍ଗଦର୍ଶିକା ଅନୁଯାୟୀ ଯଦି କୌଣସି ବିଭାଗ ଠିକଣା ସମୟରେ ଖର୍ଚ୍ଚ ନ କରିବ, ତେବେ ସିଙ୍ଗିଲ ନୋଡାଲ ଆକାଉଣ୍ଟ(ଏସ୍ଏନ୍ଏ)କୁ ବଳକା ଅର୍ଥ ଫେରାଇବାକୁ ବାଧ୍ୟ। ହେଲେ ୧୫ଟି ବିଭାଗର ଅର୍ଥ ପରାମର୍ଶଦାତା ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଏଥିପ୍ରତି ଧ୍ୟାନ ଦେଇନାହାନ୍ତି। ଫଳରେ ଯେତିକି ଦିନ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅର୍ଥ ଫେରାଇବାରେ ବିଳମ୍ବ ହୋଇଛି, ତା'ର ୭ ପ୍ରତିଶତ ସୁଧ ବାବଦକୁ ୧୫ଟି ବିଭାଗକୁ ୧୯କୋଟି ୫୮ଲକ୍ଷ ୯୪ହଜାର ୮୫୩ଟଙ୍କାର ସୁଧ ଗଣିବାକୁ ପଡ଼ିବ ବୋଲି ଜଣାପଡ଼ିଛି।

ତଥ୍ୟ ଅନୁଯାୟୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ କେନ୍ଦ୍ର ପକ୍ଷରୁ ଯେଉଁ ରାଜ୍ୟ ଭିତରେ ଖାଦ୍ୟଶସ୍ୟ ବଣ୍ଟନ ତଥା ସାଧାରଣ ସାମଗ୍ରୀ ବଣ୍ଟନ ପାଇଁ ଅର୍ଥ ଯୋଗାଣ ହୋଇଥିଲା, ତା'ର ପରିଚାଳନା ଅଭାବ ପାଇଁ ଦୁଇଟି ପର୍ଯ୍ୟାୟରେ ସୁଧ ବାବଦକୁ ୨କୋଟି ୯୬ଲକ୍ଷ ୨୦ହଜାର ୧୯୫ ଟଙ୍କା ଏବଂ ୨କୋଟି ୩ଲକ୍ଷ ୪୨ହଜାର ୧୪୩ ଟଙ୍କା ସୁଧ ଦେବାକୁ ପଡ଼ିବ। ସେହିପରି ସମଗ୍ର ଶିକ୍ଷା ଯୋଜନାରେ କେନ୍ଦ୍ର ଦେଇଥିବା ଅର୍ଥ ଖର୍ଚ୍ଚ ନ ହେବା ତଥା ସମୟ ଭିତରେ ଅର୍ଥ ଫେରସ୍ତ ନ ହେବା ଯୋଗୁ ୧କୋଟି ୮୧ଲକ୍ଷ ୫୬ହଜାର ୩୭୬ଟଙ୍କାର ସୁଧ ଗଣିବାକୁ ପଡ଼ିବ। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଦୁଇଟି ପର୍ଯ୍ୟାୟରେ ୧କୋଟି ୫୪ଲକ୍ଷ ୩୮ହଜାର ଟଙ୍କା ଏବଂ ୧କୋଟି ୫୧ଲକ୍ଷ ଟଙ୍କାର ସୁଧ ଦେବାକୁ ପଡ଼ିବ। ଏହାବାଦ୍ କୃଷି, ଜଳସମ୍ପଦ, ପଞ୍ଚାୟତିରାଜ, ଅନୁସୂଚିତ ଜାତି ଓ ଜନଜାତି, ସ୍ୱାସ୍ଥ୍ୟ, ଗୃହ, ନଗର ଉନ୍ନୟନ, ଜଙ୍ଗଲ ଓ ପରିବେଶ, ଉଚ୍ଚଶିକ୍ଷା, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ବହୁ କୋଟି ଟଙ୍କାର ସୁଧ ଦିଆଯିବ। ସେସବୁ ସରକାର ଏବେ ରାଜକୋଷରୁ ଗଣିବେ ବୋଲି ଜଣାଯାଇଛି।

# ବୌଦ୍ଧ ଜିଲାକୁ ଉନ୍ନତିର ଶିଖରରେ ପହଞ୍ଚାଇବୁ



ସମୀକ୍ଷା ବୈଠକରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟମାନେ।

## ମୁଖ୍ୟମନ୍ତ୍ରୀଙ୍କ ବୌଦ୍ଧ ଗସ୍ତ

ବୌଦ୍ଧ/ହରଭଙ୍ଗା,୧୮।୫ (ଅଜିତ କୁମାର ବାରିକ/ନରେନ୍ଦ୍ର କୁମାର ସାହୁ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ବୌଦ୍ଧ ଜିଲା ଗସ୍ତ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ସମୟରେ ବୌଦ୍ଧରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଜିଲାର ସମସ୍ତ ବିଭାଗର ଉନ୍ନତିମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ। ବୌଦ୍ଧ ଜିଲାର ଉନ୍ନତି ପାଇଁ ସମସ୍ତ ପଦକ୍ଷେପ ନିଆଯିବ। ଜିଲାକୁ ଉନ୍ନତିର ଶିଖରରେ ପହଞ୍ଚାଯିବ ଏବଂ ବୌଦ୍ଧ ଜିଲାକୁ ଆଦର୍ଶ ଜିଲା ଭାବେ ଗଢିତୋଳିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଜିଲାର ଗମନାଗମନ ପାଇଁ ୨୮ କୋଟି ଟଙ୍କାର ଶିଳାନ୍ୟାସ କରାଯାଇଥିବା କହିବା ସହ ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ନୂଆ ବସଷ୍ଟାଣ୍ଡ କାମ ସରିଥିବାବେଳେ ଏହି ପ୍ରକଳ୍ପଗୁଡିକ ଖୁବ୍ ଶୀଘ୍ର ଉଦ୍‌ଘାଟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କଠାରୁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ତଥ୍ୟ ନେବା ସହ ଅଗ୍ରଗତି ଉପରେ ପଚାରି ବୁଝିଥିଲେ। ଯେଉଁ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି ତୁରନ୍ତ ସାରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖୁବ୍‌ଶୀଘ୍ର ନୟାଗଡରୁ ବୌଦ୍ଧକୁ ରେଳ ଗଡିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ବୈଠକରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଆରକ୍ଷୀ ମହାନିରୀକ୍ଷକ ନୀତିଶେଖର, ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅପରାହ୍ନରେ ମୁଖ୍ୟମନ୍ତ୍ରୀ ସରସରା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ଏହାପରେ ଅପରେଶନ ସିନ୍ଦୂରର ସଫଳତାରେ ଭାରତୀୟ ସୈନ୍ୟବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀ ସରସରା ଅଞ୍ଚଳ ପରିକ୍ରମା କରିଥିଲେ।

# ସରକାରଙ୍କ ନିୟନ୍ତ୍ରଣରେ ରହିବ ଘରୋଇ ଆମ୍ବୁଲାନ୍ସ ସେବା



ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବ ଅଶ୍ୱଥି ଏସ.ଙ୍କ ସହ ବିଭାଗୀୟ ଅଧିକାରୀ।

■ ଓଡ଼ିଶା ଯାତ୍ରୀ ଆପ୍ ସହିତ ଲିଙ୍କ୍ ହେବ

■ ଆମ୍ବୁଲାନ୍ସ ଭଡ଼ା ନିର୍ଦ୍ଧାରଣ ଲାଗି ଆସିବ ଏସ୍ଓପି

ଭୁବନେଶ୍ୱର, ୧୮।୫ (ବନ୍ଦନା ସେଠୀ)

ଓଡ଼ିଶାରେ ଜରୁରୀ ଚିକିତ୍ସା ପରିବହନ ସେବାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ବେସରକାରୀ ବା ଘରୋଇ ଆମ୍ବୁଲାନ୍ସ ସେବାକୁ ନିୟନ୍ତ୍ରଣ କରିବା ସହ ସ୍ଥାନୀୟ ଲୋକଙ୍କ ପାଇଁ ସୁଗମ କରିବାକୁ ନିଷ୍ପତ୍ତି ହୋଇଛି। ଏନେଇ ଶନିବାର ଖାରବେଳ ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବେସରକାରୀ ଆମ୍ବୁଲାନ୍ସଗୁଡିକ ବିଶେଷକରି ଗ୍ରାମାଞ୍ଚଳରେ ପହଞ୍ଚି ସ୍ୱାସ୍ଥ୍ୟସେବା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ତେଣୁ ବେସରକାରୀ ଆମ୍ବୁଲାନ୍ସ ସେବାରେ ପାରଦର୍ଶିତା, ସମରୂପ ଚାଳନା ଓ ସ୍ୱଳ୍ପ ସମୟରେ ସେବା ପ୍ରଦାନ ନିମିତ୍ତ ଏକ ନୂତନ ନୀତି ପ୍ରସ୍ତୁତ କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସମସ୍ତ ନିବନ୍ଧିତ ଆମ୍ବୁଲାନ୍ସକୁ ଭେହିକଲ ଲୋକେସନ ଟ୍ରାକିଂ ସିଷ୍ଟମ (VLTS) ସହିତ ଏକତ୍ର କରାଯିବ, ଯାହାଦ୍ୱାରା ଜିପିଏସ୍‌ଭିତ୍ତିକ ନିରୀକ୍ଷଣ ଓ ତ୍ୱରିତ ସେବା ପ୍ରଦାନ ସମ୍ଭବ ହେବ। ଏଥିପାଇଁ ଓଡ଼ିଶା ଯାତ୍ରୀ ଆପ୍ ସହିତ ଆମ୍ବୁଲାନ୍ସ ସେବାକୁ ଲିଙ୍କ୍ କରିବା ନେଇ ଆଲୋଚନା ହୋଇଥିଲା। ଏହାଦ୍ୱାରା ନାଗରିକମାନେ ସହଜରେ ଆମ୍ବୁଲାନ୍ସ ବୁକ୍ କରିପାରିବେ ଓ ସେବା ଉପଲବ୍ଧି କରିପାରିବେ। ସେହିପରି ଅଧିକ ବା ମନଇଚ୍ଛା ଭଡ଼ା ନିଆଯାଉଥିବା ବାରମ୍ବାର ଅଭିଯୋଗ ଆସୁଥିବାରୁ ଏହି ଧାରାରେ ବ୍ରେକ୍ ଲଗାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆମ୍ବୁଲାନ୍ସ ଭଡ଼ା ନିୟନ୍ତ୍ରଣ ତଥା ନିର୍ଦ୍ଧାରଣ ପାଇଁ ଏକ ଏସ୍ଓପି ପ୍ରସ୍ତୁତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ., ଏନ୍ଏଚ୍ଏମ୍ ଏମ୍‌ଡି ଡା. ବୃନ୍ଦା ଡି., ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ଅତିରିକ୍ତ ଡିଏମ୍ଇଟି ଡା. ଉମାକାନ୍ତ ଶତପଥୀ, କ୍ୟାପିଟାଲ ହସ୍ପିଟାଲର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡ. ଧନଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ପଡ଼ି ଶିଶୁପୁତ୍ର ମୃତ

ସୋର,୧୮।୫(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ପାଖର ପଞ୍ଚାୟତ କଳମଙ୍ଗା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଘର ନିକଟରେ ଥିବା ଏକ ପୋଖରୀରେ ପଡ଼ି ଜଣେ ୨ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ପୁତ୍ର ହେଲେ ଶ୍ରୀକାନ୍ତ ବେହେରାଙ୍କ ପୁଅ ଆୟୁଷ୍ମାନ। ମଧ୍ୟାହ୍ନରେ ଶିଶୁଟି ଖେଳୁଥିବା ବେଳେ ଘର ପଛପଟ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ପୋଖରୀରୁ ଆୟୁଷ୍ମାନଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସାଙ୍ଗଙ୍କୁ ବଞ୍ଚାଇବାକୁ ଯାଇ ଜୀବନଗଲା

■ ୧୧ କେଭି ବିଦ୍ୟୁତ୍ ତାର ଲାଗି ଯୁବକଙ୍କ ମୃତ୍ୟୁ, ଜଣେ ଗୁରୁତର

■ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ, ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ

କୋରେଇ/ଆନନ୍ଦପୁର/ଘସିପୁରା,୧୮।୫ (ଚନ୍ଦ୍ରକାନ୍ତ ପତି/ସୁଶାନ୍ତ ସାହୁ/ନିରଞ୍ଜନ ସାହୁ)



କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିବା ଗ୍ରାମବାସୀ।



ଶୁଭମ୍ ସାହୁ

ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିବା ସାଙ୍ଗଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟ ଜଣେ ସାଙ୍ଗଙ୍କ ଜୀବନ ଯାଇଛି। କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଧୀନ ବଡ଼ପଦନା ଗାଁରେ ଶନିବାର ରାତିରେ ଏଭଳି ଦୁଃଖଦ ଘଟଣା ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗ୍ରାମର ଶୁଭମ୍ ସାହୁ(୧୯)। ଏହି ଘଟଣା ପରେ ରବିବାର କ୍ଷତିପୂରଣ ଦାବିରେ ବଡ଼ପଦନା ଗ୍ରାମବାସୀ ଯାଜପୁର ଜିଲା ଅନ୍ଧାରୀ ନିକଟରେ ଥିବା ବିଦ୍ୟୁତ୍ ଗ୍ରୀଡ୍ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଏଥିସହିତ ୨୦ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ପୋଲିସ ଓ ବିଦ୍ୟୁତ୍ ବିଭାଗ ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ସୂଚନା ଅନୁସାରେ, ବଡ଼ପଦନା ଗାଁର ଶୁଭମ ସାହୁ ଓ ମାନସ ସାହୁ(୧୯) ତାଙ୍କ ସାଙ୍ଗ ବ୍ରଜକିଶୋର ସାହୁ ଓରଫ କାଳିଆଙ୍କ ଜନ୍ମ ଦିନ ଅବସରରେ ଶନିବାର ରାତି ପ୍ରାୟ ୯ଟାରେ ବଜାର ଆସିଥିଲେ। ସେମାନେ ଗାଁଠାରୁ ୨ କି.ମି. ଦୂର ଯାଜପୁର ଜିଲା ଅନ୍ଧାରୀ ଛକଠାରେ ଏକ ହୋଟେଲରୁ କିଛି ଖାଦ୍ୟ କିଣି ସେଠାରେ ଥିବା ସୁବ୍ରତ ସାମଲଙ୍କ ମାର୍କେଟ କମ୍ପ୍ଲେକ୍ସ ଛାତରେ ବସି ଖାଇବାକୁ ଯାଇଥିଲେ। ଏହି ସମୟରେ ମାନସ ଛାତ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ତାଙ୍କୁ ରକ୍ଷା କରିବାକୁ ଯାଇ ଶୁଭମ ମଧ୍ୟ ବିଦ୍ୟୁତ୍ ତା'ର ସଂସ୍ପର୍ଶରେ ଆସି ଯାଇଥିଲେ। ଫଳରେ ଉଭୟ ଗୁରୁତର ହୋଇଥିଲେ। ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶୁଭମ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମାନସଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସକାଳୁ ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହାପରେ କ୍ଷତିପୂରଣ ଦାବିରେ ବଡ଼ପଦନା ଗ୍ରାମବାସୀ ଅନ୍ଧାରୀ ନିକଟରେ ଥିବା ବିଦ୍ୟୁତ୍ ଗ୍ରୀଡ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। କାର୍ଯ୍ୟାଳୟ ଆଗରେ ମୃତଦେହ ରଖିବା ସହ ସେଠାରେ ଜାତୀୟ ରାଜପଥ ୨୦କୁ ଟାୟାର ଜାଳି ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଦୀର୍ଘସମୟ ଧରି ଅଟକି ରହିଥିଲା। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଖବର ପାଇ ଯାଜପୁରରୋଡ୍ ସ୍ଥିତ ବିଦ୍ୟୁତ୍ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲୀପ ସାହୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ୨୦ ହଜାର ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିଥିଲେ। ଏଥିସହିତ ବିଦ୍ୟୁତ୍ ବିଭାଗର ନିୟମ ଅନୁସାରେ ଉପଯୁକ୍ତ କ୍ଷତି ପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ରାସ୍ତା ଅବରୋଧ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଖବରପାଇ କୋରେଇ, ରାମଚନ୍ଦ୍ରପୁର ଏବଂ ଯାଜପୁରରୋଡ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲେ। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଦିବ୍ୟାଙ୍ଗ କର୍ମଚାରୀଙ୍କ ପଦୋନ୍ନତି, ନିଯୁକ୍ତିରେ ୪% ସଂରକ୍ଷଣ ଦାବି

ଭୁବନେଶ୍ୱର,୧୮।୫(ସୁଚିସ୍ମିତା ସାହୁ)

ଦିବ୍ୟାଙ୍ଗ କର୍ମଚାରୀଙ୍କ ପଦୋନ୍ନତି ଏବଂ ସିଧାସଳଖ ନିଯୁକ୍ତିରେ ୪% ସଂରକ୍ଷଣ ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରିବା, ସେମାନଙ୍କ ଅଧିକାରର ନିରନ୍ତର ପ୍ରତ୍ୟାଖ୍ୟାନ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ଆଦି ୩ ଦଫା ଦାବିକରି ଆସୁଛି ଉତ୍କଳ ଦୃଷ୍ଟିହୀନ ସଂଘ। ରବିବାର ଏନେଇ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘର କାର୍ଯ୍ୟାଳୟ ସମ୍ପାଦକ ଅଜିତ କୁମାର ବେହେରା କହିଛନ୍ତି, ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ-୨୦୧୬ ଅନୁସାରେ ରାଜ୍ୟରେ ନିଯୁକ୍ତି ଏବଂ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଠିକ ଭାବେ ଲାଗୁ ହେଉ ନାହିଁ। ନିଯୁକ୍ତିରେ ଅନେକ ସମୟରେ ଦିବ୍ୟାଙ୍ଗଙ୍କ ପାଇଁ ରହିଥିବା ସଂରକ୍ଷଣ ବ୍ୟବସ୍ଥାକୁ ଭଲ ଭାବରେ ବୁଝି ତା'ର ଠିକ୍ କ୍ରିୟାନ୍ୱୟନ କରାଯାଉ ନାହିଁ। ସେଥିପାଇଁ ଅନେକ ସମୟରେ ନିଯୁକ୍ତି ପ୍ରକ୍ରିୟା ନ୍ୟାୟାଳୟରେ ବିଚାରାଧୀନ ରହି ଅହେତୁକ ବିଳମ୍ବ ହେଉଛି। ଦିବ୍ୟାଙ୍ଗ କର୍ମଚାରୀଙ୍କ ପଦୋନ୍ନତି ଏବଂ ସିଧାସଳଖ ନିଯୁକ୍ତିରେ ୪% ସଂରକ୍ଷଣ ବ୍ୟବସ୍ଥାକୁ ୩ ମାସ ଭିତରେ କାର୍ଯ୍ୟକାରୀ କରିବାକୁ ଗତବର୍ଷ ଜାନୁଆରୀରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଇତିମଧ୍ୟରେ ୧୫ ମାସ ବିତିଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଲା ନାହିଁ। ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ବଦଳରେ ଦିବ୍ୟାଙ୍ଗ ଅଧିକାର ଅଧିନିୟମ ପ୍ରସଙ୍ଗକୁ ଭୁଲ୍ ଭାବେ ଉପସ୍ଥାପନ କରାଯାଉଛି। ବିଭିନ୍ନ ଆଳ ଦେଖାଇ ବାରମ୍ବାର ପ୍ରଶାସନିକ ବାଧା ସୃଷ୍ଟି କରାଯାଉଛି। ବିଭିନ୍ନ ବିଭାଗ ମଧ୍ୟରେ ବାରମ୍ବାର ସରକାରୀ ଚିଠି ଆଦାନ ପ୍ରଦାନ କରାଯାଇ ଘଟଣାକୁ ଜଟିଳ କରି ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ବୋଧହୁଏ ଭ୍ରମିତ କରାଯାଉଛି ବୋଲି ସଂଘ କୋଷାଧ୍ୟକ୍ଷ ଶୁଭ୍ରକାନ୍ତ ପାଣି ଏବଂ ଅଧିବକ୍ତା ରଜତ କୁମାର ମିଶ୍ର କହିଛନ୍ତି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଦାବି ଉପସ୍ଥାପନା, ସ୍ଥାନ: ଆଇନ, ପୂର୍ତ୍ତ, ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କ୍ୱାର୍ଟର, କ୍ୟାପିଟାଲ ହସ୍ପିଟାଲ ନିକଟ, ସମୟ: ସକାଳ ୯ଟା ୩୦ ।
- ଲୋକନାଥ ଚୌଧୁରୀ ସ୍ମାରକୀ ଟ୍ରଷ୍ଟ 'ଲୋକମତ' ପକ୍ଷରୁ ସପ୍ତମ ଲୋକନାଥ ସ୍ମାରକୀ ବକ୍ତୃତା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ।

## କଟକ
- କୃତୀ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ୪୨ ମୌଜା ଅଧୀନ ଗୋବିନ୍ଦପୁର, ସମୟ: ଅପରାହ୍ନ ୪ଟା ।
- କୃଷି ଯନ୍ତ୍ରପାତି ବିକ୍ରୟ କେନ୍ଦ୍ରର ଉଦଘାଟନ, ସ୍ଥାନ: କନ୍ଦରପୁର ସମବାୟ ସମିତି ପଡ଼ିଆ, ସମୟ ଅପରାହ୍ନ ୫ଟା ।
- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସନ୍ଧ୍ୟା: ସନ୍ଧ୍ୟା ୬ଟା ୩୦ ।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସମାଜ ପକ୍ଷରୁ ୮୨ତମ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଭଞ୍ଜମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦ ।

## ପୁରୀ
- ସାକ୍ଷୀଗୋପାଳ ଠାକୁରଙ୍କ ଭଉଁରୀ ଯାତ୍ରା, ଚାପଖେଳ, ସ୍ଥାନ: ଚନ୍ଦନ ପୋଖରୀ, ସମୟ: ଅପରାହ୍ନ ୫ଟା ।
- ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ଓ ସେବାୟତ ସଂଘ ପକ୍ଷରୁ ଚନ୍ଦନ ଯାତ୍ରା-୨୦୨୫ର ଉଦ୍ଯାପନୀ ଉତ୍ସବ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସନ୍ଧ୍ୟା ୭ଟା ।
- ମାନସ ଚିନ୍ତନ ଚକ୍ର ଆନୁକୂଲ୍ୟରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ: ଶ୍ରୀରାମ ମନ୍ଦିର, ସାକ୍ଷୀଗୋପାଳ, ସମୟ: ରାତି ୭ଟା ।
- ବଡଯାଗ ପକ୍ଷରୁ ଚନ୍ଦନ ଯାତ୍ରା ସାହିଯାତ ଓ ନାଗା ନୃତ୍ୟ, ସ୍ଥାନ: ଚନ୍ଦନ ମଣ୍ଡପ, ସାକ୍ଷୀଗୋପାଳ, ସମୟ: ରାତି ୧୦ଟା ।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ନୀଳଗିରି, ସମୟ: ସକାଳ ୭ଟା ।
- ଶିବ ପାର୍ବତୀ ବିବାହ ପାଇଁ ଲଗ୍ନଧରା କାର୍ଯ୍ୟକ୍ରମ,ସ୍ଥାନ: ଖରିଦା ଶକ୍ତିପୀଠ, ଜୟନଗର, ଅଞ୍ଜି, ବାହାନଗା,ସମୟ:ପୂର୍ବାହ୍ନ ୧୧ଟା ।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଚାନ୍ଦବାଲି, ସମୟ: ସକାଳ ୭ଟା ।
- ଜିଲା ଯୁବ ଯାଦବ ସଂଘ ପକ୍ଷରୁ ଦହି ସର୍ବତ ବଣ୍ଟନର ଶୁଭାରମ୍ଭ, ସ୍ଥାନ: ଭଦ୍ରକ ବାଇପାସ୍, ସମୟ: ସକାଳ ୮ଟା ।
- ଭାଜପା ଓବିସି ମୋର୍ଚ୍ଚାର ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ସକାଳ ୬ଟା ।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, କରଞ୍ଜିଆ, ସମୟ: ସକାଳ ୭ଟା ।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା ।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ୍ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା ।
- ପଲ୍ଲୀଗୌରବ ହରମୋହନ ପୃଷ୍ଟିଙ୍କ ସ୍ମୃତିସଭା, ସ୍ଥାନ: ଡିହିରାକୁଳ ଭାଗବତ ଟୁଙ୍ଗି ପରିସର, ଉଦଳା, ସମୟ: ପୂର୍ବାହ୍ନ ୧୦ଟା ।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ,ସମୟ: ସକାଳ ୭ଟା ।

## ଜଗତ୍‌ସିଂହପୁର
- ଲୋକନାଥ ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ, ସ୍ଥାନ: ଏରସମା ବ୍ଲକ ମୁଖ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୮ଟା ୩୦ ମିନିଟ୍ ।

## ଯାଜପୁର
- ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ପଣସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ : ସକାଳ ୮ଟା ।

## ନୟାଗଡ଼
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ନୂଆଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା ।
- ଚନ୍ଦନଯାତ୍ରା ର ୨୦ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା ।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୨୦ତମ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୨୦ତମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା ।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୨୦ତମ ଦିବସ, ସ୍ଥାନ:ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା ।
- ରଘୁନାଥଙ୍କ ଚନ୍ଦନଯାତ୍ରାର ତ୍ରୟୋଦଶ ୨୦ ତମ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା ।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ୨୦ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା ।

## ରାୟଗଡ଼ା
- ପରାକ୍ରମ ତ୍ରିରଙ୍ଗା ବାଇକ୍ ରାଲି, ସ୍ଥାନ: ପଦ୍ମପୁର ଗୁଣ୍ଡିଚା ମନ୍ଦିରରୁ ଆରମ୍ଭ, ସମୟ: ସକାଳ ୮ଟା ।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରୀମଦ୍ ଭଗବତ କଥା ମହୋତ୍ସବ ଉଦ୍ଯାପିତ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ମୁନିଗୁଡା, ସମୟ: ସନ୍ଧ୍ୟା ୬ଟା ୩୦ ।

## ନବରଙ୍ଗପୁର
- ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣି ଶିବିର, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି ବୈଠକ ଗୃହ, ସମୟ: ସକାଳ ୮ଟା ।
- ତ୍ରିରଙ୍ଗା ବାଇକ୍ ରାଲି, ସ୍ଥାନ: ଖାତିଗୁଡ଼ାରୁ ତେନ୍ତୁଳିଖୁଣ୍ଟି, ସମୟ: ସକାଳ ୮ଟା ।

## କୋରାପୁଟ
- ହନୁମାନ ମନ୍ଦିର ପ୍ରତିଷ୍ଠା ନେଇ କଳସଯାତ୍ରା, ସ୍ଥାନ: ଚିଙ୍ଗୁଡ଼ିଗୁଆଁ, ନନ୍ଦପୁର ବ୍ଲକ, ସମୟ: ସକାଳ ୭ଟା ।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହିକିମପୁଟ ପଞ୍ଚାୟତ, ନନ୍ଦପୁର ବ୍ଲକ, ସମୟ: ସକାଳ ୯ଟା ।

## ସମ୍ବଲପୁର
- ସାଓଲିନ କୁଙ୍ଗ୍ ଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷ୍ଣୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର,ସ୍ଥାନ: ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ଜିଲା ପ୍ରଶାସନର ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଜୁଜୁମୁରା ବ୍ଲକ କାର୍ଯ୍ୟାଳୟ ସଭାକକ୍ଷ, ସମୟ : ସକାଳ ୭ଟା ।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା ।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।

## ବଲାଙ୍ଗୀର
- ଜିଲା ପ୍ରଶାସନ ପକ୍ଷରୁ ଲୋଇସିଂହାରେ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ସ୍ଥାନୀୟ ରାମ ମନ୍ଦିରରୁ ବସ୍ତି ପରିକ୍ରମା, ସମୟ: ସକାଳ ୮ଟା ।
- ଲୋଇସିଂହା ବ୍ଲକସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଲୋଇସିଂହା ବ୍ଲକ ପରିସର, ସମୟ: ସକାଳ ୮ଟା ୩୦ ମିନିଟ ।

## ରାଉରକେଲା
- ପାନପୋଷ ଉପଜିଲାପାଳଙ୍କୁ ଭେଟିବେ ଦୋକାନୀ, ସ୍ଥାନ: ଉଦିତନଗର, ସମୟ: ସକାଳ ୯ଟା ।
- ତୁର୍କୀ, ଆଜରବୈଜାନ୍ ଏବଂ ଚୀନ୍ ସାମଗ୍ରୀକୁ ବର୍ଜନ କାର୍ଯ୍ୟକ୍ରମ, ସ୍ଥାନ: ବିର୍ସା ମୁଣ୍ଡା ଛକ, ସମୟ: ଅପରାହ୍ନ ୪ଟା ୩୦ ।

## ସୁନ୍ଦରଗଡ଼
- ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ସଦଭାବନା ଭବନ ସୁନ୍ଦରଗଡ, ସମୟ: ସକାଳ ୭ଟା ।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭା କକ୍ଷ, ସୋହେଲା,ସମୟ:ସକାଳ ୭ଟା ।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ଇଣ୍ଟର ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣ୍ଟାମାଳ, ସମୟ: ସକାଳ ୭ଟା ।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା ।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦ ।

## ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବୀରମହାରାଜପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା ।
- ବେହେରାମାଲ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଗ୍ରାମ ପଞ୍ଚାୟତ ସଭାଗୃହ , ଡୁଙ୍ଗୁରିପାଲି, ସମୟ: ସକାଳ ୯ଟା ।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଶୁଭାରମ୍ଭ, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ ଲହଣ୍ଡୋପାଲି ଗାଁ, ସମୟ: ସକାଳ ୯ଟା ୩୦ ।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: ଖଡ଼ିଆଳ ବ୍ଲକ ସାନମହେଶ୍ୱର ଗାଁ, ସମୟ: ସକାଳ ୮ଟା ୪୧ ।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୋଡ଼େନ, ସମୟ: ସକାଳ ୭ଟା ।

# ଆମ୍ବୁଲାନ୍ସ ଧକ୍କାରେ ମହିଳା ମୃତ, ୨ ଗୁରୁତର

**କୋଡ଼ିଙ୍ଗା,୧୮।୫ (ସମରେନ୍ଦ୍ର ପଟ୍ଟନାୟକ)**

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅନ୍ତର୍ଗତ ବାଲେଙ୍ଗା ନିକଟରେ ରବିବାର ଅପରାହ୍ନରେ ଏକ ଆମ୍ବୁଲାନ୍ସ ସହ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ଘଟଣାସ୍ଥଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇଛନ୍ତି । ମୃତ ମହିଳା ହେଲେ ସାନଗୁମୁଡ଼ା ଗ୍ରାମର ମଙ୍ଗଳଦେଈ ମିର୍ଗାନ(୪୫) । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା କୋଡ଼ିଙ୍ଗା ଥାନା ଏଏସ୍‌ଆଇ ଶୁକଦେବ ଛତ୍ରିଆ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ସାନଗୁମୁଡ଼ା ଗ୍ରାମର ମଙ୍ଗଳଦେଈ ସ୍ୱାମୀ ଡଲା ମିର୍ଗାନ ଓ ଗ୍ରାମର ଅନ୍ୟଜଣେ ଯୁବକ ପିଣ୍ଟୁ ମିର୍ଗାନଙ୍କ ସହ କୌଣସି କାମରେ ବାଇକ୍ ଯୋଗେ କୋଷାଗୁମୁଡ଼ା ଯାଉଥିଲେ । ଅପରପକ୍ଷେ କୋଷାଗୁମୁଡ଼ାରୁ ଏକ ଆମ୍ବୁଲାନ୍ସ ରୋଗୀଙ୍କୁ ନେବା ପାଇଁ କୋଟାଗାଁ ଅଭିମୁଖେ ଆସୁଥିବାବେଳେ ବାଲେଙ୍ଗା ନିକଟରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା । ଘଟଣାସ୍ଥଳରେ ମଙ୍ଗଳଦେଈଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀଙ୍କ ହାତ ଏବଂ ପିଣ୍ଟୁଙ୍କ ଗୋଡ଼ ଭାଙ୍ଗିଯାଇଥିବା ସୂଚନା ମିଳିଛି । ଉଭୟଙ୍କୁ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିଛୁଆତି,**
**ବାଇଡ଼ଙ୍କର ନାତି ।**

ବିଛୁଆତି ଦେହରେ ଲାଗିଲେ ଭାରି କୁଣ୍ଡେଇ ହୁଏ । ଦେହରେ ଠା ଠା ହୋଇ ଫଳିଯାଏ । ସେହିପରି ବାଇଡ଼ଙ୍କ ଆଂଶୁ ଦେହରେ ବାଜିଲେ ଦେହ ହାତ କୁଣ୍ଡାଇ ହୁଏ ଏବଂ ଦେହ ଫଳିଯାଏ । ଦୁଷ୍ଟାମୀରେ ଏକୁ ଆରେକ ବଳିୟାର । ଜଣେ ଦୁଷ୍ଟ ହେଲେ ଆଉ ଜଣେ ଭାରି ବାଲୁଙ୍ଗା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ବାର ବର୍ଷର ତପସ୍ୟା**
**ଶୁଖୁଆ ପୋଡ଼ାରେ ଯିବା ।**

ସକଳ ସୁକର୍ମ କରିଥିଲେ ମଧ ସାମାନ୍ୟ କୁକର୍ମ କରିବସିଲେ ସବୁ ସୁକର୍ମ ନଷ୍ଟ ହୋଇଯାଏ । ସୁନାମ ଲୋକର ସାମାନ୍ୟ ଭୁଲ କାମ ହେତୁ ଅତି ଦୁର୍ନାମ ହୋଇ ସବୁ ସୁନାମ ଘୋଡ଼େଇ ହୋଇଯାଏ ବା ନଷ୍ଟ ହୋଇଯାଏ । ବହୁ କାଳର ସାଧନା ସାମାନ୍ୟ ତ୍ରୁଟି ଯୋଗୁ ପଣ୍ଡ ହୋଇଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।




ହାଇଦ୍ରାବାଦର ଚାରମିନାର ନିକଟ ଗୁଲଜାର ହାଉସ୍‌ରେ ରବିବାର ସକାଳେ ନିଆଁ ଲାଗିଥିବାବେଳେ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଚଳାଇଛି ।

# ସିଆରପିଏଫ ଯବାନଙ୍କ ଝୁଲନ୍ତା ମୃତଦେହ ଜବତ | ପରିବାର ଆଣିଲେ ହତ୍ୟା ଅଭିଯୋଗ

**ଖପ୍ରାଖୋଲ,୧୮।୫(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଲରମ୍ବା ଥାନା ଅଧୀନ ଘସିଏନ୍ ଗାଁରେ ଜଣେ ସିଆରପିଏଫ ଯବାନଙ୍କ ଝୁଲନ୍ତା ମୃତଦେହ ପୋଲିସ ରବିବାର ସକାଳେ ଜବତ କରିଛି । ମୃତକ ହେଲେ ଘସିଏନ ଗାଁର ଭକ୍ତରାମ ଭୋଇ(୨୯) । ସେ ଝାଡ଼ଖଣ୍ଡ ସିଆରପିଏଫ୍‌ରେ କାମ କରୁଥିବା ବେଳେ ଗତ କିଛି ଦିନ ପୂର୍ବରୁ ଛୁଟିରେ ଗାଁକୁ ଆସିଥିଲେ । ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ପ୍ରକାଶ ଯେ, ଗତ ୧୬ ତାରିଖ ରାତିରେ ଭକ୍ତରାମଙ୍କୁ କେହି ଜଣେ ବ୍ୟକ୍ତି ଫୋନ କରିଥିଲେ । ସେ ତାଙ୍କ ସହ କଥା ହୋଇ ଘରୁ ବାହାରିଥିଲେ । କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ । ପରିବାର ଲୋକ ବହୁତ ଖୋଜାଖୋଜି କରି ନ ପାଇବାରୁ ଲରମ୍ବା ଥାନାରେ ନିଖୋଜ ଥିବା ନେଇ ଜଣାଇଥିଲେ । ତେବେ ରବିବାର ଗାଁ ମୁଣ୍ଡରେ ଥିବା ଏକ ନିମ୍ବଗଛରେ ଭକ୍ତରାମଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଗାଁର କେତେଜଣ ବ୍ୟକ୍ତି ଶୌଚ ହେବା ପାଇଁ ଯାଇଥିବା ବେଳେ ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି । ତେଣୁ ସମ୍ପୃକ୍ତ ଯୁବକଙ୍କୁ କୌଣସି କାରଣରୁ ହତ୍ୟା କରାଯାଇ ମୃତଦେହ ଗଛରେ ଟଙ୍ଗାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ଭକ୍ତରାମଙ୍କ ବାପା ଦୁର୍ଲଭ ଭୋଇ ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ଲରମ୍ବା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୮/୨୦୨୫) ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଭାନୁ ପ୍ରକାଶ ଯାଦବ ପ୍ରକାଶ କରିଛନ୍ତି ।

# ଘାଟିରେ ବସ ଦୁର୍ଘଟଣାଗ୍ରସ୍ତ, ୩ ଗୁରୁତର

ପାରଳାଖେମୁଣ୍ଡି,୧୮।୫(ଗିରିଧାରୀ ପରିଚ୍ଛା): ଗଜପତି ଜିଲା ରାୟଗଡ ବ୍ଲକ ଅନ୍ତର୍ଗତ ମାର୍ଲଭା ଘାଟିରେ ରବିବାର ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଘାଟିର ଗୁଡା ନିକଟରେ ଥିବା ଏସ୍ ଟର୍ନରେ ବସ୍‌ଟି ଭାରସାମ୍ୟ ହରାଇ ପାହାଡ଼ରେ ଧକ୍କା ହୋଇଛି । ଏଥିରେ ୭ ଯାତ୍ରୀ ଆହତ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି । ଡ୍ରାଇଭର ବର୍ତ୍ତି ଯାଇଛନ୍ତି ।

'ଇସ୍ପାତ' ନାମକ ଘରୋଇ ବସଟି ଭୁବନେଶ୍ୱରରୁ ପାରଳାଖେମୁଣ୍ଡି ଅଭିମୁଖେ ଆସୁଥିଲା । ସେଥିରେ ପ୍ରାୟ ୪୫ ଜଣ ଯାତ୍ରୀ ଥିଲେ । ବସ୍‌ଟି ମାର୍ଲବା ଘାଟି ଅତିକ୍ରମ କରୁଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଖବରପାଇ ରାୟଗଡ଼ ପୋଲିସ ସେଠାରେ ପହଞ୍ଚିଥିଲା । ଆହତ ଯାତ୍ରୀମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ତେବେ ବସଟି ଯେଉଁ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଛି, ସେଠାରେ ଚଳିତବର୍ଷ ଏ ପର୍ଯ୍ୟନ୍ତ ୨୦ରୁ ଅଧିକ ଦୁର୍ଘଟଣା ଘଟିଲାଣି । ପ୍ରଶାସନ ସେହି ସ୍ଥାନକୁ ବ୍ଲାକ ସ୍ପଟ ଚିହ୍ନଟ କରି ଚୁପ ରହିଯାଇଛି । ଏହାର ପ୍ରତିକାର ନିମନ୍ତେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।




# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରସ୍ଥ ଚନ୍ଦ୍ର ଆପଣଙ୍କ ଉଦ୍ୟମକୁ ଚରିତାର୍ଥ କରାଇବାରେ ସହାୟକ ହେବ । ଉଚ୍ଚମନ, ଉତ୍କୃଷ୍ଟ ବିଚାରଧାରା, ପାରିବାରିକ ସହଯୋଗରେ କାମ ହାସଲ କରିପାରିବେ । ସାମାଜିକ ସ୍ତରରେ ଉଚ୍ଚାସନ ଲାଭ କରିବେ । ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ ଓ ଅର୍ଥନୈତିକ କାର୍ଯ୍ୟକ୍ରମ ବେଶ୍ ଭଲରେ ଚାଲିବ ।

**ବୃଷ** ଆପଣଙ୍କ ଚିନ୍ତା ଓ ଯୋଜନାନୁଯାୟୀ ପ୍ରତ୍ୟେକ କାମ ଠିକ୍ ସମୟରେ ସମ୍ପନ୍ନ କରିପାରିବେ । କର୍ମକ୍ଷେତ୍ରରେ ଉପର ଅଧିକାରୀମାନେ ଆପଣଙ୍କ ପ୍ରତି ସହାନୁଭୂତି ପ୍ରକାଶ କରିବେ । ଆଇନ, ଯୋଗାଯୋଗ, ସଭାସମିତି, ଗଠନମୂଳକ କାମ ଓ ପ୍ରଶାସନିକ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଆସିବ । ବ୍ୟବସାୟିକ ସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବାର ସୂଚନା ରହିଛି ।

**ମିଥୁନ** ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ ମତାନ୍ତର ଘଟିପାରେ । ପ୍ରତ୍ୟେକ କ୍ଷେତ୍ରରେ ପାଇବେ ଯେତିକି ତାହାଠାରୁ ଅଧିକ ଦେବାକୁ ପଡିପାରେ । ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କୁ କଅଁଳିଆ କଥାରେ ମନେଇବାରେ ସମର୍ଥ ହେବେ । କର୍ମକ୍ଷେତ୍ରରେ ସମସ୍ୟାର ମୁକାବିଲା କଲେ କିଛି ସମୟ ପରେ ସଫଳତା ମିଳିବ ।

**କର୍କଟ** କର୍ମକ୍ଷେତ୍ରର ପରିସ୍ଥିତି ଓ ପରିଣାମକୁ ଆଖିଆଗରେ ରଖି କାମ ନ କଲେ ଓଲଟା ଫଳ ପାଇବେ । ପ୍ରତ୍ୟେକ କ୍ଷେତ୍ରରେ ଅନୁସନ୍ଧାନ ନ କରି କୌଣସି ସିଦ୍ଧାନ୍ତରେ ଉପନୀତ ହେବା ଠିକ୍ ହେବ ନାହିଁ । ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଋଣ କରିବାକୁ ପଡିପାରେ । ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ ।

**ସିଂହ** ଅଭାବବୋଧ ଲାଗି ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ । ଅନ୍ୟମନସ୍କ କିମ୍ବା ଅସାବଧାନତା ବଶତଃ ଭଲ କରିବାକୁ ଯାଇ ସମସ୍ୟା ଭିତରକୁ ଟାଣି ହୋଇଯିବେ । ଅତୀତ ଘଟଣାକୁ ମନେପକାଇ ମାନସିକ ଅଶାନ୍ତି ଅନୁଭବ କରିବେ । ସ୍ୱାସ୍ଥ୍ୟ ସମସ୍ୟା ମାନସିକ ସ୍ଥିତିକୁ ଦୋଦୁଲ୍ୟମାନ ଅବସ୍ଥାରେ ରଖିବ ।

**କନ୍ୟା** ଶୁକ୍ରଙ୍କ ସ୍ଥିତି ମନରେ ଉତ୍ସୁକତା ଭରିଦେବା ସହ କାର୍ଯ୍ୟ ହାସଲରେ ସାହାଯ୍ୟ କରିବେ । ଦିନଟିରେ ଏମିତି କୌଣସି କାମ ନାହିଁ, ଯାହାକି ସହଜ ଓ ସୁବିଧାରେ ନ ହୋଇଛି ବୋଲି ଭାବି ପାରିବେ ନାହିଁ । ଯାହାକୁ ନିଜର ଭାବିବେ ସେ ସରଳତାର ସୁଯୋଗ ନେବାକୁ ପଛାଇବ ନାହିଁ । ନିର୍ମାଣ, ପରିବହନ, ମକଦ୍ଦମା ଓ ପ୍ରତିଦ୍ୱନ୍ଦ୍ୱିତାରୁ ସୁଫଳ ପାଇବେ ।

**ତୁଳା** ଆଶାନୁରୂପ କାର୍ଯ୍ୟ ହାସଲ କଲେ ମଧ ମନର ଭାବାବେଗ ସାମାନ୍ୟ ଅଶାନ୍ତ ରଖିବ । ଶାରିରୀକ ଅସୁସ୍ଥତା ସତ୍ତ୍ୱେ ଘରକାମ କରିବାକୁ ବାଧ ହେବେ । ବନ୍ଧୁକୁ ସତ କହିବା ହେତୁ ଭୁଲ୍ ବୁଝାମଣାର ପରିସ୍ଥିତି ସୃଷ୍ଟି ହୋଇପାରେ । କେତେକ କ୍ଷେତ୍ରରେ ଭଲକୁ ମନ୍ଦ ଜ୍ଞାନରେ ଗ୍ରହଣ କରି ମାନସିକ ସନ୍ତୁଳନ ହରାଇପାରନ୍ତି ।

**ବିଛା** ଆଜି ପ୍ରତ୍ୟେକ କ୍ଷେତ୍ରରେ ମାପିଚୁପି କହିବା ଭଲ ହେବ । ବନ୍ଧୁଙ୍କ ସହାୟତାରେ କର୍ମକ୍ଷେତ୍ରରେ ବହୁଦିନର ମନାନ୍ତରର ସମାଧାନ ହୋଇଯିବ । ପାରିବାରିକ ଜୀବନରେ ଉଚିତ ବୁଝାମଣା ରହିବା ଯୋଗୁ ସାମୟିକ ଖୁସି ରହିବେ । ନୂତନ ବନ୍ଧୁସମ୍ପର୍କ, ବ୍ୟବସାୟିକ ଉତ୍କର୍ଷ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହେତୁ ମନ ପ୍ରଫୁଲ୍ଲ ରହିବ ।

**ଧନୁ** ମନ ଭିତରର ଗୋପନକଥାକୁ ଅନ୍ୟ ସମ୍ମୁଖରେ ପ୍ରକାଶ କରି ସମସ୍ୟାକୁ ଆମନ୍ତ୍ରଣ କରିପାରନ୍ତି । ରପ୍ତାନି ବାଣିଜ୍ୟ ଓ ପରିବହନରେ କେତେକ ଆଧୁନିକୀକରଣ କରିପାରନ୍ତି । ନିର୍ମାଣ କ୍ଷେତ୍ରରେ ଆବଶ୍ୟକ ଜିନିଷ ଅଭାବରୁ କାର୍ଯ୍ୟ ସ୍ଥଗିତ ରହିପାରେ । ଫେରନ୍ତା ବାଟରେ ଘର ପାଇଁ ମନଲାଖି ଜିନିଷ କିଣିବା ସକାଶେ ମନ ବଳିବ ।

**ମକର** ଦିନ ତମାମ କଠୋର ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ । ଆଗାମୀ ମାଙ୍ଗଳିକ ଉତ୍ସବକୁ ନେଇ ନିର୍ମାଣାଧୀନ ଗୃହ, ଯାନବାହନାଦିକୁ ଶେଷ ସ୍ପର୍ଶ ଦେଇପାରନ୍ତି । ବନ୍ଧୁମାନେ ଛୋଟ କଥାକୁ ବଡ଼କରି ସମସ୍ୟା ଭିତରକୁ ଟାଣି ନେଇପାରନ୍ତି । ଖଳଲୋକଙ୍କ କାନକୁହା କଥାରେ ପାରିବାରିକ ଅଶାନ୍ତି ଉପୁଜିପାରେ ।

**କୁମ୍ଭ** ଘରେ ଅଶାନ୍ତି ପୂର୍ବପରି ଲାଗିରହୁଥିବା କାରଣରୁ ମନ ଭଲ ରହିବ ନାହିଁ । ସ୍ୱାସ୍ଥ୍ୟାବସ୍ଥା କ୍ରମଶଃ ଭଲ ଦିଗକୁ ଗତି କରିବାରୁ ଆଶ୍ୱସ୍ତିଲାଭ କରିବେ । ଅଫିସ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବା ସାଙ୍ଗକୁ କ୍ରମଶଃ ସମସ୍ୟା ଦୂରେଇ ଯିବାର ଅନୁଭବ କରିବେ । ଗୃହ, ଭୂମି, ଗାଡିମୋଟର ସମ୍ପର୍କିତ ସମସ୍ୟା ସମାଧାନ ସକାଶେ ତତ୍ପରତା ପ୍ରକାଶ କରିପାରନ୍ତି ।

**ମୀନ** ଆପଣଙ୍କ ଲୋକପ୍ରିୟତା ଓ ନୂତନ ବନ୍ଧୁ ସମ୍ପର୍କ ପ୍ରତି ଅନ୍ୟମାନେ ଈର୍ଷାପରାୟଣ ହେବେ । କାର୍ଯ୍ୟବ୍ୟସ୍ତତା କାରଣରୁ ପରିବାର ପାଇଁ ସମୟ ଦେଇ ପାରିବେ ନାହିଁ । ବୃତ୍ତି, ବାଣିଜ୍ୟ, ଆଲୋଚନା, ଆନୁଷ୍ଠାନିକ କାମ ଭଲ ରହିବ । କଳା, ସାହିତ୍ୟ, ସାମ୍ବାଦିକତାରେ ସଫଳତା ସାଙ୍ଗକୁ ବନ୍ଧୁମିଳନର ସମ୍ଭାବନା ମଧ ରହିଛି ।

ଆଜି ମେ ୧୯ ତାରିଖ, ଶ୍ରୀକ୍ଷେତ୍ରେ ଭଉଁରୀ, ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ ସୋମବାର । ରାଶିନକ୍ଷତ୍ର-ଶ୍ରବଣା/ମକର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଦିବା ଘ.୦୮.୪୧ ଗତେ ଘ.୧୦.୨୫ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୬.୫୦ ଗତେ ଘ.୦୮.୨୮ ମଧ୍ୟେ ରାହୁ କାଳ ।

# ଅଜଣା ରୋଗରେ ୨ ଶହ ପରିବାର ଆକ୍ରାନ୍ତ

## ପଡ଼ିଆ ବ୍ଲକ

ପଡ଼ିଆ, ୧୮।୫(ଭାସ୍କର ରାଓ)

ମାଲକାନଗିରି ଜିଲା ପଡ଼ିଆ ବ୍ଲକ ଖ୍ରୀଷ୍ଟିଆନ ସାହିରେ ଅଜଣା ରୋଗରେ ୨ଶହ ପରିବାର ଆକ୍ରାନ୍ତ ହୋଇଛନ୍ତି। ଏହି ରୋଗରେ ପ୍ରଥମେ ଗୋଡ଼ହାତ ଫୁଲିଯାଇ ଜ୍ୱର ଓ ପରେ ହାତ ଆଙ୍ଗୁଠି ଏବଂ ଗୋଡ଼ ହାତ ଗଣ୍ଠିଗୁଡିକ ଯନ୍ତ୍ରଣା ହେଉଛି। ଏଥିରେ ବୟସ୍କ ବ୍ୟକ୍ତିମାନେ ଚାଲିପାରୁ ନ ଥିବା ଦେଖିବାକୁ ମିଳିଛି। ଏହି ରୋଗରେ ପ୍ରାୟ ୫ ଶହ ଲୋକ ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ବୟସ୍କ ମହିଳା ପୁରୁଷ, ଯୁବତୀ ଯୁବକ ଏମିତିକି ପିଲାଛୁଆମାନେ ଆକ୍ରାନ୍ତ ହୋଇ ଆଜକୁପ୍ରାୟ ୧ ମାସରୁ ଊର୍ଦ୍ଧ୍ୱ ସମୟ ଯନ୍ତ୍ରଣା ଭୋଗୁଥିବା ଆକ୍ରାନ୍ତମାନେ କହିଛନ୍ତି। ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ନମୁନା ଦେଇ ସମସ୍ତ ପ୍ରକାର ପରୀକ୍ଷା କରାଇଥିଲେ ସୁଦ୍ଧା କୌଣସି ରୋଗ ନ ଥିବା ଜଣାଯାଇଛି। ଡାକ୍ତର ଯାହା ଔଷଧ ଦେଉଛନ୍ତି ତାହା ଖାଇଲେ କିଛି ସମୟ ପାଇଁ ଉପଶମ ହେଉଛି। ପରେ ଯେମିତିକି ସେମିତି ଅବସ୍ଥା ହେଉଥିବା ରୋଗୀ କହିଛନ୍ତି। କେତେଜଣ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଔଷଧ ଆଣି ଖାଇଲେ ମଧ୍ୟ ସମାନ ଅବସ୍ଥା। କିଛି ଘଣ୍ଟା ଯନ୍ତ୍ରଣାରୁ ଉପଶମ ମିଳୁଛି, ପରେ ଯେମିତିକି ସେମିତି ଯନ୍ତ୍ରଣା ହେଉଛି। କେତେକ ରୋଗୀ ଔଷଧ ଖାଇଲେ ମଧ୍ୟ ଶରୀରରେ ପ୍ରତିକ୍ରିୟା ହୋଇ ଦେହ ହାତ ଫଳିଯାଇ କୁଣ୍ଡେଇ ହେଉଛି, ମୁହଁ କଳା ପଡିଯାଉଥିବା ରୋଗୀମାନେ କହିଛନ୍ତି। ଏମାନଙ୍କ ମଧ୍ୟରେ ମେଷାକ ରବି ମାଦ୍ରୀ, ନାଗଲୁ ସେନ୍ତାଆମ୍ମା, ନାଗଲୁ ମଞ୍ଜୁ, ସୁଧାଲ ଜୟ ରାଜୁ, ବତୀନ ଜୟରାଜୁ, ବତୀନ ଦୈବ କୁମାରୀ, ବେଦି ଧନଲକ୍ଷ୍ମୀ, ଚିନାମ ମିନତି, ମାଦ୍ରୀ ସାଲବମ, ମାଦ୍ରୀ କୃପାବତୀ, ମାଦ୍ରୀ ପଦ୍ମା ମଣି, ବାଡିମ ସୀମା, ତୋକଲ ରାଜୁ, ବନ୍ତାଲ ୱାରା ଲକ୍ଷ୍ମୀ, କୋଡ଼ି ଶକୁନ୍ତଳା, ନାଗଲୁ ସୁନୀଲ, ସୁଧାଲ ଜୟ ଆମ୍ମା, ଚିନାମ ରୁପା ରାଣୀ ଏମିତି ଦୁଇଶହ ପରିବାରର ୫୦୦ ଲୋକ ଯନ୍ତ୍ରଣା ଭୋଗୁଥିବା ସାହିବାସୀ କହିଛନ୍ତି। କେତେଜଣ ରୋଗୀ ଏଠାରେ ଭଲ ନ ହୋଇ ପଡୋଶୀ ଘରୋଇ ଡାକ୍ତରଖାନାକୁ ଯାଉଥିବା ଜଣାଯାଇଛି।

ଏ ସମ୍ପର୍କରେ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୌମ୍ୟକାନ୍ତ ବେହେରାଙ୍କୁ ପଚାରିବାରୁ ସେ ଟ୍ରେନିଂରେ ବାହାରେ ଥିବା କହିଥିଲେ। ତଥାପି ସେ କହିଛନ୍ତି, ଏମିତି ଘଟଣା ୩ ମାସ ତଳେ କେତେକ ସାହିରେ ଦେଖାଯାଇଥିଲା। ସେମାନଙ୍କ ଚିକିତ୍ସା କରାଯାଇ ସ୍ୱାସ୍ଥ୍ୟ ଠିକ୍ ହୋଇଥିଲା। ଏବେ ଏହା ଅଲଗା ପ୍ରକାର ରୋଗ ବୋଲି ଅନୁମାନ କରାଯାଉଛି। ସମସ୍ତ ପରୀକ୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ନ ଥିବାରୁ ଏ ସମ୍ପର୍କରେ ଜିଲା ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଯାଇଛି। ଅଧିକାରୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗଠନ କରି ସମସ୍ତଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପରେ ପ୍ରକୃତରେ ଏହା କ'ଣ ତାହା ଜଣାପଡ଼ିବ ବୋଲି ସେ କହିଛନ୍ତି। ଦାୟିତ୍ୱରେ ଥିବା ଡାକ୍ତର ରାଜ ନାରାୟଣ ସିଂଙ୍କୁ ପଚାରିବାରୁ ରକ୍ତ ନମୁନା ସଂଗ୍ରହ ପାଇଁ ଲାବରେଟୋରିରୁ ସ୍ୱତନ୍ତ୍ର ଟିମ୍ ଆସିସାରିଲେଣି। ଟିମ୍ ପହଞ୍ଚି ପରୀକ୍ଷା ସହ ଚିକିତ୍ସା କଲେ କେତେ ଲୋକ ଆକ୍ରାନ୍ତ ହୋଇଛନ୍ତି ଜଣାଯିବ ବୋଲି ସେ କହିଛନ୍ତି।



ଅଜଣା ରୋଗରେ ଚିକିତ୍ସିତ ହେଉଥିବା ଗ୍ରାମବାସୀ।


# ଚିତ୍ରକୋଣ୍ଡା ବିଧାୟକ ହେଲେ ପିସିସି ସାଧାରଣ ସମ୍ପାଦକ

ମାଲକାନଗିରି,୧୮।୫(ନୃସିଂହ ଚରଣ ମହାନ୍ତି)



ମଙ୍ଗୁ ଖିଲ

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଗଠନ ପରେ ନୂତନ ପିସିସି ରାଜ୍ୟ ସାଧାରଣ ସମ୍ପାଦକ ଭାବେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା କଂଗ୍ରେସ ବିଧାୟକ ମଙ୍ଗୁ ଖିଲଙ୍କୁ ମନୋନୀତ କରାଯାଇଛି। ମଙ୍ଗୁ ଗତ ସାଧାରଣ ନିର୍ବାଚନରେ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଦଳରୁ ବିଜୟୀ ହୋଇଥିଲେ। ସେ ଛାତ୍ରଜୀବନରୁ ରାଜନୀତି ଆରମ୍ଭକରି ୨୦୦୭ରୁ ସକ୍ରିୟ ରାଜନୀତିରେ ଯୋଗଦେଇଥିଲେ। ପ୍ରଥମେ ୱାର୍ଡମେମ୍ବର ପରେ ସରପଞ୍ଚ ଏବଂ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କୁ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ତରଫରୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଏହାପରେ ଜିଲା କଂଗ୍ରେସ ଓ ଜିଲାବାସୀଙ୍କ ତରଫରୁ ଖିଲଙ୍କୁ ଶୁଭେଚ୍ଛା ଜଣାଯାଇଛି।



ନୂଆଦିଲ୍ଲୀରେ ରବିବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ।

# ହାଇକୋର୍ଟଙ୍କ ନିର୍ଦ୍ଦେଶ କଡ଼ାକଡ଼ି ପାଳନ କରାଯିବ: ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

## ମହାପ୍ରଭୁଙ୍କ ଭୂସମ୍ପତ୍ତି ସମ୍ବନ୍ଧୀୟ ମାମଲା

ପୁରୀ,୧୮।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତି ସମ୍ପର୍କିତ ଏକ ମାମଲାରେ ଶ୍ରୀମନ୍ଦିର ପ୍ରଶାସନ ସପକ୍ଷରେ ହାଇକୋର୍ଟ ରାୟ ଦେଇଛନ୍ତି। ଖୋର୍ଦ୍ଧା ଜିଲା ଜଟଣୀ ତହସିଲ ଅଧୀନ କନ୍ତିଆ ମୌଜାରେ ଥିବା ବହୁମୂଲ୍ୟର ୧୫ ଏକର ଜମିକୁ ନେଇ ନିର୍ଦ୍ଦିଷ୍ଟ ଏକ ସଂସ୍ଥା ପକ୍ଷରୁ ଦାଏର ଏହି ମାମଲାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରିଭ୍ୟୁ ପିଟିଶନ ଦାଖଲ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ବଳିଷ୍ଠ ଯୁକ୍ତି ବାଢ଼ିଥିବାବେଳେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ଅଦାଲତରେ ହାଜର ହୋଇ ମହାପ୍ରଭୁଙ୍କ ଭୂ-ସମ୍ପତ୍ତିର ସ୍ୱାର୍ଥରକ୍ଷା ପାଇଁ ପକ୍ଷ ରଖିଥିଲେ। ଆଡଭୋକେଟ୍ ଆନନ୍ଦ ଚନ୍ଦ୍ର ସ୍ୱାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏହି ମାମଲା ପରିଚାଳନା କରୁଥିଲେ। କୌଣସି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବା ଅନୁଷ୍ଠାନର ଲୋଲୁପ ଦୃଷ୍ଟିକୁ ବରଦାସ୍ତ କରାଯିବ ନାହିଁ। ଶ୍ରୀମନ୍ଦିର ଭୂସମ୍ପତ୍ତିଗୁଡ଼ିକର କମ୍ପ୍ୟୁଟରୀକରଣ କରାଯିବା ସହ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ ରାଜ୍ୟ ସରକାରଙ୍କ ସମାନ ନୀତି (ୟୁନିଫର୍ମ ପଲିସି) ଓ ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍-୧୯୫୫ ଅନୁଯାୟୀ ସମସ୍ତ ଜମିର ସୁରକ୍ଷା କରାଯିବ। ଏହି ମାମଲାରେ କୋର୍ଟ ଦେଇଥିବା ନିର୍ଦ୍ଦେଶ ଆଗାମୀ ଦିନରେ ଶ୍ରୀମନ୍ଦିରର ଭୂସମ୍ପତ୍ତି ପରିଚାଳନା କ୍ଷେତ୍ରରେ ଏକ ମାର୍ଗଦର୍ଶକ ସାଜିବ ଏବଂ ଏହାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ବଦ୍ଧପରିକର ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଥିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରବିବାର ସୂଚନା ଦିଆଯାଇଛି।

# କାଠଯୋଡ଼ିରେ ବୁଡ଼ିଗଲେ ୨

## ଜଣଙ୍କ ମୃତଦେହ ଉଦ୍ଧାର, ଅନ୍ୟ ଜଣେ ନିଖୋଜ

କଟକ,୧୮।୫(କାର୍ତ୍ତିକ ସାହୁ)

ଏସ୍‌ସିବି ମେଡିକାଲର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଏଲ୍ ଆଣ୍ଡ ଟି କମ୍ପାନୀର ୨ଜଣ କର୍ମଚାରୀ କାଠଯୋଡ଼ି ନଦୀରେ ବୁଡ଼ିଯାଇଛନ୍ତି। ସିଡିଏ ସେକ୍ଟର-୧୧ ନିକଟ କାଠଯୋଡ଼ିରେ ରବିବାର ଅପରାହ୍ନରେ ଏହି ଅଘଟଣ ଘଟିଛି। ବିଡ଼ାନାସୀ ଅଗ୍ନିଶମ ବାହିନୀ ନଦୀରେ ଖୋଜିବା ପରେ ଜଣଙ୍କ ମୃତଦେହ ଉଦ୍ଧାର କରିଛି। ତେବେ ଅନ୍ୟ ଜଣଙ୍କ ପତ୍ତା ଏଯାଏ ମିଳିପାରିନାହିଁ। ଉଭୟ କର୍ମଚାରୀଙ୍କ ଘର ମହାରାଷ୍ଟ୍ରରେ ବୋଲି ଜଣାପଡ଼ିଛି। ମୃତକ ହେଲେ ରୁତିକେଶ ମତଲ (୨୫) ଓ ନିଖୋଜ ଜଣକ ହେଲେ ରୁତିକ ବ୍ରିଞ୍ଜେ। ଅପରାହ୍ନରେ ସେମାନେ କାଠଯୋଡ଼ି ନଦୀରେ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିବା ଅଗ୍ନିଶମବାହିନୀ ସୂଚନା ଦେଇଛି। ବିଡ଼ାନାସୀ ଅଗ୍ନିଶମ ଅଧିକାରୀ ପୁଲକ ଲେଙ୍କାଙ୍କ ନେତୃତ୍ୱରେ ନଦୀରେ ରାତି ଯାଏ ଖୋଜିବା କାର୍ଯ୍ୟ ଜାରି ରହିଥିବା ସୂଚନା ମିଳିଛି।

# କାଳ ବୈଶାଖୀ ବର୍ଷା: ପାହାଡ଼ରୁ ଧସିଲା ମାଟି ଅତଡ଼ା

## ବଜ୍ରପାତରେ ୨୦ ଛେଳି ମୃତ

କୋରାପୁଟ/ନାରାୟଣପାଟଣା, ୧୮।୫
(ଅମିତାଭ ବେହେରା/ରାଜକିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣାରେ ରବିବାର ଅପରାହ୍ନରେ କାଳବୈଶାଖୀ ଯୋଗୁ ପ୍ରବଳ ବର୍ଷା ଓ ପବନ ହୋଇଛି। ଏଥିରେ ତଳଗୁମାଣ୍ଡି ପଞ୍ଚାୟତ ଭିତରପଡ଼ା ପାହାଡ଼ରୁ ମାଟିଅତଡ଼ା ଧସି ରାସ୍ତା ଅବରୋଧ ହୋଇଛି। ଚିକଲଗୁମାଣ୍ଡି ରାସ୍ତାରେ ମଧ୍ୟ ମାଟି ଅତଡ଼ା ଧସିଛି। ଫଳରେ ଅଞ୍ଚଳର ଏକାଧିକ ସ୍ଥାନରେ ଏଥିଯୋଗୁ ରାସ୍ତା ଅବରୋଧ ହୋଇଛି। ତଳଗୁମାଣ୍ଡିରୁ ନାରାୟଣପାଟଣା ବ୍ଲକ୍ ସଦର ମହକୁମାକୁ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ରବିବାର ନାରାୟଣପାଟଣା ସାପ୍ତାହିକ ହାଟ ଥିବାରୁ ରାସ୍ତାକଡ଼ରେ ଗାଡ଼ି ମୋଟର ଓ ଲୋକେ ଅଟକି ରହିଥିବା ସୂଚନା ମିଳିଛି। ସେହିପରି ନାରାୟଣପାଟଣା ବ୍ଲକ୍ ଉପରଗୁମାଣ୍ଡି ଗାଁରେ ବଜ୍ରପାତରେ ୨୦ଛେଳି ମରିଛନ୍ତି।



ରାସ୍ତାରେ ମାଟି ଜମାହୋଇ ରହିଛି।



ଜଣକ ଭିତରେ ଅହଂକାର ଥିବା ଯାଏ ସେ କାହାକୁ ଭଲ ପାଇ ପାରିବ ନାହିଁ। ପ୍ରେମ ହିଁ କେବଳ ପ୍ରେମ କରିପାରେ। କେବଳ ପ୍ରେମ ହିଁ ଅହଂକାରକୁ ଜୟ କରିପାରେ। ନିଜକୁ ଦେଇ ନ ଦେବା ଯାଏ ପ୍ରେମ ନାହିଁ। –ଶ୍ରୀମା



# ସୁଗାର ବୋର୍ଡ

ଜଳବାୟୁ ପରିବର୍ତ୍ତନଜନିତ ଋତୁଚକ୍ରରେ ଅସ୍ୱାଭାବିକତା ଯୋଗୁ ମଣିଷର ଜୀବନ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଦେଖାଦେଉଛି। ଖାଦ୍ୟପାନୀୟ ଗ୍ରହଣରେ ଅସନ୍ତୁଳନତା ରହିଲେ ମଣିଷର ସ୍ୱାସ୍ଥ୍ୟ ବିଗିଡ଼ିବା ଥୟ। ତେଣୁ ପୂର୍ବାପେକ୍ଷା ଲୋକମାନେ ବିଭିନ୍ନ ପ୍ରକାର ରୋଗର ସମ୍ମୁଖୀନ ହେଉଛନ୍ତି। ଉଚ୍ଚ ରକ୍ତଚାପ, ମଧୁମେହ ଓ ମୋଟାପଣ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟାଭୁକ୍ତ ହୋଇଗଲେଣି। ଆଗରୁ ପ୍ରାପ୍ତବୟସ୍କଙ୍କଠାରେ ଯେଉଁ ରୋଗ ଦେଖାଯାଉଥିଲା ତାହା ପିଲାଙ୍କ କ୍ଷେତ୍ରରେ ଅନୁଭୂତ ହେଲାଣି। କିଛିବର୍ଷ ହେବ ଶିଶୁମାନଙ୍କଠାରେ ଟାଇପ୍‌-୨ ଡାଇବେଟିସ୍‌ ବା ମଧୁମେହ ଓ ମୋଟାପଣ ରୋଗ ବଢ଼ିବାରେ ଲାଗିଛି। ଏସବୁ ଅତ୍ୟଧିକ ମାତ୍ରାରେ ଶର୍କରାଜାତୀୟ ଖାଦ୍ୟ ଗ୍ରହଣ ଯୋଗୁ ଘଟୁଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଉଛନ୍ତି। ଫଳରେ ଦେଶର ଆଗାମୀ ଭବିଷ୍ୟତ ପିଢ଼ିଙ୍କ ସ୍ୱାସ୍ଥ୍ୟାବସ୍ଥା ଚିନ୍ତାର କାରଣ ପାଲଟିଛି। ଏ ବିଷୟକୁ ହୃଦୟଙ୍ଗମ କରି ଶିଶୁ ଅଧିକାର ସୁରକ୍ଷା ସଂକ୍ରାନ୍ତ ଜାତୀୟ କମିଶନ (ଏନ୍‌ସିପିସିଆର୍‌) ପରାମର୍ଶ କ୍ରମେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ତା'ର ଅନୁବନ୍ଧିତ ସ୍କୁଲଗୁଡ଼ିକୁ ନିର୍ଦ୍ଦେଶ ଦେଇ ବିଦ୍ୟାଳୟରେ 'ସୁଗାର ବୋର୍ଡ' ଗଠନ ଉପରେ ଗୁରୁତ୍ୱ ଦେଇଛି। ବହୁ ପରିମାଣର ଚିନି କିମ୍ବା ମିଠା ଖାଦ୍ୟ ଗ୍ରହଣ କଲେ ଜୀବନ ପ୍ରତି ବିପଦ ଥିବା ବିଷୟରେ ଉକ୍ତ ବୋର୍ଡ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇବ। ସାଧାରଣରେ ଦେଖାଯାଉଛି ଯେ, ସ୍କୁଲ ପରିସର କିମ୍ବା ଚତୁଃପାର୍ଶ୍ୱରେ ଶର୍କରାରୁ ପ୍ରସ୍ତୁତ ସ୍ନାକ୍ସ, ମୃଦୁପାନୀୟ ଓ ପ୍ରକ୍ରିୟାକୃତ ଖାଦ୍ୟ ଅତି ସହଜରେ ମିଳିପାରୁଛି। ପିଲାମାନେ ଟକଳିଆ ହୋଇଥିବାରୁ ଏଭଳି ଖାଦ୍ୟ ପ୍ୟାକେଟ ପ୍ରତି ଆକର୍ଷିତ ହୋଇ ସେସବୁକୁ ଖାଇ ଦେଉଥିବାରୁ ସେମାନଙ୍କଠାରେ ମଧୁମେହ ଓ ମୋଟାପଣ ଲକ୍ଷଣ ଦେଖାଦେଉଛି। ଏଠାରେ ମନେରଖିବାକୁ ହେବ ଯେ, ଆଜିର ପିଲାଙ୍କ ପାଇଁ କେବଳ ସ୍ୱାଦ ନୁହେଁ, ସେମାନେ ପ୍ୟାକେଟର ରଙ୍ଗ ଓ ଚିତ୍ର ଦ୍ୱାରା ମଧ୍ୟ ପ୍ରଭାବିତ ହେଉଛନ୍ତି। ପିଲାଙ୍କ ଉପରେ କରାଯାଇଥିବା ଅନୁଧ୍ୟାନ ଅନୁଯାୟୀ, ୪ରୁ ୧୦ ବର୍ଷ ବୟସର ପିଲାମାନେ ଦୈନିକ ନେଉଥିବା କ୍ୟାଲୋରିରେ ୧୩ ପ୍ରତିଶତ ଶର୍କରା ରହୁଛି। ସେହିପରି ୧୧ରୁ ୧୮ ବର୍ଷ ମଧ୍ୟରେ ଏହାର ମାତ୍ର ୧୫ ପ୍ରତିଶତରେ ପହଞ୍ଚିଯାଉଛି। ବାସ୍ତବରେ ପିଲାମାନେ ସେମାନଙ୍କ ଖାଦ୍ୟରେ ଦୈନିକ ୫ ପ୍ରତିଶତ ଚିନି କିମ୍ବା ସେଥିରୁ ପ୍ରସ୍ତୁତ ଖାଦ୍ୟ ନେଇପାରିବେ ବୋଲି ସ୍ୱାସ୍ଥ୍ୟଗତ ଅନୁମୋଦନ ରହିଛି। ସ୍କୁଲରେ ସୁଗାର ବୋର୍ଡ ପ୍ରତିଷ୍ଠା ହେଲେ ପିଲାମାନଙ୍କୁ ଅତ୍ୟଧିକ ଶର୍କରା ନ ଖାଇ କିଭଳି ସ୍ୱାସ୍ଥ୍ୟକର ଖାଦ୍ୟ ସେମାନଙ୍କୁ ସୁସ୍ଥ ରଖିବାରେ ସାହାଯ୍ୟ କରିବ ସେହି ସମ୍ବନ୍ଧରେ ସଚେତନ କରାଇବ। ଏପରିକି ଜଙ୍କ୍‌ ଫୁଡ୍‌, ସଫ୍ଟ ଡ୍ରିଙ୍କ୍‌ସ ଓ ପ୍ରକ୍ରିୟାକୃତ ଖାଦ୍ୟଠାରୁ ଦୂରେଇ ରହିବା ଲାଗି ଆଲୋଚନାଚକ୍ର ଓ କର୍ମଶାଳା ମାଧ୍ୟମରେ ପିଲାମାନଙ୍କୁ ସୂଚନା ଦେବାର ବ୍ୟବସ୍ଥା କରାଯିବ।

**ସ୍କୁଲରେ ସୁଗାର ବୋର୍ଡ ପ୍ରତିଷ୍ଠା ହେଲେ ପିଲାମାନଙ୍କୁ ଅତ୍ୟଧିକ ଶର୍କରା ନ ଖାଇ କିଭଳି ସ୍ୱାସ୍ଥ୍ୟକର ଖାଦ୍ୟ ସେମାନଙ୍କୁ ସୁସ୍ଥ ରଖିବାରେ ସାହାଯ୍ୟ କରିବ ସେହି ସମ୍ବନ୍ଧରେ ସଚେତନ କରାଇବା। ଏପରିକି ଜଙ୍କ୍‌ ଫୁଡ୍‌, ସଫ୍ଟ ଡ୍ରିଙ୍କ୍‌ସ ଓ ପ୍ରକ୍ରିୟାକୃତ ଖାଦ୍ୟଠାରୁ ଦୂରେଇ ରହିବା ଲାଗି ଆଲୋଚନାଚକ୍ର ଓ କର୍ମଶାଳା ମାଧ୍ୟମରେ ପିଲାମାନଙ୍କୁ ସୂଚନା ଦେବାର ବ୍ୟବସ୍ଥା କରାଯିବା।**

ସିବିଏସ୍‌ଇର ଉପରୋକ୍ତ ନିଷ୍ପତ୍ତି ନିଶ୍ଚିତ ସ୍ୱାଗତଯୋଗ୍ୟ। ଏବର ସ୍ଥିତି ଦେଖିଲେ ପିଲାଙ୍କୁ ଶର୍କରାଜାତୀୟ ଖାଦ୍ୟ ପ୍ରତି ଆକର୍ଷିତ କରିବା ଲାଗି ପ୍ରସ୍ତୁତକର୍ତ୍ତାମାନେ ସୁଦୃଶ୍ୟ ପ୍ୟାକେଟ କରି ବଜାରକୁ ଛାଡ଼ୁଛନ୍ତି। ଏଭଳି ସାମଗ୍ରୀର ପ୍ରସ୍ତୁତକର୍ତ୍ତାଙ୍କୁ ସେମାନଙ୍କ କାର୍ଯ୍ୟରୁ ନିରତ ରଖାଯାଇପାରିବ ନାହିଁ। କିନ୍ତୁ ଏହାର କୁପ୍ରଭାବ ଶିଶୁମାନଙ୍କ ଉପରେ ପଡୁଥିବାରୁ କେବଳ ସଚେତନତା ଓ କାର୍ଯ୍ୟାନ୍ୱୟନ ମାଧ୍ୟମରେ ପରିବର୍ତ୍ତନ ଅଣାଯାଇପାରେ। କେବଳ ଶିକ୍ଷୟିତ୍ରୀ ଶିକ୍ଷକ ଚାହିଁଲେ ପିଲାର ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆଣିପାରିବେ ନାହିଁ। କାରଣ ସ୍କୁଲ ଅପେକ୍ଷା ପିଲାମାନେ ଅଧିକ ସମୟ ଘରେ ରହିଥାଆନ୍ତି। ତେଣୁ ମାତାପିତା, ଅଭିଭାବକଙ୍କ ଖାଦ୍ୟ ସ୍ୱଭାବରେ ପରିବର୍ତ୍ତନ ଆସିଲେ ପିଲାମାନେ ସେମାନଙ୍କୁ ଅନୁସରଣ କରିବେ। କେବଳ ପିଲାଙ୍କୁ ପରାମର୍ଶ ଦେଲେ ତାହା କାଟୁ କରିବ ନାହିଁ। ସେଥିପାଇଁ ଗୁରୁଜନମାନେ ପିଲାଙ୍କ ପାଇଁ ରୋଲ ମଡେଲ ବା ଆଦର୍ଶ ହେବା ଦରକାର। ଏହି ମର୍ମରେ ଶୁଣିଥିବା ଏକ କଥା ମନେପଡୁଛି। ଥରେ ମହାତ୍ମା ଗାନ୍ଧୀଙ୍କ ନିକଟକୁ ଜଣେ ବ୍ୟକ୍ତି ତାଙ୍କ ପିଲାକୁ ନେଇ ପହଞ୍ଚିଲେ। କହିଲେ-ବାପୁ, ପୁଅକୁ କୁହନ୍ତୁ ସେ ଆଜିଠାରୁ ଆଉ ବେଶି ଚିନି ଖାଇବ ନାହିଁ। ବାପୁ ଉତ୍ତର ଦେଲେ ୧୫ ଦିନ ପରେ ପୁଅକୁ ଧରି ଆସ। ଠିକ୍‌ ୧୫ ଦିନ ପରେ ସମ୍ପୃକ୍ତ ବ୍ୟକ୍ତି ପୁଅକୁ ସାଥିରେ ଧରି ଆସିବା ପରେ ମହାତ୍ମା ଗାନ୍ଧୀ ତାକୁ ଉପଲକ୍ଷ୍ୟ କରି କହିଲେ-ଆଉ ଆଜିଠୁ ବେଶି ଚିନି ଖାଇବୁ ନାହିଁ। ଏ କଥା ଶୁଣି ପିଲାଟିର ପିତା ମହାତ୍ମାଙ୍କୁ କହିଲେ-ଆପଣ ସେଦିନ ଏହା କହିଥିଲେ ତ ହୋଇଥାଆନ୍ତା। ହେଲେ ମହାତ୍ମା ଉତ୍ତର ଦେଲେ ନିଜକୁ ଚିନି ଛାଡ଼ିବା ଲାଗି ୧୫ ଦିନ ଲାଗିଲା।

# ଉଦାରତାର ପରିଚୟ: ସିନ୍ଧୁ ଜଳ ସନ୍ଧି



ଜ୍ୟୋତିପ୍ରକାଶ କର

ଜଳରେ ଗଢ଼ା ଜୀବନର ଧାରା। କ୍ରମବର୍ଦ୍ଧିଷ୍ଣୁ ଗୋଷ୍ଠୀଗତ ଜୀବନର ଅବସ୍ଥାନରେ ସଭ୍ୟତାର କ୍ରମବିକାଶ। ଭାରତୀୟ ଉପ ମହାଦେଶରେ ଗଢ଼ିଉଠିଥିବା ସିନ୍ଧୁ ସଭ୍ୟତା ବହୁପ୍ରାଚୀନ। ଏହାର କାଳ ନିରୂପଣ ପ୍ରାୟତଃ ଖ୍ରୀଷ୍ଟପୂର୍ବ ୩୩୦୦ରୁ ୨୬୦୦ ମଧ୍ୟରେ ହୋଇଥିବାର ସମ୍ଭାବନା। ସିନ୍ଧୁନଦୀକୁ ନେଇ ଏ ସଭ୍ୟତାର ଆତ୍ମପ୍ରକାଶ ଓ କ୍ରମବିକାଶ ମଧ୍ୟ। ପାକିସ୍ତାନରେ ଥିବା ହରପ୍ପା ଓ ମହେଞ୍ଜୋଦାରୋ ଏହାର ଜ୍ୱଳନ୍ତ ନିଦର୍ଶନ। ସିନ୍ଧୁନଦୀ ହିମାଳୟସ୍ଥ କୈଳାସ ପର୍ବତ ନିକଟବର୍ତ୍ତୀ ପୁଣ୍ୟକ୍ଷେତ୍ର ମାନସରୋବର ହ୍ରଦରୁ ଉତ୍ପନ୍ନ। ଏହାର ବ୍ୟାପ୍ତି ଗଙ୍ଗା ଓ ବ୍ରହ୍ମପୁତ୍ରଠାରୁ ମଧ୍ୟ ଅଧିକ, ଯାହା ପ୍ରାୟତଃ ୩୧୮୦ କି.ମି. ପରିବ୍ୟାପ୍ତ। ଗଙ୍ଗା ୨୫୨୫ କି.ମି ଓ ବ୍ରହ୍ମପୁତ୍ର ୨୮୦୦ କି.ମି ପଥ ଅତିକ୍ରମ କରିଥିବାର ଆକଳନ କରାଯାଇଛି। ଚାଇନାର ୟାଂଜି ନଦୀ ଏସିଆ ମହାଦେଶର ବୃହତ୍ତମ ନଦୀ ହୋଇଥିବା ବେଳେ ସିନ୍ଧୁ ଦ୍ୱିତୀୟ ବୃହତ୍ତମ ଓ ଜଳ ପ୍ରବାହ ଦୃଷ୍ଟିରୁ ବିଶ୍ୱର ୨୧ତମ ନଦୀ। ଏହା ଚାଇନାରୁ ବାହାରି ଭାରତର ଲଦାଖରେ ପ୍ରବେଶ କରି ଉତ୍ତରକୁ ପାକିସ୍ତାନ ଅଧିକୃତ କଶ୍ମୀରର ଗିଲ୍‌ଗିଟ୍‌, ବଲୁଚିସ୍ତାନ ଦେଇ ଆଟୋକ୍‌ ପାହାଡ଼ରୁ ନିମ୍ନକୁ ଖସି ପୂରା ପାକିସ୍ତାନ ଦେଇ କରାଚୀଠାରେ ଆରବ ସାଗରରେ ମିଶିଛି। ସତ୍‌ଲେଜ ନଦୀ ମଧ୍ୟ ଚାଇନାରୁ ବାହାରି ଭାରତରେ ପ୍ରବେଶ କରିଛି। ଚେନାବ୍‌, ଝେଲମ, ରାବି ଓ ବ୍ୟାସ୍‌ର ମୂଳ ଉତ୍ସ ଭାରତ। ସତ୍‌ଲେଜ୍‌ ସହ ଉପରୋକ୍ତ ଚାରୋଟି ନଦୀ ଭାରତର ପଞ୍ଜାବ ପ୍ରଦେଶରେ ଥିବାରୁ ଏହାକୁ ପଞ୍ଚନଦୀର ଦେଶ ପଞ୍ଜାବ କୁହାଯାଏ। ଏ ସମସ୍ତ ପାଞ୍ଚଟି ନଦୀ ପାକିସ୍ତାନର ମିଥାନ୍‌କୋଟ୍‌ଠାରେ ସିନ୍ଧୁନଦୀ ସହ ମିଳିତ ହୋଇଛନ୍ତି। ଏତଦ୍‌ବ୍ୟତୀତ ଶ୍ୟାକ୍‌, ଗିଲ୍‌ଗିଟ୍‌, କାବୁଲ, ଗୋମାହ, କୁରମ୍‌ ଓ ଜନସ୍କାର ଭଳି କିଛି ଛୋଟ ନଦୀ ମଧ୍ୟ ସିନ୍ଧୁରେ ବିଲୀନ ହୋଇଛନ୍ତି। ସିନ୍ଧୁ ଅବବାହିକା ପ୍ରାୟତଃ ୧୧ ଲକ୍ଷ ବର୍ଗ କି.ମି. ପରିବ୍ୟାପ୍ତ ଓ ପାକିସ୍ତାନର ପାଖାପାଖି ୬୫ ପ୍ରତିଶତ ଅଞ୍ଚଳ ଏଥିରେ ଅନ୍ତର୍ଭୁକ୍ତ ଓ ଉପକୃତ ମଧ୍ୟ। ସିନ୍ଧୁନଦୀ ପାକିସ୍ତାନର ଜୀବନଧାରା ସହ ଓତପ୍ରୋତ ଭାବେ ଜଡିତ। ଜଳସେଚନ, କୃଷି, ଜଳବିଦ୍ୟୁତ୍‌, ଶିଳ୍ପାୟନ, ପାନୀୟଜଳ ଓ ବିସ୍ତୀର୍ଣ୍ଣ ଅଞ୍ଚଳର ଉର୍ବରତା ହିଁ ସିନ୍ଧୁନଦୀର ପ୍ରମୁଖ ଦାନ।

ଭାରତ ପାକିସ୍ତାନ ବିଭାଜନ ପରେ ପାକିସ୍ତାନର ନେତୃବର୍ଗଙ୍କ ମନରେ ଭବିଷ୍ୟତର ଜଳପ୍ରବାହକୁ ନେଇ ସନ୍ଦେହ ସୃଷ୍ଟି ହେଲା। ଉପରମୁଣ୍ଡରେ ଭାରତର ଅବସ୍ଥିତି ଓ ସିନ୍ଧୁନଦୀ ଭାରତ ମଧ୍ୟ ଦେଇ ପାକିସ୍ତାନକୁ ପ୍ରବେଶ କରିଥିବା ବେଳେ କାଳେ ଭବିଷ୍ୟତରେ ଭାରତ ଉପର ମୁଣ୍ଡରେ ବଡ଼ ବଡ଼ ବନ୍ଧ ବାନ୍ଧି ଜଳ ପ୍ରବାହକୁ ରୋକିଦେବ କିମ୍ବା ସିନ୍ଧୁନଦୀର ଗତିପଥକୁ ବଦଳାଇ ଦେବ, ଏପରି ସନ୍ଦେହକୁ ଆଧାରକରି ପାକିସ୍ତାନ ବାରମ୍ବାର ଆନ୍ତର୍ଜାତିକ ମଞ୍ଚରେ ଅଭିଯୋଗ କରିବାକୁ ଲାଗିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଟାଳଟୁଳ ନୀତି ଅବଲମ୍ବନ କରି ଏହାକୁ ଏଡ଼ାଇ ଯାଇଥିଲେ। ୧୯୫୧ରେ ଟେନିଜି ଭ୍ୟାଲି



ଅଥରିଟି ଅଧ୍ୟକ୍ଷ ଡାଭିଡ ଇ ଲିଏନଥାଲ ଉଭୟ ଭାରତ ଓ ପାକିସ୍ତାନ ଗସ୍ତକରି ସିନ୍ଧୁନଦୀ ଅବବାହିକା ଉପରେ ଏକ ତଥ୍ୟ ସମ୍ବଳିତ ସନ୍ଦର୍ଭ ପ୍ରସ୍ତୁତ କଲେ। ଏ ସନ୍ଦର୍ଭ ପ୍ରସ୍ତୁତିରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା କିଭଳି ଉଭୟ ପକ୍ଷ ସିନ୍ଧୁ ଅବବାହିକାକୁ ଏକ ଐକିକ ପ୍ରକଳ୍ପ ଭାବେ ବିବେଚନା କରି ପାରସ୍ପରିକ ବୃହତ୍ତର ଉନ୍ନତିମୂଳକ ଯୋଜନାର ପରିକଳ୍ପନା କରାଯାଇପାରିବ। ତତ୍କାଳୀନ ଆଇବିଆର୍‌ଡି (ଇଣ୍ଟରନ୍ୟାଶନାଲ ବ୍ୟାଙ୍କ ଅଫ ରିକନଷ୍ଟ୍ରକ୍ସନ ଆଣ୍ଡ ଡେଭଲପମେଣ୍ଟ), ଯାହା ପରେ ବିଶ୍ୱ ବ୍ୟାଙ୍କ ନାମରେ ନାମିତ ହେଲା, ଏହାକୁ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟସ୍ଥତା କଲା। ୧୯୫୮ ମସିହା ପର୍ଯ୍ୟନ୍ତ ପାକିସ୍ତାନ ଏଥିରେ ସହମତ ନ ହୋଇ ସ୍ୱାକ୍ଷର କରିବା ପାଇଁ ପଛଘୁଞ୍ଚା ଦେଲା। ଶେଷରେ ୧୯ ସେପ୍ଟେମ୍ବର ୧୯୬୦ରେ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଓ ପାକିସ୍ତାନର ରାଷ୍ଟ୍ରପତି ଆୟୁବ୍‌ ଖାଁ (ପୂର୍ବତନ ସେନାଧ୍ୟକ୍ଷ) ଏହି ଚୁକ୍ତିରେ ସ୍ୱାକ୍ଷର କଲେ, ଯଦିଓ ନୀତିଗତ ନିଷ୍ପତ୍ତି ଅନୁଯାୟୀ ଏହା ୧।୪।୧୯୬୦ରୁ କାର୍ଯ୍ୟକାରୀ ହୋଇସାରିଥିଲା। ସନ୍ଧି ଅନୁସାରେ ରାବି, ବ୍ୟାସ୍‌ ଓ ସତ୍‌ଲେଜ୍‌ ନଦୀର ଜଳକୁ ଭାରତ ପୂର୍ଣ୍ଣତଃ ବ୍ୟବହାର କରିବ ଏବଂ ସିନ୍ଧୁ, ଝେଲମ୍‌ ଓ ଚେନାବ୍‌ ନଦୀର ଜଳ ପାକିସ୍ତାନ ବ୍ୟବହାର କରିବ। ଝେଲମ୍‌ ନଦୀ ପାକିସ୍ତାନରେ ନୀଲମ ନାମରେ ପରିଚିତ। ପ୍ରକାଶଥାଉ କି, ବ୍ୟାସ୍‌ ଏକ କ୍ଷୁଦ୍ରନଦୀ ଯାହା ସତ୍‌ଲେଜ୍‌ ନଦୀରେ ମିଶିଛି। ଆଇବିଆର୍‌ଡିର ଅନୁରୋଧ କ୍ରମେ ଭାରତ ତା'ର ଜଳଭାଗର ପୂର୍ଣ୍ଣ ଉପଯୋଗ ୩୧।୩।୧୯୭୦ ପରେ କରିବ, କାରଣ ସନ୍ଧି ସମୟରେ ପାକିସ୍ତାନରେ ନିୟମିତ ଜଳପ୍ରବାହ ପାଇଁ କେନାଲ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ ଉନ୍ନତି ହୋଇ ନ ଥିଲା। ଏଣୁ ଏ ଦଶବର୍ଷର ସାମୟିକ ବିରତି ଅବଧି ମଧ୍ୟ ଭାରତ ଉଦାରତା ପ୍ରକାଶ କରି ତା'ର ନିର୍ଦ୍ଧାରିତ ଜଳର ସିଂହଭାଗ ପାକିସ୍ତାନକୁ ଦେଇଛି। ସନ୍ଧି ଅନୁସାରେ ଆବଶ୍ୟକ ସ୍ଥଳେ ଭାରତ ମଧ୍ୟ ସିନ୍ଧୁ, ଚେନାବ୍‌ ଓ ଝେଲମ୍‌ ନଦୀର ୨୦% ଜଳ ବ୍ୟବହାର କରିପାରିବ। ଭାରତ ଚାହିଁଥିଲେ ନ୍ୟାୟତଃ ତା'ର ଜଳ ଅଂଶକୁ ବ୍ୟବହାର କରି ପାକିସ୍ତାନରେ ମରୁଡ଼ି, ବନ୍ୟା ଓ ବିଦ୍ୟୁତ୍‌ ସଙ୍କଟ ଉପୁଜାଇ ପାରିଥାନ୍ତା, ଯାହା ଭାରତ ଆଜିପର୍ଯ୍ୟନ୍ତ କରିନାହିଁ।

ବିଶ୍ୱର ଅନ୍ୟାନ୍ୟ ଦେଶର ଜଳ ସନ୍ଧି ଯଥା ଆମେରିକା- ମେକ୍ସିକୋ ମଧ୍ୟରେ ଥିବା ଦୁଇନଦୀ କୋଲୋରାଡୋ, ତିଜୁଆନା ଯେଉଁଠି ଉପରମୁଣ୍ଡରେ ଥିବା ଆମେରିକା ସମୁଦାୟ ଜଳର ୯୦% ବ୍ୟବହାର କରୁଥିବା ବେଳେ ତଳମୁଣ୍ଡରେ ଥିବା ମେକ୍ସିକୋକୁ ମାତ୍ର ୧୦% ଜଳ ଦେଉଛି। ସେହିପରି ଇସ୍ରାଏଲ-ଜୋର୍ଡାନ୍‌, ଦକ୍ଷିଣଆଫ୍ରିକା-ସୁଇଜରଲାଣ୍ଡ ଓ ଲେବାନନ୍‌-ସିରିଆ ମଧ୍ୟରେ ହୋଇଥିବା ଜଳ ସନ୍ଧିରେ ଉପରମୁଣ୍ଡରେ ଥିବା ଦେଶ ସର୍ବାଧିକ ଜଳ ବ୍ୟବହାର କରୁଛନ୍ତି। ଆଶ୍ଚର୍ଯ୍ୟର କଥା ଆକଳନ ଅନୁସାରେ ଭାରତ ଉପର ମୁଣ୍ଡରେ ଥାଇ ମଧ୍ୟ ସମୁଦାୟ ୬ଟି ନଦୀ ଜଳର ମାତ୍ର ୧୯.୪୮% ଓ ପାକିସ୍ତାନ ତଳମୁଣ୍ଡରେ ଥାଇକି ୮୦.୫୨% ଜଳ ବ୍ୟବହାର କରୁଛି ଯାହା ବିଶ୍ୱର ବିଭିନ୍ନ ଜଳ ସନ୍ଧିଠାରୁ ସ୍ୱତନ୍ତ୍ର। ୨୦୧୦ରେ ଜାତିସଂଘ ସିନେଟ୍‌ର ଫରେନ୍‌ ରିଲେଶନ କମିଟି ରିପୋର୍ଟ ଅନୁସାରେ ସିନ୍ଧୁ ଜଳ ସନ୍ଧିକୁ ବିଶ୍ୱର ସଫଳ ଜଳ ସନ୍ଧିର ମାନ୍ୟତା ମିଳିଛି।

ଏହି ଜଳ ସନ୍ଧିରେ ଭବିଷ୍ୟତରେ ଜଳ ସ୍ଥିତିକୁ ନେଇ ଅନେକ ଦିଗକୁ ଅଣଦେଖା କରାଯାଇଥିବାର ଆଲୋଚନା କରାଯାଏ। ଏଗୁଡ଼ିକ ହେଲା ୧) ଜଳବାୟୁ ପରିବର୍ତ୍ତନରେ ଜଳସ୍ଥିତି, ୨) ଜଙ୍ଗଲ ଅବକ୍ଷୟ ଜନିତ ଜଳାଭାବ, ୩) ମୌସୁମୀର ପଟପରିବର୍ତ୍ତନ, ୪) ଦ୍ରୁତ ଶିଳ୍ପାୟନରେ ପ୍ରଦୂଷଣର ପରିବେଶ ଉପରେ ପ୍ରଭାବ, ୫) ଅକାଳ, ୬) ପ୍ରକୃତିଗତ କାରଣରୁ ଜଳପ୍ରବାହରେ କ୍ଷୀଣତା, ୭) କୌଣସି କାରଣରୁ ରାବି, ବ୍ୟାସ୍‌ ଓ ସତ୍‌ଲେଜ୍‌ ନଦୀରେ ଶୁଷ୍କତା, ୮) କେଉଁ ଦେଶ ଭବିଷ୍ୟତରେ କେତେ ବନ୍ଧ ବାନ୍ଧିପାରିବ, ୯) ଉପରମୁଣ୍ଡରେ ଅବସ୍ଥିତ ଚାଇନା ଜଳପ୍ରବାହକୁ ରୋକିବା ପାଇଁ ବନ୍ଧ ବାନ୍ଧିଲେ ତା'ର ପ୍ରଭାବ, ୧୦) ଭବିଷ୍ୟତରେ ଭୌଗୋଳିକ ପରିବର୍ତ୍ତନ, ୧୧) କାଳର କରାଳ କ୍ରମେ ନଦୀଶଯ୍ୟା ସଙ୍କୁଚିତ ହୋଇ ଜଳଧାରଣ ଓ ପ୍ରବାହରେ କ୍ଷୀଣତା ଇତ୍ୟାଦି। ବିଶେଷକରି ଏହି ସନ୍ଧିକୁ ନଦୀର ବିଭାଜୀକରଣ କରାଗଲା କିନ୍ତୁ ନଦୀ ଜଳ ବଣ୍ଟନ ଉପରେ ଗୁରୁତ୍ୱ ଦିଆଗଲା ନାହିଁ।

ଯଦିଓ ୧୯୬୦ ସନ୍ଧିପରେ ପାକିସ୍ତାନ ୧୯୬୫, ୧୯୭୧ ଓ ୧୯୯୯ରେ ତିନୋଟି ଯୁଦ୍ଧ ଭାରତ ଉପରେ ଲଦି ଦେଇଛି, ତଥାପି ଉଦାରମନା ଭାରତ ଏ ସନ୍ଧି ବିରୋଧରେ ନ ଯାଇ ଏହାକୁ ସମ୍ମାନ ଦେଇଆସିଛି। ପାକିସ୍ତାନର ସମସ୍ତ ନକାରାତ୍ମକ କାର୍ଯ୍ୟଧାରା ଓ ବନ୍ଧୁତ୍ୱହୀନ ମନୋବୃତ୍ତି ସତ୍ତ୍ୱେ ଭାରତ ଆଜିପର୍ଯ୍ୟନ୍ତ ଏହି ସନ୍ଧିର ପୁନଃ ସମୀକ୍ଷା କିମ୍ବା ପ୍ରତ୍ୟାହାର ପ୍ରସଙ୍ଗ ଉତ୍‌ଥାପନ କରି ନ ଥିଲା ଓ ଏହି ଚୁକ୍ତିକୁ ସମ୍ମାନ ଦେଇଆସିଛି। ଜମ୍ମୁ-କଶ୍ମୀରବାସୀଙ୍କ ବାରମ୍ବାର ଦାବି ଯେ ଏହି ସନ୍ଧି ତାଙ୍କ ରାଜ୍ୟ ପାଇଁ ଅନୁକୂଳ ନୁହେଁ। ଦୀର୍ଘଦିନର ଅସନ୍ତୁଷ୍ଟତା ଓ ଦାବିକୁ ସମ୍ମାନ ଦେଇ ୨୦୦୩ରେ ଜମ୍ମୁ-କଶ୍ମୀର ବିଧାନସଭା ଏ ସନ୍ଧିକୁ ରଦ୍ଦ କରିବା ପଇଁ ଏକ ବିଧେୟକ ପାରିତ କରିଛନ୍ତି। ଏତଦ୍‌ବ୍ୟତୀତ ଭାରତ ମଧ୍ୟ ଭିଏନା ବୈଠକରେ ସ୍ଥିରୀକୃତ ଧାରା-୬୨ ସିଦ୍ଧାନ୍ତ ଅନୁଯାୟୀ ଯଥାର୍ଥ ତଥ୍ୟ ସମ୍ବଳିତ ଯୁକ୍ତିଉପସ୍ଥାପନ କରି ସନ୍ଧିପ୍ରତ୍ୟାହାର ପାଇଁ ଆଇନତଃ ଆବେଦନ କରିପାରିବ। ଅନ୍ତର୍ଜାତୀୟ ନ୍ୟାୟାଳୟ ଦ୍ୱାରା ଅନୁମୋଦିତ ନୀତି ଅନୁସାରେ ସାମ୍ପ୍ରତିକ ପରିସ୍ଥିତିରେ ମୌଳିକ ଭିତ୍ତିଭୂମିର ପରିବର୍ତ୍ତନଜନିତ କାରଣ ଦର୍ଶାଇ ଚୁକ୍ତିକୁ ରଦ୍ଦ କରାଯାଇପାରିବ।

ସର୍ବୋପରେ ପ୍ରତ୍ୟେକ ଦ୍ୱିପାକ୍ଷିକ ଚୁକ୍ତି ଉଭୟ ପକ୍ଷର ବିଶ୍ୱାସ, ବନ୍ଧୁତା, ଭରସା, ସଦ୍‌ଭାବ, ସମନ୍ୱୟ, ସହାବସ୍ଥାନ, ସହଯୋଗିତା ଓ ସହଭାଗିତା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ, ଯାହା ପାକିସ୍ତାନ ଦୀର୍ଘ ୬୫ ବର୍ଷର ଅବଧିରେ ଦର୍ଶାଇବାର ଦୃଷ୍ଟାନ୍ତମୂଳକ ବାତାବରଣ ସୃଷ୍ଟି କରିପାରି ନାହିଁ।

**ଶକ୍ତିନଗର, କଟକ**
**ମୋ: ୯୪୩୮୫୩୨୪୫୭**

# ମଣିଷତ୍ୱର ଆବିଷ୍କାର



ରଶ୍ମିରଞ୍ଜନ ରାଉତ

ବିଶ୍ୱ ନିୟନ୍ତା ଏ ବ୍ରହ୍ମାଣ୍ଡରେ ଯେମିତି ନଦୀ, ପାହାଡ଼, ପର୍ବତ, ବଣ, ଜଙ୍ଗଲ, ପଶୁ, ପକ୍ଷୀ ଆଦି ନୈସର୍ଗିକ ଆଧାରଗୁଡ଼ିକ ବିଦ୍ୟମାନ କରିଥିଲେ ସେଗୁଡ଼ିକ ହଜାର ହଜାର ବର୍ଷ ପରେ ବି ସେମାନଙ୍କ ମୌଳିକ ଧର୍ମ ଓ ଗୁଣବତ୍ତାକୁ ଭୁଲିନାହାନ୍ତି। ଆଜି ବି ସେମିତି ନଦୀ କୁଳୁକୁଳୁ ବହୁଛି, ପକ୍ଷୀ କିଚିରିମିଚିରି କରୁଛି। ହେଲେ ମଣିଷ ବୁଦ୍ଧି, ବିବେକ ଓ ଦିବ୍ୟଜ୍ଞାନର ଅଧିକାରୀ ହୋଇ ମଧ୍ୟ ଆଗ ନିଜର ଗୁଣ, କର୍ମରୁ ବିଚ୍ୟୁତ ହୋଇଛି। ନିଜର ଅହଂକାରରେ ଜୀବନସାରା ନିଜେ ଜଳିବା ସହ ତା' ଆଖପାଖର ପରିବେଶକୁ ଜାଳିଚାଲିଛି। ପାର୍ଥିବ ଶରୀରକୁ ସୁଖ ସ୍ୱାଚ୍ଛନ୍ଦ୍ୟର ଖୋରାକ ଯୋଗାଇ ନିଜକୁ ନିଃଶେଷ କରିଦେଉଛି। ଭ୍ରମରେ ପଡ଼ି ଜୀବନର ଅସଲ ସାର୍ଥକତାକୁ ପାସୋରି ଦେଉଛି। ତା'ର ଜନ୍ମ କ'ଣ ପାଇଁ, ପରମାତ୍ମା କାହିଁକି ମଣିଷ କରି ଜନ୍ମଦେଲେ ତାହା ବୁଝିବାକୁ ଆତ୍ମଚିନ୍ତନ କରୁନାହିଁ।

ନଦୀ ଧାରଣ କରିଥିବା ଜଳକୁ ନିଜେ ବ୍ୟବହାର କରେ ନାହିଁ। ଝରଣା ନିଜ ପାଣି ନିଜେ ପିଏ ନାହିଁ, ଗଛ ନିଜ ଫଳ ନିଜେ ଖାଏ ନାହିଁ, ଗାଈ ନିଜର ଦୁଗ୍ଧ ନିଜେ ସବୁ ପିଏ ନାହିଁ। ଅର୍ଥାତ୍‌ ସମସ୍ତେ ନିଜ ନିଜ ଢଙ୍ଗରେ ନିଜର ଧର୍ମ ପାଳନ ସହ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ମାତ୍ର ମଣିଷ ପାଖରେ ହିଁ ଦୃଶ୍ୟମାନ ସବୁ ପ୍ରକାର ବିଲକ୍ଷଣ। ମଣିଷର ଧର୍ମ ତା' ହୃଦୟରେ ଦୟା, କରୁଣା, କ୍ଷମା, ଜୀବେଦୟା, କୃତଜ୍ଞ ଭାବ ଓ ସଂଯମୀ ହେବା। ମାତ୍ର ମଣିଷ ଏହି ମାନବୀୟ ଧର୍ମ ପାଳନ କରିବାକୁ କାଳେକାଳେ କୁଣ୍ଠୁକୁଣ୍ଠୁ। ଯେମିତି ସମୁଦ୍ରରେ ଥିବା ସବୁ ଶାମୁକା ଭିତରେ ମୋତି ନ ଥାଏ। ସ୍ୱାତୀ ନକ୍ଷତ୍ରର ବର୍ଷା ବିନ୍ଦୁ ଯେଉଁ ଶାମୁକା ଗର୍ଭରେ ପଡ଼େ ସେଇ ଶାମୁକା ହିଁ ମୋତିଯୁକ୍ତ ହୋଇଥାଏ। ସେମିତି ଆମ ସମାଜରେ ଅନେକଙ୍କ ପାଖରେ ମଣିଷତ୍ୱ ନିଷ୍ପ୍ରଭ। ମଣିଷ ରୂପନେଇ ଜନ୍ମ ହୋଇଥିଲେ ହେଁ ମାତ୍ର ତା' କ୍ଷେତ୍ରରେ ଏହି ମାନବୀୟ ଧର୍ମ ଦେଖା ନ ଯିବାରୁ ସେମାନେ ଆଜି ଅମଣିଷରେ ଗଣା। କଥା କଥାରେ କାହାର ନା କାହାର ପାଟିରୁ ବାହାରି ଆସୁଥିବ 'ହେ... ସେଟା ଅମଣିଷଟା'। ଯେଉଁ କେତେଜଣ ନିଜର ଆଚରଣ, ଉଚ୍ଚାରଣ କର୍ତ୍ତବ୍ୟପରାୟଣତା, ମାନବିକତାକୁ ପାଥେୟକରି ବଞ୍ଚନ୍ତି ସେମାନେ ହିଁ ହେଉଛନ୍ତି ଅସଲ ମଣିଷ ପଦବାଚ୍ୟ ଓ ପ୍ରଶଂସନୀୟ।

ମଣିଷର ମନ ଏକ ଅମାନିଆ ଘୋଡ଼ା! ବିବେକର ଲଗାମ ଧରି ଆରୋହଣ କଲେ ସେ ଠିକ୍‌ ଆମ ଆୟତ୍ତରେ ରହିପାରିବ। ମନ ଲଗାମଛଡ଼ା ହୋଇଗଲେ ଅବାଟରେ ଯିବା ଥୟ। ମାୟାରେ ଭ୍ରମୁଥିବା ମନ କେବେ ବୁଝେନାହିଁ, କେଉଁ ପଥ ତା' ପାଇଁ ସୁଗମ। ସବୁବେଳେ ମନ ଚାହେଁ ଦୁନିଆର ସବୁରୋଚକ ଓ ଆକର୍ଷଣୀୟ ଜିନିଷ ତା'ର ଅଧୀନ କରିବାକୁ, ତାହା ସତ ହେଉ କି ଅସତ। ଏଣୁ କଳେବଳେ କୌଶଳେ ତାକୁ ହାସଲ କରିବାକୁ ଲାଗିପଡ଼େ। ପରିଶେଷରେ ବଳେବଳେ ସେ ନିଜେ ହିଁ ସେହି ମାୟାରେ ଛନ୍ଦି ହୋଇଯାଏ। ମଣିଷର ଲକ୍ଷଣ ଓ ଆଚରଣ ଆଧାରରେ ହିଁ ସମାଜରେ ମଣିଷ ଓ ରାକ୍ଷସର ଆଖ୍ୟା ପାଏ। ଲଙ୍କାର ରାଜା ରାବଣ



ଜାତିରେ ବ୍ରାହ୍ମଣ ଓ ବେଦଜ୍ଞ ମହାଜ୍ଞାନୀ ବିଶ୍ରବା ଋଷିଙ୍କ ପୁତ୍ର ଥିଲା। ମହାଦେବଙ୍କ ପରମଭକ୍ତ ହୋଇ ବି ରାବଣ ନିଜର ଆଚରଣ ପାଇଁ ରାକ୍ଷସ ହୋଇଗଲା। ପ୍ରଭୁ ଶଙ୍କରଙ୍କୁ କୈଳାସରେ ଖୋଲାଜୀବନ ବିତାଉଥିବା ଦେଖି ଅନୁରୋଧ କଲା ସ୍ୱର୍ଣ୍ଣମୟୀ ଲଙ୍କାକୁ ନେଇଯିବା ପାଇଁ। ଏଥିରେ ମହାଦେବ ଅନିଚ୍ଛା ପ୍ରକାଶ କରିବାରୁ ଉଭଟ ଓ ଅହଂକାରୀ ରାବଣ ଶଙ୍କରଙ୍କୁ କୈଳାସରୁ ଲଙ୍କାକୁ ନେବାକୁ ବାରମ୍ବାର ପ୍ରୟାସ କରି ବିଫଳ ହେଲା। ଶେଷରେ ରାବଣର ଔଦ୍ଧତ୍ୟ ଏତେ ବଢ଼ି ଚାଲିଲା ଯେ ଷଡ଼ରିପୁର ବଶବର୍ତ୍ତୀ ହୋଇ ବ୍ରାହ୍ମଣରୁ ରାକ୍ଷସ ହୋଇଗଲା। ମାତ୍ର ରାକ୍ଷସ କୁଳରେ ଜନ୍ମ ହୋଇ ବି ଭକ୍ତ ପ୍ରହ୍ଲାଦ ନିଜର ଆଚରଣ ପାଇଁ ଦେବତ୍ୱ ଲାଭ କଲା। ଦୈତ୍ୟ ହିରଣ୍ୟକଶିପୁ ପୁତ୍ର ପ୍ରହ୍ଲାଦର ତୁଣ୍ଡରେ ଭଗବାନ ବିଷ୍ଣୁଙ୍କ ନା ଶୁଣି ରକ୍ତଚାଉଳ ଚୋବାଇଲା। ନୃଶଂଶ ପିତା ପୁତ୍ର ପ୍ରହ୍ଲାଦକୁ ହତ୍ୟା କରିବାକୁ ଅନେକ ଷଡ଼ଯନ୍ତ୍ର କରି ବି ବିଫଳ ହେଲା। ଶେଷରେ ଭଗବାନ ବିଷ୍ଣୁ ନୃସିଂହ ଅବତାରରେ ଖମ୍ବରୁ ବାହାରି ହିରଣ୍ୟକଶିପୁକୁ ବଧ କରି ଭକ୍ତ ପ୍ରହ୍ଲାଦକୁ କୋଳେଇ ନେଲେ। ଅତଏବ ନିଜର କର୍ମ ଓ ଆଚରଣ ଫଳରେ ଜଣେ ମଣିଷରୁ ଅମଣିଷ ଓ ଜଣେ ଅମଣିଷରୁ ମଣିଷ ହୋଇପାରିବ।

ମଣିଷ ଅନ୍ୟର ଦୋଷ ଦୁର୍ବଳତା ବିଷୟରେ ଜାଣିବାରେ ଯେତିକି ସମୟ ଅପଚୟ କରେ ତା'ର କାଣିଚାଏ ସମୟ ବି ନିଜର ଦୋଷ ଦୁର୍ବଳତାକୁ ଖୋଜେନି। ପ୍ରତ୍ୟେକ ମଣିଷଙ୍କ ଭିତରେ ସୁଗୁଣ ସ୍ୱରୂପ ଅସଲ ମଣିଷତ୍ୱର ମହକ ରହିଛି। ହେଲେ ସେସବୁର ସନ୍ଧାନ କରି ସେ ସୁବିନିଯୋଗ କରିପାରୁନି। ଅନେକାଂଶରେ କସ୍ତୁରୀମୃଗ ପରି ନିଜ ଭିତରର ମହାର୍ଘ ମଣିଷତ୍ୱକୁ ସେ ଏଣେତେଣେ ଖୋଜିବୁଲୁଛି। ନିଜ ଭିତରର ମଣିଷତ୍ୱକୁ ଆବିଷ୍କାର କରିବାରେ ଅନେକ ବିଳମ୍ବ କରିଦେଉଛି। ଅନେକ ସମୟରେ ମଣିଷ ବିଭିନ୍ନ ଭ୍ରମରେ ପଡ଼ି, ଏ ମୂଲ୍ୟବାନ ଜୀବନକୁ କାଣିଚାଏ ଭଲ କାମରେ ଲଗାଇ ପାରୁନାହିଁ। ଜୀବନ ସାରା ଭ୍ରମିଭ୍ରମି ନିଜକୁ ଏମିତି ଭାବରେ ଖର୍ଚ୍ଚ କରିଦେଇଥାଏ ଯେ, ଶେଷରେ ଭାଗଫଳ ବିଯୁକ୍ତ ହୋଇ ରହିଯାଏ। ଜୀବନର ଶେଷ ସମୟକୁ ଲୋକେ କହିବେ, ଜୀବନସାରା ମୋର ମୋର ହୋଇ ସବୁ ଆବୋରୁ ଥିଲା। ଅର୍ଥସର୍ବସ୍ୱ ହୋଇ ନିଜ ଭିତରେ ବଞ୍ଚିବାକୁ ବିକଳ ହେଉଥିଲା ଦାନ, ଧର୍ମ, ଦୟାକୁ ନାକ ଟେକୁଥିଲା। ସିଏ ହୀନସ୍ତା ହେବନି କିଏ ହେବ ? ଯେମିତି କୋଟି କୋଟି ଲୋକ ମରି ପଚିଶଢ଼ିଯାଇ ମାଟିରେ ମିଶିଯାଇଛନ୍ତି, ସେମିତି ଇଏ ବି ମାଟିରେ ମିଶିଯିବ।

ଦିନକୁ ଦିନ ଅବଲୁପ୍ତ ହେବାରେ ଲାଗିଛି ମଣିଷର ଅନ୍ତର୍ନିହିତ ମଣିଷତ୍ୱ। ମଣିଷତ୍ୱର ଉନ୍ମେଷ ପାଇଁ ଗୋଟିଏ ମୁହୂର୍ତ୍ତ ବ୍ୟୟ କରିବାକୁ ସମୟ ନାହିଁ କାହା ପାଖରେ। ଜୀବ ମଧ୍ୟରେ ଶ୍ରେଷ୍ଠ, ବୁଦ୍ଧିମତ୍ତାରେ ଉଚ୍ଚତମ, ସଫଳତାରେ ଶୂନ୍ୟଜୟୀ, ସେହି ମଣିଷ ଆଜି ନିଜର ବିଚାରଧାରା, ଆତ୍ମଚିନ୍ତନକୁ ପ୍ରାୟ ମଣିଷ ସତକର୍ମରେ ବ୍ୟବହାର କରିପାରୁ ନାହିଁ। ଯେପର୍ଯ୍ୟନ୍ତ ମଣିଷ ନିଜକୁ ନିଜର ଭୌତିକ ଲାଳସାଠାରୁ ମୁକ୍ତ କରିପାରିନି, ସେପର୍ଯ୍ୟନ୍ତ ସିଏ କେମିତି ବା ମାୟାବନ୍ଧନରୁ ମୁକ୍ତ ହୋଇପାରିବ। ବରଂ ସେମିତି ମାୟା ବା ସ୍ୱାର୍ଥଜଡ଼ିତ ହୋଇ ଦୁଃଖଯାତନାରେ ଘାଣ୍ଟି ଗୋଳେଇ ହେଉଥିବ ସିନା ଅସଲ ମଣିଷତ୍ୱର ଆବିଷ୍କାର କରିପାରିବ ନାହିଁ।

**୨୪ ପ୍ରହରୀ ମଣ୍ଡପ, ନାୟକାଣୀଡିହି, ଭଦ୍ରକ**
**ମୋ: ୭୮୦୯୦୩୭୬୦୮**

## ଏଇ ଭାରତରେ

ପରୀକ୍ଷାରେ ପିଲାମାନଙ୍କର କମ୍‌ ନମ୍ବର ଦେଖିଲେ ପ୍ରାୟତଃ ଅଭିଭାବକ ଗାଳି କରନ୍ତି। ହେଲେ କମ୍‌ ମାର୍କ ରଖିଥିବା ପିଲାଙ୍କୁ ପ୍ରଶଂସା କିରବା ବିରଳ। ଏହା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ଆଲିଗଡର ଜଣେ ଶିକ୍ଷା ଅଧିକାରୀ ରାକେଶ ସିଂହଙ୍କ କ୍ଷେତ୍ରରେ। ସିବିଏସ୍‌ଇ ପରୀକ୍ଷାରେ ତାଙ୍କ ପୁଅ ମାତ୍ର ୬୦ ପ୍ରତିଶତ ମାର୍କ ରଖିଥିଲେ। ଏହା ଜାଣିବା ପରେ ସେ ଭାଙ୍ଗି ନ ପଡ଼ି ବରଂ ପୁଅର ପ୍ରଶଂସା କରିଛନ୍ତି। ସେ ପୁଅର ମାର୍କ ଲିଷ୍ଟ ସହ ଏକ ଲେଖା ପୋଷ୍ଟ କରି ପୁଅକୁ ପ୍ରଶଂସା ସହ ତା'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେ ଲେଖିଛନ୍ତି ନିଜେ ସରକାରୀ ଚାକିରି ପାଇବା ଦିନ ଯେତିକି ଖୁସି ହୋଇଥିଲେ ପୁଅର ରେଜଲ୍ଟ ଆସିବା ପରେ ସମାନଭାବରେ ଖୁସି ହୋଇ ପାରିଛନ୍ତି। ଏହା ସହିତ କହିଛନ୍ତି କି ଯେକୌଣସି ମୁହୂର୍ତ୍ତରେ ଜୀବନକୁ ଆରମ୍ଭ କରାଯାଇପାରେ। ତେଣୁ ପିଲାଙ୍କୁ ସବୁବେଳେ ଉତ୍ସାହିତ କରିବା ଦରକାର। ଅନ୍ୟ ଅଭିଭାବକମାନେ ମଧ୍ୟ ସେମାନଙ୍କ ପିଲାଙ୍କୁ ଏଭଳି ଉତ୍ସାହିତ କରିବା ଦରକାର ବୋଲି ସେ ତାଙ୍କ ପୋଷ୍ଟରେ ଜଣାଇଛନ୍ତି। କାରଣ ନିରାଶ ହେଲେ କୌଣସି ସମସ୍ୟାର ସମାଧାନ ହୋଇ ନ ଥାଏ। ବରଂ ଜୀବନକୁ ଯେକୌଣସି ମୁହୂର୍ତ୍ତରେ ପୁଣି ଥରେ ନୂଆ କରି ଆରମ୍ଭ କରିହେବ। ତାଙ୍କର ଏଭଳି ଏକ ହୃଦୟସ୍ପର୍ଶୀ ଲେଖାକୁ ନେଇ ସୋସିଆଲ ମିଡିଆରେ ଢେର୍‌ ଚର୍ଚ୍ଚା ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ମେ ୧୯୭୬

- ଦଳ ବିରୋଧୀ କାର୍ଯ୍ୟ ଓ ଶୃଙ୍ଖଳାଭଙ୍ଗ ଅଭିଯୋଗ ଯୋଗୁ ବିଧାୟକ ବାଙ୍କବିହାରୀ ଦାସ କଂଗ୍ରେସରୁ ବହିଷ୍କୃତ।
- ୬ଟି ରାଜ୍ୟର ୧୨ଟି ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣ ପରିକଳ୍ପନା ପାଇଁ ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣ କର୍ପୋରେଶନ ପକ୍ଷରୁ ୩ କୋଟି ୯୦ ଲକ୍ଷ ଟଙ୍କା ମଞ୍ଜୁର।

## ଚିରନ୍ତନୀ

ନ ଲଭି ସାନ୍ତ୍ୱନା କାହିଁ
ଭଗ୍ନପ୍ରାଣ ମାନବ ସନ୍ତାନ
କାଷ୍ଠ ପାଷାଣର ଦେହେ
କରଇ ସେ ଦେବତା ନିର୍ମାଣ।
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | 4 | | 3 | 2 |
| 3 | | | | | 9 | | | |
| 5 | | | 7 | | 3 | 9 | | |
| 1 | | | | | | 7 | | |
| | 8 | | | | | | 9 | 5 |
| 9 | | 6 | 5 | | | | | |
| 8 | | | 6 | 1 | | | | |
| | 1 | | | 4 | | | | |
| 2 | | 9 | | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 1 | 4 | 9 | 5 | 8 | 3 | 6 |
| 5 | 9 | 4 | 6 | 3 | 8 | 1 | 2 | 7 |
| 8 | 6 | 3 | 1 | 2 | 7 | 4 | 9 | 5 |
| 6 | 5 | 8 | 9 | 4 | 1 | 2 | 7 | 3 |
| 2 | 1 | 9 | 5 | 7 | 3 | 6 | 4 | 8 |
| 4 | 3 | 7 | 8 | 6 | 2 | 5 | 1 | 9 |
| 9 | 8 | 2 | 7 | 1 | 6 | 3 | 5 | 4 |
| 1 | 4 | 5 | 3 | 8 | 9 | 7 | 6 | 2 |
| 3 | 7 | 6 | 2 | 5 | 4 | 9 | 8 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାମରିକ ବାହିନୀକୁ ସୁଦୃଢ଼ କରାଯାଉ

ମହାଶୟ,

ଶତ୍ରୁ ଯେତେ ଛୋଟ ହେଲେ ମଧ୍ୟ ତା'ର କ୍ଷମତା ଦକ୍ଷତାକୁ ହୀନ ମଣିବା ଅନୁଚିତ। ଯେଉଁ ଦେଶର ସାମରିକ ବାହିନୀକୁ ଆଧୁନିକ ବିନାଶାତ୍ମକ ଅସ୍ତ୍ରଶସ୍ତ୍ରରେ ସଶକ୍ତ, ସୁଦୃଢ ଓ ସୁସଜ୍ଜିତ, ସେଇ ଦେଶ ସେତେ ସୁରକ୍ଷିତ। ନିଜ ଦେଶର ପ୍ରତିରକ୍ଷାକୁ ଆଧୁନିକ ବିନାଶକାରୀ ଘାତକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ କରି ରଖିବା ଓ ସାମରିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା କେତେ ଯେ ଜରୁରୀ ତାହା ଭାରତକୁ ସଚେତନ କରାଇଛି। ପହେଲଗାମ୍‌ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଆତଙ୍କବାଦ ବିଲୋପ ଅଭିଯାନ ସମ୍ପୂର୍ଣ୍ଣ କରାଯିବା ଦରକାର। ବିଶ୍ୱର କେଉଁ ଦେଶ ଭାରତକୁ ସମର୍ଥନ କରି ବନ୍ଧୁତ୍ୱର ଦେଶ ରୂପେ ପରିଚୟ ଦେଇଛି ତା'ର ପ୍ରକୃତ ସମୀକ୍ଷା କରିବାର ସୁଯୋଗ ମିଳିଛି। ପାକିସ୍ତାନର ଆତଙ୍କବାଦକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମର୍ଥନ କରୁଥିବା ଦେଶମାନଙ୍କ ସହ କୂଟନୈତିକ ସମ୍ପର୍କ ଛିନ୍ନ ଏବଂ ବାଣିଜ୍ୟ କାରବାରକୁ ବନ୍ଦ କରିବା ଉପରେ ଭାରତ ପଦକ୍ଷେପ ନେବା ଆବଶ୍ୟକ।

**-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନାକୁ ବିରୋଧ

- ଗୋଚର ଜମିରେ ନିର୍ମାଣ କରାଯାଉଥିବା ଅଭିଯୋଗ
- ହାଇକୋର୍ଟରେ ଜନସ୍ୱାର୍ଥ ମାମଲା
- ପ୍ରଶାସନ ନ ଶୁଣିଲେ ଦୁର୍ବାର ଆନ୍ଦୋଳନ ଚେତାବନୀ


ଖବରଦାତା ସମ୍ମିଳନିରେ ଉପସ୍ଥିତ ଦଉପୁର ଗ୍ରାମବାସୀ ।

**ଦଶରଥପୁର/ଝୁମ୍ପୁରୀ, ୧୮।୫(ସୁଶାନ୍ତ କୁମାର ବେହୁରିଆ/ସରୋଜ ନାୟକ):**

ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଦଉପୁର ଗ୍ରାମରେ ପ୍ରଭୁ ଜଗନ୍ନାଥଙ୍କ ପରମ ଭକ୍ତ ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନାକୁ ନେଇ ବିବାଦ ଦେଖାଦେଇଛି । ବନ୍ଧୁ ମହାନ୍ତି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତିମୂର୍ତ୍ତି ସ୍ଥାପନା ସହ ସେଠାରେ ଏକ ପର୍ଯ୍ୟଟନ ପୀଠ ନିର୍ମାଣ ନିମନ୍ତେ ସ୍ଥାନ ସ୍ଥିରୀକୃତକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଏହା ଗୋଚର ଜମିରେ ନିର୍ମାଣ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି । ଏ ସମ୍ପର୍କରେ ରବିବାର ଗ୍ରାମବାସୀଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି । ସ୍ଥାନ ପରିବର୍ତ୍ତନ ନ ହେଲେ କ୍ରିୟାନୁଷ୍ଠାନ କମିଟି ଓ ପ୍ରଶାସନର ବେଆଇନ କାର୍ଯ୍ୟ ବିରୋଧରେ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ଏହି ସମ୍ମିଳନୀରେ ଚେତାବନୀ ଦିଆଯାଇଛି ।

ଝୁମ୍ପୁରୀ ବଜାର ନିକଟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ସମ୍ମିଳନୀରେ ଦଉପୁର ପଞ୍ଚାୟତ ଭାଜପା ସଭାପତି ଅଜୟ ରାଉତ, ସ୍ଥାନୀୟ ସମିତିସଭ୍ୟା ସୁକାନ୍ତି ସାହୁ, ଯୁବନେତା ସୁଶାନ୍ତ ସାହୁ, ରାଜକିଶୋର ନାୟକ, ଶ୍ରୀକାନ୍ତ ଜେନା ପ୍ରମୁଖ ଯୋଗଦେଇ କହିଛନ୍ତି, ଦଉପୁରଠାରେ ସଂସ୍କୃତି ବିଭାଗ ପକ୍ଷରୁ ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନା ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି । ମାତ୍ର ବନ୍ଧୁ ମହାନ୍ତି କ୍ରିୟାନୁଷ୍ଠାନ କମିଟି ଓ ବ୍ଲକ୍ ପ୍ରଶାସନ ଚକ୍ରାନ୍ତ କରି ସ୍ଥିରୀକୃତ ଜାଗାରେ ପ୍ରକଳ୍ପ ନ କରି ଦଉପୁର ମୌଜାରେ ଥିବା ଗୋଚର ଜମିରେ ଏପ୍ରିଲ ୨୬ରେ ପ୍ରତିମୂର୍ତ୍ତି ସ୍ଥାପନ କରିଛନ୍ତି ।

କ୍ରିୟାନୁଷ୍ଠାନ କମିଟିର ମନମାନୀ ଓ ବ୍ଲକ୍ ପ୍ରଶାସନର ଏପରି କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରିବା ସହ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଏଥିସହ ଏହି କାର୍ଯ୍ୟ ବିରୋଧରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି । ଏହାପରେ ଗତ ୧୫ ତାରିଖରେ ଏଠାରେ ହେବାକୁ ଥିବା ପ୍ରକଳ୍ପ ଶିଳାନ୍ୟାସ ଉତ୍ସବକୁ ପ୍ରଶାସନ ପକ୍ଷରୁ ବାତିଲ କରାଯାଇଛି ।

ଗୋଚର ଜମି ଗ୍ରାମର ଗୋପାଳକଙ୍କ କାର୍ଯ୍ୟରେ ଆସିଥିବାବେଳେ ଛୋଟ ପିଲାମାନେ ଖେଳକୁଦ କରିଥାଆନ୍ତି । ଗ୍ରାମର ଏକାଧିକ ସାଂସ୍କୃତିକ କାର୍ଯ୍ୟକ୍ରମ ଏଠାରେ ଆୟୋଜନ କରାଯାଏ । ପ୍ରତିମୂର୍ତ୍ତି ସ୍ଥାପନା ଭଳି ସ୍ଥାୟୀ ପ୍ରକଳ୍ପ ହେଲେ ଗ୍ରାମବାସୀ ସବୁଦିନ ପାଇଁ ଏସବୁ ସବୁଧାରୁ ବଞ୍ଚିତ ହେବେ । ତେଣୁ କୌଣସି ପରିସ୍ଥିତିରେ ଗୋଚର ଜମି ଉପରେ ପ୍ରତିମୂର୍ତ୍ତି ସ୍ଥାପନା କାର୍ଯ୍ୟକୁ ଗ୍ରାମବାସୀ ପ୍ରଶ୍ରୟ ଦେବେନାହିଁ ସେମାନେ ସ୍ପଷ୍ଟ କରିଛନ୍ତି । ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରକ୍ଷାକର ନାୟକ, ଦୁଃଶାସନ ଦାସ, ସାଗର ଦାସ, ପ୍ରଦୀପ ମଲ୍ଲିକ, ବାବାଜୀ ଦାସ, ଧରଣୀଧର ଜେନା, ସୁରେନ୍ଦ୍ର ମଲ୍ଲିକ, ଶାନ୍ତନୁ ଜେନା, ନୀଳମାଧବ ଦାସ, ହରେକୃଷ୍ଣ ସାହୁ, ଚୈତନ୍ୟ ସାହୁ, ମନୋଜ ନାୟକଙ୍କ ସମେତ ବହୁସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ ।

ଏ ସମ୍ପର୍କରେ ଦଉପୁର ସରପଞ୍ଚ ତଥା ବନ୍ଧୁ ମହାନ୍ତି ପ୍ରକଳ୍ପ କ୍ରିୟାନୁଷ୍ଠାନ କମିଟି ସଦସ୍ୟା ଶୁଚିସ୍ମିତା ମହାନ୍ତି କହିଛନ୍ତି, ବନ୍ଧୁ ମହାନ୍ତି ପ୍ରକଳ୍ପ ନିର୍ମାଣ ନିମନ୍ତେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଯାଜପୁର ଜିଲାପାଳଙ୍କୁ ଜମି ଯୋଗାଇ ଦେବା ନିମନ୍ତେ ଚିଠି ହୋଇଥିଲା । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଦଶରଥପୁର ତହସିଲ ପକ୍ଷରୁ ତଦନ୍ତ କରାଯାଇ ମୋଟ ୧୯ ଏକର ଗୋଚର ଜମି ମଧ୍ୟରୁ ୪.୭ ଏକର ଜମି ଚିହ୍ନଟ କରି ସଂସ୍କୃତି ବିଭାଗକୁ ପ୍ରକଳ୍ପ ନିର୍ମାଣ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା । ପ୍ରତିମୂର୍ତ୍ତି ନିର୍ମାଣ ନିମନ୍ତେ ପ୍ରାଥମିକ ପର୍ଯ୍ୟାୟରେ ୨୫ ଲକ୍ଷ ଟଙ୍କା ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଛି । ଏଥିରେ କୌଣସି ବେଆଇନ କାର୍ଯ୍ୟ ହୋଇନାହିଁ ବୋଲି ମହାନ୍ତି ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ବନ୍ଧୁ ମହାନ୍ତିଙ୍କ ଜନ୍ମସ୍ଥଳ ଦଶରଥପୁର ବ୍ଲକ୍ ଦଉପୁର ଗ୍ରାମରେ କଥାକଥିତଭାବେ ହୋଇଥିବାରୁ ସେଠାରେ ସ୍ମାରକୀପୀଠ ପ୍ରତିଷ୍ଠା କରିବା ନିମନ୍ତେ ସଂସ୍କୃତି ବିଭାଗ ପକ୍ଷରୁ ପ୍ରାୟ ୫୦ କୋଟିରୁ ଊର୍ଦ୍ଧ୍ୱ ଆର୍ଥିକ ଅନୁଦାନ ଯୋଗାଇ ଦେବାକୁ ସ୍ଥିର କରାଯାଇଛି । ବନ୍ଧୁ ମହାନ୍ତିଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନା ସହ, ପାନ୍ଥଶାଳା, ପାର୍କ, ଗ୍ରନ୍ଥାଗାର ଏବଂ ଏକ ଜଗନ୍ନାଥଙ୍କ ମନ୍ଦିର ସେଠାରେ ନିର୍ମାଣ କରାଯିବା ନେଇ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ରହିଛି ।

# ଭାଜପାରେ ଯୋଗଦେଲେ ବିଜେଡି କର୍ମୀ

**ଯାଜପୁରରୋଡ୍, ୧୮।୫ (ପବିତ୍ର ରଞ୍ଜନ ମହାନ୍ତି):**

କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ବ୍ୟାସନଗର ସ୍ଥିତ ବାସଭବନରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୌରପୁର ପଞ୍ଚାୟତର ବହୁ ବିଜେଡି କର୍ମୀ ଦଳ ଛାଡି ବିଧାୟକ ଦାସନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗଦେଇଛନ୍ତି । ଆଗାମୀ ଦିନରେ ବିଧାୟକ ଯେଉଁ ଦାୟିତ୍ୱ ଦେବେ ତାକୁ ନିଷ୍ଠାର ସହିତ ପାଳନ କରିବେ ବୋଲି କହିଛନ୍ତି । ଗୌରପୁର ପଞ୍ଚାୟତ ତୁଳସୀପୁର ଗ୍ରାମର ବିଜେଡି କର୍ମୀ ଗଣେଶ୍ୱର ବାରିକ, କାର୍ତ୍ତିକ ପରିଡ଼ା, ନାରାୟଣ ବାରିକ, ଇଚ୍ଛାପୁର ଗ୍ରାମର ଅଚ୍ୟୁତାନନ୍ଦ ଦାସ, ଗୌରପୁର ଗ୍ରାମର ସଞ୍ଜୟ ଜେନା, ସାଧୁ ଚରଣ ଓଝା, ଅନନ୍ତ ଚରଣ ସାହୁ, ପଦ୍ମନାଭ ସାହୁ, ପ୍ରଫୁଲ୍ଲ ପାତ୍ର, ଭାଗିରଥି ସାହୁ, ସୁଶାନ୍ତ ସାହୁ, ହରିଶ୍ଚନ୍ଦ୍ର ସାହୁ, ବିନୋଦ ଚନ୍ଦ୍ର ସାହୁ, ଅଜୟ ସାହୁ, କାର୍ତ୍ତିକ ଚନ୍ଦ୍ର ଜେନା, ବଳରାମ ସେଠୀ, ବିଷ୍ଣୁ ଚରଣ ରାଉତ, ବିଶ୍ୱନାଥ ଜେନା, ଗୁନ ଜେନା, ହରିହର ଜେନା, ବିମ୍ବା ଜେନା, ସାଧୁ ଜେନା, କୈଳାସ ଜେନା, ଚନ୍ଦ୍ରମଣି ଜେନା ପ୍ରମୁଖ କର୍ମୀ ଭାଜପାରେ ଯୋଗଦେଇଛନ୍ତି । କାର୍ଯ୍ୟକ୍ରମରେ ଗୌରପୁର ଭାଜପାର ଶକ୍ତିକେନ୍ଦ୍ର ପ୍ରମୁଖ ଜନ୍ମେଜୟ ସାହୁ, ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା ସଂପାଦିକା ଇତିଶ୍ରୀ ଜେନା, ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାଶ, ଗୌରପୁର ପଞ୍ଚାୟତର ଭାଜପା କର୍ମୀ ପ୍ରଫୁଲ୍ଲ ଜେନା, ସରୋଜ ନାୟକ, ଭରତ ସାହୁ, ନାରାୟଣ କର, ଜଳଧର ସାହୁ, ବିଜୟ ସାହୁ, ନାଏବ ସରପଞ୍ଚ ନକୁଳ ପଣ୍ଡା, ଅମୁଲ୍ୟ ପରିଡା, ପ୍ରଦୀପ ସାହୁ, ପ୍ରତାପ ସାହୁ, ତାପସ ଜେନା, ଦନେଇ ଖଟୁଆ ଓ ଅଭିମନ୍ୟୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।


ଭାଜପାରେ ଯୋଗଦେଇଥିବା କର୍ମୀଙ୍କୁ ବିଧାୟକ ଆକାଶ ଦାସନାୟକ ସ୍ୱାଗତ କରୁଛନ୍ତି ।

# ଚୋରି ବାଇକ୍ ଜବତ, ଯୁବକ ଗିରଫ

**ଧର୍ମଶାଳା, ୧୮।୫(ବଟକୃଷ୍ଣ ପରିଡ଼ା):**

ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ନିକଟରୁ ଚୋରି ହୋଇଥିବା ଏକ ବାଇକ୍‌କୁ ପୋଲିସ ଜବତ କରିଛି । ଏଥିସହିତ ବାଇକ୍ ଚୋରି କରିଥିବା ଯୁବକଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ସୋରେଇ ଗ୍ରାମର ପ୍ରକାଶ କୁମାର ସାହୁ(୩୮) । ଓଡି୦୨ଏଚ୍‌୪୬୦୨ ନମ୍ବର ବାଇକ୍‌ଟି ଶନିବାର ସକାଳେ କବାଟବନ୍ଧ ବଜାରରୁ ଚୋରି ହୋଇଯାଇଥିଲା । ଏନେଇ ବାଇକ୍ ମାଲିକ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ.୧୮୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ବୋଲି ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି ।

**TPWODL**

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**TN.TPWODL/MK/O/SER/2500000959 Date. 19.05.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Rate Contract for Meter Installation and Associated Services for 2 years.**

Interested bidders are to submit Tender Participation Fee and Authorization Letter through email on or before **28th May 2025, 18:00Hrs,** after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd/- Head-Contracts & Procurement**

**OFFICE OF THE MUNICIPAL COUNCIL, KHORDHA**
H & UD Department, Govt. of Odisha, Khordha - 752055
e-Mail: khurda_municipality@yahoo.co.in, Phone No.: 06755-220674
No. 1623 Date: 16.05.25

**QUOTATION CALL NOTICE**

No. C-347: Sealed quotations are invited in Double Cover (Form A: Technical Bid, Form B: Financial Bid) from reputed registered Transport Agency/Goods Carrier Business Holders/Private Agency & Individual for **"Providing 10 Nos. Light Commercial Vehicle (LCV) including Driver for Collection of Dry Waste & Wet Waste separately in special Bins from Door to Door of 22 Nos. Ward of Khordha Municipality"** for the Sanitation work i.e. lifting of garbages in separately method i.e. dry & wet wastage in special bins on monthly rent basis. All quotation should be accompanied with PAN and GST Registration Certificate etc. Tender paper can be obtained from Cashier section of Khordha Municipality in payment of Rs.2000.00 (Rupees two thousand only) (Non-refundable). Bidder should be submitted EMD of Rs.5000/- (Rupees five thousand only) (Refundable) in shape of BD/BC in favour of Executive Officer, Khordha Municipality payable at Khordha. The application form of quotation/tender containing general bid information and other terms & condition will be available in **www.khordha.nic.in** (District Portal) and **www.khordhamunicipality.in** (Office Portal). The quotationer should quote their rate of the price both in figure and words. All quotations will be recieved in specific quotation box kept in the Office of the undersigned from Date: 19.05.25 at 10.30 A.M. upto Date: 06.06.25 at 10.30 A.M. except Sunday & Holidays and will be opened on Date: 10.06.25 at 11.00 A.M. in presence of quotationer or their authorized representatives in the Chamber of Executive Officer, Khordha Municipality. No conditional or incomplete quotation will be accepted. The financial bid will be opened only technical bid qualifier evaluated by Tender Committee.
Supply order will be given to the successful quotationer with an agreement of undersigned.
The authority shall have the right to accept or reject all the quotations without assigning any reason thereof.

**Sd./- Executive Officer, Khordha Municipality**
**OIPR-13082/11/0017/2526**

**DISTRICT PROJECT OFFICE**
**SAMAGRA SHIKSHA, SUNDARGARH, ODISHA**
In front of B.S. High School, At/P.O./Dist.: Sundargarh, PIN - 770001
E-mail: dpcsndgssa.opepa@nic.in, Phone: 06622273718
No. 1543/Pdg. Date: 17.05.2025

**TENDER CALL NOTICE FOR SUPPLY OF TEACHING LEARNING MATERIALS (TLM)**

Sealed tender under two bid systems are invited from reputed agency/suppliers/manufacturer having valid PAN, GST & IT Clearance along with registration of firm etc. for supply of Teaching Learning Materials. The TLM **consist of Slate, Pencil Box, Chalk, Pencil, Eraser, Sharpener & Crayons for Shishu Vatika and Pencil Box, Ruler, Pencil, Eraser, Sharpener and Crayons for Grade I, II & III**. The tender paper (bid documents) containing detailed specification with terms & conditions, application for technical and financial bid can be downloaded from district website i.e. **www.sundergarh.nic.in** and OSEPA website i.e. **www.osepa.odisha.gov.in**. The bidders are required to submit Demand Draft of Rs.2000/- (Rupees two thousand) only drawn in favour of District Project Coordinator, SS, Sundargarh payable at Sundargarh towards cost of tender documents which is non refundable. **The last date and time for receiving of tender paper is 30th May 2025 by 05.00 P.M. and will be opened on 31.05.2025 at 10.00 A.M. in the Office of the Collector, Sundargarh** in the presence of bidders or their authorized representative. Corrigendum/addendum if required will be uploaded in the above website. Hence, the potential bidders are requested go through the above website for any updates. The authority reserves all the rights to reject/modify or cancel part or whole tender without assigning any reason thereof.

By Order of
Collector-cum-Chairperson, SS, Sundargarh,
**Sd./- DEO & DPC, SS, Sundargarh**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 11/ET/SBP/ ENGG/2025-26, ତା.13.05.2025ରିଖ

(1) ଇ-ଟେଣ୍ଡର ସଂ. 18-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ଝାରସୁଗୁଡ଼ା ରୋଡ୍-ସରଳା-ସମ୍ବଲପୁର ସିଟି-ଯୁଯୁମୁରା (IN), ସମ୍ବଲପୁର (EX)-ସମ୍ବଲପୁର ସିଟି ଏବଂ ସରଳା-ସମ୍ବଲପୁର (EX) ସେକ୍ସନରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹1,95,34,527.39, ବିଡ୍ ସିକ୍ୟୁରିଟି : ₹2,47,700/-

(2) ଇ-ଟେଣ୍ଡର ସଂ. 19-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ଯୁଯୁମୁରା (EX) ଏବଂ କେରେଜାଙ୍ଗ (EX) ସେକ୍ସନ ମଧ୍ୟରେ 30.06.2026 ରେ ଶେଷ ହେଉଥିବା ଅବଧି ପାଇଁ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹1,61,93,144.34, ବିଡ୍ ସିକ୍ୟୁରିଟି : ₹2,31,000/-

(3) ଇ-ଟେଣ୍ଡର ସଂ. 20-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ଝାରସୁଗୁଡ଼ା ରୋଡ୍-ସରଳା-ସମ୍ବଲପୁର ସିଟି-ଯୁଯୁମୁରା (IN), ସମ୍ବଲପୁର (EX)-ସମ୍ବଲପୁର ସିଟି ଏବଂ ସରଳା-ସମ୍ବଲପୁର (EX) ସେକ୍ସନରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ଜୋନାଲ (Zonal) କାର୍ଯ୍ୟ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ)ଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹76,06,314.56, ବିଡ୍ ସିକ୍ୟୁରିଟି : ₹1,52,200/-

(4) ଇ-ଟେଣ୍ଡର ସଂ. 21-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ଯୁଯୁମୁରା (EX) ଏବଂ କେରେଜାଙ୍ଗ (EX) ସେକ୍ସନ ମଧ୍ୟରେ 30.06.2026 ରେ ଶେଷ ହେଉଥିବା ଅବଧି ପାଇଁ ଜୋନାଲ (Zonal) କାର୍ଯ୍ୟ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ) ଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹91,56,658.42, ବିଡ୍ ସିକ୍ୟୁରିଟି : ₹1,83,200/-

କାର୍ଯ୍ୟ ଶେଷ ହେବା ଅବଧି : 30.06.2026 (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 05.06.2025, 1500 ଘଣ୍ଟିକା (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି । ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-136/Q/25-26

**TATA**
**TATA STEEL LIMITED**
**Registered Office:** Bombay House, 24, Homi Mody Street, Fort, Mumbai 400 001, India
**Corporate Identification Number:** L27100MH1907PLC000260
**Tel No:** +91 22 6665 8282 **E-mail:** cosec@tatasteel.com **Website:** www.tatasteel.com

**ବିଜ୍ଞପ୍ତି**

**ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି (IEPF) କର୍ତ୍ତୃପକ୍ଷଙ୍କ ସପକ୍ଷରେ ଟାଟା ଷ୍ଟିଲ୍ ଲିମିଟେଡର ଇକ୍ୱିଟି ଅଂଶ ହସ୍ତାନ୍ତର (ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡର ଟାଟା ଷ୍ଟିଲ୍ ଲିମିଟେଡରେ ଏବଂ ସହିତ ସମ୍ମିଶ୍ରଣ ହେତୁ ଉତ୍ପନ୍ନ ହୋଇଛି) ।**

ଏହି ବିଜ୍ଞପ୍ତି କମ୍ପାନୀ ଆଇନ, ୨୦୧୩ ର ପ୍ରଯୁଜ୍ୟ ବ୍ୟବସ୍ଥା ଅନୁଯାୟୀ ପ୍ରକାଶିତ ହୋଇଛି, ଯାହା ସଂଶୋଧିତ, ('ଆଇନ') ଏବଂ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ପ୍ରାଧିକରଣ (ଆକାଉଣ୍ଟିଂ, ଅଡିଟ, ସ୍ଥାନାନ୍ତର ଏବଂ ଫେରସ୍ତ) ନିୟମ, ୨୦୧୬ ସହିତ ସଂଶୋଧିତ ('ନିୟମ') ଭାବରେ ପଢ଼ାଯାଇଛି । ଏହି ଆଇନ ଏବଂ ନିୟମଗୁଡ଼ିକ ସହିତ, ଦାବି ନକରିଥିବା ଲାଭାଂଶ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠିକୁ ସ୍ଥାନାନ୍ତର ଏବଂ ଅଂଶ, ଉଭୟ ଭୌତିକ ରୂପରେ ଏବଂ ଇଲେକ୍ଟ୍ରୋନିକ୍ ରୂପରେ ଧାରଣ କରାଯାଇଥିବା, ଯାହାର ଲାଭାଂଶ ଅଂଶୀଦାର (ମାନଙ୍କ) ଦ୍ୱାରା ଲଗାତାର ସାତ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ଦାବି କରାଯାଇ ନାହିଁ, ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା ରହିଛି ।

ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ('TSLP') ଏବଂ ଟାଟା ଷ୍ଟିଲ୍ ଲିମିଟେଡ୍ ('କମ୍ପାନୀ') ଏବଂ ସେମାନଙ୍କର ସମ୍ପୃକ୍ତ ଅଂଶୀଦାରମାନଙ୍କ ମଧ୍ୟରେ ଅନୁମୋଦିତ ସମ୍ମିଶ୍ରଣ ଯୋଜନା ଅନୁଯାୟୀ, ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ ନଭେମ୍ବର ୧୫, ୨୦୨୩ ('ସମ୍ମିଶ୍ରଣ') ଠାରୁ କମ୍ପାନୀରେ ଏବଂ ସହିତ ସମ୍ମିଶ୍ରଣ ହୋଇଛି । ଫଳସ୍ୱରୂପ, ୧୭ ନଭେମ୍ବର, ୨୦୨୩ ର ରେକର୍ଡ ତାରିଖ ଅନୁଯାୟୀ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡର ସମସ୍ତ ସାର୍ବଜନୀନ ଅଂଶୀଦାରମାନଙ୍କୁ ୬୭:୧୦ ର ଅଂଶୀଦାର ବିନିମୟ ଅନୁପାତରେ ପ୍ରତ୍ୟେକ ୧/- ଟଙ୍କା ମୂଲ୍ୟର କମ୍ପାନୀର ଇକ୍ୱିଟି ଅଂଶ ଆବଣ୍ଟିତ କରାଯାଇଛି ।

ନିୟମ ସହିତ ପଠିତ ଆଇନ୍ ର ପାଳନ କରି, କମ୍ପାନୀ ସମ୍ପୃକ୍ତ ଅଂଶୀଦାର(ମାନଙ୍କୁ) (ଯେଉଁମାନେ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ରେ ଅଂଶୀଦାର ଥିଲେ ଏବଂ ସମ୍ମିଶ୍ରଣ ପରେ କମ୍ପାନୀର ଅଂଶୀଦାର ହୋଇଥିଲେ)ଙ୍କୁ ସେମାନଙ୍କର ପଞ୍ଜିକୃତ ଡାକ ଠିକଣାରେ ବ୍ୟକ୍ତିଗତ ଯୋଗାଯୋଗ ପଠାଇଛି, ସେମାନଙ୍କୁ ସେମାନଙ୍କର ଅତୀତରେ ଦାବି ନ କରାଯାଇଥିବା ଲାଭାଂଶ ଦାବି କରିବାକୁ ଅନୁରୋଧ କରିଛି । ଏହି ଯୋଗାଯୋଗ ସେହି ଅଂଶୀଦାରମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନଙ୍କର ପୂର୍ବ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ (୨୦୨୪ ଆର୍ଥିକ ବର୍ଷ ମଧ୍ୟରେ କମ୍ପାନୀରେ ଏବଂ ସହିତ ସମ୍ମିଶ୍ରଣ) ୨୦୧୭-୧୮ ଆର୍ଥିକ ବର୍ଷ ରୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଏବଂ ୨୦୨୩-୨୦୨୪ ଆର୍ଥିକ ବର୍ଷ ପାଇଁ କମ୍ପାନୀରୁ ଅତୀତର ଲାଭାଂଶ ଦାବି କରାଯାଇ ନାହିଁ ଏବଂ ଫଳସ୍ୱରୂପ ଯେଉଁମାନଙ୍କର କମ୍ପାନୀରେ ଥିବା ଅଂଶ (ସମ୍ମିଶ୍ରଣ ଅନୁଯାୟୀ ଆବଣ୍ଟିତ) ନିୟମ ସହିତ ପଠିତ ପ୍ରକ୍ରିୟା ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (MCA) ଦ୍ୱାରା ସମୟ ସମୟରେ ଜାରି କରାଯାଇଥିବା ପ୍ରଯୁଜ୍ୟ ବିଜ୍ଞପ୍ତି ଅନୁଯାୟୀ ଅଗଷ୍ଟ ୨୧, ୨୦୨୫ ରେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସ୍ଥାନାନ୍ତରିତ ହେବାକୁ ବାଧ୍ୟ । ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡର ଯୋଗ୍ୟ ଅଂଶୀଦାର(ମାନଙ୍କୁ) ଅଗଷ୍ଟ ୨୦, ୨୦୨୫ ସୁଦ୍ଧା କମ୍ପାନୀ ଠାରୁ ଏପରି ଦାବି କରାଯାଇନଥିବା ଲାଭାଂଶ(ଗୁଡ଼ିକୁ) ଦାବି କରିବାକୁ ପରାମର୍ଶ ଦିଆଯାଇଛି ।

କମ୍ପାନୀ ୨୦୨୫-୨୬ ଆର୍ଥିକ ବର୍ଷରେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କୁ ସ୍ଥାନାନ୍ତର ପାଇଁ ଦାୟୀ ଯୋଗ୍ୟ ଅଂଶୀଦାର (ମାନଙ୍କ)ଙ୍କ ପ୍ରାସଙ୍ଗିକ ବିବରଣୀ ଏହାର ୱେବସାଇଟ୍ www.tatasteel.com ରେ ଉପଲବ୍ଧ କରିଛି । ଅଂଶୀଦାରମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ସେମାନଙ୍କର ଦାବି ନକରିଥିବା ଲାଭାଂଶ(ଗୁଡ଼ିକ) ଏବଂ ସେମାନଙ୍କର ଅଂଶର ବିବରଣୀ ଯାଞ୍ଚ କରିବା ପାଇଁ https://www.tatasteel.com/investors/investor-information/unclaimed-dividend/ ଦେଖନ୍ତୁ ।

**ଅଂଶୀଦାରମାନଙ୍କୁ ଅନୁରୋଧ କରାଯାଉଛି ଯେ ଯଦି ୨୦ ଅଗଷ୍ଟ, ୨୦୨୫ ସୁଦ୍ଧା ଦାବି କରାଯାଇନଥିବା ଲାଭାଂଶ ଦାବି କରାଯାଏ ନାହିଁ, ତେବେ ୨୦୧୭-୧୮ ଆର୍ଥିକ ବର୍ଷ (୨୦୧୮-୧୯ ଆର୍ଥିକ ବର୍ଷରେ ପରିଶୋଧ କରାଯାଇଥିବା) ପାଇଁ ପୂର୍ବ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡର ଦାବି କରାଯାଇନଥିବା ଲାଭାଂଶ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କୁ ସ୍ଥାନାନ୍ତରିତ ହେବ । ଏହା ବ୍ୟତୀତ, ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡରେ ଯୋଗ୍ୟ ଅଂଶୀଦାରମାନଙ୍କ ଦ୍ୱାରା ଧାରଣ କରାଯାଇଥିବା ଇକ୍ୱିଟି ଅଂଶ (ଯାହା କମ୍ପାନୀରେ ଏବଂ ସହିତ ସମ୍ମିଶ୍ରଣ ହୋଇଥିଲା) ବିରୁଦ୍ଧରେ ମିଶ୍ରଣ ଫଳରେ ଅଂଶୀଦାର ମାନଙ୍କୁ ଆବଣ୍ଟିତ କମ୍ପାନୀର ଇକ୍ୱିଟି ଅଂଶ, ଯାହା ସମ୍ପର୍କରେ ଲଗାତାର ୭ ବର୍ଷ ପାଇଁ ଦାବି କରାଯାଇ ନାହିଁ, ଅଂଶୀଦାର ମାନଙ୍କୁ ନିମ୍ନଲିଖିତ ଉପାୟରେ କୌଣସି ସୂଚନା ବିନା ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସ୍ଥାନାନ୍ତରିତ ହେବ:**

ଯଦି ଇକ୍ୱିଟି ଅଂଶ ଧାରଣ କରାଯାଏ:
- **ଭୌତିକ ରୂପରେ** – ଆବଶ୍ୟକୀୟ ଔପଚାରିକତା ସମାପ୍ତ ହେବା ପରେ ନୂତନ ଅଂଶୀଦାର ପ୍ରମାଣପତ୍ର (ଗୁଡ଼ିକ) ଜାରି କରାଯିବ ଏବଂ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସ୍ଥାନାନ୍ତରିତ କରାଯିବ । ତେଣୁ, ଅଂଶୀଦାର(ମାନଙ୍କ) ନାମରେ ଜାରି କରାଯାଇଥିବା ମୂଳ ଅଂଶୀଦାର ପ୍ରମାଣପତ୍ର (ଗୁଡ଼ିକ) / ନିଶ୍ଚିତକରଣ ପତ୍ର (ଗୁଡ଼ିକ) ବାତିଲ ଏବଂ ଅବିଚାରଯୋଗ୍ୟ ବୋଲି ବିବେଚନା କରାଯିବ ।
- **ଡିମାଟେରିଆଲାଇଜଡ୍ ରୂପରେ** – କମ୍ପାନୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ଅଂଶୀଦାରମାନଙ୍କ ଡିମାଟ୍ ଆକାଉଣ୍ଟରେ ପଡ଼ିଥିବା ଇକ୍ୱିଟି ସେୟାର ସ୍ଥାନାନ୍ତର ପାଇଁ କର୍ପୋରେଟ୍ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଜମାକାରୀଙ୍କୁ ସୂଚିତ କରିବ ।

ସମ୍ପୃକ୍ତ ଅଂଶୀଦାରମାନଙ୍କୁ ଅନୁରୋଧ କରାଯାଇଛି ଯେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠିକୁ ସ୍ଥାନାନ୍ତରିତ ଏପରି ଇକ୍ୱିଟି ଅଂଶ ଉପରେ ସୃଷ୍ଟି ହେଉଥିବା ସମସ୍ତ ଭବିଷ୍ୟତ ଲାଭ ମଧ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ଜାରି/ସ୍ଥାନାନ୍ତରିତ କରାଯିବ ।

ଅଂଶୀଦାରମାନେ ଧ୍ୟାନ ଦେଇପାରିବେ ଯେ ଦାବି କରାଯାଇନଥିବା ଲାଭାଂଶ ଏବଂ/ଅଥବା ଇକ୍ୱିଟି ଅଂଶ(ଗୁଡ଼ିକ) ଉଭୟ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସ୍ଥାନାନ୍ତରିତ ହୋଇସାରିଛି, ଯାହା ପାଇଁ ଅଂଶୀଦାରମାନେ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ୱେବସାଇଟ୍ www.mca.gov.in କୁ ଯାଇ ଏବଂ ୱେବ୍ ଫର୍ମ IEPF 5 ଦାଖଲ କରିବା ଏବଂ ଅଧିକାର ପତ୍ର (EL) ପାଇବା ପାଇଁ ଆବଶ୍ୟକ ସମସ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ କମ୍ପାନୀକୁ ଦାଖଲ କରି ଦାବି କରିପାରିବେ । EL ଜାରି ହେବା ପରେ, ଆପଣଙ୍କୁ EL ସହିତ ଅନଲାଇନରେ ୱେବ୍ ଫର୍ମ IEPF 5 ଫାଇଲ୍ କରିବାକୁ ଅନୁରୋଧ କରାଯାଉଛି ଏବଂ ଏହାର ଭୌତିକ କପି, ଯଥାସମ୍ଭବ ସ୍ୱାକ୍ଷରିତ, ଟାଟା ଷ୍ଟିଲ୍ ଲିମିଟେଡ୍ ର ନୋଡାଲ୍ ଅଧିକାରୀ/ଡେପୁଟି ନୋଡାଲ୍ ଅଧିକାରୀଙ୍କ ଦୃଷ୍ଟିକୁ ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା (ବମ୍ବେ ହାଉସ୍, ୨୪, ହୋମି ମୋଦୀ ଷ୍ଟ୍ରିଟ୍, ଫୋର୍ଟ, ମୁମ୍ବାଇ ୪୦୦୦୦୧/Bombay House, 24, Homi Mody Street, Fort, Mumbai 400001) ରେ ପଠାଇବାକୁ ଅନୁରୋଧ କରାଯାଉଛି, ଯଦି କମ୍ପାନୀ/ରେଜିଷ୍ଟ୍ରାର ଏବଂ ସ୍ଥାନାନ୍ତର ଏଜେଣ୍ଟ କୁ ପୂର୍ବରୁ ପଠାଯାଇ ନାହିଁ, ତେବେ IEPF-5 ୱେବ୍ ଫର୍ମରେ ତାଲିକାଭୁକ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହିତ ।

ଅଂଶୀଦାରମାନେ ଆହୁରି ମଧ୍ୟ ଧ୍ୟାନ ଦେଇପାରିବେ ଯେ କମ୍ପାନୀ ଦ୍ୱାରା ଏହାର ୱେବସାଇଟ୍ ରେ ଅପଲୋଡ୍ କରାଯାଇଥିବା ସମ୍ପୃକ୍ତ ଅଂଶୀଦାରଙ୍କ ଦାବି କରାଯାଇନଥିବା ଲାଭାଂଶ ଏବଂ/କିମ୍ବା ଅଂଶର ବିବରଣୀକୁ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ସମୟ ସମୟରେ ଜାରି କରାଯାଇଥିବା ନିୟମ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ବିଜ୍ଞପ୍ତି ସହିତ ପଠିତ ଆଇନ ଅନୁଯାୟୀ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ଅଂଶ ସ୍ଥାନାନ୍ତର ଉଦ୍ଦେଶ୍ୟରେ କମ୍ପାନୀ ଦ୍ୱାରା ନୂତନ ଅଂଶୀଦାର ପ୍ରମାଣପତ୍ର ଜାରି କରିବା ସମ୍ପର୍କରେ ପର୍ଯ୍ୟାପ୍ତ ସୂଚନା ଭାବରେ ବିବେଚନା କରାଯିବ ।

**ଦୟାକରି ଧ୍ୟାନ ଦିଅନ୍ତୁ ଯେ ଆଇନଗତ ସମୟସୀମା ମଧ୍ୟରେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠିକୁ ସ୍ଥାନାନ୍ତରିତ ହେବାକୁ ଥିବା ଦାବି କରାଯାଇନଥିବା ଲାଭାଂଶ ଏବଂ ଇକ୍ୱିଟି ସେୟାର ସମ୍ପର୍କରେ କମ୍ପାନୀ ବିରୁଦ୍ଧରେ କୌଣସି ଦାବି କରାଯିବ ନାହିଁ ।**

ଉପରୋକ୍ତ ବିଷୟରେ ଯେକୌଣସି ପ୍ରଶ୍ନ ପାଇଁ, କମ୍ପାନୀର ଅଂଶୀଦାର ମାନଙ୍କୁ ନିମ୍ନଲିଖିତ ମଧ୍ୟରୁ ଯେକୌଣସି ଗୋଟିଏ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି:

| କମ୍ପାନୀର ଯୋଗାଯୋଗ ବିବରଣୀ | ରେଜିଷ୍ଟ୍ରାର ଏବଂ ସ୍ଥାନାନ୍ତର ଏଜେଣ୍ଟ (RTA) |
|---|---|
| ଶ୍ରୀ ପାର୍ବଥୀସମ୍ କାଞ୍ଚିନାଧାମ୍<br>କମ୍ପାନୀ ସଚୀବ ଏବଂ ମୁଖ୍ୟ ଆଇନ୍ ଅଧିକାରୀ (ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ଉଦ୍ଦେଶ୍ୟରେ ନୋଡାଲ୍ ଅଧିକାରୀ)<br>ବମ୍ବେ ହାଉସ୍, ୨୪, ହୋମି ମୋଦୀ ଷ୍ଟ୍ରିଟ୍, ଫୋର୍ଟ, ମୁମ୍ବାଇ ୪୦୦୦୦୧<br>ଟେଲିଫୋନ୍ ନଂ: +୯୧ ୨୨ ୬୬୬୫୭୨୭୯<br>ଇ-ମେଲ୍: cosec@tatasteel.com | ଏମ୍.ୟୁ.ଏଫ୍.ଜି ଇନଟାଇମ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍<br>(ପୂର୍ବରୁ ଲିଙ୍କ୍ ଇନଟାଇମ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍)<br>ସି-୧୦୧, ପ୍ରଥମ ମହଲା, ୨୪୭ ପାର୍କ,<br>ଲାଲ ବାହାଦୁର ଶାସ୍ତ୍ରୀ ମାର୍ଗ, ଭିକ୍ରୋଲି (ପଶ୍ଚିମ), ମୁମ୍ବାଇ ୪୦୦୦୮୩<br>ଟେଲିଫୋନ୍ ନଂ: +୯୧ ୮୧୦ ୮୧୧ ୮୪୮୪<br>ପ୍ରଶ୍ନ ପଚାରିବା ନିମନ୍ତେ, ଦୟାକରି ୱେବସାଇଟକୁ ଯାଆନ୍ତୁ:<br>www.in.mpms.mufg.com |

ଟାଟା ଷ୍ଟିଲ୍ ଲିମିଟେଡ୍
Sd/-
ଶ୍ରୀ ପାର୍ବଥୀସମ୍ କାଞ୍ଚିନାଧାମ୍
କମ୍ପାନୀ ସଚୀବ ଏବଂ ମୁଖ୍ୟ ଆଇନ୍ ଅଧିକାରୀ
ସଦସ୍ୟତା ନଂ ଏସିଏସ: ୧୫୯୨୧

ମଇ ୧୮, ୨୦୨୫
ମୁମ୍ବାଇ

TATA STEEL

# ମତ ଜୁଟାଇବା ପାଇଁ ଉଭୟ ପକ୍ଷ କରୁଛନ୍ତି ରଣନୀତି

## ଜଗତ୍‌ସିଂହପୁର ପୌର ପରିଷଦ: ୨୦ରେ ଅନାସ୍ଥା ଭୋଟ୍

ଜଗତ୍‌ସିଂହପୁର, ୧୮।୫
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ପୌର ପରିଷଦ ୧୪ ନଂ. ୱାର୍ଡର ଭାଜପା କାଉନ୍‌ସିଲର ତଥା ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଛି। ଆସନ୍ତା ୨୦ ତାରିଖରେ ଉପଜିଲାପାଳଙ୍କ ନିକଟରେ ଅନାସ୍ଥା ଉପରେ ଆଲୋଚନା ସହ ଭୋଟିଂ ହେବା ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ପରିଷଦର ମୋଟ ୨୧ ଜଣ କାଉନ୍‌ସିଲରଙ୍କ ମଧ୍ୟରୁ ୨/୩ ଅଂଶ ସଭ୍ୟଙ୍କ ଉପସ୍ଥିତି ଜରୁରୀ। ନଚେତ ଅନାସ୍ଥା ନାକଚ ହୋଇଯିବ ବୋଲି ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ସୂଚନା ଦେଇଛନ୍ତି। ଅନ୍ୟପଟେ ଉପାଧ୍ୟକ୍ଷ ବିଶୋଇ ନିଜ ରାଜନୈତିକ ଭବିଷ୍ୟତ ଓ ଦଳର ମର୍ଯ୍ୟାଦା ରକ୍ଷା ପାଇଁ ଆପ୍ରାଣ ଉଦ୍ୟମ ଆରମ୍ଭ କରି ଦେଇଛନ୍ତି। ତାଙ୍କୁ ପୂର୍ବପରି କଂଗ୍ରେସ କାଉନ୍‌ସିଲରମାନେ ସହଯୋଗ କରିବେ ବୋଲି ଶୁଣିବାକୁ ମିଳୁଛି। ଏପରି କି ତାଙ୍କ ସପକ୍ଷରେ ୧୦ ଜଣ କାଉନ୍‌ସିଲର ରହିବା ଯଥେଷ୍ଟ ସମ୍ଭାବନା ଥିବାରୁ ଅନାସ୍ଥା ପ୍ରସ୍ତାବ ଉପରେ ସେ ଆଦୌ ବିଚଳିତ ନୁହନ୍ତି ବୋଲି ବିଶୋଇ ଧରିତ୍ରୀକୁ ସ୍ୱତନ୍ତ୍ର ଭାବେ ସୂଚନା ଦେଇଛନ୍ତି। ଅପରପକ୍ଷେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା କାଉନ୍‌ସିଲରମାନେ ମଧ୍ୟ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇଁ ପୁରା ଦମ୍ ଲଗାଇ ଦେଇଛନ୍ତି। ସେମାନଙ୍କ ସପକ୍ଷରେ ୧୩ ଜଣ କାଉନସିଲର ଥିବାବେଳେ ଆଉ ଜଣଙ୍କ ଅଭାବ ଚିନ୍ତାର କାରଣ ହୋଇଛି। କୌଣସି ପରିସ୍ଥିତିରେ କଂଗ୍ରେସରୁ ଜଣେ କାଉନସିଲରଙ୍କୁ ହାତେଇ ପାରିଲେ ଲକ୍ଷ୍ୟ ପୂରଣ ହେବ ବୋଲି ଏହି ଗୋଷ୍ଠୀ ପକ୍ଷରୁ କୁହାଯାଇଛି। କଂଗ୍ରେସର ଜଣେ କାଉନ୍‌ସିଲର କୁଆଡେ ସମର୍ଥନ ଦେବା ପାଇଁ ନିର୍ଦ୍ଦିଷ୍ଟ ସର୍ତ୍ତ ରଖିଥିବା କୁହାଯାଉଥିଲେ ସୁଦ୍ଧା ବାସ୍ତବ ଚିତ୍ର ସ୍ପଷ୍ଟ ହୋଇପାରିନାହିଁ। ବଡ କଥା ହେଲା ଉପାଧ୍ୟକ୍ଷଙ୍କୁ ହଟାଇବା ପାଇଁ ଭାଜପାର ୨ ଗୋଷ୍ଠୀ ପରସ୍ପର ମୁହାଁମୁହିଁ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଉପାଧ୍ୟକ୍ଷଙ୍କୁ ହଟାଇବା ପାଇଁ ବିଜେଡି ସହ ଗୋଟିଏ ଗୋଷ୍ଠୀ ହାତ ମିଳାଇଥିବା ଆଲୋଚନା ଜୋର ଧରିଛି। ନିଜେ ଉପାଧ୍ୟକ୍ଷ କଂଗ୍ରେସ ପୌରାଧ୍ୟକ୍ଷାଙ୍କ ସମର୍ଥନରେ ଅର୍ଥାତ୍ ପୂର୍ବ ପରି କଂଗ୍ରେସ ସହ ଯୋଡିହୋଇ ନିଜର ସ୍ଥିତି ଜାହିର ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଥିବା କହିଛନ୍ତି। ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦ ତାରିଖରେ ଉପାଧ୍ୟକ୍ଷଙ୍କ ସପକ୍ଷରେ ଥିବା କାଉନ୍‌ସିଲରମାନେ ଅର୍ଥାତ୍ ଭାଜପା ୨ (ୱାର୍ଡ ୧୩, ୧୪) ଓ କଂଗ୍ରେସର ୬ (ୱାର୍ଡ ୫, ୯, ୧୧, ୧୮, ୧୯, ୨୧) ଏହିପରି ମୋଟ ୮ ଜଣ ଉପଜିଲାପାଳଙ୍କ ନିକଟରେ ଅନୁପସ୍ଥିତ ରହିବା ପାଇଁ ନିଷ୍ପତ୍ତି ହୋଇଛି। ଏହାହେଲେ ଅନାସ୍ଥା କାଟ ଖାଇଯିବା ଯଥେଷ୍ଟ ସମ୍ଭାବନା ରହିଛି। ଏପ୍ରିଲ ୧୫ ତାରିଖରେ ପରିଷଦର ମୋଟ ୨୧ କାଉନସିଲରଙ୍କ ମଧ୍ୟରୁ ୧୩ ଜଣ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟଙ୍କୁ ସାକ୍ଷାତ କରି ଉପାଧ୍ୟକ୍ଷ ବିଶୋଇଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। କାଉନ୍‌ସିଲର ମେନକା ବେହେରା (ୱାର୍ଡ ୧), ମିଲି ସେଠୀ (ୱାର୍ଡ ୨), ଜୟନ୍ତୀ ମାହାଲି (ୱାର୍ଡ ୩), ସୋନାଲି ସିଂହ (ୱାର୍ଡ ୪), ରୋଜାଲିନ ଦାଶ (ୱାର୍ଡ ୬), ଗୋଲାମ ଅଲ୍ଲୀ ଖାଁ (ୱାର୍ଡ ୭), କିରଣକାନ୍ତୀ ଦାସ (ୱାର୍ଡ ୮), ସୁମନ୍ତ ସେଠୀ (ୱାର୍ଡ ୧୦), ପ୍ରଭାତି ସାହୁ (ୱାର୍ଡ ୧୨), ମନୋଜ ମହାନ୍ତି (ୱାର୍ଡ ୧୫), ଅନାମ ଚରଣ ସେଠୀ (ୱାର୍ଡ ୧୬), ଦେବାଶିଷ ସ୍ୱାଇଁ (ୱାର୍ଡ ୧୭) ଓ ଦୀପ୍ତି ରଞ୍ଜନ ସାହୁ (ୱାର୍ଡ ୨୦) ପ୍ରମୁଖ ଦର୍ଶାଇଥିଲେ ଯେ, ଉପାଧ୍ୟକ୍ଷ ନିର୍ବାଚିତ ହେବା ପରଠାରୁ ବିଶୋଇ ନିଜ ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଏପରି କି ବିଭିନ୍ନ ୱାର୍ଡ ପ୍ରତି ପକ୍ଷପାତିତା ମନୋଭାବ ପୋଷଣ କରୁଛନ୍ତି। ତେଣୁ ଏପ୍ରିଲ ୧୦ରେ ପରିଷଦର ସଦସ୍ୟା/ସଦସ୍ୟମାନେ ପରିଷଦ ଅନ୍ତର୍ଗତ କାଳିଆବୋରାସ୍ଥିତ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର ବୈଠକର ଆୟୋଜନ କରିଥିଲେ। ୧୫ ନମ୍ବର ୱାର୍ଡ କାଉନ୍‌ସିଲରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଉପାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ଉପରେ ଆଲୋଚନା ହୋଇଥିଲା। ଏଥିରେ କାଉନସିଲରମାନେ ସେମାନଙ୍କ ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷକରି ପରିଷଦର ବିଭିନ୍ନ ସ୍ୱତନ୍ତ୍ର ଅଧିବେଶନରେ ଉପାଧ୍ୟକ୍ଷଙ୍କ କାର୍ଯ୍ୟ ସନ୍ତୋଷଜନକ କିମ୍ବା ଉତ୍ସାହଜନକ ନ ଥିବା କୁହାଯାଇଥିଲା। ଉନ୍ନତିମୂଳକ କାର୍ଯ୍ୟରେ ଉପାଧ୍ୟକ୍ଷଙ୍କ କୌଣସି ସହଯୋଗିତା କିମ୍ବା ସହଭାଗିତା ରହୁନାହିଁ। ପରିଷଦ ବିଭିନ୍ନ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଏକପାଖିଆ ନିଷ୍ପତ୍ତି ନେଇ କାର୍ଯ୍ୟ କରୁଛନ୍ତି। ବିଶୋଇ ୩ ବର୍ଷ ଧରି ଉପାଧ୍ୟକ୍ଷ ଦାୟିତ୍ୱରେ ଥିଲେ ସୁଦ୍ଧା ବ୍ୟକ୍ତିଗତ ସ୍ୱାର୍ଥ ବ୍ୟତୀତ ପରିଷଦର ଉନ୍ନତି କିମ୍ବା ପ୍ରଗତି ବିଷୟରେ ଚିନ୍ତା କରୁନାହାନ୍ତି। କୌଣସି ଉନ୍ନତିମୂଳକ କାର୍ଯ୍ୟ ପାଇଁ ପଦକ୍ଷେପ ନେଇନାହାନ୍ତି। କାଉନ୍‌ସିଲରମାନେ ଏଭଳି ପ୍ରତିକ୍ରିୟା ପ୍ରକାଶ କରି ଶେଷରେ ଅନାସ୍ଥା ପ୍ରସ୍ତାବ ଉପରେ ସର୍ବସମ୍ମତ ନିଷ୍ପତ୍ତି ନେଇଥିଲେ। ଏହାପରେ ଜିଲାପାଳ ତାଙ୍କ କ୍ଷମତା ବଳରେ ଉପରୋକ୍ତ ପଦକ୍ଷେପ ନେଇଛନ୍ତି। ୨୦୨୨ ପୌର ନିର୍ବାଚନ ସମୟରେ ଜଗତ୍‌ସିଂହପୁର ପୌର ପରିଷଦର ମୋଟ ୨୧ଟି ୱାର୍ଡ ମଧ୍ୟରୁ ବିଶୋଇଙ୍କ ସପକ୍ଷରେ ୧୧ଟି ଭୋଟ ଯାଇଥିଲା। ଅର୍ଥାତ୍ କଂଗ୍ରେସର ୭ (ୱାର୍ଡ ୨, ୫, ୯, ୧୧, ୧୮, ୧୯, ୨୧), ଭାଜପା ୨ (୧୩, ୧୪) ଓ ସ୍ୱାଧୀନ ୨ ୱାର୍ଡ( ୭, ୧୭)ର କାଉନ୍‌ସିଲର ମିଶିବାରୁ ବିଶୋଇ ବିଜୟୀ ହୋଇ ପାରିଥିଲେ। କିନ୍ତୁ ବର୍ତ୍ତମାନ ଚିତ୍ର ବଦଳିଛି। ସ୍ୱାଧୀନ ୱାର୍ଡ ୭, ୧୭ ଓ କଂଗ୍ରେସର ୱାର୍ଡ ୨ କାଉନ୍‌ସିଲର ଉପାଧ୍ୟକ୍ଷଙ୍କ ଉପରୁ ଆସ୍ଥା ହରାଇଛନ୍ତି। ସେମାନେ ବିଜେଡିର ୧୦ ଜଣ କାଉନ୍‌ସିଲରଙ୍କ ସହ ହାତ ମିଳାଇ ଉପାଧ୍ୟକ୍ଷ ବିଶୋଇଙ୍କୁ ଗାଦିଚ୍ୟୁତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ନାରଦ ହେଉଛନ୍ତି ବିଶ୍ୱ ସାମ୍ବାଦିକତାର ଜନକ



ଜିଲାସ୍ତରୀୟ ନାରଦ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ତିର୍ତ୍ତୋଲ,୧୮।୫ (ଗୌରାଙ୍ଗ ଚରଣ ସ୍ୱାଇଁ)

ମହର୍ଷି ନାରଦ ହେଉଛନ୍ତି ବିଶ୍ୱ ସାମ୍ବାଦିକତାର ଜନକ। ସେ ହିଁ ପ୍ରଥମେ ତାଙ୍କ ଦିବ୍ୟ ଚକ୍ଷୁରେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ତିନିପୁରର ଖବର ଦେବତାମାନଙ୍କୁ ପ୍ରଦାନ କରୁଥିଲେ। ତାଙ୍କ ସୂଚନାରେ ସତ୍ୟ ଓ ନିର୍ଭିକତା ରହିଥିଲା। ସେଥିପାଇଁ ସେ ସମସ୍ତଙ୍କ ପ୍ରିୟପାତ୍ର ହେଉଥିଲେ। ତାଙ୍କ ଚରିତ୍ରକୁ ଅନୁସରଣ କରି ସତ୍ୟ ଓ ନିର୍ଭିକ ଖବର ପରିବେଷଣ କଲେ ଖବର ସମସ୍ତଙ୍କ ବିଶ୍ୱାସଭାଜନ ହୋଇପାରିବ ବୋଲି ବକ୍ତାମାନେ କହିଛନ୍ତି। ତିର୍ତ୍ତୋଲ ସରସତୀ ଶିଶୁ ବିଦ୍ୟା ମନ୍ଦିର ପରସରରେ ରବିବାର ସନ୍ଧ୍ୟାରେ ବିଶ୍ୱ ସମ୍ବାଦ କେନ୍ଦ୍ର ଆନୁକୂଲ୍ୟରେ ଜିଲାସ୍ତରୀୟ ନାରଦ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏଥରେ ବକ୍ତାମାନେ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଥିଲେ। ଆୟୋଜିତ ସଭାରେ ବିଶ୍ୱ ସମ୍ବାଦ କେନ୍ଦ୍ରର ଜଗତ୍‌ସିଂହପୁର ଜିଲା ସଂଯୋଜକ ତାପସ କୁମାର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ଶିକ୍ଷକ ନେତା ଅକ୍ଷୟ କୁମାର ଦାସ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଆଇନଜୀବୀ ଅମର ଜ୍ୟୋତି ସାହୁ, ଶିକ୍ଷାବିତ ଡ. ଗୌରାଙ୍ଗ ସ୍ୱାଇଁ, ବରିଷ୍ଠ ସାମାଜିକ କର୍ମୀ ଶରତ ନାୟକ, ତିର୍ତ୍ତୋଲ ବାର୍ ଆସୋସିଏଶନ ଉପସଭାପତି ଆଇନଜୀବୀ ଟୁକନ ଚରଣ ସେଠୀ, ବରିଷ୍ଠ ଖବରଦାତା ଶ୍ରୀକାନ୍ତ ଦାସ, ଶ୍ରୀବତ୍ସ ଲାଞ୍ଛନ ପାଢ଼ୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଶିକ୍ଷାବିତ୍ ବିଭୂତି ଭୂଷଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ତିର୍ତ୍ତୋଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ଅରୁଣ କୁମାର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ କୁମାର ଖୁଣ୍ଟିଆ, ସୌରଜିତ ପଢିଆରୀ, ପିଣ୍ଟୁ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଟୋ-ବାଇକ୍ ଧକ୍କା, ଜଣେ ମୃତ

ଭଣ୍ଡାରିପୋଖରୀ,୧୮।୫(ରାଜେନ୍ଦ୍ର ଶତପଥୀ)

୧୬ ନଂ. ଜାତୀୟ ରାଜପଥର ଭଣ୍ଡାରିପୋଖରୀ ବ୍ଲକ ଧାମନଗର ଛକ ନିକଟରେ ଶନିବାର ସନ୍ଧ୍ୟାରେ ଏକ ଅଟୋ ସହ ଧକ୍କା ହେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧାମନଗର କୋର୍ଟରେ କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ ହେଲପୁର ଗ୍ରାମର ପ୍ରଦୀପ ମୁଣ୍ଡା। ସେ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଧାମନଗର ଛକ ନିକଟ ରାସ୍ତାରେ ସମ୍ମୁଖରୁ ଆସୁଥିବା ଏକ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ପ୍ରଦୀପଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନିଆଯାଇଥିଲା।

# ଡ୍ରଗ୍ସରୁ ଦୂରେଇବା ପାଇଁ ପଦଯାତ୍ରା

ପାରାଦୀପ, ୧୮।୫(ଶରତ ରାଉତ)

କୁଜଙ୍ଗ ଅଞ୍ଚଳର ବାଣୀଧାରା ଅନୁଷ୍ଠାନ ପକ୍ଷରୁ ରବିବାର ପାରାଦୀପର ଷଣ୍ଢକୁଦ ଠାରେ ଡ୍ରଗ୍ସ ସେବନ ନ କରିବା ଆଭିମୁଖ୍ୟ ନେଇ ପଦଯାତ୍ରା କରାଯାଇଥିଲା। ଏଥିରେ ସାମିଲ ଯୁବଗୋଷ୍ଠୀମାନେ ଏହି ନିଷିଦ୍ଧ ମାଦକଦ୍ରବ୍ୟ ଅପକାରିତା ଉପରେ ଲୋକଙ୍କୁ ସଚେତନ କରିଥିଲେ। ଅନୁଷ୍ଠାନର ଆବାହକ ତଥା ଆଇନଜୀବୀ ଗତିକୃଷ୍ଣ ଶତପଥୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ପରେ ପାରାଦୀପ କଲେଜ ସମ୍ମୁଖରେ ଛାତ୍ରୀଛାତ୍ରଙ୍କୁ ମଧ୍ୟ ଏହି ପ୍ରସଙ୍ଗ ଉପରେ ସତର୍କତା କରାଯାଇଥିଲା।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 11/ET/SBP/ENGG/2025-26, ତା.13.05.2025ରିଖ

(1) ଇ-ଟେଣ୍ଡର ସଂ. 18-eT-DENE-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ଝାରସୁଗୁଡ଼ା ରୋଡ୍-ସରଲା-ସମ୍ବଲପୁର ସିଟି-ଯୁଯୁମୁରା (IN), ସମ୍ବଲପୁର (EX)-ସମ୍ବଲପୁର ସିଟି ଏବଂ ସରଲା-ସମ୍ବଲପୁର (EX) ସେକ୍ସନରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹1,95,34,527.39, ବିଡ୍ ସିକ୍ୟୁରିଟୀ : ₹ 2,47,700/-

(2) ଇ-ଟେଣ୍ଡର ସଂ. 19-eT-DENE-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ଯୁଯୁମୁରା (EX) ଏବଂ କେରେଜାଙ୍ଗ (EX) ସେକ୍ସନ ମଧ୍ୟରେ 30.06.2026 ରେ ଶେଷ ହେଉଥିବା ଅବଧି ପାଇଁ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹1,61,93,144.34, ବିଡ୍ ସିକ୍ୟୁରିଟୀ : ₹ 2,31,000/-

(3) ଇ-ଟେଣ୍ଡର ସଂ. 20-eT-DENE-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ଝାରସୁଗୁଡ଼ା ରୋଡ୍-ସରଲା-ସମ୍ବଲପୁର ସିଟି-ଯୁଯୁମୁରା (IN), ସମ୍ବଲପୁର (EX)-ସମ୍ବଲପୁର ସିଟି ଏବଂ ସରଲା-ସମ୍ବଲପୁର (EX) ସେକ୍ସନରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ଜୋନାଲ (Zonal) କାର୍ଯ୍ୟ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ)ଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹76,06,314.56, ବିଡ୍ ସିକ୍ୟୁରିଟୀ : ₹ 1,52,200/-

(4) ଇ-ଟେଣ୍ଡର ସଂ. 21-eT-DENE-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ଯୁଯୁମୁରା (EX) ଏବଂ କେରେଜାଙ୍ଗ (EX) ସେକ୍ସନ ମଧ୍ୟରେ 30.06.2026 ରେ ଶେଷ ହେଉଥିବା ଅବଧି ପାଇଁ ଜୋନାଲ (Zonal) କାର୍ଯ୍ୟ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ) ଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹91,56,658.42, ବିଡ୍ ସିକ୍ୟୁରିଟୀ : ₹ 1,83,200/-

କାର୍ଯ୍ୟ ଶେଷ ହେବା ଅବଧି : 30.06.2026 (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 05.06.2025, 1500 ଘଣ୍ଟିକା (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-136/Q/25-26



## TPWODL
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**TN.TPWODL/MK/O/SER/2500000959 Date. 19.05.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Rate Contract for Meter Installation and Associated Services for 2 years.**

Interested bidders are to submit Tender Participation Fee and Authorization Letter through email on or before **28th May 2025, 18:00Hrs,** after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd/- Head-Contracts & Procurement**



## OFFICE OF THE MUNICIPAL COUNCIL, KHORDHA
H & UD Department, Govt. of Odisha, Khordha - 752055
e-Mail: khurda_municipality@yahoo.co.in, Phone No.: 06755-220674
No. 1623 Date: 16.05.25

**QUOTATION CALL NOTICE**

No. C-347: Sealed quotations are invited in Double Cover (Form A: Technical Bid, Form B: Financial Bid) from reputed registered Transport Agency/Goods Carrier Business Holders/Private Agency & Individual for **"Providing 10 Nos. Light Commercial Vehicle (LCV) including Driver for Collection of Dry Waste & Wet Waste separately in special Bins from Door to Door of 22 Nos. Ward of Khordha Municipality"** for the Sanitation work i.e. lifting of garbages in separately method i.e. dry & wet wastage in special bins on monthly rent basis. All quotation should be accompanied with PAN and GST Registration Certificate etc. Tender paper can be obtained from Cashier section of Khordha Municipality in payment of Rs.2000.00 (Rupees two thousand only) (Non-refundable). Bidder should be submitted EMD of Rs.5000/- (Rupees five thousand only) (Refundable) in shape of BD/BC in favour of Executive Officer, Khordha Municipality payable at Khordha. The application form of quotation/tender containing general bid information and other terms & condition will be available in **www.khordha.nic.in** (District Portal) and **www.khordhamunicipality.in** (Office Portal). The quotationer should quote their rate of the price both in figure and words. All quotations will be recieved in specific quotation box kept in the Office of the undersigned from Date: 19.05.25 at 10.30 A.M. upto Date: 06.06.25 at 10.30 A.M. except Sunday & Holidays and will be opened on Date: 10.06.25 at 11.00 A.M. in presence of quotationer or their authorized representatives in the Chamber of Executive Officer, Khordha Municipality. No conditional or incomplete quotation will be accepted. The financial bid will be opened only technical bid qualifier evaluated by Tender Committee.
Supply order will be given to the successful quotationer with an agreement of undersigned.
The authority shall have the right to accept or reject all the quotations without assigning any reason thereof.

**Sd./- Executive Officer, Khordha Municipality**
**OIPR-13082/11/0017/2526**



## DISTRICT PROJECT OFFICE
## SAMAGRA SHIKSHA, SUNDARGARH, ODISHA
In front of B.S. High School, At/P.O./Dist.: Sundargarh, PIN - 770001
E-mail: dpcsndgssa.opepa@nic.in, Phone: 06622273718
No. 1543/Pdg. Date: 17.05.2025

**TENDER CALL NOTICE FOR SUPPLY OF TEACHING LEARNING MATERIALS (TLM)**

Sealed tender under two bid systems are invited from reputed agency/suppliers/manufacturer having valid PAN, GST & IT Clearance along with registration of firm etc. for supply of Teaching Learning Materials. The TLM **consist of Slate, Pencil Box, Chalk, Pencil, Eraser, Sharpener & Crayons for Shishu Vatika and Pencil Box, Ruler, Pencil, Eraser, Sharpener and Crayons for Grade I, II & III**. The tender paper (bid documents) containing detailed specification with terms & conditions, application for technical and financial bid can be downloaded from district website i.e. **www.sundergarh.nic.in** and OSEPA website i.e. **www.osepa.odisha.gov.in**. The bidders are required to submit Demand Draft of Rs.2000/- (Rupees two thousand) only drawn in favour of District Project Coordinator, SS, Sundargarh payable at Sundargarh towards cost of tender documents which is non refundable. **The last date and time for receiving of tender paper is 30th May 2025 by 05.00 P.M. and will be opened on 31.05.2025 at 10.00 A.M. in the Office of the Collector, Sundargarh** in the presence of bidders or their authorized representative. Corrigendum/addendum if required will be uploaded in the above website. Hence, the potential bidders are requested go through the above website for any updates. The authority reserves all the rights to reject/ modify or cancel part or whole tender without assigning any reason thereof.

By Order of
Collector-cum-Chairperson, SS, Sundargarh,
**Sd./- DEO & DPC, SS, Sundargarh**



## TATA
**TATA STEEL LIMITED**
**Registered Office:** Bombay House, 24, Homi Mody Street, Fort, Mumbai 400 001, India
**Corporate Identification Number:** L27100MH1907PLC000260
**Tel No:** +91 22 6665 8282 **E-mail:** cosec@tatasteel.com **Website:** www.tatasteel.com

ବିଜ୍ଞପ୍ତି

**ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି (IEPF) କର୍ତ୍ତୃପକ୍ଷଙ୍କ ସପକ୍ଷରେ ଟାଟା ଷ୍ଟିଲ୍ ଲିମିଟେଡର ଇକ୍ୱିଟି ଅଂଶ ହସ୍ତାନ୍ତର (ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡର ଟାଟା ଷ୍ଟିଲ୍ ଲିମିଟେଡରେ ଏବଂ ସହିତ ସମ୍ମିଶ୍ରଣ ହେତୁ ଉତ୍ପନ୍ନ ହୋଇଛି)।**

ଏହି ବିଜ୍ଞପ୍ତି କମ୍ପାନୀ ଆଇନ୍, ୨୦୧୩ ର ପ୍ରଯୁଜ୍ୟ ବ୍ୟବସ୍ଥା ଅନୁଯାୟୀ ପ୍ରକାଶିତ ହୋଇଛି, ଯାହା ସଂଶୋଧିତ, ('ଆଇନ') ଏବଂ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ପ୍ରାଧିକରଣ (ଆକାଉଣ୍ଟିଂ, ଅଡିଟ୍, ସ୍ଥାନାନ୍ତର ଏବଂ ଫେରସ୍ତ) ନିୟମ, ୨୦୧୬ ସହିତ ସଂଶୋଧିତ ('ନିୟମ') ଭାବରେ ପଢ଼ାଯାଇଛି। ଏହି ଆଇନ ଏବଂ ନିୟମଗୁଡ଼ିକ ସହିତ, ଦାବି ନକରିଥିବା ଲାଭାଂଶ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠିକୁ ସ୍ଥାନାନ୍ତର ଏବଂ ଅଂଶ, ଉଭୟ ଭୌତିକ ରୂପରେ ଏବଂ ଇଲେକ୍ଟ୍ରୋନିକ୍ ରୂପରେ ଧାରଣ କରାଯାଇଥିବା, ଯାହାର ଲାଭାଂଶ ଅଂଶୀଦାର (ମାନଙ୍କ) ଦ୍ୱାରା ଲଗାତାର ସାତ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ଦାବି କରାଯାଇ ନାହିଁ, ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା ରହିଛି।

ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ('TSLP') ଏବଂ ଟାଟା ଷ୍ଟିଲ୍ ଲିମିଟେଡ୍ ('କମ୍ପାନୀ') ଏବଂ ସେମାନଙ୍କର ସମ୍ପୃକ୍ତ ଅଂଶୀଦାରମାନଙ୍କ ମଧ୍ୟରେ ଅନୁମୋଦିତ ସମ୍ମିଶ୍ରଣ ଯୋଜନା ଅନୁଯାୟୀ, ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ ନଭେମ୍ବର ୧୫, ୨୦୨୩ ('ସମ୍ମିଶ୍ରଣ') ଠାରୁ କମ୍ପାନୀରେ ଏବଂ ସହିତ ସମ୍ମିଶ୍ରଣ ହୋଇଛି। ଫଳସ୍ୱରୂପ, ୧୭ ନଭେମ୍ବର, ୨୦୨୩ ର ରେକର୍ଡ ତାରିଖ ଅନୁଯାୟୀ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡର ସମସ୍ତ ସାର୍ବଜନୀନ ଅଂଶୀଦାରମାନଙ୍କୁ ୬୭:୧୦ ର ଅଂଶୀଦାର ବିନିମୟ ଅନୁପାତରେ ପ୍ରତ୍ୟେକ ୧/- ଟଙ୍କା ମୂଲ୍ୟର କମ୍ପାନୀର ଇକ୍ୱିଟି ଅଂଶ ଆବଣ୍ଟିତ କରାଯାଇଛି।

ନିୟମ ସହିତ ପଠିତ ଆଇନ୍ ର ପାଳନ କରି, କମ୍ପାନୀ ସମ୍ପୃକ୍ତ ଅଂଶୀଦାର(ମାନଙ୍କୁ) (ଯେଉଁମାନେ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ରେ ଅଂଶୀଦାର ଥିଲେ ଏବଂ ସମ୍ମିଶ୍ରଣ ପରେ କମ୍ପାନୀର ଅଂଶୀଦାର ହୋଇଥିଲେ)ଙ୍କୁ ସେମାନଙ୍କର ପଞ୍ଜିକୃତ ଡାକ ଠିକଣାରେ ବ୍ୟକ୍ତିଗତ ଯୋଗାଯୋଗ ପଠାଇଛି, ସେମାନଙ୍କୁ ସେମାନଙ୍କର ଅତୀତରେ ଦାବି ନ କରାଯାଇଥିବା ଲାଭାଂଶ ଦାବି କରିବାକୁ ଅନୁରୋଧ କରିଛି। ଏହି ଯୋଗାଯୋଗ ସେହି ଅଂଶୀଦାରମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନଙ୍କର ପୂର୍ବ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ (୨୦୨୪ ଆର୍ଥିକ ବର୍ଷ ମଧ୍ୟରେ କମ୍ପାନୀରେ ଏବଂ ସହିତ ସମ୍ମିଶ୍ରଣ) ୨୦୧୭-୧୮ ଆର୍ଥିକ ବର୍ଷ ରୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଏବଂ ୨୦୨୩-୨୦୨୪ ଆର୍ଥିକ ବର୍ଷ ପାଇଁ କମ୍ପାନୀରୁ ଅତୀତର ଲାଭାଂଶ ଦାବି କରାଯାଇ ନାହିଁ ଏବଂ ଫଳସ୍ୱରୂପ ଯେଉଁମାନଙ୍କର କମ୍ପାନୀରେ ଥିବା ଅଂଶ (ସମ୍ମିଶ୍ରଣ ଅନୁଯାୟୀ ଆବଣ୍ଟିତ) ନିୟମ ସହିତ ପଠିତ ପ୍ରକ୍ରିୟା ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (MCA) ଦ୍ୱାରା ସମୟ ସମୟରେ ଜାରି କରାଯାଇଥିବା ପ୍ରଯୁଜ୍ୟ ବିଜ୍ଞପ୍ତି ଅନୁଯାୟୀ ଅଗଷ୍ଟ ୨୧, ୨୦୨୫ ରେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସ୍ଥାନାନ୍ତରିତ ହେବାକୁ ବାଧ୍ୟ। ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡର ଯୋଗ୍ୟ ଅଂଶୀଦାର(ମାନଙ୍କୁ) ଅଗଷ୍ଟ ୨୦, ୨୦୨୫ ସୁଦ୍ଧା କମ୍ପାନୀ ଠାରୁ ଏପରି ଦାବି କରାଯାଇନଥିବା ଲାଭାଂଶ(ଗୁଡ଼ିକୁ) ଦାବି କରିବାକୁ ପରାମର୍ଶ ଦିଆଯାଇଛି।

କମ୍ପାନୀ ୨୦୨୫-୨୬ ଆର୍ଥିକ ବର୍ଷରେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କୁ ସ୍ଥାନାନ୍ତର ପାଇଁ ଦାୟୀ ଯୋଗ୍ୟ ଅଂଶୀଦାର (ମାନଙ୍କ)ଙ୍କ ପ୍ରାସଙ୍ଗିକ ବିବରଣୀ ଏହାର ୱେବସାଇଟ୍ www.tatasteel.com ରେ ଉପଲବ୍ଧ କରିଛି। ଅଂଶୀଦାରମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ସେମାନଙ୍କର ଦାବି ନକରିଥିବା ଲାଭାଂଶ(ଗୁଡ଼ିକ) ଏବଂ ସେମାନଙ୍କର ଅଂଶର ବିବରଣୀ ଯାଞ୍ଚ କରିବା ପାଇଁ https://www.tatasteel.com/investors/investor-information/unclaimed-dividend/ ଦେଖନ୍ତୁ।

**ଅଂଶୀଦାରମାନଙ୍କୁ ଅନୁରୋଧ କରାଯାଉଛି ଯେ ଯଦି ୨୦ ଅଗଷ୍ଟ, ୨୦୨୫ ସୁଦ୍ଧା ଦାବି କରାଯାଇନଥିବା ଲାଭାଂଶ ଦାବି କରାଯାଏ ନାହିଁ, ତେବେ ୨୦୧୭-୧୮ ଆର୍ଥିକ ବର୍ଷ (୨୦୧୮-୧୯ ଆର୍ଥିକ ବର୍ଷରେ ପରିଶୋଧ କରାଯାଇଥିବା) ପାଇଁ ପୂର୍ବ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡର ଦାବି କରାଯାଇନଥିବା ଲାଭାଂଶ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କୁ ସ୍ଥାନାନ୍ତରିତ ହେବ। ଏହା ବ୍ୟତୀତ, ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡରେ ଯୋଗ୍ୟ ଅଂଶୀଦାରମାନଙ୍କ ଦ୍ୱାରା ଧାରଣ କରାଯାଇଥିବା ଇକ୍ୱିଟି ଅଂଶ (ଯାହା କମ୍ପାନୀରେ ଏବଂ ସହିତ ସମ୍ମିଶ୍ରଣ ହୋଇଥିଲା) ବିରୁଦ୍ଧରେ ମିଶ୍ରଣ ଫଳରେ ଅଂଶୀଦାର ମାନଙ୍କୁ ଆବଣ୍ଟିତ କମ୍ପାନୀର ଇକ୍ୱିଟି ଅଂଶ, ଯାହା ସମ୍ପର୍କରେ ଲଗାତାର ୭ ବର୍ଷ ପାଇଁ ଦାବି କରାଯାଇ ନାହିଁ, ଅଂଶୀଦାର ମାନଙ୍କୁ ନିମ୍ନଲିଖିତ ଉପାୟରେ କୌଣସି ସୂଚନା ବିନା ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସ୍ଥାନାନ୍ତରିତ ହେବ:**

ଯଦି ଇକ୍ୱିଟି ଅଂଶ ଧାରଣ କରାଯାଏ:
- **ଭୌତିକ ରୂପରେ** - ଆବଶ୍ୟକୀୟ ଔପଚାରିକତା ସମାପ୍ତ ହେବା ପରେ ନୂତନ ଅଂଶୀଦାର ପ୍ରମାଣପତ୍ର (ଗୁଡ଼ିକ) ଜାରି କରାଯିବ ଏବଂ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସ୍ଥାନାନ୍ତରିତ କରାଯିବ। ତେଣୁ, ଅଂଶୀଦାର(ମାନଙ୍କ) ନାମରେ ଜାରି କରାଯାଇଥିବା ମୂଳ ଅଂଶୀଦାର ପ୍ରମାଣପତ୍ର (ଗୁଡ଼ିକ) / ନିଶ୍ଚିତକରଣ ପତ୍ର (ଗୁଡ଼ିକ) ବାତିଲ ଏବଂ ଅବିଚାରଯୋଗ୍ୟ ବୋଲି ବିବେଚନା କରାଯିବ।
- **ଡିମାଟେରିଆଲାଇଜଡ୍ ରୂପରେ** - କମ୍ପାନୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ଅଂଶୀଦାରମାନଙ୍କ ଡିମାଟ୍ ଆକାଉଣ୍ଟରେ ପଡ଼ିଥିବା ଇକ୍ୱିଟି ସେୟାର ସ୍ଥାନାନ୍ତର ପାଇଁ କର୍ପୋରେଟ୍ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଜମାକାରୀଙ୍କୁ ସୂଚିତ କରିବ।

ସମ୍ପୃକ୍ତ ଅଂଶୀଦାରମାନଙ୍କୁ ଅନୁରୋଧ କରାଯାଇଛି ଯେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠିକୁ ସ୍ଥାନାନ୍ତରିତ ଏପରି ଇକ୍ୱିଟି ଅଂଶ ଉପରେ ସୃଷ୍ଟି ହେଉଥିବା ସମସ୍ତ ଭବିଷ୍ୟତ ଲାଭ ମଧ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ଜାରି/ସ୍ଥାନାନ୍ତରିତ କରାଯିବ।

ଅଂଶୀଦାରମାନେ ଧ୍ୟାନ ଦେଇପାରିବେ ଯେ ଦାବି କରାଯାଇନଥିବା ଲାଭାଂଶ ଏବଂ/ଅଥବା ଇକ୍ୱିଟି ଅଂଶ(ଗୁଡ଼ିକ) ଉଭୟ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସ୍ଥାନାନ୍ତରିତ ହୋଇସାରିଛି, ଯାହା ପାଇଁ ଅଂଶୀଦାରମାନେ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ୱେବସାଇଟ୍ www.mca.gov.in କୁ ଯାଇ ଏବଂ ୱେବ୍ ଫର୍ମ IEPF 5 ଦାଖଲ କରିବା ଏବଂ ଅଧିକାର ପତ୍ର (EL) ପାଇବା ପାଇଁ ଆବଶ୍ୟକ ସମସ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ କମ୍ପାନୀକୁ ଦାଖଲ କରି ଦାବି କରିପାରିବେ। EL ଜାରି ହେବା ପରେ, ଆପଣଙ୍କୁ EL ସହିତ ଅନଲାଇନରେ ୱେବ୍ ଫର୍ମ IEPF 5 ଫାଇଲ୍ କରିବାକୁ ଅନୁରୋଧ କରାଯାଉଛି ଏବଂ ଏହାର ଭୌତିକ କପି, ଯଥାସମ୍ଭବ ସ୍ୱାକ୍ଷରିତ, ଟାଟା ଷ୍ଟିଲ୍ ଲିମିଟେଡ୍ ର ନୋଡାଲ୍ ଅଧିକାରୀ/ଡେପୁଟି ନୋଡାଲ୍ ଅଧିକାରୀଙ୍କ ଦୃଷ୍ଟିକୁ ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା (ବମ୍ବେ ହାଉସ୍, ୨୪, ହୋମି ମୋଦୀ ଷ୍ଟ୍ରିଟ୍, ଫୋର୍ଟ, ମୁମ୍ବାଇ ୪୦୦୦୦୧/Bombay House, 24, Homi Mody Street, Fort, Mumbai 400001) ରେ ପଠାଇବାକୁ ଅନୁରୋଧ କରାଯାଉଛି, ଯଦି କମ୍ପାନୀ/ରେଜିଷ୍ଟ୍ରାର ଏବଂ ସ୍ଥାନାନ୍ତର ଏଜେଣ୍ଟ କୁ ପୂର୍ବରୁ ପଠାଯାଇ ନାହିଁ, ତେବେ IEPF-5 ୱେବ୍ ଫର୍ମରେ ତାଲିକାଭୁକ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହିତ।

ଅଂଶୀଦାରମାନେ ଆହୁରି ମଧ୍ୟ ଧ୍ୟାନ ଦେଇପାରିବେ ଯେ କମ୍ପାନୀ ଦ୍ୱାରା ଏହାର ୱେବସାଇଟ୍ ରେ ଅପଲୋଡ୍ କରାଯାଇଥିବା ସମ୍ପୃକ୍ତ ଅଂଶୀଦାରଙ୍କ ଦାବି କରାଯାଇନଥିବା ଲାଭାଂଶ ଏବଂ/କିମ୍ବା ଅଂଶର ବିବରଣୀକୁ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ସମୟ ସମୟରେ ଜାରି କରାଯାଇଥିବା ନିୟମ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ବିଜ୍ଞପ୍ତି ସହିତ ପଠିତ ଆଇନ ଅନୁଯାୟୀ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ଅଂଶ ସ୍ଥାନାନ୍ତର ଉଦ୍ଦେଶ୍ୟରେ କମ୍ପାନୀ ଦ୍ୱାରା ନୂତନ ଅଂଶୀଦାର ପ୍ରମାଣପତ୍ର ଜାରି କରିବା ସମ୍ପର୍କରେ ପର୍ଯ୍ୟାପ୍ତ ସୂଚନା ଭାବରେ ବିବେଚନା କରାଯିବ।

**ଦୟାକରି ଧ୍ୟାନ ଦିଅନ୍ତୁ ଯେ ଆଇନଗତ ସମୟସୀମା ମଧ୍ୟରେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠିକୁ ସ୍ଥାନାନ୍ତରିତ ହେବାକୁ ଥିବା ଦାବି କରାଯାଇନଥିବା ଲାଭାଂଶ ଏବଂ ଇକ୍ୱିଟି ସେୟାର ସମ୍ପର୍କରେ କମ୍ପାନୀ ବିରୁଦ୍ଧରେ କୌଣସି ଦାବି କରାଯିବ ନାହିଁ।**

ଉପରୋକ୍ତ ବିଷୟରେ ଯେକୌଣସି ପ୍ରଶ୍ନ ପାଇଁ, କମ୍ପାନୀର ଅଂଶୀଦାର ମାନଙ୍କୁ ନିମ୍ନଲିଖିତ ମଧ୍ୟରୁ ଯେକୌଣସି ଗୋଟିଏ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି:

| କମ୍ପାନୀର ଯୋଗାଯୋଗ ବିବରଣୀ | ରେଜିଷ୍ଟ୍ରାର ଏବଂ ସ୍ଥାନାନ୍ତର ଏଜେଣ୍ଟ (RTA) |
|---|---|
| ଶ୍ରୀ ପାର୍ବଥୀସମ୍ କାଞ୍ଚିନାଧାମ୍<br>କମ୍ପାନୀ ସଚୀବ ଏବଂ ମୁଖ୍ୟ ଆଇନ୍ ଅଧିକାରୀ (ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ଉଦ୍ଦେଶ୍ୟରେ ନୋଡାଲ୍ ଅଧିକାରୀ)<br>ବମ୍ବେ ହାଉସ୍, ୨୪, ହୋମି ମୋଦୀ ଷ୍ଟ୍ରିଟ୍, ଫୋର୍ଟ, ମୁମ୍ବାଇ ୪୦୦୦୦୧<br>ଟେଲିଫୋନ୍ ନଂ: +୯୧ ୨୨ ୬୬୬୫୭୨୭୯<br>ଇ-ମେଲ୍: cosec@tatasteel.com | ଏମ୍.ୟୁ.ଏଫ୍.ଜି ଇନଟାଇମ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍<br>(ପୂର୍ବରୁ ଲିଙ୍କ୍ ଇନଟାଇମ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍)<br>ସି-୧୦୧, ପ୍ରଥମ ମହଲା, ୨୪୭ ପାର୍କ,<br>ଲାଲ ବାହାଦୁର ଶାସ୍ତ୍ରୀ ମାର୍ଗ, ଭିକ୍ରୋଲି (ପଶ୍ଚିମ), ମୁମ୍ବାଇ ୪୦୦୦୮୩<br>ଟେଲିଫୋନ୍ ନଂ: +୯୧ ୮୧୦ ୮୧୧ ୮୪୮୪<br>ପ୍ରଶ୍ନ ପଚାରିବା ନିମନ୍ତେ, ଦୟାକରି ୱେବସାଇଟକୁ ଯାଆନ୍ତୁ:<br>www.in.mpms.mufg.com |

ଟାଟା ଷ୍ଟିଲ୍ ଲିମିଟେଡ୍
Sd/-
ଶ୍ରୀ ପାର୍ବଥୀସମ୍ କାଞ୍ଚିନାଧାମ୍
କମ୍ପାନୀ ସଚୀବ ଏବଂ ମୁଖ୍ୟ ଆଇନ୍ ଅଧିକାରୀ
ସଦସ୍ୟତା ନଂ ଏସିଏସ: ୧୫୯୨୧

ମଇ ୧୮, ୨୦୨୫
ମୁମ୍ବାଇ

TATA STEEL

**ସଂକ୍ଷେପରେ**

## କୁରାଳ ଚଣ୍ଡୀଛକରୁ ମୃତ କୁଟୁରା ଜବତ



ଓଡ଼ଗାଁ,୧୮।୫(ଆଦର୍ଶ ପଟ୍ଟନାୟକ)

ନୟାଗଡ଼ ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ କୁରାଳ ଜନ ଗହଳି ପୂର୍ଣ୍ଣ ଚଣ୍ଡୀଛକରୁ ଗୁରୁତର ଅବସ୍ଥାରେ କୁଟୁରାକୁ ଗ୍ରାମବାସୀ ଉଦ୍ଧାର କରି ଚିକିତ୍ସା କରିଥିଲେ। ହେଲେ କିଛି ସମୟ ପରେ କୁଟୁରାଟି ମରିଯାଇଥିଲା । ରବିବାର ସକାଳେ କୁଟୁରାଟି ଗାଆଁ ଭିତର ଦେଇ ଚଣ୍ଡିଛକକୁ ଚାଲି ଯାଇଥିଲା । ଗାଁର କୁକୁରମାନେ ଏକାଠି ହୋଇ କୁଟୁରାକୁ ଆକ୍ରମଣ କରିଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ବନବିଭାଗକୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଥିଲା। ବନକର୍ମଚାରୀ ପହଞ୍ଚି ମୃତ କୁଟୁରାକୁ ନିଜ ହେପାଜତକୁ ନେଇଥିଲେ। କୁଟୁରାର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ନିଖିଳେଶ ମଲିକ ସୂଚନା ଦେଇଛନ୍ତି।

## ଅଗ୍ନି ବିପନ୍ନ ପରିବାରଙ୍କୁ ଭେଟିଲେ ବିଧାୟକ

ଗଣିଆ,୧୮।୫(ସନ୍ତୋଷ କୁମାର ପ୍ରଧାନ)

ରବିବାର ଅପରାହ୍ନରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଗଣିଆ ବ୍ଲକସ୍ଥିତ ରାସଙ୍ଗ ପଞ୍ଚାୟତର ଡଙ୍କାରିସାହି ଗ୍ରାମ ଅଗ୍ନିକାଣ୍ଡ ବିପନ୍ନ ପରିବାରକୁ ଭେଟିଥିଲେ । ବିପନ୍ନ ପରିବାରଙ୍କୁ ସମବେଦନା ଜଣାଇବା ସହିତ ଶୁଖିଲା ଖାଦ୍ୟ, ବସ୍ତ୍ର ଓ ନିତ୍ୟ ବ୍ୟବହାର ଜିନିଷ ସହିତ ପିଲାମାନଙ୍କ ପାଇଁ ପୋଷାକ ଓ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ । ବିଧାୟକଙ୍କ ସହିତ ବିଜୁ ଜନତାଦଳର ବ୍ଲକ୍ ସଭାପତି ସଦାଶିବ ମିଶ୍ର, ଜିଲାପରିଷଦ ସଭ୍ୟ ନରେଶ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା କିଶୋରପ୍ରସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ବିପନ୍ନ ପରିବାରଙ୍କୁ ସମବେଦନା ଜଣାଇଥିଲେ । ସୂଚନାଯୋଗ୍ୟ, ଗତ ଶନିବାର ଅପରାହ୍ନରେ ଗଣିଆ ବ୍ଲକ୍ ଅନ୍ତର୍ଗତ ରାସଙ୍ଗ ପଞ୍ଚାୟତର ଡଙ୍କାରିସାହି ଗ୍ରାମରେ ନିଆଁ ଲାଗି ୨ବଖରା ଘର ଭସ୍ମୀଭୁତ ହୋଇଯାଇଥିଲା ।

# ଶରଣକୁଳକୁ ବ୍ଲକ ଦାବି ଜୋର ଧରିଲା

ଶରଣକୂଳ,୧୮।୫(ଦୀପକ କର)

ନୟାଗଡ ଜିଲାର ଶରଣକୁଳକୁ ବ୍ଲକ ମାନ୍ୟତା ଦାବି ଜୋର ଧରିଛି । ରବିବାର ବ୍ଲକ କ୍ରିୟାନୁଷ୍ଠାନ କମିଟି, ଶରଣକୁଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୧୪ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଶରଣକୁଳ ପଞ୍ଚାୟତ ପରିସରରେ ସ୍ଥାନୀୟ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ମଦନ ମୋହନ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବ୍ଲକ ପ୍ରତିଷ୍ଠା ଉପରେ ଆଲୋଚନା ହୋଇଥିଲା। ଏଠି ଦଳମତର୍ନିବିଶେଷରେ ସମସ୍ତେ ଏକାଠି ହୋଇ ଅଞ୍ଚଳ ପାଇଁ ଲଢ଼ିବା ପାଇଁ ଶରଣକୂଳ ପୂର୍ବତନ ସରପଞ୍ଚ ତଥା ସାମାଜିକ କର୍ମୀ ପ୍ରମୋଦ ପ୍ରଧାନ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଖବରଦାତା ଦିଲୀପ କୁମାର ମିଶ୍ର ବ୍ଲକ ପ୍ରତିଷ୍ଠା ପାଇଁ ଶରଣକୂଳ ଏକମାତ୍ର ପ୍ରକୃଷ୍ଟ ସ୍ଥାନ ଏବଂ ଏଥିଲାଗି ସମସ୍ତଙ୍କ ସହଯୋଗ ଏକାନ୍ତ କାମ୍ୟ ବୋଲି କହିଥିଲେ।



ବୈଠକରେ ବ୍ଲକ୍ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଏବଂ ଅନ୍ୟମାନେ।

ସୋଲପଟା ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ଜେନା ଶରଣକୁଳ ବ୍ଲକ ପାଇବାକୁ ହକଦାର। ସରକାର ଆମକୁ ବହୁ ପୂର୍ବରୁ ସବୁ କ୍ଷେତ୍ରରେ ସହଯୋଗ କରି ଆସିଛନ୍ତି । ଯାହା ବ୍ଲକ ପାଇଁ ରାସ୍ତା ଖୋଲାଥିବା ପ୍ରକାଶ କରିଥିଲେ । ଏହି ଅବସରରେ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାସ ଗାଁରୁ ସହର ସମସ୍ତେ ଶରଣକୁଳକୁ ଜାଣନ୍ତି। ଏଠାରେ ପ୍ରଭୁ ଲଡୁବାବାଙ୍କ ପୀଠ ରହିଛି । ଭୌଗୋଳିକ ଦୃଷ୍ଟି କୋଣରୁ ଶରଣକୁଳ ଉପଯୁକ୍ତ ସ୍ଥାନ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ତଥା ଭାଜପା ନେତ୍ରୀ ଲିଙ୍କନ ସୁବୁଦ୍ଧି ବ୍ଲକ ସପକ୍ଷରେ କହିବା ସହ ମଗରବନ୍ଧ, ଗୋଡ଼ିପଲ୍ଲୀ, ପଞ୍ଚିରିଡା ମାନପୁର, ହରିହରପୁର, ଶିଖରପୁର, କଜଲାଇପଲ୍ଲୀ, ବରସାହି, ସମସ୍ତ ପ୍ରତିନିଧିମାନେ ଓଡ଼ଗାଁ ବ୍ଲକ ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । କମ୍ୟୁନିଷ୍ଟ ନେତା ଗୋଲଖ ବିହାରୀ ମୁଦୁଲି ଯୋଗଦେଇ ବ୍ଲକ ପାଇଁ ଲଢେଇ ଜାରି ରହିବ । ଶରଣକୁଳ କୌଣସି କ୍ଷେତ୍ରରେ କମ ନୁହଁ ବୋଲି କହିଥିଲେ। ବରିଷ୍ଠ ବିଜେଡି ନେତା ସନ୍ନ୍ୟାସୀ ପ୍ରଧାନ ଯୋଗଦେଇ ଶରଣକୁଳର ସ୍ୱର ସରକାରଙ୍କ ପାଖରେ ପହଞ୍ଚିବ। ଆବଶ୍ୟକ ପଡ଼ିଲେ ଶରଣକୁଳରୁ ଭୁବନେଶ୍ୱର ଯିବାକୁ ପଡିବ ଓ ଏଥିରେ ସମସ୍ତ ଜନସାଧାରଣ ସାମିଲ ହେବେ ବୋଲି ମତବ୍ୟକ୍ତ କରିଥିଲେ।

# ଚାଳକଙ୍କ ପାଇଁ ବିପଦ ସାଜିଛି ରାସ୍ତାପାର୍ଶ୍ୱ ଗର୍ତ୍ତ

ଖଣ୍ଡପଡ଼ା,୧୮।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା-କଣ୍ଟିଲୋ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱ ମର୍ଦ୍ଦରାଜପୁର ଗ୍ରାମଠାରେ ଥିବା ଏକ ଗର୍ତ୍ତ ଯାନବାହନ ଚାଳକଙ୍କ ପାଇଁ ବିପଦର କାରଣ ପାଲଟିଛି। ଉକ୍ତ ଗର୍ତ୍ତ ତଳେ ପାଇପ ଲାଇନ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଏକ ଚାବି ପଏଣ୍ଟ ରହିଛି। ଉକ୍ତ ସ୍ଥାନରେ ଥିବା ଗର୍ତ୍ତ ଉପରେ ପୂର୍ବରୁ ସିମେଣ୍ଟ କଂକ୍ରିଟ ସ୍ଲାବଟିଏ ପକାଯାଇଥିଲା । ମାତ୍ର ବିଭିନ୍ନ ସମୟରେ ଭାରିଯାନ ଚଳାଚଳ ଯୋଗୁ ସେହି ସ୍ଲାବଟି ଭାଙ୍ଗିଯିବା ପରେ ତାହା ଯାନବାହନ ଚଳଚଳରେ ବିପଦସଙ୍କୁଳ ପାଲଟିଛି । ତେଣୁ ସର୍ବସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ମର୍ଦ୍ଦରାଜପୁର ଗ୍ରାମବାସୀ ଦାବି କରିଛନ୍ତି ।

## ଜନଶକ୍ତି ଉଚ୍ଚ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା, ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ନୂଆଗାଁ,୧୮।୫(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଚହଳି ପଞ୍ଚାୟତ ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟରେ ଉକ୍ତ ବ୍ଲକରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ବିଦ୍ୟାଳୟର ଗୌରବ ବଢ଼ାଇଥିବା ଛାତ୍ର ନୀଳମାଧବ ନାଥଙ୍କୁ ଶନିବାର ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ପ୍ରଧାନଶିକ୍ଷକ ନିରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପଞ୍ଚସଖା ଶିକ୍ଷା ସେତୁର ସଭାପତି ଦିଲୀପ କୁମାର ମିଶ୍ର, ସମ୍ପାଦକ ଜ୍ଞାନ ପ୍ରକାଶ ବାରିକ, ପରିଚାଳନା କମିଟି ସଭାପତି ଖଦଳ ବରାଡ, ପ୍ରାକ୍ତନ ପ୍ରଧାନଶିକ୍ଷକ ତ୍ରିନାଥ ମହାପାତ୍ର, ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଥମ କୃତୀ ଛାତ୍ର ଭାବେ ୯୩ ଶତକଡାରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ନୀଳମାଧବଙ୍କୁ ଫୁଲତୋଡ଼ା ଓ ମେମେଣ୍ଟୋ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ସନ୍ଧ୍ୟାରାଣୀ ନାଥ, ସୁନୟନା ମହାପାତ୍ର ଏ-୨ ରେ ଉତ୍ତୀର୍ଣ୍ଣ ହୋଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡ଼ିଶା ସରକାରଙ୍କ ବରିଷ୍ଠ ପ୍ରଶାସକ କୃଷ୍ଣଚନ୍ଦ୍ର ଶତପଥୀଙ୍କ ସ୍ୱପ୍ନ ପୂରଣ ହୋଇଥିବାରୁ ପଞ୍ଚସଖା ଶିକ୍ଷା ସେତୁ ତରଫରୁ ଫୁଲତୋଡ଼ା ସହ ୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶତ୍ରୁଘ୍ନ ପ୍ରଧାନ, ସତ୍ୟ ନାରାୟଣ ସାହୁ, ଲକ୍ଷ୍ମୀଧର ସାହୁ, ବିପ୍ଳବ କୁମାର ସାହୁ, ହୃଷୀକେଶ ସାହୁ, କବିତା ବେହେରା, ଅକ୍ରୁର ବେହେରା, ମଞ୍ଜୁଳା ବିଷୋୟୀ, କ୍ଷୀରୋଦ କୁମାର ସାହୁଙ୍କ ସହ ପଞ୍ଚଶଖା ଶିକ୍ଷାସେତୁର ସଭ୍ୟ ପ୍ରଶାନ୍ତ ଶତପଥୀ, ଗୁଣନିଧି ଶତପଥୀ, ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷକ ମନୋଜ କୁମାର ପଣ୍ଡା ସଂଯୋଜନା କରିଥିଲେ । କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ବେହେରାଙ୍କ ସମେତ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ।

## ୨୮ ବର୍ଷ ପରେ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ


ବନ୍ଧୁ ମିଳନ ଉତ୍ସବରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ନୟାଗଡ଼,୧୮ ।୫(ଲୋକନାଥ ମିଶ୍ର)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବୋଲଗଡ ପି.ଏନ. କଲେଜର ୧୯୯୩ରୁ ୯୬ ଯୁକ୍ତ ୩ ବିଜ୍ଞାନ ବ୍ୟାଚର ବନ୍ଧୁ ମିଳନ ନୟାଗଡ଼ ନୀଳମାଧବ ହୋଟେଲରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସହପାଠୀ ଯୋଗ ଦେଇ ଭାବର ଆଦାନପ୍ରଦାନ କରିବା ସହ ପୁରୁଣା ସ୍ମୃତି ରୋମନ୍ଥନ କରିଥିଲେ । ଆଗାମୀ ଦିନରେ ପୁଣି ଅନ୍ୟ ସହପାଠୀଙ୍କୁ ଯୋଗାଯୋଗ କରି ପୁଣିଥରେ ଏକାଠି ହୋବକୁ ନିଷ୍ପତ୍ତି ହୋଇଛି । ଅଖିଳ ମହାପାତ୍ର, କୃଷ୍ଣ ନନ୍ଦ, ହୃଷି ପାତ୍ର, ଅହଲ୍ୟା ବେହେରା, ଗୀତା କର ପ୍ରମୁଖଙ୍କ ଏଥିରେ ସହଯୋଗ କରିଥିଲେ ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 11/ET/SBP/ ENGG/2025-26, ତା.13.05.2025ରିଖ

(1) ଇ-ଟେଣ୍ଡର ସଂ. 18-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ଝାରସୁଗୁଡ଼ା ରୋଡ୍-ସରଲା-ସମ୍ବଲପୁର ସିଟି-ଯୁଯୁମୁରା (IN), ସମ୍ବଲପୁର (EX)-ସମ୍ବଲପୁର ସିଟି ଏବଂ ସରଲା-ସମ୍ବଲପୁର (EX) ସେକ୍ସନରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹1,95,34,527.39, ବିଡ୍ ସିକ୍ୟୁରିଟୀ : ₹2,47,700/-

(2) ଇ-ଟେଣ୍ଡର ସଂ. 19-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ଯୁଯୁମୁରା (EX) ଏବଂ କେରେଜାଙ୍ଗ (EX) ସେକ୍ସନ ମଧ୍ୟରେ 30.06.2026 ରେ ଶେଷ ହେଉଥିବା ଅବଧି ପାଇଁ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹1,61,93,144.34, ବିଡ୍ ସିକ୍ୟୁରିଟୀ : ₹2,31,000/-

(3) ଇ-ଟେଣ୍ଡର ସଂ. 20-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ଝାରସୁଗୁଡ଼ା ରୋଡ୍-ସରଲା-ସମ୍ବଲପୁର ସିଟି-ଯୁଯୁମୁରା (IN), ସମ୍ବଲପୁର (EX)-ସମ୍ବଲପୁର ସିଟି ଏବଂ ସରଲା-ସମ୍ବଲପୁର (EX) ସେକ୍ସନରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ଜୋନାଲ (Zonal) କାର୍ଯ୍ୟ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ)ଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹76,06,314.56, ବିଡ୍ ସିକ୍ୟୁରିଟୀ : ₹1,52,200/-

(4) ଇ-ଟେଣ୍ଡର ସଂ. 21-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ଯୁଯୁମୁରା (EX) ଏବଂ କେରେଜାଙ୍ଗ (EX) ସେକ୍ସନ ମଧ୍ୟରେ 30.06.2026 ରେ ଶେଷ ହେଉଥିବା ଅବଧି ପାଇଁ ଜୋନାଲ (Zonal) କାର୍ଯ୍ୟ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ) ଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹91,56,658.42, ବିଡ୍ ସିକ୍ୟୁରିଟୀ : ₹1,83,200/-

କାର୍ଯ୍ୟ ଶେଷ ହେବା ଅବଧି : 30.06.2026 (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 05.06.2025, 1500 ଘଟିକା (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-136/Q/25-26



**TPWODL**

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**TN.TPWODL/MK/O/SER/2500000959 Date. 19.05.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Rate Contract for Meter Installation and Associated Services for 2 years.**

Interested bidders are to submit Tender Participation Fee and Authorization Letter through email on or before **28th May 2025, 18:00Hrs**, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd/- Head-Contracts & Procurement**



**OFFICE OF THE MUNICIPAL COUNCIL, KHORDHA**
H & UD Department, Govt. of Odisha, Khordha - 752055
e-Mail: khurda_municipality@yahoo.co.in, Phone No.: 06755-220674
No. 1623 Date: 16.05.25

**QUOTATION CALL NOTICE**

No. C-347: Sealed quotations are invited in Double Cover (Form A: Technical Bid, Form B: Financial Bid) from reputed registered Transport Agency/Goods Carrier Business Holders/Private Agency & Individual for **"Providing 10 Nos. Light Commercial Vehicle (LCV) including Driver for Collection of Dry Waste & Wet Waste separately in special Bins from Door to Door of 22 Nos. Ward of Khordha Municipality"** for the Sanitation work i.e. lifting of garbages in separately method i.e. dry & wet wastage in special bins on monthly rent basis. All quotation should be accompanied with PAN and GST Registration Certificate etc. Tender paper can be obtained from Cashier section of Khordha Municipality in payment of Rs.2000.00 (Rupees two thousand only) (Non-refundable). Bidder should be submitted EMD of Rs.5000/- (Rupees five thousand only) (Refundable) in shape of BD/BC in favour of Executive Officer, Khordha Municipality payable at Khordha. The application form of quotation/tender containing general bid information and other terms & condition will be available in **www.khordha.nic.in** (District Portal) and **www.khordhamunicipality.in** (Office Portal). The quotationer should quote their rate of the price both in figure and words. All quotations will be recieved in specific quotation box kept in the Office of the undersigned from Date: 19.05.25 at 10.30 A.M. upto Date: 06.06.25 at 10.30 A.M. except Sunday & Holidays and will be opened on Date: 10.06.25 at 11.00 A.M. in presence of quotationer or their authorized representatives in the Chamber of Executive Officer, Khordha Municipality. No conditional or incomplete quotation will be accepted. The financial bid will be opened only technical bid qualifier evaluated by Tender Committee.
Supply order will be given to the successful quotationer with an agreement of undersigned.
The authority shall have the right to accept or reject all the quotations without assigning any reason thereof.

**Sd./- Executive Officer, Khordha Municipality**
OIPR-13082/11/0017/2526



**DISTRICT PROJECT OFFICE**
**SAMAGRA SHIKSHA, SUNDARGARH, ODISHA**
In front of B.S. High School, At/P.O./Dist.: Sundargarh, PIN - 770001
E-mail: dpcsndgssa.opepa@nic.in, Phone: 06622273718
No. 1543/Pdg. Date: 17.05.2025

**TENDER CALL NOTICE FOR SUPPLY OF TEACHING LEARNING MATERIALS (TLM)**

Sealed tender under two bid systems are invited from reputed agency/suppliers/manufacturer having valid PAN, GST & IT Clearance along with registration of firm etc. for supply of Teaching Learning Materials. The TLM **consist of Slate, Pencil Box, Chalk, Pencil, Eraser, Sharpener & Crayons for Shishu Vatika and Pencil Box, Ruler, Pencil, Eraser, Sharpener and Crayons for Grade I, II & III.** The tender paper (bid documents) containing detailed specification with terms & conditions, application for technical and financial bid can be downloaded from district website i.e. **www.sundergarh.nic.in** and OSEPA website i.e. **www.osepa.odisha.gov.in**. The bidders are required to submit Demand Draft of Rs.2000/- (Rupees two thousand) only drawn in favour of District Project Coordinator, SS, Sundargarh payable at Sundargarh towards cost of tender documents which is non refundable. **The last date and time for receiving of tender paper is 30th May 2025 by 05.00 P.M. and will be opened on 31.05.2025 at 10.00 A.M. in the Office of the Collector, Sundargarh** in the presence of bidders or their authorized representative. Corrigendum/addendum if required will be uploaded in the above website. Hence, the potential bidders are requested go through the above website for any updates. The authority reserves all the rights to reject/modify or cancel part or whole tender without assigning any reason thereof.

By Order of
Collector-cum-Chairperson, SS, Sundargarh,
**Sd./- DEO & DPC, SS, Sundargarh**



**TATA**

**TATA STEEL LIMITED**

**Registered Office:** Bombay House, 24, Homi Mody Street, Fort, Mumbai 400 001, India
**Corporate Identification Number:** L27100MH1907PLC000260
**Tel No:** +91 22 6665 8282 **E-mail:** cosec@tatasteel.com **Website:** www.tatasteel.com

**ବିଜ୍ଞପ୍ତି**

**ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି (IEPF) କର୍ତ୍ତୃପକ୍ଷଙ୍କ ସପକ୍ଷରେ ଟାଟା ଷ୍ଟିଲ୍ ଲିମିଟେଡର ଇକ୍ୱିଟି ଅଂଶ ହସ୍ତାନ୍ତର (ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡର ଟାଟା ଷ୍ଟିଲ୍ ଲିମିଟେଡରେ ଏବଂ ସହିତ ସମ୍ମିଶ୍ରଣ ହେତୁ ଉତ୍ପନ୍ନ ହୋଇଛି)।**

ଏହି ବିଜ୍ଞପ୍ତି କମ୍ପାନୀ ଆଇନ୍, ୨୦୧୩ ର ପ୍ରଯୁଜ୍ୟ ବ୍ୟବସ୍ଥା ଅନୁଯାୟୀ ପ୍ରକାଶିତ ହୋଇଛି, ଯାହା ସଂଶୋଧିତ, ('ଆଇନ') ଏବଂ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ପ୍ରାଧିକରଣ (ଆକାଉଣ୍ଟିଂ, ଅଡିଟ୍, ସ୍ଥାନାନ୍ତର ଏବଂ ଫେରସ୍ତ) ନିୟମ, ୨୦୧୬ ସହିତ ସଂଶୋଧିତ ('ନିୟମ') ଭାବରେ ପଢ଼ାଯାଇଛି। ଏହି ଆଇନ ଏବଂ ନିୟମଗୁଡ଼ିକ ସହିତ, ଦାବି ନକରିଥିବା ଲାଭାଂଶ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠିକୁ ସ୍ଥାନାନ୍ତର ଏବଂ ଅଂଶ, ଉଭୟ ଭୌତିକ ରୂପରେ ଏବଂ ଇଲେକ୍ଟ୍ରୋନିକ୍ ରୂପରେ ଧାରଣ କରାଯାଇଥିବା, ଯାହାର ଲାଭାଂଶ ଅଂଶୀଦାର (ମାନଙ୍କ) ଦ୍ୱାରା ଲଗାତାର ସାତ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ଦାବି କରାଯାଇ ନାହିଁ, ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା ରହିଛି।

ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ('TSLP') ଏବଂ ଟାଟା ଷ୍ଟିଲ୍ ଲିମିଟେଡ୍ ('କମ୍ପାନୀ') ଏବଂ ସେମାନଙ୍କର ସମ୍ପୃକ୍ତ ଅଂଶୀଦାରମାନଙ୍କ ମଧ୍ୟରେ ଅନୁମୋଦିତ ସମ୍ମିଶ୍ରଣ ଯୋଜନା ଅନୁଯାୟୀ, ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ ନଭେମ୍ବର ୧୫, ୨୦୨୩ ('ସମ୍ମିଶ୍ରଣ') ଠାରୁ କମ୍ପାନୀରେ ଏବଂ ସହିତ ସମ୍ମିଶ୍ରଣ ହୋଇଛି। ଫଳସ୍ୱରୂପ, ୧୭ ନଭେମ୍ବର, ୨୦୨୩ ର ରେକର୍ଡ ତାରିଖ ଅନୁଯାୟୀ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡର ସମସ୍ତ ସାର୍ବଜନୀନ ଅଂଶୀଦାରମାନଙ୍କୁ ୬୭:୧୦ ର ଅଂଶୀଦାର ବିନିମୟ ଅନୁପାତରେ ପ୍ରତ୍ୟେକ ୧/- ଟଙ୍କା ମୂଲ୍ୟର କମ୍ପାନୀର ଇକ୍ୱିଟି ଅଂଶ ଆବଣ୍ଟିତ କରାଯାଇଛି।

ନିୟମ ସହିତ ପଠିତ ଆଇନ୍ ର ପାଳନ କରି, କମ୍ପାନୀ ସମ୍ପୃକ୍ତ ଅଂଶୀଦାର(ମାନଙ୍କୁ) (ଯେଉଁମାନେ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ରେ ଅଂଶୀଦାର ଥିଲେ ଏବଂ ସମ୍ମିଶ୍ରଣ ପରେ କମ୍ପାନୀର ଅଂଶୀଦାର ହୋଇଥିଲେ)ଙ୍କୁ ସେମାନଙ୍କର ପଞ୍ଜିକୃତ ଡାକ ଠିକଣାରେ ବ୍ୟକ୍ତିଗତ ଯୋଗାଯୋଗ ପଠାଇଛି, ସେମାନଙ୍କୁ ସେମାନଙ୍କର ଅତୀତରେ ଦାବି ନ କରାଯାଇଥିବା ଲାଭାଂଶ ଦାବି କରିବାକୁ ଅନୁରୋଧ କରିଛି। ଏହି ଯୋଗାଯୋଗ ସେହି ଅଂଶୀଦାରମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନଙ୍କର ପୂର୍ବ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ (୨୦୨୪ ଆର୍ଥିକ ବର୍ଷ ମଧ୍ୟରେ କମ୍ପାନୀରେ ଏବଂ ସହିତ ସମ୍ମିଶ୍ରଣ) ୨୦୧୭-୧୮ ଆର୍ଥିକ ବର୍ଷ ରୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଏବଂ ୨୦୨୩-୨୦୨୪ ଆର୍ଥିକ ବର୍ଷ ପାଇଁ କମ୍ପାନୀରୁ ଅତୀତର ଲାଭାଂଶ ଦାବି କରାଯାଇ ନାହିଁ ଏବଂ ଫଳସ୍ୱରୂପ ଯେଉଁମାନଙ୍କର କମ୍ପାନୀରେ ଥିବା ଅଂଶ (ସମ୍ମିଶ୍ରଣ ଅନୁଯାୟୀ ଆବଣ୍ଟିତ) ନିୟମ ସହିତ ପଠିତ ପ୍ରକ୍ରିୟା ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (MCA) ଦ୍ୱାରା ସମୟ ସମୟରେ ଜାରି କରାଯାଇଥିବା ପ୍ରଯୁଜ୍ୟ ବିଜ୍ଞପ୍ତି ଅନୁଯାୟୀ ଅଗଷ୍ଟ ୨୧, ୨୦୨୫ ରେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସ୍ଥାନାନ୍ତରିତ ହେବାକୁ ବାଧ୍ୟ। ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡର ଯୋଗ୍ୟ ଅଂଶୀଦାର(ମାନଙ୍କୁ) ଅଗଷ୍ଟ ୨୦, ୨୦୨୫ ସୁଦ୍ଧା କମ୍ପାନୀ ଠାରୁ ଏପରି ଦାବି କରାଯାଇନଥିବା ଲାଭାଂଶ(ଗୁଡ଼ିକୁ) ଦାବି କରିବାକୁ ପରାମର୍ଶ ଦିଆଯାଇଛି।

କମ୍ପାନୀ ୨୦୨୫-୨୬ ଆର୍ଥିକ ବର୍ଷରେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କୁ ସ୍ଥାନାନ୍ତର ପାଇଁ ଦାୟୀ ଯୋଗ୍ୟ ଅଂଶୀଦାର (ମାନଙ୍କ)ଙ୍କ ପ୍ରାସଙ୍ଗିକ ବିବରଣୀ ଏହାର ୱେବସାଇଟ୍ www.tatasteel.com ରେ ଉପଲବ୍ଧ କରିଛି। ଅଂଶୀଦାରମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ସେମାନଙ୍କର ଦାବି ନକରିଥିବା ଲାଭାଂଶ(ଗୁଡ଼ିକ) ଏବଂ ସେମାନଙ୍କର ଅଂଶର ବିବରଣୀ ଯାଞ୍ଚ କରିବା ପାଇଁ https://www.tatasteel.com/investors/investor-information/unclaimed-dividend/ ଦେଖନ୍ତୁ।

**ଅଂଶୀଦାରମାନଙ୍କୁ ଅନୁରୋଧ କରାଯାଉଛି ଯେ ଯଦି ୨୦ ଅଗଷ୍ଟ, ୨୦୨୫ ସୁଦ୍ଧା ଦାବି କରାଯାଇନଥିବା ଲାଭାଂଶ ଦାବି କରାଯାଏ ନାହିଁ, ତେବେ ୨୦୧୭-୧୮ ଆର୍ଥିକ ବର୍ଷ (୨୦୧୮-୧୯ ଆର୍ଥିକ ବର୍ଷରେ ପରିଶୋଧ କରାଯାଇଥିବା) ପାଇଁ ପୂର୍ବ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡର ଦାବି କରାଯାଇନଥିବା ଲାଭାଂଶ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କୁ ସ୍ଥାନାନ୍ତରିତ ହେବ। ଏହା ବ୍ୟତୀତ, ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡରେ ଯୋଗ୍ୟ ଅଂଶୀଦାରମାନଙ୍କ ଦ୍ୱାରା ଧାରଣ କରାଯାଇଥିବା ଇକ୍ୱିଟି ଅଂଶ (ଯାହା କମ୍ପାନୀରେ ଏବଂ ସହିତ ସମ୍ମିଶ୍ରଣ ହୋଇଥିଲା) ବିରୁଦ୍ଧରେ ମିଶ୍ରଣ ଫଳରେ ଅଂଶୀଦାର ମାନଙ୍କୁ ଆବଣ୍ଟିତ କମ୍ପାନୀର ଇକ୍ୱିଟି ଅଂଶ, ଯାହା ସମ୍ପର୍କରେ ଲଗାତାର ୭ ବର୍ଷ ପାଇଁ ଦାବି କରାଯାଇ ନାହିଁ, ଅଂଶୀଦାର ମାନଙ୍କୁ ନିମ୍ନଲିଖିତ ଉପାୟରେ କୌଣସି ସୂଚନା ବିନା ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସ୍ଥାନାନ୍ତରିତ ହେବ:**

ଯଦି ଇକ୍ୱିଟି ଅଂଶ ଧାରଣ କରାଯାଏ:
- **ଭୌତିକ ରୂପରେ** – ଆବଶ୍ୟକୀୟ ଔପଚାରିକତା ସମାପ୍ତ ହେବା ପରେ ନୂତନ ଅଂଶୀଦାର ପ୍ରମାଣପତ୍ର (ଗୁଡ଼ିକ) ଜାରି କରାଯିବ ଏବଂ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସ୍ଥାନାନ୍ତରିତ କରାଯିବ। ତେଣୁ, ଅଂଶୀଦାର(ମାନଙ୍କ) ନାମରେ ଜାରି କରାଯାଇଥିବା ମୂଳ ଅଂଶୀଦାର ପ୍ରମାଣପତ୍ର (ଗୁଡ଼ିକ) / ନିଶ୍ଚିତକରଣ ପତ୍ର (ଗୁଡ଼ିକ) ବାତିଲ ଏବଂ ଅବିଚାରଯୋଗ୍ୟ ବୋଲି ବିବେଚନା କରାଯିବ।
- **ଡିମାଟେରିଆଲାଇଜଡ୍ ରୂପରେ** – କମ୍ପାନୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ଅଂଶୀଦାରମାନଙ୍କ ଡିମାଟ୍ ଆକାଉଣ୍ଟରେ ପଡ଼ିଥିବା ଇକ୍ୱିଟି ସେୟାର ସ୍ଥାନାନ୍ତର ପାଇଁ କର୍ପୋରେଟ୍ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଜମାକାରୀଙ୍କୁ ସୂଚିତ କରିବ।

ସମ୍ପୃକ୍ତ ଅଂଶୀଦାରମାନଙ୍କୁ ଅନୁରୋଧ କରାଯାଇଛି ଯେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠିକୁ ସ୍ଥାନାନ୍ତରିତ ଏପରି ଇକ୍ୱିଟି ଅଂଶ ଉପରେ ସୃଷ୍ଟି ହେଉଥିବା ସମସ୍ତ ଭବିଷ୍ୟତ ଲାଭ ମଧ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ଜାରି/ସ୍ଥାନାନ୍ତରିତ କରାଯିବ।

ଅଂଶୀଦାରମାନେ ଧ୍ୟାନ ଦେଇପାରିବେ ଯେ ଦାବି କରାଯାଇନଥିବା ଲାଭାଂଶ ଏବଂ/ଅଥବା ଇକ୍ୱିଟି ଅଂଶ(ଗୁଡ଼ିକ) ଉଭୟ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସ୍ଥାନାନ୍ତରିତ ହୋଇସାରିଛି, ଯାହା ପାଇଁ ଅଂଶୀଦାରମାନେ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ୱେବସାଇଟ୍ www.mca.gov.in କୁ ଯାଇ ଏବଂ ୱେବ୍ ଫର୍ମ IEPF 5 ଦାଖଲ କରିବା ଏବଂ ଅଧିକାର ପତ୍ର (EL) ପାଇବା ପାଇଁ ଆବଶ୍ୟକ ସମସ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ କମ୍ପାନୀକୁ ଦାଖଲ କରି ଦାବି କରିପାରିବେ। EL ଜାରି ହେବା ପରେ, ଆପଣଙ୍କୁ EL ସହିତ ଅନଲାଇନରେ ୱେବ୍ ଫର୍ମ IEPF 5 ଫାଇଲ୍ କରିବାକୁ ଅନୁରୋଧ କରାଯାଉଛି ଏବଂ ଏହାର ଭୌତିକ କପି, ଯଥାସମ୍ଭବ ସ୍ୱାକ୍ଷରିତ, ଟାଟା ଷ୍ଟିଲ୍ ଲିମିଟେଡ୍ ର ନୋଡାଲ୍ ଅଧିକାରୀ/ଡେପୁଟି ନୋଡାଲ୍ ଅଧିକାରୀଙ୍କ ଦୃଷ୍ଟିକୁ ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା (ବମ୍ବେ ହାଉସ୍, ୨୪, ହୋମି ମୋଦୀ ଷ୍ଟ୍ରିଟ୍, ଫୋର୍ଟ, ମୁମ୍ବାଇ ୪୦୦୦୦୧/Bombay House, 24, Homi Mody Street, Fort, Mumbai 400001) ରେ ପଠାଇବାକୁ ଅନୁରୋଧ କରାଯାଉଛି, ଯଦି କମ୍ପାନୀ/ରେଜିଷ୍ଟ୍ରାର ଏବଂ ସ୍ଥାନାନ୍ତର ଏଜେଣ୍ଟ କୁ ପୂର୍ବରୁ ପଠାଯାଇ ନାହିଁ, ତେବେ IEPF-5 ୱେବ୍ ଫର୍ମରେ ତାଲିକାଭୁକ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହିତ।

ଅଂଶୀଦାରମାନେ ଆହୁରି ମଧ୍ୟ ଧ୍ୟାନ ଦେଇପାରିବେ ଯେ କମ୍ପାନୀ ଦ୍ୱାରା ଏହାର ୱେବସାଇଟ୍ ରେ ଅପଲୋଡ୍ କରାଯାଇଥିବା ସମ୍ପୃକ୍ତ ଅଂଶୀଦାରଙ୍କ ଦାବି କରାଯାଇନଥିବା ଲାଭାଂଶ ଏବଂ/କିମ୍ବା ଅଂଶର ବିବରଣୀକୁ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ସମୟ ସମୟରେ ଜାରି କରାଯାଇଥିବା ନିୟମ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ବିଜ୍ଞପ୍ତି ସହିତ ପଠିତ ଆଇନ ଅନୁଯାୟୀ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷଙ୍କ ସପକ୍ଷରେ ଅଂଶ ସ୍ଥାନାନ୍ତର ଉଦ୍ଦେଶ୍ୟରେ କମ୍ପାନୀ ଦ୍ୱାରା ନୂତନ ଅଂଶୀଦାର ପ୍ରମାଣପତ୍ର ଜାରି କରିବା ସମ୍ପର୍କରେ ପର୍ଯ୍ୟାପ୍ତ ସୂଚନା ଭାବରେ ବିବେଚନା କରାଯିବ।

**ଦୟାକରି ଧ୍ୟାନ ଦିଅନ୍ତୁ ଯେ ଆଇନଗତ ସମୟସୀମା ମଧ୍ୟରେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠିକୁ ସ୍ଥାନାନ୍ତରିତ ହେବାକୁ ଥିବା ଦାବି କରାଯାଇନଥିବା ଲାଭାଂଶ ଏବଂ ଇକ୍ୱିଟି ସେୟାର ସମ୍ପର୍କରେ କମ୍ପାନୀ ବିରୁଦ୍ଧରେ କୌଣସି ଦାବି କରାଯିବ ନାହିଁ।**

ଉପରୋକ୍ତ ବିଷୟରେ ଯେକୌଣସି ପ୍ରଶ୍ନ ପାଇଁ, କମ୍ପାନୀର ଅଂଶୀଦାର ମାନଙ୍କୁ ନିମ୍ନଲିଖିତ ମଧ୍ୟରୁ ଯେକୌଣସି ଗୋଟିଏ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି:

| କମ୍ପାନୀର ଯୋଗାଯୋଗ ବିବରଣୀ | ରେଜିଷ୍ଟ୍ରାର ଏବଂ ସ୍ଥାନାନ୍ତର ଏଜେଣ୍ଟ (RTA) |
|---|---|
| ଶ୍ରୀ ପାର୍ବଥୀସମ୍ କାଞ୍ଚିନାଧାମ୍<br>କମ୍ପାନୀ ସଚୀବ ଏବଂ ମୁଖ୍ୟ ଆଇନ୍ ଅଧିକାରୀ (ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ଉଦ୍ଦେଶ୍ୟରେ ନୋଡାଲ୍ ଅଧିକାରୀ)<br>ବମ୍ବେ ହାଉସ୍, ୨୪, ହୋମି ମୋଦୀ ଷ୍ଟ୍ରିଟ୍, ଫୋର୍ଟ, ମୁମ୍ବାଇ ୪୦୦୦୦୧<br>ଟେଲିଫୋନ୍ ନଂ: +୯୧ ୨୨ ୬୬୬୫୭୨୭୯<br>ଇ-ମେଲ୍: cosec@tatasteel.com | ଏମ୍.ୟୁ.ଏଫ୍.ଜି ଇନଟାଇମ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍<br>(ପୂର୍ବରୁ ଲିଙ୍କ୍ ଇନଟାଇମ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍)<br>ସି-୧୦୧, ପ୍ରଥମ ମହଲା, ୨୪୭ ପାର୍କ,<br>ଲାଲ ବାହାଦୁର ଶାସ୍ତ୍ରୀ ମାର୍ଗ, ଭିକ୍ରୋଲି (ପଶ୍ଚିମ), ମୁମ୍ବାଇ ୪୦୦୦୮୩<br>ଟେଲିଫୋନ୍ ନଂ: +୯୧ ୮୧୦ ୮୧୧ ୮୪୮୪<br>ପ୍ରଶ୍ନ ପଚାରିବା ନିମନ୍ତେ, ଦୟାକରି ୱେବସାଇଟକୁ ଯାଆନ୍ତୁ:<br>www.in.mpms.mufg.com |

ମଇ ୧୮, ୨୦୨୫
ମୁମ୍ବାଇ

ଟାଟା ଷ୍ଟିଲ୍ ଲିମିଟେଡ୍
Sd/-
ଶ୍ରୀ ପାର୍ବଥୀସମ୍ କାଞ୍ଚିନାଧାମ୍
କମ୍ପାନୀ ସଚୀବ ଏବଂ ମୁଖ୍ୟ ଆଇନ୍ ଅଧିକାରୀ
ସଦସ୍ୟତା ନଂ ଏସିଏସ: ୧୫୯୨୧

TATA STEEL

**ସଂକ୍ଷେପରେ**

## ଚୋରି ଲୁହାରଡ୍ ଜବତ, ଜଣେ ଗିରଫ

ଧର୍ମଶାଳା,୧୮।୫(ବଟକୃଷ୍ଣ ପରିଡ଼ା): ଜେନାପୁର ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀରେ ପୋଲ ନିର୍ମାଣ କରୁଥିବା ଏକ ଠିକାସ୍ଥାର ଷ୍ଟକ୍ୟାର୍ଡରୁ ୧୬ ତାରିଖ ରାତିରେ ଚୋରି ହୋଇଥିବା ଲୁହାରଡ୍‌କୁ ପୋଲିସ ଜବତ କରିଛି। ଏଥିସହିତ ରଡ୍ ଚୋରି କରିଥିବା ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପୋଲ ନିକଟ ରାଇଛନ୍ଦା ଗ୍ରାମର ବିନୋଦ୍ ମଳିକ(୪୫)। ରଡ୍ ଚୋରି ନେଇ ଠିକା ସଂସ୍ଥାର ପରିଚାଳକ ଅଶୋକ କୁମାର ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ। ପୋଲ କାମରେ ବ୍ୟବହୃତ ହେଉଥିବା ପ୍ରାୟ ୫୦କେଜି ରଡ୍ କେହି ନେଇଯାଇଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ନଂ.୧୮୦/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତବେଳେ ଅଭିଯୁକ୍ତଙ୍କ ଘରୁ ଚୋରି ଲୁହା ରଡ୍ ମିଳିଥିଲା ବୋଲି ଏସ୍ଆଇ ରଞ୍ଜନ କୁମାର ବେହେରା ସୂଚନା ଦେଇଛନ୍ତି।

## ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତାରେ ବିରାଟ ଗର୍ତ୍ତ

ବ୍ରହ୍ମବରଦା,୧୮।୫ (ଯଯାତି କେଶରୀ ବେହେରା):

ରସୁଲପୁର ବ୍ଲକ ଅନ୍ତର୍ଗତ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ବିରାଟ ଗର୍ତ୍ତ ଥିବା ଦେଖିବାକୁ ମିଳିଛି। ଏହି ରାସ୍ତା କିଛିମାସ ପୂର୍ବେ ମରାମତି କରାଯାଇଥିଲେ ସୁଦ୍ଧା ଗର୍ତ୍ତଗୁଡ଼ିକୁ ଅଣଦେଖା କରାଯାଇଛି। ଦୁର୍ଗାପୁର-ଶଙ୍ଖମଠ ନିକଟରେ ରାସ୍ତା ଅଣଓସାରିଆ ହୋଇଥିବାବେଳେ ରାସ୍ତାମଝିରେ ଗର୍ତ୍ତରହିଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ଭାରିଯାନ ଚଳାଚଳ କରୁଛି। ରାସ୍ତାରେ ଗର୍ତ୍ତଥିବାରୁ ଦୁର୍ଘଟଣା ଘଟୁଛି। ଅନ୍ୟପକ୍ଷରେ ଉକ୍ତି ସ୍ଥାନ ଅଣଓସାରିଆ ଓ ମୋଡ଼ାଣି ଥିବାରୁ ରାତ୍ରି ସମୟରେ ଉଭୟ ପଟୁ ଆସୁଥିବା ଯାନବାହନ ଚାଳକ ଗର୍ତ୍ତ ଜାଣି ନ ପାରି ଦୁର୍ଘଟଣା ଘଟାଉଛନ୍ତି। ପାଣିକୋଇଲି ପୂର୍ତ୍ତ ବିଭାଗର ଏହି ରାସ୍ତା ହୋଇଥିବାରୁ ମରାମତି ଦିଗରେ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।



# ସରୁନି ରାସ୍ତା କାମ, ଚୁକ୍ତି ବାତିଲ ସୁପାରିସ

ଯାଜପୁର,୧୮।୫(ହର୍ଷବର୍ଦ୍ଧନ ବେହେରା)

**ଉତ୍ତରଖଜୁରିଆଠାରୁ ସୁନ୍ଦରପୋଖରୀ ପିଏମ୍‌ଜିଏସ୍‌ୱାଇ ରାସ୍ତା**




ବ୍ଲକ ଏବଂ ଗ୍ରାମାଞ୍ଚଳବାସୀ ପକ୍କା ଓ ସୁଦୃଢ଼ ରାସ୍ତା ନିର୍ମାଣ କରିବାକୁ ଦାବି କରୁଛନ୍ତି। ଏହିକ୍ରମରେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ବିପୁଳ କୋଟି ଟଙ୍କା ଖର୍ଚ୍ଚ କରି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ)ରେ ରାସ୍ତା ନିର୍ମାଣ ହେଉଛି। ହେଲେ ଦାୟିତ୍ୱରେ ରହୁଥିବା କେତେକ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ନିର୍ଦ୍ଧାରିତ ସମୟରେ ରାସ୍ତା ନିର୍ମାଣ ଶେଷ ହୋଇ ପାରୁନାହିଁ। ଅଧାପନ୍ତରିଆ ରାସ୍ତା ନିର୍ମାଣକୁ ନେଇ ସମ୍ପୃକ୍ତ ଗ୍ରାମାଞ୍ଚଳବାସୀ ନାହିଁ ନଥିବାର ସମସ୍ୟାର ସମ୍ମୁଖୀନ ହେଉଥିବା ସହ ସରକାରଙ୍କ ଉଦ୍ଦେଶ୍ୟ ପରାହତ ହେଉଛି। ଯାଜପୁର ଜିଲାର ଉତ୍ତରଖଜୁରିଆଠାରୁ ସୁନ୍ଦରପୋଖରୀ ଭାୟା ତରାକୋଟା ପିଏମଜିଏସ୍‌ୱାଇ ରାସ୍ତାକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ନିର୍ଦ୍ଧାରିତ ସମୟରେ ଉକ୍ତ ରାସ୍ତାକୁ ସମ୍ପୂର୍ଣ୍ଣ କରି ନ ପାରିବାରୁ ଠିକାଦାର ଭାଗୀରଥି ସାହୁଙ୍କ ଚୁକ୍ତି ବାତିଲ କରିବାକୁ ପିଏମ୍‌ଜିଏସ୍‌ୱାଇ ଚିଫ୍ ଇଞ୍ଜିନିୟରଙ୍କୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ସୁପାରିସ କରିଛନ୍ତି। ଏଭଳି ପୂର୍ବରୁ ଅନେକ ନିର୍ମାଣାଧିନ ରାସ୍ତା ୫ରୁ ୧୦ ବର୍ଷ ପର୍ଯ୍ୟନ୍ତ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହୁଥିବାରୁ ଗମନାଗମନ ବ୍ୟବସ୍ଥା ସୁଦୃଢ଼ ହୋଇ ପାରୁ ନଥିବା ମତପ୍ରକାଶ ପାଇଛି।

କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ଯୋଜନା ମାଧ୍ୟମରେ ଜିଲାର ରାସ୍ତା ନିର୍ମାଣ, ପୁନଃ ନିର୍ମାଣ, ପ୍ରଶସ୍ତୀକରଣ ଓ ମରାମତି ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହି କ୍ରମରେ କେବଳ ସହରାଞ୍ଚଳର ବିକାଶ ସହିତ ଗ୍ରାମାଞ୍ଚଳକୁ ସାମିଲ କରିବା ଉଦ୍ଦେଶ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ଅଗ୍ରାଧିକାର ଦେଇ ସରକାର ପିଏମ୍‌ଜିଏସ୍‌ୱାଇ ପ୍ରଣୟନ କରିଛନ୍ତି। ପ୍ରତ୍ୟେକ ୧ ହଜାର ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ସୁଦୃଢ଼ ପକ୍କା ଏବଂ ଦୀର୍ଘସ୍ଥାୟୀ ରାସ୍ତା ନିର୍ମାଣ କରିବା ଏହି ଯୋଜନାର ଲକ୍ଷ୍ୟ। ତେବେ ଜିଲାର ଯାଜପୁର ଓ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନର ଯନ୍ତ୍ରୀ ଏବଂ ଠିକାଦାରଙ୍କ ଅସାଧୁମେଣ୍ଟ ଯୋଗୁ ଯୋଜନାର ଅଗ୍ରଗତି ନୈରାଶ୍ୟଜନକ ରହିଥିବା ଅଭିଯୋଗ ହୋଇଆସୁଛି। ଏପରିକି ଠିକାଦାରମାନଙ୍କୁ କାରଣ ଦର୍ଶାଅ ନୋଟିସ ଦେଇ ବିଭାଗ ନିଜର ଦାୟିତ୍ୱ ସମ୍ପାଦନ କରୁଥିବା ମନେ ହେଉଛି। ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଧୀନରେ ନିର୍ମାଣାଧୀନ ଉତ୍ତରଖଜୁରିଆଠାରୁ ସୁନ୍ଦରପୋଖରୀ ପିଏମ୍‌ଜିଏସ୍‌ୱାଇ ରାସ୍ତା ୨୦୨୨ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିଲେ ହେଁ ମାତ୍ର ୨୫% କାମ ହୋଇଛି। ଏହି ରାସ୍ତା ପାଇଁ ୧ କୋଟି ୬୬ ଲକ୍ଷ ୪୯ ହଜାର ୫୬୭ ଟଙ୍କା ବ୍ୟୟଅଟକଳ ହୋଇଥିଲା। ୧୩।୯।୨୦୨୨ରେ ଆରମ୍ଭ ହୋଇ ୧୨।୬।୨୦୨୩ରେ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। ଠିକାଦାର ସାହୁ ୪୪ ଲକ୍ଷ ୯୭ ହଜାର ୪୫୪ ଟଙ୍କା ଖର୍ଚ୍ଚ କରି ପ୍ରାୟ ଏକ ଚତୁର୍ଥାଂଶ କାମ କରିଛନ୍ତି। ମନ୍ଥର କାର୍ଯ୍ୟ ହେଉଥିବା ରିପୋର୍ଟ ପାଇ ନିର୍ବାହୀ ଯନ୍ତ୍ରୀ ଏକାଧିକ ଥର ଠିକାଦାରଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଥିଲେ। ଏହାପରେ ଠିକାଦାରଙ୍କ ଅନୁରୋଧ କ୍ରମେ ରାସ୍ତା କାର୍ଯ୍ୟ ୨୪।୭।୨୦୨୪ ସୁଦ୍ଧା ଶେଷ କରିବାକୁ ବିଭାଗ ପକ୍ଷରୁ ସୁଯୋଗ ଦିଆଯାଇଥିଲା। ତଥାପି ଠିକାଦାର ରାସ୍ତା କାର୍ଯ୍ୟରେ କୌଣସି ଅଗ୍ରଗତି କରି ନ ଥିଲେ। ଫଳରେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଠିକାଦାରଙ୍କ ସହିତ ହୋଇଥିବା ଚୁକ୍ତି ବାତିଲ କରିବାକୁ ୧୯।୧୨।୨୦୨୪ରେ ଚିଫ୍ ଇଞ୍ଜିନିୟରଙ୍କୁ ସୁପାରିସ କରାଯାଇଥିଲା। ଏହାପରେ ଠିକାଦାର ୩୧।୩।୨୦୨୫ ସୁଦ୍ଧା ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ ବୋଲି ପୁଣି ଏକ ଅନୁରୋଧ ପତ୍ର ଦେଇଥିଲେ। ଏହାକୁ ଶେଷ ସୁଯୋଗ ଦେଇ ଠିକାଦାରଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦେଇଥିଲେ। କିନ୍ତୁ ବିଡମ୍ବନା ଯେ, ଠିକାଦାର କୌଣସି ଅଗ୍ରଗତି କରି ନଥିବା ନିର୍ବାହୀ ଯନ୍ତ୍ରୀଙ୍କ ସୁପାରିସ ପତ୍ରରୁ ଜଣାପଡ଼ିଛି। ତେବେ ବିଳମ୍ବ କାର୍ଯ୍ୟ ଯୋଗୁ ଏହି ରାସ୍ତାର ବ୍ୟୟ ଅଟକଳ ପୁଣି ବଢ଼ିବା ସମ୍ଭାବନା ରହୁଛି। ଏହାସହ ରାସ୍ତା କାର୍ଯ୍ୟ ଅତିନିମ୍ନମାନର ହେଉଥିବାରୁ ବିଭିନ୍ନ ସ୍ଥାନରେ ଗେଟି ବାହାରି ପଥଚାରୀଙ୍କ ପାଇଁ ବିପଦ ହୋଇଥିବା ଅଭିଯୋଗ ହେଉଛି।

## ପୋଲିସ କନ୍‌ଷ୍ଟେବଲଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ଯାଜପୁରରୋଡ୍,୧୮।୫ (ପବିତ୍ର ରଞ୍ଜନ ମହାନ୍ତି):



ଗିରଫ ୨ ଅଭିଯୁକ୍ତ।

ବ୍ୟାସନଗର ସହରର ଚୋରଦା ବାଇପାସ ଛକରେ କନ୍‌ଷ୍ଟେବଲ ସୁବାସ ଚନ୍ଦ୍ର ବେହେରାଙ୍କୁ ଆକ୍ରମଣ ଘଟଣାରେ ଯାଜପୁରରୋଡ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି।

ସେମାନେ ହେଲେ ଯାଜପୁର ରୋଡ୍ ଥାନା ଲକ୍ଷ୍ମୀନଗର ଗ୍ରାମର ପ୍ରଦୀପ୍ତ ବିଶ୍ୱାଳ (୨୮) ଏବଂ ପାଣିକୋଇଲି ଥାନା ଜହ୍ନା ଗ୍ରାମର ବିକରଣ ବିଶ୍ୱାଳ(୨୮)।

ଶନିବାର ଅପରାହ୍ନ ୫ଟାରେ ଯାଜପୁରରୋଡ ଥାନାର କନ୍‌ଷ୍ଟେବଲ ସୁବାସ ଚୋରଦା ବାଇପାସ ଛକରେ ଡ୍ୟୁଟି କରୁଥିଲେ। ଏହି ସମୟରେ ୨ ମଦ୍ୟପ ଯୁବକ ବାଇକରେ ଆସି ସୁବାସଙ୍କୁ ରାସ୍ତା ନିକଟରେ ରଖିଥିବା ସ୍କୁଟି ହଟାଇବାକୁ କହିଥିଲେ। ଏଥିରେ ସୁବାସ ଅରାଜି ହେବାରୁ ସେମାନେ ସ୍କୁଟିର ମିରର ଭାଙ୍ଗିବା ସହ ସୁବାସଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ସୁବାସ ପ୍ରତିବାଦ କରିବାରୁ ତାଙ୍କ ପୋଷାକ ଚିରିଦେବା ସହ ମାଡ଼ ମାରିଥିଲେ। ଏହି ଆକ୍ରମଣରେ ସୁବାସଙ୍କ ସୁନା ଚେନ ହଜିଯାଇଥିଲା। ଯାଜପୁରରୋଡ ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଓ ଆଶିଷ ସାହୁ ପହଞ୍ଚି ସମ୍ପୃକ୍ତ ୨ ଯୁବକଙ୍କୁ ଧରି ଥାନାକୁ ନେଇଥିଲେ। ଅଭିଯୋଗ ହେବାପରେ ସିସିଟିଭି ଫୁଟେଜ ଓ ଘଟଣା ସ୍ଥଳରେ ଉପସ୍ଥିତ ଲୋକଙ୍କ ବୟାନକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏନେଇ ଥାନାରେ ନଂ.୨୮୭/୨୫ରେ ମାମଲା ରୁଜୁ ହୋଇଛି।

# ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା




ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ।

ସିଂହପୁର,୧୮।୫(ଅନଙ୍ଗ ଉଦୟ ବେଉରିଆ):

ଭାରତୀୟ ସେନାର ଅପରେଶନ 'ସିନ୍ଦୁର' ସଫଳତା ପରେ ଦେଶର ବୀର ଯବାନମାନଙ୍କୁ ଉତ୍ସାହିତ ଓ ସମ୍ମାନିତ କରିବା ନିମନ୍ତେ ବିଞ୍ଝାରପୁର ଭାଜପା ପକ୍ଷରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଅଳକୁଣ୍ଡ ନୂଆଗାଁଠାରୁ ଅଳକୁଣ୍ଡ ମୁକ୍ତେଶର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏମ୍‌ପି ରବୀନ୍ଦ୍ର କୁମାର ବେହେରା ଯୋଗଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ଜାତୀୟ ସଙ୍ଗୀତ ଗାନ କରାଯିବା ସହିତ ଶହୀଦ ଯବାନଙ୍କ ସମ୍ମାନଥେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶୋଭାଯାତ୍ରାରେ ବିଞ୍ଝାରପୁର ଭାଜପା ନେତ୍ରୀ ବବିତା ମଲ୍ଲିକଙ୍କ ସେମତ ସ୍ଥାନୀୟ ଯୁବକ, ମହିଳା, ସାମାଜିକ ସଂଗଠନ, ପୋଲିସ ବାହିନୀ ଓ ଅବସରପ୍ରାପ୍ତ ସାମରିକ ବାହିନୀ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ନିରଞ୍ଜନ ବେଉରିଆ, ବରିଷ୍ଠ କାର୍ଯ୍ୟକର୍ତ୍ତା ଭୁବନାନନ୍ଦ ସାମଲ, ଏମ୍‌ପିଙ୍କ ପ୍ରତିନିଧି ପୁରୁଷୋତ୍ତମ ବେହେରା, ଜିତେନ୍ଦ୍ର ବିଶ୍ୱାଳ, ସଂଖ୍ୟାଲଘୁ ସମ୍ପ୍ରଦାୟର ସେକ୍ କାବୁଲ ବେଗ, ଶରତ ଚନ୍ଦ୍ର ଦାସ ଓ ଜ୍ୟୋତିପ୍ରକାଶ ନାୟକଙ୍କ ସମେତ ବହୁ ଭାଜପା କାର୍ଯ୍ୟକର୍ତ୍ତା ଯୋଗଦେଇ ସହଯୋଗ କରିଥିଲେ।

## ଚକ୍ଷୁ ଚିକିତ୍ସା ଶିବିର

ଝୁମ୍ପୁରୀ,୧୮।୫(ସରୋଜ ନାୟକ):

ଦଶରଥପୁର ପଞ୍ଚାୟତ ଅଫିସ୍ ସମ୍ମୁଖ ଏକ ମଣ୍ଡପଠାରେ ସକ୍ଷମ ଅନୁଷ୍ଠାନ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ସ୍ୱାସ୍ଥ୍ୟ ସମସ୍ତଙ୍କ ପାଇଁ ଅମୂଲ୍ୟ ସମ୍ପଦ। ଏହାର ନିୟମିତ ପରୀକ୍ଷା କରିବା ଜରୁରୀ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଜିଲା ଭାଜପା ସଭାନେତ୍ରୀ ଦେବଯାନୀ ପ୍ରଧାନ, ବରିଷ୍ଠ ନେତା ଅମୀୟକାନ୍ତ ମଲ୍ଲିକ, ସଞ୍ଜୟ କୁମାର ନାୟକ, ସଂଗ୍ରାମ କେଶରୀ ପାତ୍ର, ମୃତ୍ୟୁଞ୍ଜୟ ମିଶ୍ର, ପ୍ରତ୍ୟୁଷ ନାୟକ ପ୍ରମୁଖ ଯୋଗଦେଇଥିଲେ। ଚକ୍ଷୁ, ଦନ୍ତ, ମେଡିସିନ୍ ବିଭାଗର ଡାକ୍ତର କର୍ଣ୍ଣାଟ କେଶରୀ ଜେନା, ଉପେନ୍ଦ୍ର ବାରିକ, ରଜତକାନ୍ତ ଶତପଥୀ ଓ ସକ୍ଷମ ପୂର୍ବ ଓଡ଼ିଶାର ସଭାପତି ବସୁ ବାବୁ ଉପସ୍ଥିତ ରହି ବିଭିନ୍ନ ଅଞ୍ଚଳରୁ ଆସିଥିବା ରୋଗୀଙ୍କ ପରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ। ଭାଜପା ନେତା ନିରଞ୍ଜନ ସାହୁ, ରମାକାନ୍ତ ମଲ୍ଲିକ, ବିଜୟ ମଲ୍ଲିକ, ବିରଜା ପ୍ରସାଦ ଦାସ, ସତ୍ୟବ୍ରତ ବାଇ, ପୀୟୁଷ ନାୟକ, ପ୍ରିୟରଞ୍ଜନ ବାରିକ, ସୋମନାଥ ନାୟକ, ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## କିଡ୍‌ନୀ ରୋଗରେ ଆକ୍ରାନ୍ତ ମାନସଙ୍କୁ ସହାୟତା



କିଡ୍‌ନୀ ରୋଗରେ ଆକ୍ରାନ୍ତ ମାନସ ଦଳାଇଙ୍କ ସ୍ତ୍ରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

କାଏମା,୧୮।୫(ଶିବ ପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ କୋଟପୁର ପଞ୍ଚାୟତ ମୁରଡପୁର ଗାଁର ମାନସ ଦଳାଇ ଦୀର୍ଘ ଦିନ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଅର୍ଥ ଅଭାବରୁ ତାଙ୍କର ଚିକିତ୍ସା କରାଯାଇ ପାରୁନାହିଁ। ଏନେଇ ଧରିତ୍ରୀରେ 'କିଡନୀ ରୋଗରେ ଆକ୍ରାନ୍ତଙ୍କ ଚିକିତ୍ସାରେ ଅର୍ଥ ବାଧକ' ଶୀର୍ଷକ ଖବର ୧୪ତାରିଖରେ ପ୍ରକାଶ ପାଇବା ପରେ ଶନିବାର ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମାନସଙ୍କୁ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଆଗାମୀ ଦିନରେ ମେଡିକାଲ ଯିବା ଆସିବା ସହ ପରିବାରକୁ ସହାୟତା ପ୍ରଦାନ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଟ୍ରଷ୍ଟ ସଦସ୍ୟ ଚୈତନ୍ୟ ନାୟକ, ଲୋକନାଥ ମହାନ୍ତି, ନିଗମାନନ୍ଦ ଦାସ, ଦିବ୍ୟଜ୍ୟୋତି ପରିଡ଼ା ଓ ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ପହଞ୍ଚି ସହାୟତା ରାଶି ପ୍ରଦାନ କରିଛନ୍ତି। ମାନସ ଅର୍ଥ ଅଭାବରୁ ଜୀବନ ସହ ସଂଗ୍ରାମ କରୁଛନ୍ତି। ଘରେ ସ୍ତ୍ରୀ ଓ ଚାରି ଝିଅ। ବଡ଼ ଝିଅଙ୍କୁ ୯ବର୍ଷ ହୋଇଥିବାବେଳେ ସବା ସାନଙ୍କୁ ମାତ୍ର ୫ ବର୍ଷ। ମାନସ ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାନ୍ତି। ହେଲେ ସେ ଏବେ ରୋଗରେ ପଡ଼ିଥିବାରୁ ତାଙ୍କ ପରିବାର ଚଳିବା କଷ୍ଟକର ହୋଇପଡ଼ିଛି।

# ବିଧାୟକଙ୍କୁ ସମସ୍ୟା ଜଣାଇଲା ବରୀ ମାଉଣ୍ଡ ବଣିକ ମହାସଂଘ


ବରୀ,୧୮।୫(ମହେନ୍ଦ୍ର ସ୍ୱାଇଁ):

ବରୀ ମାଉଣ୍ଡ ବଣିକ ମହାସଂଘ ପକ୍ଷରୁ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ରବିବାର ଅପରାହ୍ନରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହିତ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇ ବଜାରର ରାସ୍ତା ଆଲୋକୀକରଣ, ପାନୀୟ ଜଳ ସମସ୍ୟା ଓ ଶୌଚାଳୟ ନିର୍ମାଣ ବିଷୟରେ ଅବଗତ କରାଯାଇଛି। ମହାସଂଘର ସ୍ଥାୟୀ ସଭାପତି ଧୀରେଶ ଚନ୍ଦ୍ର ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଶୁକଦେବ ବେହେରା ଉପସ୍ଥିତ ଥିବାବେଳେ ଗଙ୍ଗାଧର ଦାସ ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ଅଶୋକ ଗେଡ଼ି, ସାମାଜିକ କର୍ମୀ କେଦାର ସାମଲ, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ସନ୍ତୋଷ ସାମଲ, ଦିଲୀପ ମହାନ୍ତି, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ବୀରେନ୍ଦ୍ର ମିଶ୍ର, ପ୍ରସନ୍ନ ସାମଲ, ପ୍ରାକ୍ତନ ସରପଞ୍ଚ ପ୍ରମୋଦ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ମହାସଂଘର କର୍ମକର୍ତ୍ତା ରବୀନ୍ଦ୍ର ସାହୁ, ଶୁଭ୍ରାଂଶୁ ଶେଖର ବିଶ୍ୱାଳ, ପ୍ରଦୀପ ବେଉରିଆ, ସତ୍ୟବ୍ରତ ପରିଡ଼ା, ରମଣି ରଞ୍ଜନ ସିଂ, ଅମରଜିତ ବିଶ୍ୱାଳ, ବାପି ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ। କୁନି ଝିଅ ଅମ୍ରିତା ଦ୍ୱିବେଦୀ ସ୍ୱାଗତ ନୃତ୍ୟ ପରିବେଷଣ କରିଥିବାବେଳେ କୀର୍ତ୍ତି ଦାସ ଧନ୍ୟବାଦ ଦେଇଥିଲେ।




ବରୀ ମାଉଣ୍ଡ ବଣିକ ମହାସଂଘର ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

# ଏକାଠି ହେଲେ ୯ ପଞ୍ଚାୟତର ଛାମୁଆ କର୍ମୀ



ବୈଠକରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାଶ ଓ ଅନ୍ୟମାନେ।

ରସୁଲପୁର,୧୮।୫(ରଞ୍ଜିତ ରାଉତ):

**ଟିକରପଡା ପଞ୍ଚାୟତରେ ବିଜେଡିର ସାଙ୍ଗଠନିକ ବୈଠକ**

କୋରେଇ ନିର୍ବାଚନମଣ୍ଡଳୀ ଅଧୀନ ରସୁଲପୁର ବ୍ଲକର ଟିକରପଡ଼ା ପଞ୍ଚାୟତରେ ବିଜେଡି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଦଳର ରାଜ୍ୟ ଉପସଭାପତି ପ୍ରବଣ ପ୍ରକାଶ ଦାସ(ବବି) ଯୋଗଦେଇ ୯ ପଞ୍ଚାୟତର ଛାମୁଆ କର୍ମୀଙ୍କୁ ଏକାଠି କରି ବିରୋଧୀଙ୍କ ଉଦ୍ଦେଶ୍ୟରେ ରଣହୁଙ୍କାର ଦେଇଛନ୍ତି। ଦଳକୁ ତଳସ୍ତରରୁ ଆହୁରି ସଂଗଠିତ କରିବାକୁ କର୍ମୀଙ୍କୁ ଆହ୍ୱାନ କରିଛନ୍ତି। କର୍ମୀଙ୍କ ମନୋବଳ ବଢ଼ାଇବାକୁ ଯାଇ ସେ କହିଛନ୍ତି, ଲଢିବା, ପୁଣି ଆଗକୁ ସରକାର ଗଢ଼ିବା। କୋରେଇବାସୀଙ୍କ ଆଶୀର୍ବାଦ ରହିଲେ ସେ ଏହି ମାଟିର ପୁଅ ଭାବରେ ମା', ମାଟି ପାଇଁ ଲଢ଼େଇ ଜାରି ରଖି ଲୋକଙ୍କ ପାଖରେ ସେମାନଙ୍କ ହକ୍ ପହଞ୍ଚାଇବେ ବୋଲି ପ୍ରକାଶ କରିଛନ୍ତି। ଏଠାରେ ଆୟୋଜିତ ବୈଠକରେ ରସୁଲପୁର ବ୍ଲକ ବିଜେଡି ସଭାପତି ବିଜୟ କୁମାର ଘଢ଼େଇ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଅଶୋକ କୁମାର ମଲ୍ଲିକ, ପ୍ରଶାନ୍ତ କୁମାର ଦାସ, ସମିତିସଭ୍ୟ ଶାନ୍ତିଲତା ସାମଲ, ବିକ୍ରମ ରାଜ, ସୌମ୍ୟରଞ୍ଜନ ରାଉତ, ବିଶ୍ୱମ୍ବର ଖୁଣ୍ଟିଆ, ବିଜୟ ଦାସ, ଯୁବନେତା ଶ୍ରୀଧର ବିଶ୍ୱାଳ, ଗଣେଶ୍ୱର ବିଶ୍ୱାଳ, ପ୍ରଶାନ୍ତ ପଣ୍ଡା, ସମିତିସଭ୍ୟ ଅଭିରାମ ମଲ୍ଲିକ, ଅନନ୍ତ ପାତ୍ର, ଅଲେଖ ରାଉତ, ସଞ୍ଜୟ ପ୍ରଧାନ, ସତ୍ୟାନନ୍ଦ ସାହୁ, ହରେନ୍ଦ୍ର ମଲ୍ଲିକଙ୍କ ସମେତ ହଜାରରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଦାସ ନିତାଇ ଗୌର ମନ୍ଦିର ପୂର୍ଣ୍ଣାଙ୍ଗୀକରଣ କାର୍ଯ୍ୟ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବାରେ ସହଯୋଗ କରିବା ସହ ନିର୍ମାଣ କାର୍ଯ୍ୟର ଶୁଭ ଦେଇଥିଲେ। ମୁଖ୍ୟ ଅତିଥିଙ୍କୁ ନିତାଇଗୌର ମନ୍ଦିର କମିଟି ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ କର୍ମୀମାନେ ତାଙ୍କୁ ଏକ ପଟୁଆରରେ ପଞ୍ଚାୟତ ପରିକ୍ରମା କରାଇଥିଲେ।

## ଶ୍ରୀୟା ବିଦ୍ୟାଳୟ ଟପ୍ପର

ବ୍ରହ୍ମବରଦା,୧୮।୫(ଯଯାତି କେଶରୀ ବେହେରା):



କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଯାଜପୁର ବ୍ଲକ ଜମଧର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଶ୍ରୀୟା ସୁଚରିତା ବେହେରା ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେ ବିଦ୍ୟାଳୟର ମୋଟ ୭୮ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୯୭.୬୦% ଶତକଡା ନମ୍ବର ରଖି ଏହି କୃତିତ୍ୱ ହାସଲ କରିଛନ୍ତି। ଶ୍ରୀୟା ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ଢିଅସାହି ଗ୍ରାମର ଆଲୋକ କୁମାର ବେହେରା ଓ ସରୋଜିନୀ ବେହେରାଙ୍କ ଝିଅ। ତାଙ୍କର ଏହି ସଫଳତା ସମଗ୍ର ବ୍ରହ୍ମବରଦା ଅଞ୍ଚଳକୁ ଗର୍ବିତ କରିଛି।

**ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି**
**OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI**
Ph. No.: 06815-222052, e-Mail: parala.mply@gmail.com
Letter No. 1509 Dated: 17.05.2025

**ବିଜ୍ଞାପନ**

No. C-342: ଏତଦ୍ଦ୍ୱାରା ପରିଷଦ ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚଳିତ ବର୍ଷ ଅର୍ଥାତ୍ ୨୦୨୫ ମସିହା ରଥଯାତ୍ରା ଉପଲକ୍ଷେ ପରିଷଦ ଅଞ୍ଚଳରେ ତଥା ଜଗନ୍ନାଥ ମନ୍ଦିରଠାରୁ କଲେଜ ଛକ ପର୍ଯ୍ୟନ୍ତ ଏବଂ କଲେଜ ଛକଠାରୁ ପୌର ପରିଷଦର ଦୁଇ ଏବଂ ଚାରି ଚକିଆ ପାର୍କିଂର ଉଭୟ ପାର୍ଶ୍ୱରେ (ଗୁଣ୍ଡିଚାବାଡ଼ି ବ୍ୟତୀତ) ଦୋକାନ ବଜାର ଇତ୍ୟାଦି ପକାଇ ବ୍ୟବସାୟ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିଙ୍କଠାରୁ ମହାସୁଲ ଆଦାୟ କରିବା ନିମନ୍ତେ ନିର୍ଦ୍ଧାରିତ ହୋଇଅଛି। ରାସ୍ତାର ମଧ୍ୟଭାଗରେ କୌଣସି ଦୋକାନ ବଜାର ବସାଇପାରିବେ ନାହିଁ। ଏଣୁ ଯେଉଁ ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଅଛନ୍ତି ସେମାନେ ଟ.୧,୦୦୦.୦୦ଙ୍କା ଦେଇ ଫର୍ମ ତା୧୯।୦୫।୨୦୨୫ଠାରୁ ୩୦।୦୫।୨୦୨୫ ଅପରାହ୍ନ ଘ୧୨.୩୦ଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟରୁ କ୍ରୟକରି ପାରିବେ ଏବଂ ତା୩୧।୦୫।୨୦୨୫ ପୂର୍ବାହ୍ନ ୧୧.୦୦ ଘଣ୍ଟା ସୁଦ୍ଧା **(Speed Post/Register Post)** ମାଧ୍ୟମରେ ପରିଷଦରେ ପହଞ୍ଚିବା ଜରୁରୀ ଅଟେ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ଟେଣ୍ଡର ଗ୍ରହଣୀୟ ହେବ ନାହିଁ ଏବଂ ସେହି ଦିନ ଅର୍ଥାତ୍ ତା୩୧।୦୫।୨୦୨୫ ଅପରାହ୍ନ ୧୨.୩୦ ଘଣ୍ଟା ସମୟରେ ଟେଣ୍ଡରରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ। ଇଚ୍ଛୁକ ଥିବା ବ୍ୟକ୍ତି ତାଙ୍କ ନାମରେ ଅମାନତ ରାଶି ଟ.୧,୦୦,୦୦୦/-ଙ୍କାର ବ୍ୟାଙ୍କ ଡ୍ରାଫ୍ଟ, ପାରଳାଖେମୁଣ୍ଡି ସହରରେ ଥିବା ଯେ କୌଣସି ଜାତୀୟକରଣ ବ୍ୟାଙ୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌରପରିଷଦ ପାରଳାଖେମୁଣ୍ଡିଙ୍କ ନାମରେ ଟେଣ୍ଡର ପେପର ସହ ଦାଖଲ କରିବେ ନଚେତ୍ ଉକ୍ତ ଟେଣ୍ଡର ବିଚାରକୁ ନିଆଯିବ ନାହିଁ। ଅସଫଳ ନିଲାମଧାରୀ ଜମା କରିଥିବା ବ୍ୟାଙ୍କ ଡ୍ରାଫ୍ଟ ଫେରସ୍ତ ଦିଆଯିବ। ସର୍ବୋଚ୍ଚ ଟେଣ୍ଡର ଡାକିଥିବା ବ୍ୟକ୍ତି ତତ୍‌କାଳ ବକେୟା ଅର୍ଥ ନଗଦ ଆକାରରେ ପୈଠ କରିବାକୁ ବାଧ୍ୟ। ଯଦି ସମ୍ପୂର୍ଣ୍ଣ ରାଶି ପୈଠ କରିପାରିବେ ନାହିଁ ତେବେ ତାଙ୍କର ଟେଣ୍ଡର ପେପର ସହିତ ଅମାନତ ରାଶି ହରାଇବେ ଏବଂ ପରବର୍ତ୍ତୀ ଟେଣ୍ଡରଧାରୀଙ୍କ ଟେଣ୍ଡର ବିଚାରକୁ ନିଆଯିବ। ସର୍ବୋଚ୍ଚ ଟେଣ୍ଡର ଡାକିଥିବା ବ୍ୟକ୍ତିଙ୍କୁ ତା୨୭।୦୬।୨୦୨୫ଠାରୁ ୧୦।୦୭।୨୦୨୫ରିଖ ପର୍ଯ୍ୟନ୍ତ ମହାସୁଲ ଆଦାୟ କରିବା ପାଇଁ ଆଦେଶ ଦିଆଯିବ। ଟେଣ୍ଡର ସିଦ୍ଧ କରିବା ପୌରପରିଷଦ କର୍ତ୍ତୃପକ୍ଷଙ୍କ ଅନ୍ତର୍ଭୁକ୍ତ ଅଟେ। କୌଣସି କାରଣ ନଥାଇ ଯେଉଁ ସମୟରେ ମଧ ତାଙ୍କର ଟେଣ୍ଡର କର୍ତ୍ତୃପକ୍ଷ ରଦ୍ଦ କରିପାରିବେ। ଏହାକୁ ପ୍ରତିବାଦକରି କୌଣସି ବ୍ୟକ୍ତି କୌଣସି ନ୍ୟାୟାଳୟରେ ଆଶ୍ରୟ ନେଇପାରିବେ ନାହିଁ। ପ୍ରକାଶ ଥାଉକି ରାଜଦାଣ୍ଡ ରାସ୍ତାରେ କୌଣସି ଉଠାଦୋକାନୀ ରାସ୍ତାକୁ ଗାତ ଖୋଳି କୌଣସି କ୍ଷତି କରିବେ ନାହିଁ। ଏହା ଅମାନ୍ୟ କଲେ ପୌରପରିଷଦ ତରଫରୁ ସମ୍ପୃକ୍ତ ଉଠାଦୋକାନୀକୁ ହଟାଇ ଦିଆଯିବ ଏବଂ ଏହି ସମ୍ପର୍କିତ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ଦୋକାନ ବଜାର ବସାଇବାର ନକ୍ସା ଏବଂ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ତଥ୍ୟ ପୌରପରିଷଦର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସରେ ପାଇପାରିବେ।

| | | |
|---|---|---|
| ସରକାରୀ ଟେଣ୍ଡର ଡାକ | - | ଟଙ୍କା ୧୬,୬୭,୦୫୦/- |
| ରଥଯାତ୍ରାରେ ମହାସୁଲ ଆଦାୟ ଫର୍ମର ମୂଲ୍ୟ | - | ଟଙ୍କା ୧,୦୦୦/- |
| ଅମାନତ ରାଶି | - | ଟଙ୍କା ୧,୦୦,୦୦୦/- |

**ମହାସୁଲ ସଂଗ୍ରହ ଚାର୍ଟ**

୧. ନଡ଼ିଆ, କଦଳୀ, ଫୁଲ, ବେଲୁନ ଇତ୍ୟାଦି ଦିନକୁ - ୨୫/-।
୨. ଚଣା, ଖଜରା, ମିଠା ଇତ୍ୟାଦି ଦିନକୁ - ୫୦/-।
୩. ପ୍ଲେଟ, କପ, ଘର ବ୍ୟବହାର ହେଉଥିବା ଜିନିଷ ଇତ୍ୟାଦିକୁ ଦିନ ପିଛା ଛୋଟ ଦୋକାନ ପାଇଁ ୧୦୦/- ଏବଂ ବଡ଼ ଦୋକାନ ପାଇଁ - ୨୦୦/-।
୪. ଖାଦ୍ୟ ଜିନିଷ ତଥା - ଚାଟ, ଆଇସ୍କ୍ରିମ ଇତ୍ୟାଦିକୁ ଦିନ ପିଛା ଛୋଟ ଦୋକାନ ପାଇଁ ୧୦୦/- ଏବଂ ବଡ଼ ଦୋକାନ ପାଇଁ - ୨୦୦/-।

OIPR-13145/11/0018/2526 ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ ପାରଳାଖେମୁଣ୍ଡି

# ବାୟୁ ପ୍ରଦୂଷଣ ବଳୟରେ ପଟ୍ଟାମୁଣ୍ଡାଇ ସହର

**ପଟ୍ଟାମୁଣ୍ଡାଇ,୧୮।୫ (କଳ୍ପତରୁ ନାୟକ)**

■ ପୁରୁଣା ସ୍କ୍ରାପିଂ ଯାନବାହନର ଚଳାଚଳ
■ ଜଳଖିଆ ଦୋକାନ ଆଞ୍ଚ ଧୂଆଁକୁ ନାହିଁ ବାରଣ

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ସହରରେ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଧୂଳି, ଧୂଆଁରେ ସହରାଞ୍ଚଳ ବାୟୁମଣ୍ଡଳ ଭରିଯାଉଛି। ସହରରେ ବାୟୁ ପ୍ରଦୂଷଣ ବେଳକୁବେଳ ଘାତକ ହେବାରେ ଲାଗିଛି। ବଜାରର ଜଳଖିଆ ଦୋକାନ ଆଞ୍ଚ ଧୂଆଁ ସହ ଚଳାଚଳ କରୁଥିବା ପୁରୁଣା ସ୍କ୍ରାପିଂ ଯାନବାହନର ସାଇଲେନ୍ସରୁ ଧୂଆଁ ପ୍ରଦୂଷଣ ବଳୟରେ ଅଣନିଶ୍ୱାସୀ କରୁଛି। ସହର ଆଖପାଖ ଗ୍ରାମରେ ବେଆଇନ ଆଉଟି ସହରର ଚତୁର୍ଦ୍ଦିଗକୁ ଧୂଆଁମୟ ପରିବେଶରେ ଢାଙ୍କି ରଖୁଛି। ପୌର ପରିଷଦର ସଫେଇ କର୍ମଚାରୀଙ୍କ ପକ୍ଷରୁ ସହରର ଅଳିଆଗଦାରେ ନିଆଁ ଲଗାଇ ଦିଆଯାଉଛି। ଏହାଦ୍ୱାରା ଅଳିଆ ତ କିଛି ଅଂଶରେ ପୋଡିଯାଉଛି କିନ୍ତୁ ଧୂଆଁ ବଳୟରେ ସହରବାସୀ ଆଉଟୁପାଉଟୁ ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ନ ହେଲେ ଆଗାମୀଦିନରେ ଜନ ଆନ୍ଦୋଳନ ଜୋରଦାର କରାଯିବ ବୋଲି କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ରମେଶ ଦାଶ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାର ସହରାଞ୍ଚଳ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ପ୍ରଦୂଷଣ ମୁକ୍ତ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏ ନେଇ ପ୍ରଚୁର ଅର୍ଥ ବ୍ୟୟ ହେଉଛି। ସ୍ୱଚ୍ଛ ସର୍ବେକ୍ଷଣ ସହ ସ୍ୱଚ୍ଛତା ପାଇଁ ପ୍ରତିବର୍ଷ ସବୁଠୁ ଭଲ ସଫାସୁତୁରା ଥିବା ସହରକୁ ସାର୍ଟିଫିକେଟ୍ ଦିଆଯାଉଛି। କିନ୍ତୁ ପଟ୍ଟାମୁଣ୍ଡାଇ ସହର କଥା ଦେଖିଲେ ଜଣାଯାଏ ସରକାରଙ୍କ ସ୍ୱଚ୍ଛତା ଅଭିଯାନ କେବଳ କାଗଜକଲମରେ ସୀମିତ ରହିଛି। ଚାରିଆଡେ ଅଳିଆ ଆବର୍ଜନା ପଡିରହିଛି। କେଉଁଠିକେହି ସେହି ଅଳିଆଗଦାରେ ନିଆଁ ଲଗାଇ ଦେଉଛନ୍ତି। ଉଠାଦୋକାନୀ, ହୋଟେଲ ବ୍ୟବସାୟୀଙ୍କ ଆଞ୍ଚ ଧୂଆଁ ସ୍ୱାସ୍ଥ୍ୟକୁ କୁପ୍ରଭାବିତ କରିଦେଉଛି। ସହରକୁ ଆସୁଥିବା ଲୋକେ ଅଣନିଶ୍ୱାସୀ ହୋଇପଡୁଛନ୍ତି। ଫଳରେ ବାୟୁ ପ୍ରଦୂଷଣ ବଢି ବଢି ଚାଲିଛି। ପୌର ପ୍ରଶାସନ ପକ୍ଷରୁ କର୍ଯ୍ୟାନୁଷ୍ଠାନ ଶୂନ ଭଳି ପରିଲକ୍ଷିତ ହେଉଛି।


ପଟ୍ଟାମୁଣ୍ଡାଇ ସହର ରାସ୍ତା ଧୂଆଁମୟ।

ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଜାତୀୟ ବାୟୁ ସୂଚକାଙ୍କ(ଏକ୍ୟୁଆଇ) ଅନୁଯାୟୀ, ବାୟୁମଣ୍ଡଳରେ ବିଭିନ୍ନ ଗ୍ୟାସ୍ ଓ ଧୂଳିକଣାର ଅନୁପାତ ୦ ରୁ ୫୦ ମଧ୍ୟରେ ରହିଲେ ମଣିଷ ସ୍ୱାସ୍ଥ୍ୟ ପାଇଁ ଉତ୍ତମ। ୫୧ରୁ ୧୦୦ ସନ୍ତୋଷଜନକ, ୧୦୧ରୁ ୨୦୦ ଚଳନୀୟ, କ୍ଷତିକାରକ, ୨୦୧ରୁ ୩୦୦ ଅତ୍ୟନ୍ତ କ୍ଷତିକାରକ, ୩୦୧ରୁ ଅଧିକ ରହିଲେ ଭୟଙ୍କର କ୍ଷତିକାରକ। ଅର୍ଥାତ୍ ଏଭଳି ପରିସ୍ଥିତିରେ ମନୁଷ୍ୟ ଅଧିକ ସମୟ ତିଷ୍ଠିପାରିବ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ଯେ କେନ୍ଦ୍ରାପଡ଼ା ଜିଲାରେ ଥିବା ସହରାଞ୍ଚଳର ପ୍ରଦୂଷଣ ମାପିବା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ କି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। କୃଷକ ନେତା ଦାଶରଥି ସାହୁ କହିଛନ୍ତି, ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲାରେ ବାୟୁ ପ୍ରଦୂଷଣ ଯେ ଚିନ୍ତାର କାରଣ ପାଲଟିବା ତାହା ଜଳଜଳ ହୋଇ ଦିଶିଲାଣି। ପାରାଦୀପଠାରେ ଥିବା ବିଭିନ୍ନ କାରଖାନାରୁ ନିର୍ଗତ ଗ୍ୟାସ୍ କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା ସହ ସମସ୍ତ ବ୍ଲକ ଅଞ୍ଚଳରେ ଦେଖାଦେଇଛି। ଉଦାହରଣ ଭାବେ ଫଳନ୍ତି ନଡ଼ିଆ ଗଛକୁ ନେଇ ପାରିବା। ଗତ ଦୁଇ ଦଶନ୍ଧି ପୂର୍ବରୁ ଏହି ସବୁ ଅଞ୍ଚଳରେ ଭଲ ନଡ଼ିଆ ଫଳୁ ଥିବାବେଳେ ସାଇଜ ଠିକ୍ ଥିଲା। ମାତ୍ର ଏବେ କୁଜି ନଡ଼ିଆ ସହିତ ଫଳ କମିଯାଇ ଗଛ ଶୁଖିଯାଉଛି। ଶିକ୍ଷାବିତ୍ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ଏକ ଅଧ୍ୟୟନରୁ ଜଣାପଡ଼ିଛି, ଦେଶରେ ବର୍ଷକୁ ପ୍ରାୟ ୧୩ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁ ରୋଗାଗ୍ରସ୍ତ ହୋଇ ପଡୁଥିବାବେଳେ କେତେଜଣ ମୃତ୍ୟୁମୁଖରେ ପଡୁଛନ୍ତି। ଏହି ବାୟୁ ପ୍ରଦୂଷଣ ମନୁଷ୍ୟର ହାରାହାରି ବଞ୍ଚିବା ସମୟରୁ ମଧ୍ୟ ୨୦ ମାସ କମ୍ କରି ଦେଉଛି। ସରକାର ଓ ଜନସାଧାରଣ ସଚେତନ ନ ହେଲେ ପ୍ରଦୂଷଣଜନିତ ସମସ୍ୟା ଆଗାମୀଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳଙ୍କୁ ପଚାରିବାରେ ସଫେଇ କର୍ମଚାରୀଙ୍କୁ କୌଣସି ସ୍ଥାନରେ ଅଳିଆରେ ନିଆଁ ନ ଲଗାଇବାକୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଇଛି। ଯଦି କେହି କର୍ମଚାରୀ ନିଆଁ ଲଗାଉଥିବାର ପ୍ରମାଣ ମିଳେ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଭାଜପାରେ ଯୋଗଦେଲେ ଶତାଧିକ କର୍ମୀ

**ଆଳି,୧୮।୫ (ବନମାଳୀ ସେନାପତି)**

ଆଳି ନିର୍ବାଚନମଣ୍ଡଳୀର ଗୋବିନ୍ଦପୁରଠାରେ ଭାଜପାର ଏକ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦପୁର ପଡ଼ିଆରେ ଅନୁଷ୍ଠିତ ମିଶ୍ରଣପର୍ବରେ ଗୋବିନ୍ଦପୁର ମଣ୍ଡଳ ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତର ଶତାଧିକ କର୍ମୀ ଅନ୍ୟ ଦଳ ପରିତ୍ୟାଗ କରି ଭାଜପାରେ ସାମିଲ ହୋଇଥିଲେ। ଅନନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଭାଜପାର ଛାମୁଆ ନେତୃତ୍ୱମାନେ ଯୋଗଦେଇଥିଲେ। ଦଳରେ ମିଶିଥିବା ଶତାଧିକ କର୍ମୀଙ୍କୁ ଦଳୀୟ ଗାମୁଛା ଓ ଟୋପି ଦେଇ ଦଳକୁ ସ୍ୱାଗତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ କାର୍ଯ୍ୟଶୈଳୀ ଓ କାର୍ଯ୍ୟଦକ୍ଷତାକୁ ଲକ୍ଷ୍ୟ କରି କର୍ମୀମାନେ ଅନ୍ୟ ଦଳ ପରିବର୍ତ୍ତନ କରି ଭାଜପାରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଯୋଗ ଦେଇଥିବା ନେତୃତ୍ୱମାନେ ଆଗାମୀଦିନରେ ଆଳି ଅଞ୍ଚଳର ବିକାଶ ନିମନ୍ତେ ଆସୁଥିବା ପଞ୍ଚାୟତ ନିର୍ବାଚନରେ ଭାଜପାକୁ ସମର୍ଥନ କରିବାକୁ କର୍ମୀମାନଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାଚନମଣ୍ଡଳୀର ସମସ୍ତ ମଣ୍ଡଳୀର ସଭାପତିମାନେ ଉପସ୍ଥିତ ଥିଲେ।

# ସୈନ୍ୟବାହିନୀର ସଫଳତା ପାଇଁ ପରାକ୍ରମ ଶୋଭାଯାତ୍ରା



ଭାଜପା କର୍ମୀମାନେ ତ୍ରିରଙ୍ଗା ଶୋଭାଯାତ୍ରାରେ ଯାଉଛନ୍ତି।

**କୁଜଙ୍ଗ, ୧୮।୫ (ମନୋଜ ପ୍ରଧାନ)**

କଶ୍ମୀରର ପହଲଗାମ୍ ଘଟଣାରେ ଭାରତୀୟ ସୈନ୍ୟ ବାହିନୀର ଅପରେସନ ସିନ୍ଦୂରର ସଫଳତା ନେଇ ପଙ୍କପାଳ ପଞ୍ଚାୟତ ଭାଜପା ପକ୍ଷରୁ ଏକତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ଏହି ଅବସରରେ ଭାଜପା ପକ୍ଷରୁ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ପଞ୍ଚାୟତର ଭାଜପା ପ୍ରମୁଖ ସୁଦାମ ଚରଣ ମଲ୍ଲିକଙ୍କ ପୌରୋହିତ୍ୟରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀଙ୍କ ପ୍ରତିନିଧି ଦିଲିପ କୁମାର ବେହେରା ଯୋଗଦେଇ ଆଜି ଭାରତୀୟ ସୈନ୍ୟ ବାହିନୀର ପରାକ୍ରମ ସାରା ବିଶ୍ୱ ଦେଖିଲା ବୋଲି କହିଛନ୍ତି। ଏହି ଅପରେସନରେ ସେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଶୋଭାଯାତ୍ରାରେ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ, ଅନିରୁଦ୍ଧ ସାହୁ, ନାରାୟଣ ବେହେରା, ରମାକାନ୍ତ ପଟ୍ଟନାୟକ, ପ୍ରଦୀପ୍ତ ପ୍ରଧାନ, ସନ୍ତୋଷ ନାୟକ, ତୁଷାର ପଟ୍ଟନାୟକ, ବଂଶୀଧର ବାରିକ, ପରିକ୍ଷିତ ସାହୁ, ଗୌରାଙ୍ଗ ବିଶ୍ୱାଳ, ସଂଗ୍ରାମ ନାୟକ, ଅଶୋକ ସାମନ୍ତରାୟ, ୩ ନଂ. ଜୋନ ମଣ୍ଡଳ ପ୍ରତିନିଧି ମନୋରଞ୍ଜନ ମହାନ୍ତିଙ୍କ ସମେତ ଶତାଧିକ ଯୁବକ ଓ ଭାଜପା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ଜୀବନର ଲକ୍ଷ୍ୟ ସ୍ଥିର କରି ଆଗକୁ ବଢ଼


ମାଟ୍ରିକ୍ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଜକନିକା,୧୮।୫(ସଞ୍ଜୟ କୁମାର ଦାଶ)**

## ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ରାଜକନିକା ବ୍ଲକର ଅଗ୍ରଣୀ ଶୈକ୍ଷିକ ସାମାଜିକ ଅନୁଷ୍ଠାନ ଶିଷ୍ୟ ପକ୍ଷରୁ ରବିବାର ମାଟ୍ରିକ ପରୀକ୍ଷାରେ ଏ ୧ ର୍ୟାଙ୍କ ସହ ଅନ୍ୟ ପ୍ରତିଭାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ମା' ମାଟିର ସେବା କରିବାକୁ ଆହ୍ୱାନ ଦିଆଯାଇଛି। ନିଜ ଶୈକ୍ଷିକ ବାଗ୍ମୀତାକୁ ସମାଜର କଲ୍ୟାଣରେ ଉତ୍ସର୍ଗ କରି ଗାରିମା ସାଉଁଟିବାକୁ ସମ୍ବର୍ଦ୍ଧନା ଉତ୍ସବରେ କଣ୍ଟିଆ ଫାଣ୍ଡି ଅଧିକାରୀ ଦେବାଶିଷ ପଣ୍ଡା ମତ ପ୍ରକାଶ କରିଛନ୍ତି। ମୁଖ୍ୟବକ୍ତା ଭାବେ ତରାସ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଓଝା ଜୀବନର ଲକ୍ଷ୍ୟ ସ୍ଥିର କରି ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ତରାସ ନୋଡାଲ ହାଇସ୍କୁଲ ପରିସରରେ ଶିଷ୍ୟ ପରିବାରର ଉପସଭାପତି ସୁକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ଶିଷ୍ୟର ପ୍ରତିଷ୍ଠାତା ସମ୍ପାଦକ ଡ. ସଞ୍ଜୟ ବେହୁରା ଶିଷ୍ୟର ଉଦ୍ଦେଶ୍ୟକୁ ସାର୍ବଜନୀନ କରିବା ସହ ସମସ୍ତ ୪ଜଣ ମାଟ୍ରିକ ଏ ୧ ର୍ୟାଙ୍କ ସହ ସିବିଏସଇର କୃତୀ ଛାତ୍ରୀ ସ୍ୱୟଂସିଦ୍ଧ ଗୁରୁଙ୍କୁ ଅତିଥି ମାନେ ମାନପତ୍ର ଓ ଉତ୍ତରୀୟ ଦେଇ ଉତ୍ସାହିତ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଆଳି କଲେଜର ଅଧ୍ୟାପକ ବିକ୍ରମ ବେହୁରା, ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର ପ୍ରମୁଖ ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ନିଷ୍ଠା ଓ ଲକ୍ଷ୍ୟ ସ୍ଥିର କରିବାକୁ ଆହ୍ୱାନ ଦେଇଥିଲେ। ସମାରୋହରେ ବ୍ଲକର ଟପ୍ପର ହୋଇଥିବା ରାଜକନିକା ଆର୍.ଏନ୍ ହାଇସ୍କୁଲ ଛାତ୍ର ବୈଭବ ବେହୁରା, ଆଦ୍ୟାଶା ବେହୁରା, ଉତ୍କଳମଣି ନୋଡାଲ ହାଇସ୍କୁଲର ଛାତ୍ର ରୁଦ୍ରମାଧବ ଶତପଥୀ, ନମତରା ହାଇସ୍କୁଲର ଛାତ୍ରୀ ଭାଗ୍ୟଲକ୍ଷ୍ମୀ ସାହୁଙ୍କୁ ମାନପତ୍ର, ଉତ୍ତରୀୟ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପାର୍ଥସାରଥୀ ପଣ୍ଡା, ଭରତ ଚନ୍ଦ୍ର ବାରିକ, ଶୁଭ୍ରଜିତ ବିଶ୍ୱାଳ, ବିଭୁ ପ୍ରସାଦ ଦାଶ, ଅଭିମନ୍ୟୁ ତରାଇ, ରମାକାନ୍ତ ବେହେରା ସହଯୋଗ କରିଥିବା ବେଳେ ଆଇନଜୀବୀ ବୃନ୍ଦାବନ ରାଉତ ଧନ୍ୟବାଦ ଦେଇଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ: ଲୋକେ ଗୁଳୁଗୁଳିରେ ଉହଳବିକଳ

**ରାଜକନିକା,୧୮।୫(ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଶୁକ୍ରବାର ଓ ଶନିବାର ରାତ୍ରି ପ୍ରାୟ ୧୧ଟା ୪୫ରୁ ସକାଳ ପର୍ଯ୍ୟନ୍ତ ଲଗାତାର ୨ଦିନ ଗୋଟିଏ ଫେଜ୍ କଟିଯିବାରୁ ରାତି ତମାମ ଲୋ–ଭୋଲଟେଜ୍ ଲାଗି ରହିଥିଲା। ରାଜ୍ୟ ସରକାର ବିଦ୍ୟୁତ୍ କାଟ ନ କରିବାକୁ କହିଥିବା ବେଳେ ଏଠାରେ ତାକୁ ବେଖାତିର କରାଯାଉଛି। ବ୍ଲକର ଓସ୍ତିଆ ଫିଡରରେ ଥିବା ପାଖାପାଖି ୩ ହଜାର ଉପଭୋକ୍ତା ରାତି ତମାମ ନାହିଁ ନ ଥିବା ଅସୁବିଧା ଭୋଗିଛନ୍ତି। ବୟସ୍କଙ୍କ ବ୍ୟତୀତ କୋମଳମତି ଶିଶୁ ଗରମ ଓ ଗୁଳୁଗୁଳିରେ ଛଟପଟ ହୋଇଥିଲେ। ଅନ୍ୟପଟେ ସରକାରଙ୍କ ନିର୍ଦ୍ଦେଶକୁ ଫୁ କରି ସର୍ଭିସିଂ, ତାର ବଦଳା, ଶଙ୍ଖ ବଦଳା, ମେଶିନ୍ ଭିତର ତେଲ ବଦଳା ଆଳରେ ଉଦୁଉଦିଆ ଖରାବେଳେ ହେଉ ବା ରାତ୍ରି ସମୟରେ କୌଣସି ପ୍ରଚାର ନ କରି ରାଜକନିକାରେ ଥିବା ସ୍ଥାନୀୟ ଟିପିସିଓଡିଏଲ୍ ସଂସ୍ଥା ପକ୍ଷରୁ ମନଇଚ୍ଛା ବିଦ୍ୟୁତ୍ କାଟ ସାଧାରଣରେ ଅସନ୍ତୋଷ ବଢିବାରେ ଲାଗିଛି। ଦିନରେ ମୁଣ୍ଡଫଟା ଖରା ସାଙ୍ଗକ ତାପମାତ୍ରା ଓ ରାତିରେ ବିଦ୍ୟୁତ୍ ନ ରହିବା କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏ ସମ୍ପର୍କରେ ରାଜକନିକା ସେକ୍ସନ ଜୁନିୟର ମ୍ୟାନେଜର(ସର୍ଭିସ୍) ଦୀପଙ୍କର ଦେବତାଙ୍କୁ ପଚାରିବାରେ ବିଳମ୍ବିତ ରାତ୍ରିରେ ଓସ୍ତିଆଠାରେ ଜମ୍ପର କଟିଯିବାରୁ ସିଙ୍ଗଲ ଫେଜ ହୋଇଯାଇଥିଲା। ଚେଷ୍ଟା କରିଥିଲୁ ସମସ୍ୟାର ସମାଧାନ କରିବାକୁ ଆମ ଦ୍ୱାରା, ହେଲାନାହିଁ। ବିଳମ୍ବିତ ରାତ୍ରିରେ ସର୍ଭିସ୍ କର୍ମଚାରୀ ନ ଥିବାରୁ ଏମିତି ପରିସ୍ଥିତି ସୃଷ୍ଟି ହୋଇଥିଲା। ହେଲେ ସକାଳେ ଆମେ ଠିକ୍ କରି ଦେଇଥିଲୁ ବୋଲି ସେ କହିଛନ୍ତି।

# ଗାୟତ୍ରୀ ଉପାସନାକୁ ଅଭ୍ୟାସରେ ପରିଣତ କର


ତାଲିମ ଶିବିରରେ ଯୋଗଦେଇଥିବା ଗାୟତ୍ରୀ ପରିବାରର ନେତୃମଣ୍ଡଳୀ।

**ପାରାଦୀପ,୧୮।୫ (ଶରତ ରାଉତ)**

## ପାରାଦୀପରେ ୯ ଦିନିଆ ଗାୟତ୍ରୀ ପରିବାର ତାଲିମ ଶିବିର ଶେଷ

ପାରାଦୀପସ୍ଥିତ ବିଜୟଚନ୍ଦ୍ରପୁରର ଗାୟତ୍ରୀ ନଗରରେ ଜୁଲାଇ ୧୦ରୁ ଆରମ୍ଭ ହୋଇଥିବା ୯ ଦିନିଆ ଆଧ୍ୟାତ୍ମିକ ସାଧନା ତାଲିମ ଶିବିର ରବିବାର ସମାପ୍ତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗାୟତ୍ରୀ ଉପାସନାର ଅଭ୍ୟାସ, ଆଧ୍ୟାତ୍ମିକ ଉନ୍ନତି ଏବଂ ନୈତିକ ବିକାଶର ପ୍ରସାର ଏବଂ ପ୍ରୋତ୍ସାହନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ଥାନୀୟ ଗାୟତ୍ରୀ ପରିବାର ସଦସ୍ୟଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ୯ଦିନ ଧରି ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା। ଏହି ତାଲିମ ଅଧିବେଶନରେ ଅଞ୍ଚଳର ୧୫୦ରୁ ଉର୍ଦ୍ଧ୍ୱ ଗାୟତ୍ରୀ ପରିବାର ଅଂଶଗ୍ରହଣ କରିଥିଲେ। ଶାନ୍ତିକୁଞ୍ଜ ହରିଦ୍ୱାର ଏବଂ ଓଡ଼ିଶା ରାଜ୍ୟର ସଂଯୋଜକ ଏବଂ ଜ୍ଞାନୀ ବିଶେଷଜ୍ଞମାନେ ଶେଷଦେବ ବଡ଼େଇ, ବଳରାମ ସାହୁ ଗୌତମ, ରବୀନ୍ଦ୍ର କୁମାର ଗୌଡ଼ ଏବଂ ସରୋଜ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଅଂଶଗ୍ରହଣକାରୀମାନଙ୍କୁ ନୈତିକ ଗାୟତ୍ରୀ ଉପାସନା, ବୌଦ୍ଧିକ ସଂସ୍କାର, ବ୍ୟକ୍ତିତ୍ୱ ବିକାଶ, ସଙ୍ଗୀତ, ହାରମୋନିୟମ, ଧ୍ୟାନ, ସାଧନା, ଯୋଗ, କର୍ମକାଣ୍ଡ ଭାସ୍କର, ବୌଦ୍ଧିକ ସଂସ୍କାର ଏବଂ ଶ୍ରାଦ୍ଧକର୍ମ ଆଦି ବିଷୟରେ ତାଲିମ ଦିଆଯାଇଥିଲା। ଶେଷ ସନ୍ଧ୍ୟାରେ ରବୀନ୍ଦ୍ର ଗୁରୁଜୀଙ୍କ ନିର୍ଦ୍ଦେଶନାରେ ଅନେକ ଦେଶପ୍ରେମ ଓ ଡ୍ରଗ୍ସ ବିରୋଧୀ ଅଭିଯାନ ସମ୍ବନ୍ଧୀୟ ଗୋଷ୍ଠୀ ନୃତ୍ୟ, ସଂଗୀତ ଏବଂ ନାଟକ (ରାଜା ହରିଶ୍ଚନ୍ଦ୍ର) ମଞ୍ଚସ୍ଥ ହୋଇଥିଲା।

# ପରସ୍ପର ଉତ୍ତମ ସମ୍ପର୍କ ରଖିଲେ ଭାଇଚାରା ବଢ଼ିବ

**ରଘୁନାଥପୁର,୧୮।୫ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୋଠିଣା ମା'କ୍ଷେତ୍ରପାଳି ମନ୍ଦିର ପରିସରରେ ରବିବାର ଆର୍ଟ ଅଫ୍ ଗିଭିଂର ଦ୍ୱାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗୋଠିଣାରେ କିମ୍ବର ଜେନେରାଲ ମ୍ୟାନେଜର ଅଶୋକ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ରଖିଲେ ଭାଇଚାରା ବଢ଼ିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ରାଉତ, ମୁକ୍ତାର ଅଲ୍ଲି ଖାଁ, ଅକ୍ଷୟ କୁମାର ସାହୁ, ଆଶିଷ କୁମାର ସାହୁ, ଶିକ୍ଷକ ନେତା ଦେବାଶିଷ ବେହେରା ଓ କୁଶ ମଲ୍ଲିକ, ସୁବାସ ନାୟକ, ରାଜୀବ ଲୋଚନ ସ୍ୱାଇଁ, ଅଜୟ ବାରିକ, ନିର୍ମଳ ମହାପାତ୍ର ଓ ଅମୂଲ୍ୟ ଚନ୍ଦ୍ରକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଆର୍ଟ ଅଫ୍ ଗିଭିଂର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ରଘୁନାଥପୁରସ୍ଥିତ ମା' କ୍ଷେତ୍ରପାଳି ମନ୍ଦିର ପରିସରରେ କିଟ୍ ପରିବହନ ନିର୍ଦ୍ଦେଶକ ଦିଲୀପ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଖବରଦାତା ବିଜୟ କୁମାର ସ୍ୱାଇଁ ଯୋଗଦେଇ ପଡ଼ୋଶୀମାନଙ୍କ ସହ ଉତ୍ତମ ସମ୍ପର୍କ ରଖିଲେ ସୁସ୍ଥ ସମାଜ ଗଢ଼ିଉଠିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆଖପାଖ ୩ରୁ ୪ଟି ଗ୍ରାମର ଜନସାଧାରଣ ଯୋଗଦେଇଥିଲେ।



ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

# ବେଳାଭୂମି ଜଙ୍ଗଲ ସୁରକ୍ଷା ଦାବି

**ପାରାଦୀପ,୧୮।୫(ଶରତ ରାଉତ)**

ପାରାଦୀପ ଶିଳ୍ପାଞ୍ଚଳ ସଂଲଗ୍ନ ବେଳାଭୂମିରେ ଓଡ଼ିଶା ସରକାର ଏବଂ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ବ୍ୟାପକ ବନୀକରଣ କରିଛନ୍ତି। ମାତ୍ର ଉକ୍ତ ଜଙ୍ଗଲକୁ କେତେଜଣ ଅନବରତ କାଟି କାଠ ବିକୁଛନ୍ତି। ଏପରି ଜଙ୍ଗଲ କ୍ଷୟକୁ ତଦାରଖ କରିବା ପାଇଁ ପାରାଦୀପର ସ୍ୱେଚ୍ଛାସେବୀ ସଙ୍ଗଠନ ମା' ଅମ୍ବିକାଇ ଗଣପରିଷଦ ଦାବି କରିଛି। ସଙ୍ଗଠନ ମୁଖ୍ୟ ଧ୍ରୁବ ଚରଣ ମହାପାତ୍ର ଉକ୍ତ ଦାବିପତ୍ରକୁ ଏଡିଏମ୍, ବନ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସାମୁଦ୍ରିକ ଥାନା, ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଦେଇଛନ୍ତି। ମହାପାତ୍ର ଦର୍ଶାଇଛନ୍ତି, ସଙ୍ଗଠନ ମହାବାତ୍ୟା ପରଠାରୁ ଉପକୂଳ ସୁରକ୍ଷା ଉପରେ ସଚେତନ କରୁଛି। ପ୍ରାକୃତିକ ବିପର୍ଯ୍ୟୟ ନିୟନ୍ତ୍ରଣ କରିବାର ଏକମାତ୍ର ମାଧ୍ୟମ ହେଉଛି ବେଳାଭୂମିରେ ଜଙ୍ଗଲ ସୃଷ୍ଟି କରିବା। ଏହା ସରକାରୀ ଭାବେ କରାଯାଉଛି, କିନ୍ତୁ ତାହା ସଂରକ୍ଷିତ ହେଉନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି।

# ବଜ୍ରପାତ ରୋକିବ ତାଳ,ଖଜୁରିଗଛ

■ ବ୍ଲକରେ ୧୦ବର୍ଷରେ ୩୫ରୁ ଅଧିକ ବଜ୍ରପାତଜନିତ ମୃତ୍ୟୁ
■ ଅଧିକାଂଶ ଚାଷଜମିରେ ଘଟଣା


ବିପୁଳ ପରିମାଣରେ ଖଜୁରି ଓ ତାଳ ଗଛ।


ବ୍ଲକ ଅଧୀନ ବହୁ ମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ବଜ୍ରପାତ ନିରୋଧୀ ଟାୱାର।

**ମହାକାଳପଡ଼ା, ୧୮।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି। ପୂର୍ବ ଅପେକ୍ଷା ବଜ୍ରପାତ ଭୟ ବୃଦ୍ଧି ପାଉଛି। ଫଳରେ ମୃତ୍ୟୁ ସଂଖ୍ୟା ବଢି ଚାଲିଛି। ଏହାକୁ ରୋକିବାକୁ କିଛି ବିକଳ୍ପ ନ ଥିବାରୁ ରାଜ୍ୟ ସରକାରଙ୍କ ଚିନ୍ତା ଘାରିଛି। କିପରି ମୁକାବିଲା କରିବାକୁ ପଡ଼ିବ ସେଥିପାଇଁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗାଁଗହଳିର ରାସ୍ତା ପାର୍ଶ୍ୱ, ଖୋଲା ପଡ଼ିଆ, ବାଡ଼ି ବଗିଚା, ନଦୀ କୂଳରେ ବ୍ୟାପକ ପରିମାଣରେ ତାଳ ଓ ଖଜୁରିଗଛ ରୋପଣ କରିବାକୁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ବ୍ୟାପକ ପରିମାଣରେ ଆର୍ଥିକ ଅନୁଦାନ ବ୍ୟୟ ବରାଦ କରାଯାଇଛି। ଅପରପକ୍ଷରେ ସାଧାରଣତଃ ତାଳ, ଖଜୁର ଗଛ ବଢ଼ିବା ପାଇଁ ଅତିକମ୍‌ରେ ୨୦ରୁ ୩୦ ବର୍ଷ ଲାଗିବ। ଏହାର ପ୍ରତି ଅନ୍ୟ ଏକ ବିକଳ୍ପ ରୂପେ ବ୍ୟାପକ ପରିମାଣରେ ଲୁଣା ହେନ୍ତାଳ ଜଙ୍ଗଲ ସୃଷ୍ଟି କରିବା ଆବଶ୍ୟକତା ରହିଛି ବୋଲି କୁହାଯାଇଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ୧୦ ବର୍ଷ ମଧ୍ୟରେ ୩୫ରୁ ଅଧିକ ବଜ୍ରପାତଜନିତ ମୃତ୍ୟୁ ଘଟିଛି। ବିଶେଷକରି ଚାଷ ଜମିରେ ୨୦ରୁ ଅଧିକ ଚାଷୀଙ୍କ ଜୀବନ ଯାଇଛି ବୋଲି କୁହାଯାଇଛି। ବ୍ଲକର ଜମ୍ବୁ, ବଟିଘର, ଖରିନାସି, ରାମନଗର, କୋଟିଲା, ଆଡୋଇ, କରଞ୍ଜୀ, ଡିଖିରି, ନୂଆଗାଁ, ବଡିଡ଼ି, ସୁନିତି, ତନ୍ତିଆପାଳ, ଓସ୍ତିରା, ଗଗୁଆ, ମାଳିଅଞ୍ଜ, ବଗ ଗହଣ, ଭାଟେଣି, ରୋମିତ, ଅଳାଇଲୋ, ବଉଳକଣି, ବାରଡ଼ାଙ୍ଗ, ଗଉଡବାଡପୁର ଅଞ୍ଚଳରେ ଚାଷ ଜମିରେ ବଜ୍ରପାତଜନିତ ମୃତ୍ୟୁ ଘଟିଥିବା ତହସିଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବ୍ଲକର ୩୦ରୁ ଅଧିକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ବଜ୍ରପାତଜନିତ ନିରୋଧୀ ଟାୱାର ନିର୍ମାଣ ହୋଇଛି। ଏହି ଟାୱାର ନିର୍ମାଣ ହେବା ଦ୍ୱାରା ୫ ଶହ ମିଟର ଦୂରତା ପର୍ଯ୍ୟନ୍ତ କୌଣସି ବଜ୍ରପାତ ଜନିତ ଘଟଣା ଘଟିବ ନାହିଁ ବୋଲି କୁହାଯାଇଛି। ହେଲେ କିଛିବର୍ଷ ପୂର୍ବେ ବଉଳକଣି ପ୍ରେମଚାନ୍ଦ ବିଦ୍ୟାପୀଠର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ବଜ୍ରପାତ ନିରୋଧୀ ଟାୱାର ନିର୍ମାଣ ହେଇଥିଲେ ମଧ୍ୟ ୫୦ଫୁଟ୍ ଦୂରରେ ବଜ୍ରପାତ ଘଟି ନଡ଼ିଆ ଗଛ ଓ ଚାଳ ଘର ଜଳି ଯାଇଥିଲା ବୋଲି ଲୋକମାନେ ଅଭିଯୋଗ କରିଥିଲେ। ପରିବେଶପ୍ରେମୀ ସୁବାସ ସ୍ୱାଇଁଙ୍କୁ ପଚାରିବାରେ ଏହାର ଅନ୍ୟ ଏକ କାରଣ ପାଲଟିଛି ଅତ୍ୟାଧୁନିକ ଯନ୍ତ୍ରରେ ନିର୍ମିତ ମୋବାଇଲ ଟାୱାରର ବିକିରଣ ଯୋଗୁ ପ୍ରାକୃତିକ ପରିବେଶ ଉପରେ ପ୍ରଭାବ ପଡୁଛି ବୋଲି ସେ କହିଛନ୍ତି।


## ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି
## OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI

Ph. No.: 06815-222052, e-Mail: parala.mply@gmail.com

Letter No. 1509 Dated: 17.05.2025

### ବିଜ୍ଞାପନ

No. C-342: ଏତଦ୍ୱାରା ପରିଷଦ ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚଳିତ ବର୍ଷ ଅର୍ଥାତ୍ ୨୦୨୫ ମସିହା ରଥଯାତ୍ରା ଉପଲକ୍ଷେ ପରିଷଦ ଅଞ୍ଚଳରେ ତଥା ଜଗନ୍ନାଥ ମନ୍ଦିରଠାରୁ କଲେଜ ଛକ ପର୍ଯ୍ୟନ୍ତ ଏବଂ କଲେଜ ଛକଠାରୁ ପୌର ପରିଷଦର ଦୁଇ ଏବଂ ଚାରି ଚକିଆ ପାର୍କିଂର ଉଭୟ ପାର୍ଶ୍ୱରେ (ଗୁଣ୍ଡିଚାବାଡ଼ି ବ୍ୟତୀତ) ଦୋକାନ ବଜାର ଇତ୍ୟାଦି ପକାଇ ବ୍ୟବସାୟ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିଙ୍କଠାରୁ ମହାସୁଲ ଆଦାୟ କରିବା ନିମନ୍ତେ ନିର୍ଦ୍ଧାରିତ ହୋଇଅଛି। ରାସ୍ତାର ମଧ୍ୟଭାଗରେ କୌଣସି ଦୋକାନ ବଜାର ବସାଇପାରିବେ ନାହିଁ। ଏଣୁ ଯେଉଁ ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଅଛନ୍ତି ସେମାନେ ଟ.୧,୦୦୦.୦୦ଙ୍କା ଦେଇ ଫର୍ମ ତା୧୯।୦୫।୨୦୨୫ଠାରୁ ୩୦।୦୫।୨୦୨୫ ଅପରାହ୍ନ ଘ୧୨.୩୦ଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟରୁ କ୍ରୟକରି ପାରିବେ ଏବଂ ତା୩୧।୦୫।୨୦୨୫ ପୂର୍ବାହ୍ନ ୧୧.୦୦ ଘଣ୍ଟା ସୁଦ୍ଧା **(Speed Post/Register Post)** ମାଧ୍ୟମରେ ପରିଷଦରେ ପହଞ୍ଚିବା ଜରୁରୀ ଅଟେ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ଟେଣ୍ଡର ଗ୍ରହଣୀୟ ହେବ ନାହିଁ ଏବଂ ସେହି ଦିନ ଅର୍ଥାତ୍ ତା୩୧।୦୫।୨୦୨୫ ଅପରାହ୍ନ ୧୨.୩୦ ଘଣ୍ଟା ସମୟରେ ଟେଣ୍ଡରରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ। ଇଚ୍ଛୁକ ଥିବା ବ୍ୟକ୍ତି ତାଙ୍କ ନାମରେ ଅମାନତ ରାଶି ଟ.୧,୦୦,୦୦୦/–ଙ୍କାର ବ୍ୟାଙ୍କ ଡ୍ରାଫ୍ଟ, ପାରଳାଖେମୁଣ୍ଡି ସହରରେ ଥିବା ଯେ କୌଣସି ଜାତୀୟକରଣ ବ୍ୟାଙ୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌରପରିଷଦ ପାରଳାଖେମୁଣ୍ଡିଙ୍କ ନାମରେ ଟେଣ୍ଡର ପେପର ସହ ଦାଖଲ କରିବେ ନଚେତ୍ ଉକ୍ତ ଟେଣ୍ଡର ବିଚାରକୁ ନିଆଯିବ ନାହିଁ। ଅସଫଳ ନିଲାମଧାରୀ ଜମା କରିଥିବା ବ୍ୟାଙ୍କ ଡ୍ରାଫ୍ଟ ଫେରସ୍ତ ଦିଆଯିବ। ସର୍ବୋଚ୍ଚ ଟେଣ୍ଡର ଡାକିଥିବା ବ୍ୟକ୍ତି ତତ୍‌କାଳ ବକେୟା ଅର୍ଥ ନଗଦ ଆକାରରେ ପୈଠ କରିବାକୁ ବାଧ୍ୟ। ଯଦି ସମ୍ପୂର୍ଣ୍ଣ ରାଶି ପୈଠ କରିପାରିବେ ନାହିଁ ତେବେ ତାଙ୍କର ଟେଣ୍ଡର ପେପର ସହିତ ଅମାନତ ରାଶି ହରାଇବେ ଏବଂ ପରବର୍ତ୍ତୀ ଟେଣ୍ଡରଧାରୀଙ୍କ ଟେଣ୍ଡର ବିଚାରକୁ ନିଆଯିବ। ସର୍ବୋଚ୍ଚ ଟେଣ୍ଡର ଡାକିଥିବା ବ୍ୟକ୍ତିଙ୍କୁ ତା୨୭।୦୬।୨୦୨୫ଠାରୁ ୧୦।୦୭।୨୦୨୫ରିଖ ପର୍ଯ୍ୟନ୍ତ ମହାସୁଲ ଆଦାୟ କରିବା ପାଇଁ ଆଦେଶ ଦିଆଯିବ। ଟେଣ୍ଡର ସିଦ୍ଧ କରିବା ପୌରପରିଷଦ କର୍ତ୍ତୃପକ୍ଷଙ୍କ ଅନ୍ତର୍ଭୁକ୍ତ ଅଟେ। କୌଣସି କାରଣ ନଥାଇ ଯେଉଁ ସମୟରେ ମଧ ତାଙ୍କର ଟେଣ୍ଡର କର୍ତ୍ତୃପକ୍ଷ ରଦ୍ଦ କରିପାରିବେ। ଏହାକୁ ପ୍ରତିବାଦକରି କୌଣସି ବ୍ୟକ୍ତି କୌଣସି ନ୍ୟାୟାଳୟରେ ଆଶ୍ରୟ ନେଇପାରିବେ ନାହିଁ। ପ୍ରକାଶ ଥାଉକି ରାଜଦାଣ୍ଡ ରାସ୍ତାରେ କୌଣସି ଉଠାଦୋକାନୀ ରାସ୍ତାକୁ ଗାତ ଖୋଳି କୌଣସି କ୍ଷତି କରିବେ ନାହିଁ। ଏହା ଅମାନ୍ୟ କଲେ ପୌରପରିଷଦ ତରଫରୁ ସମ୍ପୃକ୍ତ ଉଠାଦୋକାନୀକୁ ହଟାଇ ଦିଆଯିବ ଏବଂ ଏହି ସମ୍ପର୍କିତ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ଦୋକାନ ବଜାର ବସାଇବାର ନକ୍ସା ଏବଂ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ତଥ୍ୟ ପୌରପରିଷଦର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସରେ ପାଇପାରିବେ।

| | | |
|---|---|---|
| ସରକାରୀ ଟେଣ୍ଡର ଡାକ | – | ଟଙ୍କା ୧୬,୬୭,୦୫୦/– |
| ରଥଯାତ୍ରାରେ ମହାସୁଲ ଆଦାୟ ଫର୍ମର ମୂଲ୍ୟ | – | ଟଙ୍କା ୧,୦୦୦/– |
| ଅମାନତ ରାଶି | – | ଟଙ୍କା ୧,୦୦,୦୦୦/– |

**ମହାସୁଲ ସଂଗ୍ରହ ଚାର୍ଟ**

୧. ନଡ଼ିଆ, କଦଳୀ, ଫୁଲ, ବେଲୁନ ଇତ୍ୟାଦି ଦିନକୁ – ୨୫/–।
୨. ଚଣା, ଖଜରା, ମିଠା ଇତ୍ୟାଦି ଦିନକୁ – ୫୦/–।
୩. ପ୍ଲେଟ, କପ, ଘର ବ୍ୟବହାର ହେଉଥିବା ଜିନିଷ ଇତ୍ୟାଦିକୁ ଦିନ ପିଛା ଛୋଟ ଦୋକାନ ପାଇଁ ୧୦୦/– ଏବଂ ବଡ଼ ଦୋକାନ ପାଇଁ – ୨୦୦/–।
୪. ଖାଦ୍ୟ ଜିନିଷ ତଥା – ଚାଟ, ଆଇସ୍କ୍ରିମ ଇତ୍ୟାଦିକୁ ଦିନ ପିଛା ଛୋଟ ଦୋକାନ ପାଇଁ ୧୦୦/– ଏବଂ ବଡ଼ ଦୋକାନ ପାଇଁ – ୨୦୦/–।

OIPR-13145/11/0018/2526 ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ ପାରଳାଖେମୁଣ୍ଡି

## ସଂକ୍ଷେପରେ

### ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ୫ ଆହତ

ହିଞ୍ଜିଳିକାଟୁ, ୧୮।୫(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ତହଁର ଗ୍ରାମରେ ରବିବାର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। କାତି, ଠେଙ୍ଗା ଓ କୋଡିରେ ଆକ୍ରମଣ, ପ୍ରତିଆକ୍ରମଣରେ ଉଭୟ ପକ୍ଷରୁ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତମାନେ ହେଲେ ଗୀତା ସେଠୀ, ତାଙ୍କ ଝିଅ ସୁଚିତ୍ରା ସେଠୀ, ଭାଇ ସୁଦର୍ଶନ ସେଠୀ ଓ ଅପର ପକ୍ଷର ଅର୍ଜୁନ ନାୟକ ଏବଂ ତାଙ୍କ ସ୍ତ୍ରୀ ମୋହିନି ନାୟକ । ସୁଦର୍ଶନଙ୍କ ଅବସ୍ଥା ଗୁରୁତର ରହିଛି । ଘଟଣା ନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି । ପୋଲିସ ପୃଥକ ୨ଟି ମାମଲା (ନଂ.୪୦୮ ଓ ୪୦୯/୨୫) ରୁଜୁ କରି ତଦନ୍ତ କରୁଛି।

### ଗଡ୍ରିଙ୍ଗିଆ ଘାଟିରେ ପୁଣି ଟ୍ରକ୍ ଦୁର୍ଘଟଣା

ବାଲିଗୁଡା, ୧୮।୫ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଥାନା ଅନ୍ତର୍ଗତ ୫୯ ନଂ. ଜାତୀୟ ରାଜପଥର ଗଡ୍ରିଙ୍ଗିଆ ଘାଟିରେ ୨୪ ଘଣ୍ଟା ନ ହେଉଣୁ ପୁଣି ଏକ କାଠ ବୋଝେଇ (ନଂ. ଓଡି -୦୨ସି -ଏସ- ୧୩୮୯) ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକ୍‌ର ଚାଳକ ବାଲିଗୁଡ଼ା ମେଡିକାଲ ଚିକିତ୍ସିତ ହୋଇଥିବା ସୂଚନା ମିଳିଛି। ଭବାନୀପାଟଣା ଠାରୁ ଖୋର୍ଦ୍ଧାକୁ ଉକ୍ତ ଟ୍ରକ କାଠ ସାମଗ୍ରୀ ନେଇ ଯାଉଥିବା ବେଳେ ଦୁର୍ଘଟଣା ଘଟିଛି। ବାରମ୍ବାର ଗଡ୍ରିଙ୍ଗିଆ ଘାଟିରେ ଦୁର୍ଘଟଣା ଘଟୁଥିବା ସହ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ସୂଚନାଯୋଗ୍ୟ ଯେ, ଏହି ସ୍ଥାନରେ ଶନିବାର ଏକ ଥଣ୍ଡା ପାନୀୟ ଜଳ ଟ୍ରକ୍ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା।

### ବଜ୍ରପାତରେ ୩ ମୃତକଙ୍କ ପରିବାରକୁ ସହାୟତା

ଛତ୍ରପୁର, ୧୮।୫(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲ୍ଲାରେ ଚଳିତ ସପ୍ତାହରେ ବଜ୍ରପାତରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା।ଏଥିରେ ଗଞ୍ଜାମ ଜିଲା ପ୍ରଶାସନ ଓ ଓଡିଶା ସରକାର ଶୋକ ପ୍ରକାଶ କରି ଏସଡ଼ିଆରଏଫ ନିୟମ ଓ ସର୍ତ୍ତାନୁଯାୟୀ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁଗ୍ରହ ଧନରାଶି ଘୋଷଣା କରିଛନ୍ତି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ତାଙ୍କ ଅଫିସିଆଲ ସୋସିଆଲ ମିଡ଼ିଆ 'ଏକ୍ସ' ଓ 'ଫେସବୁକ'ରେ ଏହି ସୂଚନା ଦେଇଛନ୍ତି। ବଜ୍ରପାତରେ ଗତ ୧୬ ତାରିଖରେ କବିସୂର୍ଯ୍ୟନଗର ବ୍ଲକ ଏ. ବରିଡା ଗ୍ରାମରେ ଓମ ପ୍ରସାଦ ପ୍ରଧାନ(୧୩) ଓ ଗତ ୧୨ ତାରିଖରେ ପାତ୍ରପୁର ବ୍ଲକ ନାରାୟଣପୁର ଗ୍ରାମରେ ଏମ. ସାକିଲି କନିଆରୀ (୫୦) ଓ ଏମ. ଭବେଶ କନିଆରୀଙ୍କ (୧୯) ଜୀବନ ଯାଇଥିଲା।

### କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ଛତ୍ରପୁର, ୧୮।୫
(ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ ଅନ୍ତର୍ଗତ କଣମଣା ଗ୍ରାମରେ କଲ୍ୟାଣ ମଣ୍ଡପ ଉଦଘାଟିତ ହୋଇଛି । ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଛତ୍ରପୁର ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ମୁନା ଦାସ, କଣମଣା ସରପଞ୍ଚ ବି. ଦମୟନ୍ତୀ, ପୂର୍ବତନ ସରପଞ୍ଚ ଏସ. ଚକ୍ରପାଣି ରେଡ୍ଡୀ, ନାଏବ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ମହିଳା ନେତ୍ରୀ ନୀଳାଦ୍ରି ପ୍ରଧାନ, କଣମଣା ଗ୍ରାମ୍ୟ କମିଟି ସଭାପତି ଅନନ୍ତ ସାହୁ, ସମ୍ପାଦକ ଦେବରାଜ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।

# ଅବହେଳିତ ଅବସ୍ଥାରେ ସିର୍କି ଡ୍ୟାମ୍

## ଅନୁମୋଦନ ପରେ ବି ଆଗେଇ ପାରୁନି କାମ

ଜି.ଉଦୟଗିରି, ୧୮।୫(ଚିନ୍ମୟ କୁମାର ସେଠୀ)



ସିର୍କି ଡ୍ୟାମ୍

ଜି.ଉଦୟଗିରି ବ୍ଲକ୍ ଅନ୍ତର୍ଗତ ସିର୍କି ଡ୍ୟାମ୍‌ରୁ ସ୍ଥାନୀୟ ଅଞ୍ଚଳବାସୀ ପାନୀୟଜଳ ଯୋଗାଣ ସହ ଚାଷ ଜମିରେ ଜଳସେଚନ ନିମନ୍ତେ ଡ୍ୟାମ ଉପରେ ନିର୍ଭର କରନ୍ତି। ହେଲେ ବର୍ତ୍ତମାନ ତାହା ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ରହିଛି। ଦୀର୍ଘ ବର୍ଷ ଧରି ପୁନରୁଦ୍ଧାର ହୋଇ ନ ଥିବା ବେଳେ ଜଳସେଚନ ନିମନ୍ତେ ଥିବା କେନାଲ ଗେଟ୍ ଚାବି ଖରାପ ହୋଇ ପାଣି ନଷ୍ଟ ହେଉଛି। କେବେଠାରୁ ସିର୍କି ଡ୍ୟାମର ପୁନରୁଦ୍ଧାର ଆରମ୍ଭ ହେବ ସେନେଇ ଜନସାଧାରଣ ଆଲେଚନା ହେଉଛି। ଏନେଇ ଅଞ୍ଚଳବାସୀ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଦାବି ପରେ ଅଞ୍ଚଳବାସୀଙ୍କ ଜଳ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ସିର୍କି ଡ୍ୟାମର ଜଳ ସଂରକ୍ଷଣ କ୍ଷମତା ବୃଦ୍ଧି ସହ ପୁନରୁଦ୍ଧାର କାମ ପାଇଁ ସରକାର ୬ କୋଟି ୧୧ ଲକ୍ଷ ୩୮ ହଜାର ଟଙ୍କା ଏବଂ କେନାଲ ଯୋଗେ ଚାଷ ଜମିକୁ ଜଳସେଚନ ନିମନ୍ତେ ଥିବା ଗେଟ୍‌ର ମରାମତି ନିମନ୍ତେ ୪ ଲକ୍ଷ ୧୪ ହଜାର ଟଙ୍କା ଅନୁମୋଦନ କରିଛନ୍ତି। ଏପ୍ରିଲ ମାସରେ ସିର୍କି ଡ୍ୟାମର ଟେଣ୍ଡର ହୋଇ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ପତ୍ର ମାଧ୍ୟମରେ କନ୍ଧମାଳ କ୍ଷୁଦ୍ର ଜଳସେଚନ ବିଭାଗ ଅଧକ୍ଷ ମାର୍ଚ୍ଚ ମାସ ୧୧ରେ ଅବଗତ କରିଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ। ଗ୍ରୀଷ୍ମ ଋତୁ ସରିବାକୁ ଗଲାଣି। ପାଣିପାଗ ସୂଚନାନୁସାରେ ଜୁନ ମାସ ପ୍ରଥମ ସପ୍ତାହରେ ମୌସୁମି ଆସିବ। ବର୍ଷା ହେଲେ ସିର୍କି ଡ୍ୟାମ୍‌ରେ ପୁଣି ପାଣି ଜମା ହୋଇ ରହିବ। ସେତେବେଳେ ନା ଡ୍ୟାମ୍‌ର ପୁନରୁଦ୍ଧାର କାମ କରାଯାଇପାରିବ ନା କେନାଲ ଗେଟ୍ ତିଆରି ହୋଇପାରିବ। ଅଯଥାରେ ପାଣି ନଷ୍ଟ ହେବ। ଯାହା ଫଳରେ ପାନୀୟ ଜଳ ଯୋଗାଣ ସହ ଚାଷ ଜମିକୁ ଜଳସେଚନରେ ଅସୁବିଧା ଦେଖାଦେବ ବୋଲି ଆଲୋଚନା ହେଉଛି। ବର୍ଷା ଋତୁ ଆସିବା ପୂର୍ବରୁ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ଅଞ୍ଚଳବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ସାମ୍ବାଦିକ ସଂଘ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ଖଣ୍ଡପଡ଼ା, ୧୮।୫(ଅଜୟ କୁମାର ମହାରଣା)

ଖଣ୍ଡପଡା ସହରର ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ଏକ ଚକ୍ଷୁ ଚିକିତ୍ସା ଶିବିର ରବିବାର ଅନୁଷ୍ଠିତ ହୋଯାଇଛି। ଖଣ୍ଡପଡ଼ା ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଏହି ଶିବିରରେ କଟକ ଅର୍ବାନ ହସପିଟାଲର ଡାକ୍ତର ମହମ୍ମଦ ଜାଭେଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ସଂଘ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଖଣ୍ଡପଡ଼ା ସହରାଞ୍ଚଳ ଓ ଆଖପାଖ ଅଞ୍ଚଳରୁ ୧୭୫ ଜଣଙ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା କରାଯାଇ ସେମାନଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା । ସେହିପରି ମଧୁମେହ, ଦନ୍ତ ଓ ଉଚ୍ଚ ରକ୍ତଚାପ ଥିବା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକୀୟ ଔଷଧ ପାଇଁ ପରାମର୍ଶ ପ୍ରଦାନ କରାଯାଇଥିଲା । ୧୦ ଜଣ ମହିଳା ଓ ପୁରୁଷଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ କଟକ ଅର୍ବାନ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଅର୍ବାନ ହସପିଟାଲ ପକ୍ଷରୁ ଅଭିଜ୍ଞ ଡ଼ାକ୍ତରମାନେ ଏହି ଶିବିରରେ ଯୋଗଦେଇଥିଲେ । ସାମ୍ବାଦିକ ସଂଘ ସଭାପତି ଚିତ୍ତ ରଞ୍ଜନ ମିଶ୍ର, ସମ୍ପାଦକ ସରୋଜ କୁମାର ଚୌଧୁରୀ, ଜନ୍ମେଜୟ ଦଳେଇଙ୍କ ସମେତ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ପଠାଣି ସାମନ୍ତ ସ୍ମାରକୀ ମନ୍ଦିର ନିର୍ମାଣ କାମ ଆରମ୍ଭ ହେଲାନାହିଁ

ଖଣ୍ଡପଡ଼ା, ୧୮।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରରେ ଜନ୍ମଗ୍ରହଣ କରିସମଗ୍ର ବିଶ୍ୱବାସୀଙ୍କୁ ଜ୍ୟୋର୍ତିବିଜ୍ଞାନ ସମ୍ପର୍କରେ ଚମକପ୍ରଦ ତଥ୍ୟ ପ୍ରଦାନ କରିଥିଲେ ସାମନ୍ତ ଚନ୍ଦ୍ର ଶେଖର ପଠାଣି ସାମନ୍ତ । ତାଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଜନ୍ମମାଟି ଖଣ୍ଡପଡାରେ ପଠାଣି ସାମନ୍ତ ସ୍ମାରକୀ ମନ୍ଦିର ନିର୍ମାଣ ପାଇଁ ରାଜ୍ୟ ସରକାର ଗତ ୩ ମାସ ତଳେ ୨ କୋଟି ଟଙ୍କା ମଞ୍ଜୁର କରିଥିଲେ । ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ସ୍ମାରକୀ ମନ୍ଦିର ନିର୍ମାଣ କରାଯିବ ବୋଲି ଜଣାପଡିବା ପରେ ସହରବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା । ଖଣ୍ଡପଡା ସହରର କେଉଁ ସ୍ଥାନରେ ଏହି ସ୍ମାରକୀ ମନ୍ଦିର ନିର୍ମାଣ କରାଯିବ ତାହା ପ୍ରଶାସନ ପକ୍ଷରୁ ଅଦ୍ୟାବଧି ସ୍ଥିର ହୋଇ ନ ଥିବା ବେଳେ ସହରର ଏକ ଉପଯୁକ୍ତ ସ୍ଥାନରେ ପଠାଣି ସାମନ୍ତ ସ୍ମାରକୀ ମନ୍ଦିର ନିର୍ମାଣ କରିବାକୁ ଖଣ୍ଡପଡା ଅଞ୍ଚଳର ସଚେତନ ନାଗରିକମାନେ ମତ ଦେଇଛନ୍ତି । ଖଣ୍ଡପଡା ତହସିଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପ୍ରସ୍ତାବିତ ସ୍ମାରକୀ ମନ୍ଦିର ନିର୍ମାଣ ନିମନ୍ତେ ଆବଶ୍ୟକ ଜାଗା ଯୋଗାଇ ଦେବାକୁ ସହରବାସୀ ଦାବି କରିଛନ୍ତି । ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ କର୍ତ୍ତୃପକ୍ଷ, ନୟାଗଡ଼ ଜିଲାପାଳ ଓ ଜିଲା ପର୍ଯ୍ୟଟନ ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଶୋଭାଯାତ୍ରା




ଭଞ୍ଜନଗରରେ ହୋଇଥିବା ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଧାୟକ ଓ ଅନ୍ୟମାନେ।

ଭଞ୍ଜନଗର/ଆସିକା/ଖଜୁରିପଡ଼ା, ୧୮।୫ (ବାବୁଲା ପ୍ରଧାନ/ସୁରେନ୍ଦ୍ର ନାଥ ସାହୁ/ ବିଦୂର ବେହେରା)

'ଅପରେଶନ ସିନ୍ଦୁର'ର ସଫଳତାକୁ ନେଇ ଭାରତୀୟ ସେନାଙ୍କୁ ସମ୍ମାନ ଜଣାଇବା ଓ ଉତ୍ସାହିତ କରିବା ସକାଶେ ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଶୋଭାଯାତ୍ରା ଚାଲିଛି। ରବିବାର ଭଞ୍ଜନଗର ସହରରେ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ହୋଇଥିଲା। ଏଥିରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ଭଞ୍ଜନଗର ସହର ପରିକ୍ରମା କରିଥିଲା। ୧୦୦ ମିଟର ଲମ୍ବ ତ୍ରିରଙ୍ଗା ପତାକା ଧରି ଲୋକେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରାକୁ ଭାଜପା ଘୁମୁସର ସାଙ୍ଗଠନିକ ଜିଲା ସଭାପତି ନୀଳ ମାଧବ ପାତ୍ର ସଂଯୋଜନା କରିଥିଲେ। ଏମପି ପ୍ରତିନିଧି ସନ୍ତୋଷ ତିଆଡ଼ି, ଶିବ ଶଙ୍କର ପ୍ରଧାନ, ରବିନ୍ଦ୍ର ଗୌଡ଼, ଧୋବା ଗୌଡ଼, ଶିବ ମହାପାତ୍ର, ସୁବାସ ବରାଡ଼ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଆସିକାରେ ବିଧାୟକ ସରୋଜ ପାଢୀଙ୍କ ନେତୃତ୍ୱରେ ଜାତୀୟ ପତାକା ହାତରେ ଧରି ଜନସାଧାରଣ ସହର ପରିକ୍ରମା କରିଥିଲେ । ଶୋଭାଯାତ୍ରା ବିଧାୟକଙ୍କ ବାସଭବନରୁ ବାହାରି ଖମ୍ବେଶ୍ୱରୀପାଟଣା, କୁମ୍ଭାର ସାହି, ବିନାୟକ ବଜାର, ଲକ୍ଷ୍ମୀ ବଜାର, ସିନେମାହଲ ରୋଡ ଆଦି ଅଞ୍ଚଳ ପରିକ୍ରମା କରିଥିଲା । କାର୍ଯ୍ୟକ୍ରମରେ ବିଧାୟକ ପାଢୀଙ୍କ ସମେତ ସଙ୍ଗୀତା ପାଢୀ, ଶିବ କୁମାର ନାୟକ, ନାରାୟଣ ମୁନି, ବୀରେନ୍ଦ୍ର ଖଟାଇ, ବିଜୟ ସ୍ୱାଇଁ, ଭଜରାମ ସ୍ୱାଇଁ, ମନୋଜ ନାହାକ, ଟୁଲୁ ଜେନା, ରବିନ୍ଦ୍ର ଗୌଡ, ରବିନ୍ଦ୍ର ବାରିକ, ଶଶାଙ୍କ ଚର୍ଚ୍ଚିଙ୍କ ସମେତ ଗ୍ରାମାଞ୍ଚଳରୁ ଶତାଧିକ ସମର୍ଥକ ସାମିଲ ଥିଲେ।

କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ୍ ବଲସକୁମ୍ପା ମା' ବରାଳ ଦେବୀ ପୀଠରେ ଭାଜପା କର୍ମୀମାନେ ତ୍ରିରଙ୍ଗା ଶୋଭାଯାତ୍ରା କରିଥିଲେ। ପ୍ରଥମେ ମା' ବରାଳ ଦେବୀଙ୍କୁ ଦର୍ଶନ କରିବା ପରେ ଏହି ଶୋଭାଯାତ୍ରା ପ୍ରତି ଗାଁକୁ ଯାଇଥିଲା। ଏ ଯାତ୍ରା ବୀର ଯବାନଙ୍କ ପାଇଁ, ଏ ଯାତ୍ରା ବାୟୁବୀରଙ୍କ ପାଇଁ, ଏ ଯାତ୍ରା ପ୍ରତି ସୈନିକଙ୍କ ସାହସ ଓ ପରାକ୍ରମ ଲାଗି ବୋଲି ସମ୍ପାଦକ ରାଜେନ୍ଦ୍ର ବେହେରା ଅଭିଭାଷଣରେ କହିଥିଲେ। କାର୍ଯ୍ୟକ୍ରମରେ ଭାଜପା ବଲସକୁମ୍ପା ମଣ୍ଡଳ ସଭାପତି ଶ୍ରୀନିବାସ ପ୍ରଧାନ, ସହସମ୍ପାଦକ ଦେବାଶିଷ ସାହାଣୀ, ବୁଥ ସଭାପତି ବିଜୟ ସାହୁ, ବୁଥ ସମ୍ପାଦକ ବିଦୁର ପ୍ରଧାନଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଆର୍ଟ ଅଫ୍ ଗିଭିଙ୍ଗର ବାର୍ଷିକୋତ୍ସବ

ଫୁଲବାଣୀ, ୧୮।୫ (ରାକେଶ କୁମାର ରାଉତ)

ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନଠାରେ ଆର୍ଟ ଅଫ ଗିଭିଙ୍ଗ ଯୋଜନାର ଦ୍ୱାଦଶ ବାର୍ଷିକୀ ପାଳିତ ହୋଇଛି। ଶିକ୍ଷାବିତ ତଥା ପୂର୍ବତନ ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ପ୍ରଚେଷ୍ଟାରେ ଚାଲିଥିବା ଏହି ପରିକଳ୍ପନାର ବାର୍ଷିକୀ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା ପ୍ରତ୍ୟେକ ମଣିଷ ନିକଟରେ ଦାନର ଭାବନା ଜାଗ୍ରତ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ଦାନର ପରମ୍ପରା ଭାରତ ବର୍ଷରେ ଅତି ପୁରୁଣା ବୋଲି କହିବା ସହ ଏଭଳି ଏକ ପ୍ରୟାସ ସମାଜରେ ସମ୍ବେଦନଶୀଳତା ବୃଦ୍ଧି କରିବାରେ ସହାୟକ ହୋଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡା ସଂସଦ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ସର୍ବେଶ୍ୱର ମିଶ୍ର ଏବଂ ଏଏନଏମ୍ ଟ୍ରେନିଂ ସେଣ୍ଟରର ବରିଷ୍ଠ ଟ୍ୟୁଟର ମମତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆସିକା ଏମ୍‌ପିଙ୍କ ହିଞ୍ଜିଳି ଥାନା ପରିଦର୍ଶନ




ଆସିକା ଏମ୍‌ପି ହିଞ୍ଜିଳି ଥାନାରେ ଆଲୋଚନା କରୁଛନ୍ତି।

ହିଞ୍ଜିଳିକାଟୁ, ୧୮।୫(ଦ୍ୱିତୀକୃଷ୍ଣ ପଣ୍ଡା)

ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ରବିବାର ହିଞ୍ଜିଳି ଗସ୍ତରେ ଆସିଥିଲେ। ଅପରାହ୍ନରେ ସେ ହିଞ୍ଜିଳି ଥାନା ପରିଦର୍ଶନ କରିଥିଲେ। ଆଇଆଇସି ଶ୍ରୀନିବାସ ସେଠୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଥାନା ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି, ଅସାମାଜିକ କାର୍ଯ୍ୟକଳାପ, ସାଧାରଣ ଲୋକଙ୍କ ସୁରକ୍ଷା ଓ ନିରାପତ୍ତା, ଥାନାରେ ଆବଶ୍ୟକ କର୍ମଚାରୀ ସଂଖ୍ୟା ଓ ଅନ୍ୟାନ୍ୟ ସୁବିଧା ଅସୁବିଧା ବିଷୟରେ ସମୀକ୍ଷା କରିଥିଲେ। ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ପୋଲିସ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏମ୍‌ପି ସେଠାରୁ ହିଞ୍ଜିଳିକାଟୁ ବ୍ଲକ ମୋହନାପଲ୍ଲୀ ଗ୍ରାମକୁ ଯାଇ ରାଧାକୃଷ୍ଣ ମନ୍ଦିର ବାର୍ଷିକ ଉତ୍ସବରେ ଯୋଗଦେଇଥିଲେ । ଏମ୍‌ପିଙ୍କ ଗସ୍ତ ସମୟରେ ଭାଜପାର ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ସମର୍ପିତ ସେବାର ପୁଣ୍ୟଭୂମି ଘୁମୁସର ଉପରେ ଆଲୋଚନାଚକ୍ର

ଭଞ୍ଜନଗର, ୧୮।୫(ବାବୁଲା ପ୍ରଧାନ)

ଭଞ୍ଜନଗର ବାର୍ ଆସୋସିଏଶନ ପାଠାଗାର ପରିସରରେ ରବିବାର ସମର୍ପିତ ସେବାର ପୁଣ୍ୟଭୂମି ଘୁମୁସର ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଲୋଚନାଚକ୍ରକୁ ଉଦଘାଟନ କରିବା ସହ ଘୁମୁସର ଇତିହାସ ସମ୍ପର୍କରେ କହିଥିଲେ। ଘୁମୁସରର ଗର୍ବ ଓ ଗୌରବ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଏବଂ ଚକରା ବିଷୋୟୀଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ତାଙ୍କରି ସ୍ମୃତି ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଭଞ୍ଜନଗରରେ ଐତିହାସିକ ପୀଠ ଭାବେ ଚକ୍ରଘାଟି ଓ ଗଣ୍ଡିଶୂଳାର ରୂପାନ୍ତରିତ କାର୍ଯ୍ୟ ଚାଲିଥିବା କହିଥିଲେ । ପ୍ରତୀକ ସାହିତ୍ୟ ସଂସଦ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ରବୀନ୍ଦ୍ର ନାଥ ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସିଡିଏମଓ ଡା. ବିଜୟ କୁମାର ପଣ୍ଡାଙ୍କୁ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ଼. କମ୍ବୁପାଣି ସାମନ୍ତ, ପ୍ରଫେସର କୃତ୍ତିବାସ ବିଶ୍ୱାଳ, ଡ. ଶିବରାମ ପଣ୍ଡା ଓ ଡ଼. ଶ୍ୟାମା ପ୍ରସାଦ ମିଶ୍ର ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଡା. ପଣ୍ଡା ଗାଁ ମାଟିର ପରମ୍ପରା ଓ ଅତୀତର ସ୍ମୃତି ସାଉଁଟି ମା ମାଟି ଦେଇଥିବା ଆତ୍ମ ପରିଚୟକୁ ପ୍ରଶଂସା କରିଥିଲେ । ବାହାଡାପଦର ଗାୟତ୍ରୀ ପରିବାର ତରଫରୁ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା । ଡ଼. ନଳିନିପ୍ରଭା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ନେହଲତା ବିଷୋୟୀ ଓ ଡ.ଗାୟତ୍ରୀ ସାହୁ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ପ୍ରତୀକ ସାହିତ୍ୟ ସଂସଦର ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସନ୍ତୋଷ ଜେନା, ଶୂଳପାଣି ଶତପଥି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । କୋଷାଧ୍ୟକ୍ଷ ଜଗବନ୍ଧୁ ଜେନା ଧନ୍ୟବାଦ ଦେଇଥିଲେ।

### ମୋ ପୋଖରୀରୁ ମାଛ ଚୋରି
# ଥାନାର ଦ୍ୱାରସ୍ଥ ହେଲେ ସ୍ୱୟଂ ସହାୟିକା ଗୋଷ୍ଠୀ

ଖଜୁରିପଡ଼ା ୧୮।୫ (ବିଦୁର ବେହେରା)

ଖଜୁରିପଡ଼ା ଥାନା ରାଇଖୋଲ ଗାଁରେ ମୋ ପଖୋରୀରୁ ମାଛ ଚୋରି ହୋଇଥିବା ରବିବାର ମା'ଗୋଜ ବାୟାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଉକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ରାଇଖୋଲ ମୋ ପଖୋରୀରେ ୧୫ ହଜାର ଯାଆଁଳ ଛାଡ଼ି ମାଛ ଚାଷ କରିଥିଲେ। କିନ୍ତୁ ଶନିବାର ରାତିରେ କିଛି ଦୁର୍ବୃତ୍ତ ୨ ବାଇକରେ ଯାଇ ମାଛ ଚୋରି କରୁଥିଲେ। ଠିକ ସେହି ସମୟରେ ଉକ୍ତ ଗାଁର ଜଣେ ଯୁବକଙ୍କୁ ଶୌଚ ପାଇଁ ଯିବାର ଦେଖି ମାଛ ଚୋରମାନେ ମାଛ ଧରିବା ସାମଗ୍ରୀ ଛାଡ଼ି ଦୌଡ଼ି ପଳାଇଛନ୍ତି। ଏନେଇ ଖଜୁରିପଡ଼ା ଥାନାରେ ସ୍ୱୟଂ ସହାୟିକା ଗୋଷ୍ଠୀ ଏତଲା ଦେଇଛି।

# ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ସଦର ଥାନା ପୋଲିସ ଅଭିଯୁକ୍ତ ଅଶ୍ୱିନୀ ଗୌଡ଼(୨୩)ଙ୍କୁ ଗିରଫ କରିଛି। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ପରେ ଅଶ୍ୱିନୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ୧୫ ବର୍ଷୀୟ ନାବାଳିକାଙ୍କ ସହ ଆଜକୁ ୩ମାସ ହେବ ଅଶ୍ୱିନୀଙ୍କ ପରିଚିତ ହୋଇଥିଲା । ଅଶ୍ୱିନୀ ପ୍ରଲୋଭିତ କରି ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଚାହୁଁଥିଲେ। ନାବାଳିକା ଜଣଙ୍କ ମନା କରିବାରୁ ସେ ଘରେ ଏକାକୀ ଥିବା ସୁଯୋଗ ଦେଖି ତାଙ୍କ ଘରକୁ ଯାଇ ବଳାତ୍କାର କରିଥିଲେ । ଏ ନେଇ ପୀଡ଼ିତା ତାଙ୍କ ମା'ଙ୍କୁ ଜଣାଇଥିଲେ। ପରେ ସଦର ଥାନାରେ ଅଭିଯୋଗ ହୋଇଥିଲା।

# ନାଳର ପୁନରୁଦ୍ଧାର ପାଇଁ ଶିଳାନ୍ୟାସ

ଭଞ୍ଜନଗର, ୧୮।୫(ବାବୁଲା ପ୍ରଧାନ)

ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ କଦଳିଆ ନାଳ ଓ ତତ୍‌ସଂଲଗ୍ନ ଶାଖା ନାଳ ଗୁଡ଼ିକର ଜଳ ନିକାଶ ନିମନ୍ତେ ଉକ୍ତ ନାଳର ପୁନରୁଦ୍ଧାର କରାଯିବ। ରବିବାର ଭଞ୍ଜନଗର ବ୍ଲକ ଗୋଲାପଡ଼ା ପଞ୍ଚାୟତରେ ଉକ୍ତ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ସେ କହିଥିଲେ ଯେ, ଉକ୍ତ ନାଳର ପୁନରୁଦ୍ଧାର ପାଇଁ ୩ କୋଟି ୬୩ ଲକ୍ଷ ଟଙ୍କା ବ୍ୟୟ ହେଉଛି। କାର୍ଯ୍ୟ ସରିଲେ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ତାହାର ସୁଫଳ ପାଇବେ। ରାଜ୍ୟ ସରକାର ଚାଷୀମାନଙ୍କ ଉନ୍ନତି ପାଇଁ ଅନେକ ନୂଆ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଭଞ୍ଜନଗର ନିର୍ବାଚନମଣ୍ଡଳୀର ଚାଷୀମାନଙ୍କ ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଇଛି ବୋଲି ବିଧାୟକ ନାୟକ ଆଲୋଚନା ସମୟରେ କହିଥିଲେ। ଏଥିସହ ବିଧାୟକ ଭଞ୍ଜନଗରରେ ଏକ ସଭାରେ କହିଥିଲେ ଯେ, ଦୋମୁହାଣି ପଞ୍ଚାୟତ ଗପଦର ଗ୍ରାମବାସୀ ଏବେ ବି ବିକାଶ କଣ ଜାଣିପାରିନାହାନ୍ତି। ଉକ୍ତ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ବୁଝିଥିଲି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ବର୍ତ୍ତମାନ ଉକ୍ତ ଗ୍ରାମର ବିକାଶ ଆରମ୍ଭ ହୋଇଛି ବୋଲି ବିଧାୟକ ନାୟକ କହିଥିଲେ। ଗୋଲାପଡ଼ାଠାରେ ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ (ଡ୍ରେନେଜ) ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ କାଳୀ ଚରଣ ହୋତା, ଭାଜପା ଘୁମୁସର ସାଙ୍ଗଠନିକ ଜିଲା ସଭାପତି ନୀଳମାଧବ ପାତ୍ର, ଜିଲା ପରିଷଦ ଏମପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ରବିନ୍ଦ୍ର ଗୌଡ଼, ସମିତିସଭ୍ୟ ପିତବାସ ପ୍ରଧାନ, ଟୁଟୁ ପ୍ରଧାନ, ସରପଞ୍ଚ ସୁକାନ୍ତ କୁମାର ମଲିକ, ଟୁଟୁ ପ୍ରଧାନ, ଅବସରପ୍ରାପ୍ତ ତହସିଲଦାର ପ୍ରମୋଦ ଦଳବେହେରା, ଭାଜପା ନେତା ସୁବାସ ବରାଡ଼, ମାନସ ଜେନା, ସୁନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କୋଟଗଡ଼ରେ ମାଓବାଦୀ ପୋଷ୍ଟର

## ଗିରଫ ସଙ୍ଗଠନର କର୍ମୀ ଅଜୟଙ୍କୁ ଛାଡ଼ିବାକୁ ଦାବି

ତୁମୁଡିବନ୍ଧ, ୧୮।୫(ଦୀପକ କୁମାର ପରାସେଠ)



ଜବତ ମାଓ ପୋଷ୍ଟର ଓ ବ୍ୟାନର

କନ୍ଧମାଳ ଜିଲାରେ ଦୀର୍ଘଦିନର ବ୍ୟବଧାନ ପରେ ମାଓବାଦୀ ନିଜର ଉପସ୍ଥିତି ଜାହିର କରିଛନ୍ତି। କୋଟଗଡ଼ ଥାନା ନୂଆଗାଁ ଅଞ୍ଚଳରେ ମାଓବାଦୀ ପୋଷ୍ଟର ଓ ବ୍ୟାନର ଲାଗିଥିବା ଦେଖାଯାଇଥିଲା। କୋଟଗଡ଼ଠାରୁ ମୁନିଗୁଡ଼ାକୁ ସଂଯୋଗ କରୁଥିବା ୫ନଂ. ରାଜ୍ୟ ରାଜପଥର ନୂଆଗାଁ ରାସ୍ତାକଡ଼ରେ ଥିବା ଏକ ଗଛରେ ଏସବୁ ପୋଷ୍ଟର ଓ ବ୍ୟାନର ଲାଗିଥିଲା। ହାତଲେଖା ଉକ୍ତ ପୋଷ୍ଟର ଓ ବ୍ୟାନରରେ ଉଲ୍ଲେଖ କରାଯାଇଛି ଯେ, ମାଓବାଦୀ ସଂଗଠନର ଜଣେ କର୍ମୀ ଅଜୟଙ୍କୁ ଚଳିତ ମାସ ୧ ତାରିଖ ଅପରାହ୍ନ ୩ଟାରେ ଦାରିଙ୍ଗବାଡ଼ି ବ୍ଲକ୍ ମାରୁଦିପଙ୍ଗା ଗ୍ରାମରୁ ପୋଲିସ ଧରିଛି। ଅଜୟଙ୍କୁ ଗିରଫ କରିବାର ୨ ସପ୍ତାହ ବିତି ଯାଇଥିଲେ ମଧ୍ୟ କୋର୍ଟରେ ହାଜର ନ କରି ନିର୍ଯାତନା ଦେଉଛି। ୨୪ଘଣ୍ଟା ମଧ୍ୟରେ ଅଜୟଙ୍କୁ କୋର୍ଟରେ ହାଜର କରାଯାଉ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ଦୀର୍ଘଦିନର ବ୍ୟବଧାନ ପରେ ପୋଷ୍ଟର ଲାଗିବା ଦେଖି ଅଞ୍ଚଳବାସୀଙ୍କ ମନରେ ଏକ ପ୍ରକାର ଭୟର ବାତାବରଣ ଖେଳିଯାଇଛି। ଘଟଣା ସ୍ଥଳରେ କୋଟଗଡ଼ ପୋଲିସ ପହଞ୍ଚି ମରା ଯାଇଥିବା ବ୍ୟାନ୍‌ର ପୋଷ୍ଟର ଜବତ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ମାଓବାଦୀ ଲିଙ୍କରେ କୋଟଗଡ଼ ପୋଲିସ ଶନିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ କୋଟଗଡ଼ ଥାନା ଦୁର୍ଗାପାଙ୍ଗା ପଞ୍ଚାୟତ ଡିମିଲି ଗ୍ରାମର ଗେଡେଡ଼ା ମାଝି। ସେ ମାଓବାଦୀ ସଙ୍ଗଠନ ସହିତ ଦୀର୍ଘଦିନ ହେବ ଲିଙ୍କରେ ଥିବା ଅଭିଯୋଗରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ବିପିନ ବିହାରୀ ମେହେର ସୂଚନା ଦେଇଛନ୍ତି।


## ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି
## OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI

Ph. No.: 06815-222052, e-Mail: parala.mply@gmail.com

Letter No. 1509 Dated: 17.05.2025

### ବିଜ୍ଞାପନ

No. C-342: ଏତଦ୍ୱାରା ପରିଷଦ ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚଳିତ ବର୍ଷ ଅର୍ଥାତ୍ ୨୦୨୫ ମସିହା ରଥଯାତ୍ରା ଉପଲକ୍ଷେ ପରିଷଦ ଅଞ୍ଚଳରେ ତଥା ଜଗନ୍ନାଥ ମନ୍ଦିରଠାରୁ କଲେଜ ଛକ ପର୍ଯ୍ୟନ୍ତ ଏବଂ କଲେଜ ଛକଠାରୁ ପୌର ପରିଷଦର ଦୁଇ ଏବଂ ଚାରି ଚକିଆ ପାର୍କିଂର ଉଭୟ ପାର୍ଶ୍ୱରେ (ଗୁଣ୍ଡିଚାବାଡ଼ି ବ୍ୟତୀତ) ଦୋକାନ ବଜାର ଇତ୍ୟାଦି ପକାଇ ବ୍ୟବସାୟ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିଙ୍କଠାରୁ ମହାସୁଲ ଆଦାୟ କରିବା ନିମନ୍ତେ ନିର୍ଦ୍ଧାରିତ ହୋଇଅଛି। ରାସ୍ତାର ମଧ୍ୟଭାଗରେ କୌଣସି ଦୋକାନ ବଜାର ବସାଇପାରିବେ ନାହିଁ। ଏଣୁ ଯେଉଁ ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଅଛନ୍ତି ସେମାନେ ଟ.୧,୦୦୦.୦୦ଙ୍କା ଦେଇ ଫର୍ମ ତା୧୯।୦୫।୨୦୨୫ଠାରୁ ୩୦।୦୫।୨୦୨୫ ଅପରାହ୍ନ ଘ୧୨.୩୦ଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟରୁ କ୍ରୟକରି ପାରିବେ ଏବଂ ତା୩୧।୦୫।୨୦୨୫ ପୂର୍ବାହ୍ନ ୧୧.୦୦ ଘଣ୍ଟା ସୁଦ୍ଧା **(Speed Post/Register Post)** ମାଧ୍ୟମରେ ପରିଷଦରେ ପହଞ୍ଚିବା ଜରୁରୀ ଅଟେ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ଟେଣ୍ଡର ଗ୍ରହଣୀୟ ହେବ ନାହିଁ ଏବଂ ସେହି ଦିନ ଅର୍ଥାତ୍ ତା୩୧।୦୫।୨୦୨୫ ଅପରାହ୍ନ ୧୨.୩୦ ଘଣ୍ଟା ସମୟରେ ଟେଣ୍ଡରରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ। ଇଚ୍ଛୁକ ଥିବା ବ୍ୟକ୍ତି ତାଙ୍କ ନାମରେ ଅମାନତ ରାଶି ଟ.୧,୦୦,୦୦୦/-ଙ୍କାର ବ୍ୟାଙ୍କ ଡ୍ରାଫ୍ଟ, ପାରଳାଖେମୁଣ୍ଡି ସହରରେ ଥିବା ଯେ କୌଣସି ଜାତୀୟକରଣ ବ୍ୟାଙ୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌରପରିଷଦ ପାରଳାଖେମୁଣ୍ଡିଙ୍କ ନାମରେ ଟେଣ୍ଡର ପେପର ସହ ଦାଖଲ କରିବେ ନଚେତ୍ ଉକ୍ତ ଟେଣ୍ଡର ବିଚାରକୁ ନିଆଯିବ ନାହିଁ। ଅସଫଳ ନିଲାମଧାରୀ ଜମା କରିଥିବା ବ୍ୟାଙ୍କ ଡ୍ରାଫ୍ଟ ଫେରସ୍ତ ଦିଆଯିବ। ସର୍ବୋଚ୍ଚ ଟେଣ୍ଡର ଡାକିଥିବା ବ୍ୟକ୍ତି ତତ୍‌କାଳ ବକେୟା ଅର୍ଥ ନଗଦ ଆକାରରେ ପୈଠ କରିବାକୁ ବାଧ୍ୟ। ଯଦି ସମ୍ପୂର୍ଣ୍ଣ ରାଶି ପୈଠ କରିପାରିବେ ନାହିଁ ତେବେ ତାଙ୍କର ଟେଣ୍ଡର ପେପର ସହିତ ଅମାନତ ରାଶି ହରାଇବେ ଏବଂ ପରବର୍ତ୍ତୀ ଟେଣ୍ଡରଧାରୀଙ୍କ ଟେଣ୍ଡର ବିଚାରକୁ ନିଆଯିବ। ସର୍ବୋଚ୍ଚ ଟେଣ୍ଡର ଡାକିଥିବା ବ୍ୟକ୍ତିଙ୍କୁ ତା୨୭।୦୬।୨୦୨୫ଠାରୁ ୧୦।୦୭।୨୦୨୫ରିଖ ପର୍ଯ୍ୟନ୍ତ ମହାସୁଲ ଆଦାୟ କରିବା ପାଇଁ ଆଦେଶ ଦିଆଯିବ। ଟେଣ୍ଡର ସିଦ୍ଧ କରିବା ପୌରପରିଷଦ କର୍ତ୍ତୃପକ୍ଷଙ୍କ ଅନ୍ତର୍ଭୁକ୍ତ ଅଟେ। କୌଣସି କାରଣ ନଥାଇ ଯେଉଁ ସମୟରେ ମଧ ତାଙ୍କର ଟେଣ୍ଡର କର୍ତ୍ତୃପକ୍ଷ ରଦ୍ଦ କରିପାରିବେ। ଏହାକୁ ପ୍ରତିବାଦକରି କୌଣସି ବ୍ୟକ୍ତି କୌଣସି ନ୍ୟାୟାଳୟରେ ଆଶ୍ରୟ ନେଇପାରିବେ ନାହିଁ। ପ୍ରକାଶ ଥାଉକି ରାଜଦାଣ୍ଡ ରାସ୍ତାରେ କୌଣସି ଉଠାଦୋକାନୀ ରାସ୍ତାକୁ ଗାତ ଖୋଳି କୌଣସି କ୍ଷତି କରିବେ ନାହିଁ। ଏହା ଅମାନ୍ୟ କଲେ ପୌରପରିଷଦ ତରଫରୁ ସମ୍ପୃକ୍ତ ଉଠାଦୋକାନୀକୁ ହଟାଇ ଦିଆଯିବ ଏବଂ ଏହି ସମ୍ପର୍କିତ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ଦୋକାନ ବଜାର ବସାଇବାର ନକ୍ସା ଏବଂ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ତଥ୍ୟ ପୌରପରିଷଦର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସରେ ପାଇପାରିବେ।

| | | |
|---|---|---|
| ସରକାରୀ ଟେଣ୍ଡର ଡାକ | – | ଟଙ୍କା ୧୬,୬୭,୦୫୦/- |
| ରଥଯାତ୍ରାରେ ମହାସୁଲ ଆଦାୟ ଫର୍ମର ମୂଲ୍ୟ | – | ଟଙ୍କା ୧,୦୦୦/- |
| ଅମାନତ ରାଶି | – | ଟଙ୍କା ୧,୦୦,୦୦୦/- |

**ମହାସୁଲ ସଂଗ୍ରହ ଚାର୍ଟ**

୧. ନଡ଼ିଆ, କଦଳୀ, ଫୁଲ, ବେଲୁନ ଇତ୍ୟାଦି ଦିନକୁ – ୨୫/-।
୨. ଚଣା, ଖଜରା, ମିଠା ଇତ୍ୟାଦି ଦିନକୁ – ୫୦/-।
୩. ପ୍ଲେଟ, କପ, ଘର ବ୍ୟବହାର ହେଉଥିବା ଜିନିଷ ଇତ୍ୟାଦିକୁ ଦିନ ପିଛା ଛୋଟ ଦୋକାନ ପାଇଁ ୧୦୦/- ଏବଂ ବଡ଼ ଦୋକାନ ପାଇଁ – ୨୦୦/-।
୪. ଖାଦ୍ୟ ଜିନିଷ ତଥା – ଚାଟ, ଆଇସ୍କ୍ରିମ ଇତ୍ୟାଦିକୁ ଦିନ ପିଛା ଛୋଟ ଦୋକାନ ପାଇଁ ୧୦୦/- ଏବଂ ବଡ଼ ଦୋକାନ ପାଇଁ – ୨୦୦/-।

OIPR-13145/11/0018/2526 ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ ପାରଳାଖେମୁଣ୍ଡି

# ସିଓଆର୍ ସ୍କୁଲରେ ନାମଲେଖା, ଅନ୍ୟତ୍ର ପାଠପଢ଼ା

ଯାଜପୁର,୧୮।୫(ହର୍ଷବର୍ଦ୍ଧନ ବେହେରା)

- ଘରୋଇ ସ୍କୁଲରେ ଶିକ୍ଷା ଅଧିକାର ଆଇନ ପ୍ରହସନ
- ଗରିବ ପିଲାଙ୍କୁ ୨୫% ସ୍ଥାନ ସଂରକ୍ଷଣ ମିଳୁନି
- ଜିଲାପାଳ, ଡିଇଓଙ୍କ ନିକଟରେ ଅଭିଯୋଗ



ଶିକ୍ଷା ଅଧିକାର ଆଇନରେ ୨୫% ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଏବଂ ଅନଗ୍ରସର ପିଲାଙ୍କ ପାଇଁ ଘରୋଇ ସ୍କୁଲଗୁଡ଼ିକରେ ସିଟ୍ ସଂରକ୍ଷଣ ରଖିବା ବାଧ୍ୟତାମୂଳକ ବୋଲି ଗତ ୧୨ ଏପ୍ରିଲ ୨୦୧୨ରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। କିନ୍ତୁ ଯାଜପୁର ଜିଲାରେ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ପିଲାଙ୍କୁ ବେସରକାରୀ ସ୍କୁଲରେ ନାମ ଲେଖାଇବାକୁ ସେତେଟା ସୁଯୋଗ ମିଳୁନାହିଁ। ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗର ସ୍ୱୀକୃତି ପ୍ରମାଣପତ୍ର (ସାର୍ଟିଫିକେଟ ଅଫ୍ ରିକଗ୍ନାଇଜେଶନ ବା ସିଓଆର) ବିନା ଚାଲିଥିବା କେତେକ ନାମୀ ଘରୋଇ ସ୍କୁଲରେ ଏହି ଆଇନ କାର୍ଯ୍ୟକାରୀ ହୋଇପାରୁନାହିଁ। କାରଣ ଶତାଧିକ ପିଲା ବିନା ସିଓଆର୍ ଥିବା ଘରୋଇ ସ୍କୁଲରେ ପାଠ ପଢୁଥିବାବେଳେ ସିଓଆର୍ ଥିବା ସ୍କୁଲରେ ସେମାନଙ୍କ ନାମଲେଖା ହେଉଛି। ଫଳରେ ଶିକ୍ଷା ଅଧିକାର ଆଇନ ଜିଲାରେ ପ୍ରହସନ ପାଲଟିଛି ବୋଲି ମତପ୍ରକାଶ ପାଇଛି। କେବଳ ବ୍ୟବସାୟକୁ ମାଧ୍ୟମ କରୁଥିବାରୁ ବେସରକାରୀ ସ୍କୁଲ କର୍ତ୍ତୃପକ୍ଷ ଶିକ୍ଷା ଅଧିକାର ଆଇନକୁ ଉଲ୍ଲଂଘନ କରିବାରେ ଲାଗିଛନ୍ତି। ଜିଲା ଶିକ୍ଷା ବିଭାଗ ଏହିସବୁ ଅନିୟମିତତାକୁ ଜାଣିଶୁଣି ଚାପି ଦେଉଥିବା ଅଭିଯୋଗ ହୋଇଛି। ଫଳରେ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଥିବା ମେଧାବୀ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ରହୁଛନ୍ତି ବୋଲି ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଯାଜପୁର ଜିଲା ଏବଂ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ଘରୋଇ ବିଦ୍ୟାଳୟଗୁଡ଼ିକରେ ମୋଟା ଅଙ୍କର ଅର୍ଥ ଦେଇ ପିଲାମାନେ ଶିକ୍ଷା ଗ୍ରହଣ କରୁଛନ୍ତି। ଅଧିକାଂଶ ସ୍କୁଲ ଓ ହଷ୍ଟେଲ ଭଡ଼ାଘରେ ଚାଲିଥିବାରୁ ଭଡ଼ା ଖର୍ଚ୍ଚ ପିଲାମାନଙ୍କଠାରୁ ସ୍କୁଲ ଫି ସହ ଆଦାୟ କରାଯାଉଛି। ଅପରପକ୍ଷରେ ସରକାର ଏହି ଘରୋଇ ବିଦ୍ୟାଳୟକୁ ବିଭିନ୍ନ ସର୍ତ୍ତାବଳୀ ଅନୁସାରେ ବିଦ୍ୟାଳୟ ପରିଚାଳନା ପାଇଁ ଅନୁମତିପ୍ରାପ୍ତ ପତ୍ର ପ୍ରଦାନ କରିଥାନ୍ତି। ମାତ୍ର ବିଦ୍ୟାଳୟଗୁଡ଼ିକ ଏହି ସର୍ତ୍ତ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି। ଏହି ନିୟମ ଅନୁଯାୟୀ ବେସରକାରୀ ବିଦ୍ୟାଳୟରେ ଶିକ୍ଷା ଅଧିକାର ଆଇନରେ ୨୫% ସ୍ଥାନ ସଂରକ୍ଷଣ ଅନୁସାରେ ଦିବ୍ୟାଙ୍ଗ, ଗରିବ ଶ୍ରେଣୀର ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ ପାଇଁ ନିର୍ଦ୍ଦେଶ ରହିଛି। ମାତ୍ର ଏ ସୁବିଧା ଘରୋଇ ବିଦ୍ୟାଳୟ ପ୍ରଦାନ କରିବା ପାଇଁ ଆଗ୍ରହ ଦେଖାଉନାହାନ୍ତି। ଜିଲାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ଅଢ଼େଇ ଲକ୍ଷ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେଥିମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଆର୍ଥିକ କ୍ଷେତ୍ରରେ ଦୁର୍ବଳ। ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ଥିବା ପରିବାର ସେମାନଙ୍କ ପିଲାମାନଙ୍କୁ ବେସରକାରୀ ଇଂଲିଶ୍ ମିଡିୟମ ସ୍କୁଲରେ ପଢ଼ାଉଛନ୍ତି। କିନ୍ତୁ ଗରିବ ପିଲାମାନେ ଏହି ସୁବିଧାରୁ ବଞ୍ଚିତ ରହୁଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ଯାଜପୁରରୋଡ୍‌ରେ ଥିବା ଅଧିକାଂଶ ସ୍କୁଲ ମଧ୍ୟ ଏହି ନିୟମକୁ ମାନୁନାହାନ୍ତି। ଯଦ୍ୱାରା ଏଭଳି ଅନେକ ଗରିବ ଶିଶୁ ଶିକ୍ଷା ଅଧିକାର ଆଇନର ସୁଫଳ ପାଇବାରୁ ବଞ୍ଚିତ ହେଉଥିଲେ ହେଁ ଜିଲା ଶିକ୍ଷା ବିଭାଗ ଜାଣିଶୁଣି ଚୁପ୍ ରହିଛି। କୌଣସି ବେସରକାରୀ ସ୍କୁଲରେ ଏନେଇ ତଦନ୍ତ କରାଯାଉନାହିଁ କିମ୍ବା ଗରିବ ପିଲାଙ୍କ ନାମ ତାଲିକା ମଗାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି।

# ପାରାଦୀପରେ ହତ୍ୟା, ବିହାର ପୋଲିସ ଖୋଜୁଛି ମୃତଦେହ



ଅଭିଯୁକ୍ତଙ୍କୁ ଧରି ବିହାର ପୋଲିସ ପାରାଦୀପରେ ସିନ୍ ରିକ୍ରିଏଶନ କରୁଛନ୍ତି।

ପାରାଦୀପ,୧୮।୫(ଶରତ ରାଉତ):

ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଦୋଛକିରେ ୩ ଫେବୃୟାରୀ ୨୦୨୫ରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଉକ୍ତ ଘଟଣାର ଅଭିଯୁକ୍ତ ବିହାରର ହୋଇଥିବାରୁ ସେଠାରେ ସେ ଦୋଷ ସ୍ୱୀକାର କରିଥିଲେ। ସେହି ହତ୍ୟାକାଣ୍ଡର ସିନ ରିକ୍ରିଏଶନ କରିବା ପାଇଁ ରବିବାର ବିହାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି। ଏହି ସମୟରେ ଲକ୍ ଥାନା ପୋଲିସ ଉପସ୍ଥିତ ଥିଲା। କିନ୍ତୁ ମୃତଦେହ କେଉଁଠି ଅଛି, ସେ ସମ୍ପର୍କରେ ପୋଲିସକୁ କୌଣସି ସୂଚନା ମିଳିନାହିଁ। ଏଭଳି ସମ୍ବେଦନଶୀଳ ଘଟଣା ପାରାଦୀପରେ ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ ବିହାର ରୋତାଶା ଜିଲା ନାସିରଗଞ୍ଜ ଥାନା ଅନ୍ତର୍ଗତ ସାସାରାମ ଅଞ୍ଚଳର ଗୋରଖ କୁମାର (୩୨)। ହତ୍ୟାକାରୀ ହେଲେ ସେହି ଅଞ୍ଚଳର ଅଜୟ କୁମାର।

ଘଟଣା ସମ୍ପର୍କରେ ମୃତକଙ୍କ ଭାଇ ରମେଶ ଓ ବାପା କୁହନ୍ତି, ଅଜୟ କୁମାର ପାରାଦୀପର ଏକ ଠିକାସଂସ୍ଥା ଅଧୀନରେ କାମ କରନ୍ତି। ୨୦୨୪ ଡିସେମ୍ବରରେ ଅଜୟ ଉକ୍ତ ଠିକାସଂସ୍ଥାରେ ଗୋରଖଙ୍କୁ ଆଣି ରଖିଥିଲେ। ଗୋରଖ ସବୁଦିନ ପରିବାର ଲୋକଙ୍କ ସହ ମୋବାଇଲ୍ ଫୋନରେ କଥା ହୁଅନ୍ତି। ମାତ୍ର ଫେବୃୟାରୀ ୩ ସନ୍ଧ୍ୟା ପରଠାରୁ ତାଙ୍କ ମୋବାଇଲ ବନ୍ଦ ରହିଥିଲା। ସେମାନେ ୮ ଦିନ ଅପେକ୍ଷା କରି ନିରାଶ ହେବା ପରେ ଅଭିଯୁକ୍ତ ଅଜୟଙ୍କୁ ବାରମ୍ବାର ଫୋନ କରିଥିଲେ। ମାତ୍ର ସେ ବିଭିନ୍ନ ବାହାନା ଦେଖାଇ ଟାଳି ଚାଲିଥିଲେ। ଘଟଣାର ୧୨ ଦିନ ପରେ ଅଜୟ ଗାଁରେ ବୁଲୁଥିବା ଜାଣି ପରିବାର ଲୋକେ ଗୋରଖଙ୍କ ସମ୍ପର୍କରେ ପଚାରିଥିଲେ। କଥାରେ ତାଳମେଳ ନ ରହିବାରୁ ଗୋରଖଙ୍କ ଘର ଲୋକେ ନାସିରଗଞ୍ଜ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ସେଠାକାର ପୋଲିସ ଅଜୟଙ୍କୁ ପଚରାଉଚୁରା କରିବାରୁ ସେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପାରାଦୀପର ଯେଉଁ ଘରେ ହତ୍ୟା କରିଥିଲେ, ସେଠାରେ କମ୍ବଳ ଘୋଡ଼େଇ ପଳାଇଥିଲେ ବୋଲି ସେତେବେଳେ ପୋଲିସକୁ ସୂଚନା ଦେଇଥିଲେ। ରବିବାର ବିହାର ପୋଲିସ ଅଭିଯୁକ୍ତଙ୍କୁ ଆଣି ଘଟଣାସ୍ଥଳରେ ଯାଞ୍ଚ କରିଥିଲେ ମଧ୍ୟ ମୃତକଙ୍କ ସମ୍ପର୍କରେ ପୋଲିସକୁ କୌଣସି ସୁରାକ ମିଳିନାହିଁ। ଅପରପକ୍ଷେ ଗୋରଖଙ୍କ ନିଖୋଜ ସମ୍ପର୍କରେ ଲକ୍ ଥାନାରେ ଠିକାସଂସ୍ଥା ପକ୍ଷରୁ ଏତଲା ଦିଆଯାଇଥିଲା। ରବିବାର ସଂପୃକ୍ତ ଠିକାସଂସ୍ଥା ଲୋକ ଘଟଣାସ୍ଥଳରେ ଅନୁପସ୍ଥିତ ଥିବା ପୋଲିସ ଜାଣିବାକୁ ପାଇଛି। ଏନେଇ ବିହାର ପୋଲିସ ପାରାଦୀପର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଘଟଣା ସମ୍ପର୍କରେ ଲକ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସଙ୍କୁ ପଚାରିଲେ କୁହନ୍ତି, ସେତେବେଳେ କେବଳ ନିଖୋଜ ରିପୋର୍ଟ ହୋଇଥିଲା। ସେମାନେ ପଚରାଉଚୁରା କରିଥିବା କହିଛନ୍ତି।

# ଜମିବାଡ଼ି ବିବାଦରୁ ଆଶାକର୍ମୀଙ୍କୁ ଆକ୍ରମଣ

ଆଳି,୧୮।୫(ବନମାଳୀ ସେନାପତି )

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଆଳି ଥାନା ଅନ୍ତର୍ଗତ ଆୟତପୁର ଗ୍ରାମର ଆଶାକର୍ମୀ କବିତା ଦାସଙ୍କୁ ଆକ୍ରମଣ ହୋଇଥିବା ନେଇ ରବିବାର ଲିଖିତ ଅଭିଯୋଗ ହୋଇଛି। ସେ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ପଡୋଶୀ ପରିବାର ସହ ଜମିବାଡ଼ିକୁ କେନ୍ଦ୍ରକରି ବିବାଦ ଲାଗି ରହିଥିଲା। ଅପରାହ୍ନରେ ସେ ତାଙ୍କ ଗୁହାଳରେ ଗାଈ ବାନ୍ଧୁଥିବା ବେଳେ ତାଙ୍କୁ ପଡୋଶୀ ପରିବାର ଲୋକ ଆକ୍ରମଣ କରିଥିଲେ। ସେ ଆକ୍ରମଣକାରୀଙ୍କ କବଳରୁ ଖସି ପଳାଇବାକୁ ଚେଷ୍ଟା କରିଥିବା ବେଳେ ସେମାନେ ତାଙ୍କୁ ରାସ୍ତାରେ ପକାଇ ମାଡ଼ ମାରିଛନ୍ତି। ତାଙ୍କ ମୁହଁ, ଛାତିରେ ଗଭୀର ଆଘାତ ଲାଗିଥିବା ନେଇ ସେ ଅଭିଯୋଗ ରେ ଦର୍ଶାଇଛନ୍ତି। ତାଙ୍କ ସ୍ୱାମୀ ଜଣେ ଦିବ୍ୟାଙ୍ଗ ହୋଇଥିବାବେଳେ ଗୋଟିଏ ପୁଅ ଅଛନ୍ତି। ପଡୋଶୀଙ୍କ ଆକ୍ରମଣରେ ପରିବାର ଲୋକ ସମ୍ପୂର୍ଣ୍ଣ ଭାବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ତେଣୁ ତାଙ୍କୁ ନ୍ୟାୟ ଦେବା ନିମନ୍ତେ ସେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

# ଅପରେଶନ ସିନ୍ଦୂରକୁ ନେଇ ତ୍ରିରଙ୍ଗା ଯାତ୍ରା




ଆଳିରେ ରାଷ୍ଟ୍ରୀୟ ନାଗରିକ ସମାଜ ପକ୍ଷରୁ ତ୍ରିରଙ୍ଗା ଯାତ୍ରା।

ଆଳି,୧୮।୫(ବନମାଳୀ ସେନାପତି)

ପହଲଗାମଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ପର୍ଯ୍ୟଟକମାନଙ୍କ ମୃତ୍ୟୁ ପରେ ଭାରତ ପକ୍ଷରୁ ଅପରେଶନ ସିନ୍ଦୂର ଆଟାକ ହୋଇଥିଲା। ଏହି ସଫଳତାକୁ ନେଇ ତ୍ରିରଙ୍ଗା ଶୋଭାଯାତ୍ରା ରବିବାର ଆଳିରେ ଅନୁଷ୍ଠିତ ହୋଇଯାଇଛି। ଭାରତର ବୀର ଯବାନମାନଙ୍କ ସାହସକୁ ସମ୍ମାନ ଜଣାଇବାକୁ ରାଷ୍ଟ୍ରୀୟ ନାଗରିକ ସମାଜ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ହୋଇଥିଲା। ଏହି ତ୍ରିରଙ୍ଗା ଯାତ୍ରା ଭାଜପା କାର୍ଯ୍ୟାଳୟ ନିକଟରୁ ବାହାରି ଆଳି ନୂଆବଜାର ପରିକ୍ରମା କରି ଆଳି ଲକ୍ଷ୍ମୀବରାହ ଜୀଉ ମନ୍ଦିର ନିକଟରେ ଶେଷ ହୋଇଥିଲା। ଏହି ତ୍ରିରଙ୍ଗା ଯାତ୍ରାରେ ଭାରତ ମାତା ସହ ବୀର ଯବାନମାନଙ୍କ ଜୟ ଗାନ କରାଯାଇଥିଲା। ତ୍ରିରଙ୍ଗା ଯାତ୍ରାର ଭାଜପା ନେତା କୃଷ୍ଣଚନ୍ଦ୍ର ପଣ୍ଡା, ଅନନ୍ତ ରଥ, ଭକ୍ତବନ୍ଧୁ ମିଶ୍ର, ପ୍ରିୟଦର୍ଶିନୀ ନନ୍ଦ, ଲକ୍ଷ୍ମୀପ୍ରିୟା ଜେନା, ମଣ୍ଡଳ ସଭାପତି ସରୋଜ କର, କଳ୍ପତରୁ ଜେନା, ତପନ ପରିଡା, ବରାହ ପଣ୍ଡା, ଗୋଲେଖ ଚନ୍ଦ୍ର ପାତ୍ରଙ୍କ ସମେତ ଅବସରପ୍ରାପ୍ତ ସୈନିକ ଓ ସାଧାରଣ ଲୋକ ସାମିଲ ହୋଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅନନ୍ତ



@ ଅନିତା



@ ବବୁଲୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହରପାର୍ବତୀ ଟ୍ରେଡିଂରୁ ୧୦ ଲକ୍ଷ ଟଙ୍କାର ସାମଗ୍ରୀ ଲୁଟ୍

ପାଣିକୋଇଲି,୧୮।୫(ବିକାଶ ମଲ୍ଲିକ):

ପାଣିକୋଇଲି ଦୁର୍ଗାମାର୍କେଟରେ ଥିବା ହରପାର୍ବତୀ ଟ୍ରେଡିଂରୁ ଶନିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ଦୋକାନ ସଟର କାଟି ପ୍ରାୟ ୧୦ ଲକ୍ଷ ଟଙ୍କା ମୂଲ୍ୟର ସମାଗ୍ରୀ ଚୋରି କରି ନେଇଛନ୍ତି। ଏନେଇ ରବିବାର ପାଣିକୋଇଲି ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଯାଜପୁର ସଦର ଥାନା ଅନ୍ତର୍ଗତ କୋଳଥା ଗ୍ରାମର ଚିନ୍ମୟ ବିଶ୍ୱାଳଙ୍କ ଅଭିଯୋଗ ମୁତାବକ, ଦୁର୍ଗା ମାର୍କେଟରେ ତାଙ୍କର ହରପାର୍ବତୀ ଟ୍ରେଡିଂ ନାମରେ ହୋଲସେଲ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ଦୁର୍ବୃତ୍ତ ତାଙ୍କ ପ୍ରତିଷ୍ଠାନରୁ ସୋରିଷ ତେଲ, ରିଫାଇନ, ସନଫ୍ଲାୱାର, ଚିନି, ଚାଉଳ, ଅଟା ଆଦି ସମଗ୍ରୀ ଲୁଟି ନେଇଛନ୍ତି। ସେ ରବିବାର ସକାଳେ ଦୋକାନ ଖୋଲିବାକୁ ଆସି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

# ଧର୍ମଶାଳାରେ ତ୍ରିରଙ୍ଗା ଶୋଭାଯାତ୍ରା



ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଧାୟକ ହିମାଂଶୁ ଶେଖର ସାହୁ ଓ ଅନ୍ୟମାନେ।

କାଏମା,୧୮।୫(ଶିବପ୍ରସାଦ ମହାନ୍ତି):

ଅପରଶେନ 'ସିନ୍ଦୂର'ର ସଫଳତା ପରେ ଭାରତୀୟ ସେନାର ପରାକ୍ରମ ଓ ସଫଳତା ଦେଶବାସୀଙ୍କୁ ଗର୍ବିତ କରିଛି। ଏହି ଅବସରରେ ଭାରତୀୟ ସେନା ବାହିନୀଙ୍କୁ ପ୍ରଶସାଂ କରିବା ପାଇଁ ଦେଶରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଉଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ରବିବାର ଧର୍ମଶାଳା ଅଞ୍ଚଳରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଧର୍ମଶାଳା ମହୋତ୍ସବ ପଡ଼ିଆଠାରୁ ଆରମ୍ଭ ହୋଇ ଜାରକା ବଜାର ପରିକ୍ରମା କରି ତ୍ରିନାଥ ମନ୍ଦିର ନିକଟରେ ଶେଷ ହୋଇଥିଲା। ଏଥିରେ ବିଧାୟକଙ୍କ ସମେତ ହଜାରହଜାର ସଂଖ୍ୟାରେ ଭାଜପା କର୍ମୀ ଓ ଜନସାଧାରଣ ଯୋଗ ଦେଇଥିଲେ। ରାଜେଶ ପାଳ, ଚନ୍ଦ୍ରମଣି ପଣ୍ଡିତ, ଅଭିଷେକ ରାଉତ, ଉପେନ୍ଦ୍ର କର, କାହ୍ନୁଚରଣ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୨୫ କୋଟି ବ୍ୟୟ, ଚାଷୀଙ୍କ କାମରେ ଲାଗୁନି

- ଦେଉଳତରାର ବୃହତ୍ ଉଠା ଜଳସେଚନ ପ୍ରକଳ୍ପ
- ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ୭ ପଞ୍ଚାୟତବାସୀଙ୍କ ଦାବି

କେନ୍ଦ୍ରାପଡ଼ା, ୧୮।୫ (ଜଗନ୍ନାଥ ଧଳ):

କେନ୍ଦ୍ରାପଡ଼ା ଜିଲାର ରାଜକନିକା ବ୍ଲକ ଅଞ୍ଚଳରେ କେନାଲ ଜଳସେଚନ ସୁବିଧା ଆଦୌ ନାହିଁ। ଉଠା ଜଳସେଚନ ଅଥବା ବର୍ଷାକୁ ଚାଷୀ ଭରସା କରିଥାନ୍ତି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିବା ବୃହତ ଜଳସେଚନ ପ୍ରକଳ୍ପ ଅଦ୍ୟାବଧି କାର୍ଯ୍ୟରେ ନ ଲାଗିବାରୁ ଚାଷୀଙ୍କ ପାଇଁ ଦୁଃଖର କାରଣ ସାଜିଛି। ଏହି ବ୍ଲକର ଦେଉଳତରାଠାରେ ୭ ପଞ୍ଚାୟତର ପ୍ରାୟ ୧୨୦୦ ଏକର ଜମିକୁ ଜଳସେଚନ ପାଇଁ ୨୫ କୋଟି ଟଙ୍କା ବ୍ୟୟରେ ହୋଇଥିବା ଏହି ପ୍ରକଳ୍ପ ପ୍ରାୟତଃ ଅକାମୀ ହୋଇପଡ଼ିଛି। ଏପରି କି ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ ପାଇଁ ବାରମ୍ବାର ସ୍ଥାନୀୟ ବିଧାୟକ ଓ ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ୍ୟ ଏହାର ସୁଫଳ ମିଳୁ ନ ଥିବା ଲୋକ ପ୍ରତିନିଧି ଓ ଚାଷୀମାନେ ପ୍ରକାଶ କରିଛନ୍ତି।

ଦେଉଳତରାର ଚାଷୀ ସୁବାସ ଚନ୍ଦ୍ର ପାଣ୍ଡବ, ଅଭିମନ୍ୟୁ ବାରିକ, ମାନଗୋବିନ୍ଦ ପଣ୍ଡା, ବିଷ୍ଣୁଚରଣ ବାରିକ, ବିଜୟ ନାୟକ ପ୍ରମୁଖ କହିଛନ୍ତି, ଦେଉଳତରାର ଏହି ପ୍ରକଳ୍ପକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ନିର୍ବାଚନ ପୂର୍ବରୁ ୨୦୧୯ ମସିହା ମାର୍ଚ୍ଚରେ ଉଦ୍‌ଘାଟନ କରିଥିଲେ। ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଏହା ଉଦ୍‌ଘାଟିତ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିଲା। ଉଦ୍‌ଘାଟନର ପ୍ରାୟ ବର୍ଷେ ପରେ ଜଳସମ୍ପଦ ବିଭାଗ ପକ୍ଷରୁ ଏହି ପ୍ରକଳ୍ପର ନିର୍ମାଣ ଶେଷ ହୋଇଥିଲା। ପ୍ରକଳ୍ପ ଅଧୀନରେ ଦେଉଳତରା ସମେତ ମୁରାଦପୁର, ଉଜାଙ୍ଗ, ସିହୋପଡା, ନମତରା, ପାରିନୂଆପଡା-ହାବଳଗଣ୍ଡ ଓ ନମତରା ପଞ୍ଚାୟତର ପ୍ରାୟ ୧୨୦୦ ଏକର ଜମିକୁ ଜଳସେଚନ ହେବ ବୋଲି ସୂଚନା ଦିଆଯାଇଥିଲା। ଖରସ୍ରୋତା ନଦୀରୁ ପାଣି ଉଠାଇ କ୍ଷେତକୁ ପାଣି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ହେଉ ନ ଥିବାରୁ ପ୍ରାୟ ୧୦ ହଜାର ଚାଷୀ ଏବେ ବର୍ଷାକୁ ଭରସା କରିଛନ୍ତି। ଋଣ କରି ଚାଷ କରୁଥିବା ବେଳେ ଫସଲ ଗଜା ମରୁଡି ହେଲେ ଋଣ ଶୁଝିବା କଷ୍ଟକର ହେଉଛି। ଏ ନେଇ ଜିଲାପାଳ ଓ ବିଧାୟକଙ୍କ ଦୃଷ୍ଟିଆକର୍ଷଣ କରାଯାଉଥିଲେ ମଧ୍ୟ ସୁଫଳ ମିଳିନାହିଁ। ପ୍ରକଳ୍ପର ତ୍ରୁଟିକୁ ସୁଧାରି ତୁରନ୍ତ ଜଳ ଯୋଗାଣ କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ କୃଷକନେତା ଗୟାଧର ଧଳ କହିଛନ୍ତି, ନିର୍ବାଚନ ସମୟରେ ରାଜନେତାମାନେ ସାଧାରଣ ଜନତାଙ୍କୁ ପ୍ରତିଶ୍ରୁତି ଦେବା ଓ ଏହାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲା ସବୁବେଳେ ପଛରେ ଅଛି। ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ପ୍ରତି ବ୍ଲକ ଅଞ୍ଚଳର କ୍ଷେତକୁ ଅନ୍ୟୁନ ୩୫ ପ୍ରତିଶତ ଜଳସେଚନ ବ୍ୟବସ୍ଥା ରହିବ। ତେବେ କେନ୍ଦ୍ରାପଡ଼ା ଜିଲାରେ ଏହା ସମ୍ଭବ ହେଉନାହିଁ। ଜିଲାର ଆଳି, ରାଜକନିକା ଓ ରାଜନଗର ବ୍ଲକ ଅଞ୍ଚଳରେ ଆଦୌ କେନାଲ ନାହିଁ। ଉଠା ଜଳସେଚନ ଏଠାରେ ଚାଷୀଙ୍କ ପାଇଁ ଭରସା ପାଲଟିବା କଥା। ତେବେ ଏହି ୩ ବ୍ଲକ ଅଞ୍ଚଳରେ ଥିବା ୬୨୯ଟି ଉଠା ଜଳସେଚନ ପ୍ରକଳ୍ପ ମଧ୍ୟରୁ ଅଧାରୁ ଅଧିକ ଅଚଳ ହୋଇଗଲାଣି। ଏପରି କି ଉଦ୍‌ଘାଟିତ ପ୍ରକଳ୍ପ କାର୍ଯ୍ୟକାରୀ ନ ହେବା ପ୍ରଶାସକ ଓ ରାଜନେତାଙ୍କ ଏଥିପ୍ରତି ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକଳ୍ପକୁ ନେଇ ଚାଷୀ ଅସନ୍ତୋଷ ବଢୁଛି। ୨୦୨୦ରେ ଏହାର ଟ୍ରାଏଲ ରନ୍ ହୋଇଥିଲେ ମଧ୍ୟ ଏହାର ତ୍ରୁଟିକୁ ସଜଡା ଯାଇନାହିଁ। ଏ ନେଇ ବହୁବାର ଜିଲାପାଳ ଓ ବିଧାୟକଙ୍କ ଦୃଷ୍ଟିକୁ ଅଣାଯାଇଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରେ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ କେଉଁ ଅସୁବିଧା ରହିଛି, ତାହାର ତନଖି ସହ ସୁଧାର କରାଯିବ ବୋଲି ସେ କହିଛନ୍ତି।



ଦେଉଳତରାଠାରେ ଥିବା ଉଠା ଜଳସେଚନ ପ୍ରକଳ୍ପ।

# ଲାଞ୍ଚ ନେବାର ମୋହ କମୁନି

■ଫରକ୍ ପକାଉନି ଭିଜିଲାନ୍ସ ଗିରଫ
■ହାତଗୁଞ୍ଜା ନ ଦେଲେ ଘୁଞ୍ଚୁନି ଫାଇଲ
■ସରକାରୀ ବାବୁଙ୍କ ବଢ଼ୁଛି ସମ୍ପତ୍ତି

ନୟାଗଡ଼,୧୮।୫(ଲୋକନାଥ ମିଶ୍ର)

ସରକାର ଦରମା ଦେଉଥିଲେ ହେଁ ଲାଞ୍ଚ ନେବାର ମୋହକୁ ଛାଡି ପାରୁ ନାହାନ୍ତି କେତେଜଣ ସରକାରୀ ବାବୁ। ବିଭିନ୍ନ ସମୟରେ ଭିଜିଲାନ୍ସ ପକ୍ଷରୁ ଲାଞ୍ଚ ଟଙ୍କା ଧରା ଯାଇ ସରକାରୀ କର୍ମଚାରୀ, ଅଧିକାରୀଙ୍କୁ ଗିରଫ କରାଯାଉଛି। ହେଲେ ଲାଞ୍ଚ ନେବା ମାନସିକତାରେ ପରିବର୍ତ୍ତନ ଆସୁନାହିଁ। ଭିଜିଲାନ୍ସ ଗିରଫଦାରୀ ପରେ ବି ହାତଗୁଞ୍ଜା ନ ଦେଲେ ଫାଇଲ ଅଟକି ଯାଉଛି ବୋଲି ଅଭିଯୋଗ ହୋଇ ଆସୁଛି। ନିକଟରେ ନୟାଗଡ଼ ଜିଲାରେ ଶରଣକୁଳ ଥାନା ଏସ୍‌ଆଇ ରାଜେଶ କୁମାର ଶ୍ରୀଚନ୍ଦନ, ଖଣ୍ଡପଡ଼ା ଏନଏସି ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ, ଖଣ୍ଡପଡ଼ା ତହସିଲଦାର ଧୋବେଇ ନାୟକ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଏସବୁ ସତ୍ତ୍ୱେ ଲାଞ୍ଚ ନ ନେଲେ ନୟାଗଡ଼ ଜିଲା ସଦର ମହକୁମା, ବ୍ଲକ୍, ସହରାଞ୍ଚଳ ଅଫିସରେ କୌଣସି କାମ ହେଉ ନ ଥିବା ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

ଏନେଇ ସିପିଆଇ(ଏମ୍) ନେତା ବିଶ୍ୱନାଥ ମହାପାତ୍ର କୁହନ୍ତି, ଭିଜିଲାନ୍ସ ଗିରଫ କିଛି ପ୍ରଭାବ ପକାଇ ପାରୁନି। ଭିଜିଲାନ୍ସ ଗିରଫ ପରେ ପରବର୍ତ୍ତୀ ସମୟରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଏଭଳି ପରିସ୍ଥିତି ଦେଖା ଯାଉଛି। ଅନ୍ୟପକ୍ଷେ ଲାଞ୍ଚ କୁ ସହଜରେ ଛାଡିବା ସମ୍ଭବ ହେଉନି। କେବଳ ନୟାଗଡ଼ ଜିଲା ନୁହେଁ ଲାଞ୍ଚ ନେବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କେତେଜଣ କର୍ମଚାରୀଙ୍କ ଅଭ୍ୟାସରେ ପରିଣତ ହୋଇ ସାରିଛି। ବିନା ଲାଞ୍ଚରେ କୌଣସି ବିଭାଗରେ କାମ ହେଉନି ବୋଲି କହିଥିଲେ। ଭାପୁରର ଚପଳା ନାୟକ କୁହନ୍ତି, ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ହାତଗୁଞ୍ଜା ନ ଦେଲେ ଅସ୍ତ୍ରୋପଚାର ହେଉନି। ସବୁଠୁ ଆଗରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଅଛି। ସେହିପରି ଜିଲାର ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସେଇ ଏକା ଅବସ୍ଥା। ଖାଲି ସ୍ୱାସ୍ଥ୍ୟ ବିଭାଗରେ ଏଭଳି ଘଟୁଛି ନୁହେଁ ଲାଞ୍ଚ ନ ଦେଲେ ସରକାରୀ ଅଫିସରେ ଫାଇଲ ଘୁଞ୍ଚୁନି । ନୟାଗଡ଼ର ରବୀନ୍ଦ୍ର କୁମାର ଦାସ କୁହନ୍ତି, ନୟାଗଡ଼ରେ କେବଳ ଜିଲା ମୁଖ୍ୟ ଚିକିତ୍ସାଳୟ ନୁହେଁ ପୂର୍ତ୍ତ, କ୍ଷୁଦ୍ର ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ପିଏଚଡି ଓ ଶିକ୍ଷା ବିଭାଗ ପରି ଅନେକ ବିଭାଗ ରହିଛି ଯେଉଁଠାରେ ଖୋଲାଖୋଲି ଲାଞ୍ଚ କାରବାର ଚାଲିଛି। ସବୁଠାରୁ ଉଚ୍ଚରେ ରହିଥିବା ଟ୍ରେଜେରୀ ବିଭାଗରେ ଲାଞ୍ଚ ନ ଦେଲେ ଆଦୌ କାମ ହେଉନି। ଭିଜିଲାନ୍ସକୁ ସମସ୍ତେ ଯୋଗାଯୋଗ କରିବା ସମ୍ଭବ ନୁହେଁ। ଭିଜିଲାନ୍ସ ବି ସନ୍ଦେହ ଘେରରେ ରହିଛି। ଜିଲାରେ ଲାଞ୍ଚ କାରବାର ବଢ଼ି ଚାଲିଥିବାବେଳେ ସବୁ କିଛି ଠିକ୍ ଚାଲୁଛି ବୋଲି କୁହାଯାଉଛି।

ନୟାଗଡ଼ର ଜଣେ ଶିକ୍ଷକ ନିଜ ନାମ ଗୋପନ ରଖି କହିଛନ୍ତି, ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କିରାଣୀମାନେ ଭଲ ଲାଞ୍ଚ ନେଉଛନ୍ତି। ଲାଞ୍ଚ ନ ଦେଲେ ଫାଇଲ କାମ ହେଉନି। ବିକଳ୍ପ ନ ଥିବାରୁ ଶିକ୍ଷକମାନେ ବାଧ୍ୟ ହୋଇ ଟଙ୍କା ଦେଉଛନ୍ତି। ସେହିପରି ଜିଲାର ଅନ୍ୟ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଲାଞ୍ଚ କାରବାର ବଢ଼ି ଚାଲିଛି। ଏନେଇ ଶିକ୍ଷକ ନେତା ଅବଗତ ଅଛନ୍ତି। କେତେକ ସ୍ଥାନରେ ଶିକ୍ଷକ ନେତା ମଧ୍ୟସ୍ଥତା କରି କିରାଣୀଙ୍କୁ ଲାଞ୍ଚ ଦେଇ କାମ ହାସଲ କରାଉଛନ୍ତି। ଏଠାରେ ଭିଜିଲାନ୍ସ କାହାକୁ ଗିରଫ କରିବ ବୋଲି ସେ କହିଛନ୍ତି। ନୂଆଗାଁର ପ୍ରଭାକର ପ୍ରଧାନ କୁହନ୍ତି, ଲାଞ୍ଚ ଦେଇ ଥକି ଯିବା ପରେ କାମ ନ ହେଲେ ଭିଜିଲାନ୍ସର ଆଶ୍ରୟ ନେବାକୁ ପଡେ। ଭିଜିଲାନ୍ସର ସହଯୋଗ ଠିକ୍ ମିଳିଲେ ଲାଞ୍ଚ ନେଉଥିବା ଅଧିକାରୀ ଗିରଫ ହୁଅନ୍ତି। ବେଳେବେଳେ ଭିଜିଲାନ୍ସର ସହଯୋଗ ଠିକରେ ମିଳି ନ ଥାଏ। ଭିଜିଲାନ୍ସ ବିଭାଗ ଯଦି ମାନସିକତାରେ ପରିବର୍ତ୍ତନ ଆଣି ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଟାର୍ଗେଟ କରି ଗିରଫ କରନ୍ତା ତେବେ କର୍ମଚାରୀ ଅଧିକାରୀ ଲାଞ୍ଚ ନେବାକୁ ଭୟ କରନ୍ତେ। ନୟାଗଡ଼ର ସାମାଜିକ କର୍ମୀ ଶ୍ରୀଧର ପ୍ରଧାନ କୁହନ୍ତି, ଚାକିରି କରୁଥିବା ବ୍ୟକ୍ତିମାନେ ଲାଞ୍ଚକୁ ଅନ୍ୟ ଆୟ ରୂପେ ପାଇବାକୁ ଜୋର ଦେଉଛନ୍ତି। ଲାଞ୍ଚ ନେଇ କେତେଜଣ ସରକାରୀ ବାବୁ କହୁଛନ୍ତି କେବଳ ସରକାରୀ ଦରମାରେ ଚଳିବା କାଠିକର ପାଠ। ଉପୁରି ନ ହେଲେ କିପରି ଚଳିବୁ କହି ନିଜର ଆୟ ବଢ଼ାଇବାରେ ଲାଗି ପଡିଛନ୍ତି। ଦଶପଲ୍ଲାର ରାମଚନ୍ଦ୍ର ସାହୁ କୁହନ୍ତି, ଆଧୁନିକ ଯୁଗରେ ବିନା ଲାଞ୍ଚରେ କୌଣସି କାମ ହେଉନି। ନିଜର କାମକୁ ଶୀଘ୍ର କରିବା ପାଇଁ ଲାଞ୍ଚ ଦେଇ କାମ ହାସଲ କରାଯାଉଛି। ପୁଣି ବେନିୟମ କାର୍ଯ୍ୟ ବି ଲାଞ୍ଚରେ ହୋଇଯାଉଛି। ତଳଠୁ ଉପର ପର୍ଯ୍ୟନ୍ତ ସବୁଠି ଲାଞ୍ଚ କାରବାର ଚାଲେ। ସ୍ୱାର୍ଥ ସାଧନ ନ ହେଲେ ଭିଜିଲାନ୍ସକୁ ଖୋଜା ପଡେ। ହେଲେ ଭିଜିଲାନ୍ସକୁ ବି ସେଇ ରୋଗ। ଟାର୍ଗେଟ ପୂରଣ ହୋଇ ସାରିଥିଲେ ସେମାନଙ୍କ ସହଯୋଗ ମିଳି ନ ଥାଏ। ଅନ୍ୟପକ୍ଷେ କେତେଜଣ ପଦାଧିକାରୀ ଧରାପଡୁଛନ୍ତି। କେତେଜଣ କର୍ମଚାରୀ ଓ ଅଧିକାରୀଙ୍କୁ ଧରି ବାହାବା ନିଆଯାଉଛି। ବଡ଼ ପଦାଧିକାରୀ ଖସି ଯାଉଛନ୍ତି। ରାଜନେତାମାନେ ମଧ୍ୟ ଏଥିରୁ ବର୍ତ୍ତୁ ନାହାନ୍ତି। ଏଣୁ ଲାଞ୍ଚ ବନ୍ଦ ହେବା ବଦଳରେ ବଢ଼ି ଚାଲିଛି। ଯାହା ପରିବାରକୁ ହସଖୁସି ଓ ମଉଜ ମଜଲିସରେ ରଖିବାକୁ ସୁଯୋଗ ଦେଉଛି। ବାବୁମାନଙ୍କର ଦରମା ଟଙ୍କାରେ ହାତବାଜୁ ନ ଥିବାରୁ ବେଆଇନ ସମ୍ପତ୍ତି ବଢ଼ି ଚାଲିଛି ବୋଲି ସେ କହିଛନ୍ତି।

# କୋମଣ୍ଡ ମାଙ୍କଡା ଖଣିରେ ଚଢ଼ାଉ



ଜବତ ହୋଇଥିବା ମାଙ୍କଡ଼ା ବୋଝେଇ ଟ୍ରାକ୍ଟର, ମିନିଟ୍ରକ୍ ଓ ୨ ବାଇକ୍।

ମାଙ୍କଡା ବୋଝଇ ଟ୍ରାକ୍ଟର, ପାୱାର ଟ୍ରିଲର ଓ ୨ ବାଇକ୍ ଜବତ

ଓଡ଼ଗାଁ,୧୮।୫(ଆଦର୍ଶ କୁମାର ପଟ୍ଟନାୟକ)

୮ ଦଶନ୍ଧି ହେଲା ବେଆଇନ ଭାବେ ଚାଲିଥିବା ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଅନ୍ତର୍ଗତ କୋମଣ୍ଡ ମାଙ୍କଡା ପଥର ଖଣିରୁ ଓଡ଼ଗାଁ ପୋଲିସ ଶନିବାର ବିଳମ୍ବିତ ରାତିରେ ମାଙ୍କଡା ବୋଝେଇ ୨ ଟ୍ରାକ୍ଟର, ୨ ମିନିଟ୍ରକ, ପାୱାର ଟ୍ରିଲର ସହିତ ପାଟ୍ରୋଲିଂ ପାଇଁ ଥିବା ୨ ବାଇକ ଜବତ କରିଛି। ଏନେଇ ଏକ ମାମଲା(ନଂ.୧୪୧/୨୫ ଓ ୧୪୨/୨୫)ରୁଜୁ କରାଯାଇଛି।

ସୂଚନା ଅନୁଯାୟୀ, ସ୍ଥାନୀୟ ବଜରଙ୍ଗ ଦଳ କର୍ମୀଙ୍କ ନେତୃତ୍ୱରେ ପଥର ମାଫିଆଙ୍କୁ ଚେକ୍ ଦିଆଯାଇଥିଲା। ଫଳରେ ମାଙ୍କଡା ଚାଲାଣରେ ସାମାନ୍ୟ ମନ୍ଥରତା ଦେଖା ଦେଇଥିଲା। ଏପରିକି ସହର ଦେଇ ଚାଲାଣ ବନ୍ଦ ରହିଥିଲା। ପୁଣି ଜଣେ ଜିଲାସ୍ତରୀୟ ନେତାଙ୍କ ଅଭୟ ବାଣୀରେ ମାଙ୍କଡା ଚାଲାଣ ବିଳମ୍ବିତ ରାତିରେ ଜୋରଦାର ଚାଲିଥିଲା। ଏନେଇ ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀଙ୍କ ନିର୍ଦ୍ଦେଶରେ ଶରଣକୁଳ ଭାରପ୍ରାପ୍ତ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଆଦର୍ଶ ଥାନା ଆଇଆଇସି ଅଭୟ ବେହେରା, ଏସ୍‌ଆଇ ଚକ୍ରଧର ସିଂ, ଅତିରିକ୍ତ ତହସିଲଦାର ଜି ଶ୍ରୀନୁଙ୍କ ସହିତ ଅନ୍ୟ ପୋଲିସ କର୍ମଚାରୀମାନେ ଖଣିରେ ଚଢ଼ାଉ କରିଥିଲେ। ଏଥିରେ ଓଡି ୨୫ଡି୨୮୫୬/୫୭ ଓ ଓଡି ୨୫ ୩୯୧୭/୧୮ ନମ୍ବର ବିଶିଷ୍ଟ ୨ ମାଙ୍କଡା ବୋଝଇ ଟ୍ରାକ୍ଟର, ଓଡି ୦୨ସି ୯୮୧୦ ଓ ଓଡି ୦୨ବିଟି ୮୭୩୩ ନମ୍ବର ବିଶିଷ୍ଟ ଟାଟା ମିନି ଟ୍ରକ ସହିତ ଗୋଟିଏ ପଥର କଟିଂ ପାୱାରଟ୍ରିଲର ଜବତ କରାଯାଇଛି। ଏହା ସହିତ ପଥର ମାଫିଆଙ୍କ ପାଟ୍ରୋଲିଂ ପାଇଁ ଉର୍ଦ୍ଧିଷ୍ଟ ଓଆର ୦୨ ଏଏଚ ୫୨୧୩ ଓ ଓଡି ୨୫ ବି ୧୨୨୦ ଦୁଇ ବାଇକ୍ ଜବତ କରାଯାଇଛି। ହେଲେ ଚାଲାଣକାରୀମାନେ ରାତି ଅନ୍ଧକାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ।

# ଗରିବଙ୍କୁ ଆବାସ ଯୋଜନା ଘର ସ୍ୱପ୍ନ

■ଘର ଭାଙ୍ଗିଯିବା ପରେ ପାଇଖାନାରେ ୭ ବର୍ଷର ଜୀବନ
■ପୁଅ ଦାଦନ ଶ୍ରମିକ, ମା'ବାପା ରୋଗାକ୍ରାନ୍ତ

ନୟାଗଡ,୧୮।୫(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ବ୍ଲକ୍ ପଣ୍ଡୁସର ଗଡଭିତର ସାହିରେ ବାର୍ଦ୍ଧକ୍ୟ ଅବସ୍ଥାରେ ଏକ ଦମ୍ପତି ପାଇଖାନାରେ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ପାଇଖାନାରେ ୭ ବର୍ଷ ହେଲା ରହି ଆସୁଥିବାବେଳେ ସେମାନଙ୍କୁ ପ୍ରଶାସନ ଆବାସ ଯୋଜନାରେ ଘର ଯୋଗାଇ ପାରିନାହିଁ। ଅନ୍ୟପଟେ ଗରୀବ ଦାଉ ସାଧିବାରୁ ପୁଅ ଦାଦନ ଖଟିବାକୁ ବାହାରକୁ ଯାଇଛି। ବୃଦ୍ଧ ମା'ବାପା ବାର୍ଦ୍ଧକ୍ୟରେ ରୋଗରେ ପାଇଖାନା ଘରେ ଛଟପଟ ହୋଇ ଅସହାୟ ଜୀବନଯାପନ କରୁଛନ୍ତି।



ଚାଳିଆ ତଳେ ମୁଣ୍ଡ ଗୁଞ୍ଜିଥିବା ଦମ୍ପତି।

ପଣ୍ଡୁସର ଗଡଭିତର ସାହିର ମାଟିଆ ପରିଡ଼ା ଓ ସ୍ତ୍ରୀ ସୁବାସୀ ପରିଡା ବାର୍ଦ୍ଧକ୍ୟ ଯୋଗୁ ବହୁ କଷ୍ଟରେ ଅଛନ୍ତି। ମାଟିଆ ତାଙ୍କର ପୁଅ, ଝିଅ, ସ୍ତ୍ରୀଙ୍କୁ ନେଇ ଖୁସରେ ଚଳୁଥିଲେ। ଦେହରେ ବଳ ଥିବା ପର୍ଯ୍ୟନ୍ତ ପରିଶ୍ରମ କରି ଭଲ ଦୁଇ ପଇସା ରୋଜଗାର କରି ପରିବାର ସଦସ୍ୟଙ୍କ ମୁହଁରେ ହସ ଫୁଟାଉଥିଲେ। ଝିଅର ବାହାଘର ହୋଇଗଲା। ମାଟିଆ ବୃକ୍କ ରୋଗରେ ପୀଡ଼ିତ ହେବାରୁ ଆଉ ରୋଜଗାର କରିବାକୁ ବାହାରକୁ ଯାଇ ପାରି ନ ଥିଲେ। ଧୀରେ ଧୀରେ ପରିବାରର ରୋଜଗାର କମିବାରେ ଲାଗିଲା। ଘରେ ଦୁଇ ଓଳି ଖାଇବା ଓ ମା'ବାପାଙ୍କ ଔଷଧ ପାଇଁ ଅର୍ଥ ଅଭାବ ଯୋଗୁ ୨୪ ବର୍ଷିୟା ପୁଅ ଦାଦନ ଖଟିବାକୁ ବାହାରକୁ ଚାଲିଗଲେ। ସେପଟେ ପୁଅର ଖୋଜ ଖବର ନାହିଁ। ମାଟିଆ ବି ଆଉ ରୋଜଗାର କରିପାରିଲେନି। ଦିନେ ଖାଇଲେ ଅନ୍ୟ ଦିନ ଉପବାସ ରହିବାକୁ ପଡେ। ବୟସ ହୋଇ ନ ଥିବାରୁ ଭତ୍ତା ମିଳୁନି। ତେବେ ରାଶନ କାର୍ଡରେ ୧୦ କେଜି ଚାଉଳ ସେମାନଙ୍କୁ ବଞ୍ଚିବାର ରାହା ଯୋଗାଇଛି। ଅପରପକ୍ଷେ ଅର୍ଥାଭାବ ଯୋଗୁ ପୁରୁଣା ଘରକୁ ମରାମତି କରି ନ ପାରିବାରୁ ଭାଙ୍ଗିଗଲା। ସେପଟେ ଅର୍ଦ୍ଧ ନିର୍ମିତ ପାଇଖାନା ଘର ପାଖରେ ଅସ୍ଥାୟୀ ଭାବେ ତିଆରି ଏକ ନୁଆଁଣିଆ ଘର ରହିଛି।ସେହି ଘରେ ଏହି ଦମ୍ପତି ଦିନ କାଟୁଛନ୍ତି। ଶନିବାର ଓ ରବିବାର ନୟାଗଡ଼ର କେତେଜଣ ସମାଜସେବୀ ସଂପୃକ୍ତ ଦମ୍ପତିଙ୍କର ଦୁଃଖ ଦେଖି କିଛି ଖାଦ୍ୟ ସାମଗ୍ରୀ, ଘର ଛପର ପାଇଁ ପଲିଥିନ ଯୋଗାଇଛନ୍ତି।

# ଡେଙ୍ଗୁ ଦିବସରେ ସଚେତନତା

ଦଶପଲ୍ଲା,୧୮।୫
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ କୁଜାମେଣ୍ଢି ସ୍ୱାସ୍ଥ୍ୟ ଉପକେନ୍ଦ୍ର କେନ୍ଦ୍ର ପକ୍ଷରୁ ଆଦିବାସୀ ବହୁଳ ବଣି ଗ୍ରାମରେ ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି । ଏଥିରେ ଡେଙ୍ଗୁର କାରଣ ଓ ନିରାକରଣ ବିଷୟରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସଙ୍ଗୀତା ପୃଷ୍ଟି, ମହିଳା ସ୍ୱାସ୍ଥ୍ୟକର୍ମୀ ରଶ୍ମିତା ବେହେରା, ଡେଙ୍ଗୁ ସ୍ୱେଚ୍ଛାସେବୀ ସୁବାସ ଚନ୍ଦ୍ର ବାରିକ, ଅଙ୍ଗନବାଡ଼ି କର୍ମୀ ସରସ୍ୱତୀ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ମଶା କାମୁଡ଼ା ରୋକିବା ପାଇଁ ଦୈନିକ ମଶା ନିରୋଧକ ଓ ଦୀର୍ଘସ୍ଥାୟୀ କୀଟନାଶକ ମଶାରୀ ବ୍ୟବହାର, ଜ୍ୱର ହେଲେ ତୁରନ୍ତ ରକ୍ତ ପରୀକ୍ଷା କରାଇବା, ଡାକ୍ତରୀ ପରାମର୍ଶ ଅନୁଯାୟୀ ଉପଯୁକ୍ତ ଔଷଧ ସେବନ କରିବା, ଘର ଓ ଘର ପରିସର ସଫା ସୁତରା ରଖିବା ଉପରେ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିଲା । ବ୍ଲକ ପ୍ରୋଗ୍ରାମ ସଂଯୋଜକ ତୁଷାର ରଞ୍ଜନ ସାହୁ, ପୂର୍ଣ୍ଣଚନ୍ଦ୍ର କବି ପ୍ରମୁଖ ସହଯୋଗ କରିଥିଲେ ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅନନ୍ତ



@ ଅନିତା



@ ବବୁଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହିଳାଙ୍କୁ ଦୁର୍ବ୍ୟବହାର, ଯୁବକ ଗିରଫ

ଓଡ଼ଗାଁ,୧୮।୫
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ରାବରା ଗୋଡ଼ିସାହିର କାହ୍ନୁ ସାମଲ(୩୨) ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ପୋଲିସ ଶନିବାର କାହ୍ନୁଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଇଟାମାଟି ଥାନା ମର୍ଦ୍ଦରାଜପୁରର ଜଣେ ବ୍ୟକ୍ତି ନିଜ ପରିବାର ସହିତ ରାବେର ନିକଟସ୍ଥ କେନାଲ ଛକ ନିକଟରେ ରହୁଛନ୍ତି । ଗତ ୫ ତାରିଖ ସକାଳେ ସେହି ବ୍ୟକ୍ତିଙ୍କ ସ୍ତ୍ରୀ ରାଇସ୍ ମିଲ ସାମ୍ନାରେ ଥିବା ପୋଖରୀକୁ ସ୍ନାନ କରିବାକୁ ଯାଇଥିଲେ। ଏହି ସମୟରେ କାହ୍ନୁ ପୋଖରୀର ଅପରପାର୍ଶ୍ୱରେ ଥାଇ ତାଙ୍କୁ ନାନା ଇଙ୍ଗିତ କରିଥିଲେ। ମହିଳା ଜଣକ ଏହାର ପ୍ରତିବାଦ କରିବାରୁ କାହ୍ନୁ ତାଙ୍କୁ ଦୁର୍ବ୍ୟବହାର କରିଥିଲେ । ମହିଳା ଜଣକ ଚାବିରେ କାହ୍ନୁଙ୍କ ହାତକୁ କେଞ୍ଚି ଦେଇ ସେଠାରୁ ଖସି ଯାଇଥିଲେ । ଏ ନେଇ ସେ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୧୨୯/୨୫) ରୁଜୁ କରି ତଦନ୍ତ ଚଳାଇଛି।

# ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସରେ ବିଭିନ୍ନ ସାମଗ୍ରୀ ସଂଗୃହୀତ

ନୂଆଗାଁ,୧୮।୫(ଧନେଶ୍ୱର ସାହୁ)

ଆନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ଅବସରରେ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର, ଦୁର୍ଦ୍ଧୁରା ଅନୁଷ୍ଠାନର ଯୁବ ସଂଗ୍ରାହକ ସଞ୍ଜୟ କୁମାର ସାହୁ ରବିବାର ବିଭିନ୍ନ ସ୍ଥାନରୁ ଦୁର୍ଲଭ ଜିନିଷ ସଂଗ୍ରହ କରିଛନ୍ତି। ପ୍ରଦୀପ୍ତ ରଥଙ୍କ ନେତୃତ୍ୱରେ ପଲୀଶାସନଗ୍ରାମରୁ ରାମଚନ୍ଦ୍ର ମିଶ୍ର, ରମେଶ ରଥଙ୍କ ବାସଭବନରୁ ପୁରାତନ ରେଡ଼ିଓ, କ୍ୟାମେରା, ପେଟ୍ରୋମାକ୍ସ ଲାଇଟ୍, କାଠ ନିର୍ମିତ ପୁରାତନ କଳାକୃତି ଆଦି ସଂଗୃହୀତ ହୋଇଛି । ନୟାଗଡ଼ ଜିଲାର ସୋହମ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସାମାଜିକ କର୍ମୀ କାମାକ୍ଷା ପ୍ରସାଦ ଦାସଙ୍କ ବାସଭବନରୁ ସଂସ୍କୃତ ଓ ଓଡ଼ିଆ ଲିପି, ଆୟୁର୍ବେଦ ଚିକିତ୍ସାର ଦୁର୍ଲଭ ତାଳପତ୍ର ପୋଥୀ । ୬ଖଣ୍ଡ ଶ୍ରୀ ଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ଅନୁଷ୍ଠାନକୁ ପ୍ରଦାନ କରିଛନ୍ତି। ସେହିପରି ନୟାଗଡ଼ ମାସିକ ପତ୍ରିକା ସମ୍ବାଦ ପରମ୍ପରା ସମ୍ପାଦକ ନିର୍ମଳ ଶୂରଦେଓ ଅନୁଷ୍ଠାନକୁ ୨୦୦ ପୁସ୍ତକ ଦେଇ ଗାଁର ଯୁବତୀଯୁବକମାନଙ୍କୁ ପାଠାଗାର ପ୍ରତି ଆକୃଷ୍ଟ କରିବା ପାଇଁ ପ୍ରୟାସ କରାଯାଇଛି । ଅନୁଷ୍ଠାନକୁ ବହୁ ଲୋକ ବିଭିନ୍ନ ସାମଗ୍ରୀ ପ୍ରଦାନ କରିଥିବାରୁ ଶ୍ରୀ ଜଗନ୍ନାଥ ସଂଗ୍ରହାଳୟ ଅନୁଷ୍ଠାନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।



ପୁରାତନ ସାମଗ୍ରୀ ସଂଗ୍ରହ କରାଯାଉଛି।

# କାର୍ଯ୍ୟକ୍ଷମ ହୋଇନି ମିଶନ ଶକ୍ତି ଗୃହ

■ନିର୍ମାଣ ହେବ ଜିପିଏଲ୍‌ଏଫ୍ ଗୃହ
■ପିସି ପାଇବା ପରେ ପ୍ରକଳ୍ପକୁ ଭୁଲି ଯାଉଛନ୍ତି ଅଧିକାରୀ

ନୂଆଗାଁ,୧୮।୫(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ପ୍ରତି ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇ ଗୃହ ନଷ୍ଟ ହେବାକୁ ବସିଲାଣି। ହେଲେ ତାହାକୁ କାର୍ଯ୍ୟକ୍ଷମ କରାଇବାର ନାଁ ଧରୁନି ପ୍ରଶାସନ। କିନ୍ତୁ ସେହି ମହିଳାମାନଙ୍କ ପାଇଁ ଜିପିଏଲ୍‌ଏଫ୍ ଗୃହ ନିର୍ମାଣ କରିବା ପାଇଁ ବିଭାଗୀୟ ଅଧିକାରୀ , କର୍ମଚାରୀ ଓ ଠିକାଦାର ସଜବାଜ ହେଲେଣି।

ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠି (ଏସ୍‌ଏଚ୍‌ଜି) ମାଧ୍ୟମରେ ସ୍ୱାବଲମ୍ବୀ କରାଇବା ଓ ଆବଶ୍ୟକ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ଏସ୍‌ଏଚଜି ମହିଳାମାନେ ସେମାନଙ୍କ ବୈଠକ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବା ପାଇଁ ପ୍ରତି ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଛି। ଏହିକ୍ରମରେ ନୂଆଗାଁ ବ୍ଲକର ୨୧ ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ ଶେଷ ହୋଇଥିବା ବେଳେ ଉଦୟପୁର ପଞ୍ଚାୟତରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ତେବେ ପ୍ରାୟ ପଞ୍ଚାୟତରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ସେଗୁଡିକୁ କାର୍ଯ୍ୟକ୍ଷମ କରାଯାଉନାହିଁ। ଯାହା ଫଳରେ ମିଶନ ଶକ୍ତି ଗୃହ ଭୂତକୋଠି ପାଲଟିଲାଣି। ସିଙ୍ଗାରପଲି ମିଶନ ଶକ୍ତି ଗୃହ ଭୁଶୁଡିବାକୁ ବସିଲାଣି। ମିଶନ ଶକ୍ତି ଗୃହଗୁଡିକ ବ୍ୟବହାର ଯୋଗ୍ୟ ହୋଇଥିଲେ ମଧ୍ୟ ସେଗୁଡିକୁ କାର୍ଯ୍ୟକ୍ଷମ କରାଯାଉନାହିଁ। ନିର୍ମାଣ କାର୍ଯ୍ୟ ସାରି ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଠିକାଦାର ନିଜର ପିସି ଓ ଲାଭ ପାଇ ସାରିବା ପରେ ପ୍ରକଳ୍ପକୁ ଭୁଲି ଯାଇଥିବା ଅଭିଯୋଗ ହେଉଛି। ମିଶନ ଶକ୍ତି ଗୃହ କାର୍ଯ୍ୟକ୍ଷମ ନ ହୋଇ ପଡି ରହିଥିବା ବେଳେ ସେହି ସମାନ ଏସଏଚଜି ମହିଳାମାନଙ୍କ ନିମନ୍ତେ ଜିପିଏଲଏଫ୍ ଗୃହ ନିର୍ମାଣ କରିବାକୁ ସରକାର ଅନୁଦାନ ଦେଲେଣି। ନୂଆଗାଁ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୯ଟି ପଞ୍ଚାୟତରେ ଜିପିଏଲଏଫ୍ ଗୃହ ନିର୍ମାଣ କରିବା ପାଇଁ ଅନୁଦାନ ଆସିଛି। ପ୍ରତି ଜିପିଏଲଏଫ୍ ଗୃହ ପାଇଁ ୩୦ ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ବିଲ୍ଡିଂ ନିର୍ମାଣ କରି ସେଥିରୁ ଲାଭ ପାଇବା ପାଇଁ ବିଭାଗୀୟ ଅଧିକାରୀ , ଠିକାଦାର ପ୍ରସ୍ତୁତ ହେଲେଣି। ସେଥିପାଇଁ ଜାଗା ଚିହ୍ନଟ କରି ଶୀଘ୍ର ଗୃହ ନିର୍ମାଣ କରିବାକୁ ତତ୍ପରତା ପ୍ରକାଶ ପାଇଛି। କେବଳ ନିର୍ମାଣ ପାଇଁ ଅଧିକାରୀ ଆଗ୍ରହ ପ୍ରକାଶ କରୁଥିବା ବେଳେ ତାହାକୁ କାର୍ଯ୍ୟକ୍ଷମ କରାଇବାକୁ ଅନାଗ୍ରହ ପ୍ରକାଶ କରିବା ଅଧିକାରୀମାନଙ୍କ ପାରିଲାପଣିଆକୁ ପଦାରେ ପକାଇଛି।




ଭୂତକୋଠି ପାଲଟି ଥିବା ସିଙ୍ଗାରପଲି ମିଶନ ଶକ୍ତି ଗୃହ।

ମିଶନ ଶକ୍ତି ଗୃହ କାର୍ଯ୍ୟକ୍ଷମ ବାବଦରେ ନୂଆଗାଁ ବ୍ଲକ ମିଶନ ଶକ୍ତି ବ୍ଲକ ସଂଯୋଜକ ସୌମ୍ୟଶାଶ୍ୱତ ମିଶ୍ରଙ୍କୁ ପଚାରିବାରେ ଗୃହଗୁଡିକ ଛୋଟ ଏବଂ ମହିଳା ଅଧିକ ଥିବାରୁ ସେଠାରେ ବସି କାର୍ଯ୍ୟ କରିବା ସମ୍ଭବ ହେଉନି। ନୂଆଗାଁ ଏବଂ ସିଙ୍ଗାରପଲି ପଞ୍ଚାୟତର ମିଶନ ଶକ୍ତି ଗୃହ ଦୂର ଏବଂ ଅପନ୍ତରିଆ ସ୍ଥାନରେ ନିର୍ମାଣ କରାଯାଇଥିବାରୁ ମହିଳାମାନେ ସେଠାକୁ ଯିବାକୁ ଅମଙ୍ଗ ହେଉଛନ୍ତି ବୋଲି ସଂଯୋଜକ ମିଶ୍ର କହିଛନ୍ତି।




ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଚତୁର୍ଥ ତ୍ରୈମାସିକ ଏବଂ ବାର୍ଷିକ ଫଳାଫଳକୁ ବ୍ୟାଙ୍କର ଏମ୍‌ଡି ଏ. ମଣିମେଖଲାଇ ଘୋଷଣା କରୁଛନ୍ତି। ଏହି ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ୩୭୬ କୋଟି ଟଙ୍କାର ଆର୍ଥିକ ପାଣ୍ଠି ହାସଲ

**ଭୁବନେଶ୍ୱର,୧୮।୫**

ବ୍ଲୁ ପାଇନ୍ ଶକ୍ତି ପ୍ରାଇଭେଟ୍ ଲିମିଟେଡ୍‌କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି କମ୍ପାନୀ ଗୁଜୁରାଟର ବନସକନ୍ଥା ଜିଲ୍ଲାର ଥରାଡ଼ଠାରେ ଥିବା ୧୦୦ ମେଗାୱାଟ୍ ସୌର ଶକ୍ତି ପ୍ରକଳ୍ପ ପାଇଁ ୩୭୬ କୋଟି ଟଙ୍କାର ଆର୍ଥିକ ପାଣ୍ଠି ହାସଲ କରିଛି। କମ୍ପାନୀର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ସୋଲାରକ୍ରାଫ୍ଟ ପାୱାର ଇଣ୍ଡିଆ ୫ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଜିୟୁଭିଏନ୍ଏଲ୍ ୨୨ ଟେଣ୍ଡର ଅଧୀନରେ ଏହି ପ୍ରକଳ୍ପ ବିକାଶ କରାଯିବ। ଏଥିପାଇଁ ଷ୍ଟାଣ୍ଡାର୍ଡ ଚାର୍ଟର୍ଡ ଏକକ ମ୍ୟାନ୍‌ଡେଟେଡ୍ ଲିଡ୍ ଆରେର, ସବୁଜ ଋଣ ସଂଯୋଗ,ଋଣ ପ୍ରଦାନକାରୀ ଓ ଆକାଉଂଟ୍ ବ୍ୟାଙ୍କ ଦାୟିତ୍ୱ ତୁଲାଇଥିଲା।

# ଫ୍ୟୁଚର ଜେନେରାଲିର ନୂତନ ଉତ୍ପାଦ

**ଭୁବନେଶ୍ୱର,୧୮।୫**

FUTURE GENERALI
TOTAL INSURANCE SOLUTIONS

ଫ୍ୟୁଚର ଜେନେରାଲିର ନୂତନ ଉତ୍ପାଦ ତଥା ହେଲ୍‌ଥ ଅନ୍‌ଲିମିଟେଡ୍ ପ୍ଲାନ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବର୍ତ୍ତମାନ ଭାରତରେ ବହୁ ଲୋକଙ୍କ ପାଇଁ ଆରୋଗ୍ୟ ବୀମା ଆର୍ଥିକ ସୁରକ୍ଷା ଲାଗି ଏକ ବଡ଼ ସମାଧାନ ପାଲଟିଛି। କିନ୍ତୁ ବୃଦ୍ଧି ପାଉଥିବା ହସ୍ପିଟାଲାଇଜେଶନ ଓ ଚିକିତ୍ସା ଖର୍ଚ୍ଚ ବିଷୟରେ ମଧ୍ୟ ସ୍ୱାସ୍ଥ୍ୟବୀମା ଅନ୍ତର୍ଗତ ବ୍ୟବସ୍ଥା ଉପରେ ଆଶଙ୍କା ଉତ୍ପନ୍ନ କରିଥାଏ। ଏହି ବୃଦ୍ଧି ପାଉଥିବା ଚିନ୍ତା ଏକ ସମ୍ପୂର୍ଣ୍ଣ ହେଲ୍‌ଥକେୟାର ସମାଧାନର ଆବଶ୍ୟକତାକୁ ପୂରଣ କରିଥାଏ। ଏ ସମ୍ପର୍କରେ ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନ୍‌ସୁରାନ୍ସ କମ୍ପାନୀ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ଅନୁପ୍ ରାଓ କହିଛନ୍ତି, ଚିକିତ୍ସାର ବଡ଼ ଖର୍ଚ୍ଚ ହେବା ସହ ଅଧିକାଂଶ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଥିଲେ ମଧ୍ୟ ଚିନ୍ତାର ଏକ କାରଣ ଅତୁଟ ରହିଛି, ଗ୍ରାହକଙ୍କ ପାଇଁ ଆମେ ସର୍ବଦା ଚିନ୍ତିତ ଥିଲାବେଳେ ଜୀବନକାଳର ମିତ୍ର ଭାବେ ଆମେ ସେସବୁ ସମସ୍ୟା ନିମନ୍ତେ ବ୍ୟକ୍ତିଗତ ସମାଧାନ ଦେଉଛୁ। ଭାରତୀୟ ଗ୍ରାହକଙ୍କୁ ପର୍ଯ୍ୟାପ୍ତ ଭାବେ ଅଳଙ୍କାରିତ କରିବା ପାଇଁ ଆମର ପ୍ରୟାସ ଜାରି ରହିଛି। ଆମର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ବୀମା ଦେୟ ହେଲ୍‌ଥ ଅନ୍‌ଲିମିଟେଡ୍ ମଧ୍ୟ ଏହାକୁ ସୁନିଶ୍ଚିତ କରିବାକୁ ସାହାଯ୍ୟ କରିବ, ଯାହା ମାନେ ବିଲ୍ ବେଳେ ମଧ୍ୟ ଗ୍ରାହକଙ୍କ ଆବଶ୍ୟକତା ଓ ସମ୍ବଳର ଅଭାବ ନ ହେବ। ବୀମାଧାରୀମାନେ ତାଙ୍କ ସ୍ୱାସ୍ଥ୍ୟବୀମା କାମ କରୁଛି କି ନାହିଁ ସେ ବିଷୟରେ ଅସ୍ୱଷ୍ଟ ହେବାର ଅନୁଭବ କରୁଛନ୍ତି ବୋଲି ଫ୍ୟୁଚର ଜେନେରାଲି ଭାରତ ବୀମା-ହେଲ୍‌ଥ ଅନଲିମିଟେଡ୍ ଦ୍ୱାରା କରାଯାଇଥିବା ଏକ ବିଶେଷ ସର୍ବେକ୍ଷଣକୁ ଦୂରଦୃଷ୍ଟି ଦିଆଯାଇଛି।

# ଚାନ୍ଦି ଭଣ୍ଡାରର 'ସଙ୍ଗମ୍' କଲେକ୍ସନ

## ଗହଣାର ଗଢ଼ାମଜୁରି ଉପରେ ଫ୍ଲାଟ୍ ୨୦% ରିହାତି

**ଭୁବନେଶ୍ୱର,୧୮।୫**

ଚାନ୍ଦି ଭଣ୍ଡାରର ବହୁ ପ୍ରତୀକ୍ଷିତ କଲେକ୍ସନ 'ସଙ୍ଗମ୍'କୁ ନିକଟରେ ଅନାବରଣ କରାଯାଇଛି। ଏହି ନୂତନ କଲେକ୍ସନ ସହ ଆସନ୍ତା ସାବିତ୍ରୀ ଉପଲକ୍ଷେ ଆକର୍ଷଣୀୟ ରିହାତି ଅଫର୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହି ଅଫର୍ ଜରିଆରେ ଗ୍ରାହକମାନେ ୨୦୨୫ ମେ' ୨୬ ପର୍ଯ୍ୟନ୍ତ ଗହଣାର ଗଢ଼ାମଜୁରି ଉପରେ ଫ୍ଲାଟ୍ ୨୦% ରିହାତି ପାଇପାରିବେ। ଏହି କଲେକ୍ସନ ଷ୍ଟର୍ଲିଂ ସିଲ୍‌ଭରରେ ଅତି ଯତ୍ନର ସହ ପ୍ରସ୍ତୁତ ପ୍ରତ୍ୟେକ ମଙ୍ଗଳସୂତ୍ର ପରମ୍ପରା ଏବଂ ସମସାମୟିକ ଆକର୍ଷଣର ସୁସଙ୍ଗତ ମିଶ୍ରଣକୁ ଦର୍ଶାଉଛି। ଏପରିକି ଚମତ୍କାର ଜରିକନ୍ ପଥର, ସୂକ୍ଷ୍ମ ମୁକ୍ତା ଏବଂ ଜଟିଳ ଅକ୍ସିଡାଇଜ୍‌ଡ ଡିଟେଲିଂରେ ସୁସଜ୍ଜିତ ଏହି ମଙ୍ଗଳସୂତ୍ରଗୁଡ଼ିକ ବିବାହର ଅନନ୍ତ ପବିତ୍ରତାର ପ୍ରତୀକ ଏବଂ ନାରୀତ୍ୱର ସୁନ୍ଦର ଶକ୍ତିକୁ ପରିପ୍ରକାଶ କରୁଛି।

ଏ ସମ୍ପର୍କରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କହିଥିଲେ, ଆମେ ପ୍ରତ୍ୟେକ ମହିଳାଙ୍କ ଭୂମିକାର ଶକ୍ତି, ଅନୁଗ୍ରହ ଏବଂ ଗୁରୁତ୍ୱକୁ ସ୍ୱୀକୃତି ଦେଇ ସାବିତ୍ରୀର ମହତ୍ତ୍ୱକୁ ସମ୍ମାନ ଦେଉଛୁ। ଆମ କଲେକ୍ସନ ମହିଳାଙ୍କୁ ସମ୍ପୂର୍ଣ୍ଣ ଏବଂ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଛି। ଏହା ସେମାନଙ୍କ ଅନନ୍ୟ ପରିଚୟ ଏବଂ କାଳଜୟୀ ଶୋଭାକୁ ପରିପ୍ରକାଶ କରିବ। ଯେପରି ସାବିତ୍ରୀ ସ୍ଥିରତା ଏବଂ ସୌନ୍ଦର୍ଯ୍ୟକୁ ପରିପ୍ରକାଶ କରନ୍ତି, ଆମ ଗହଣା ମହିଳାଙ୍କ ବହୁମୁଖୀ ଭୂମିକାକୁ ପାଳନ କରିବା ସହିତ ସେମାନଙ୍କୁ ପ୍ରତ୍ୟେକ ଅବସର ଏବଂ ଜୀବନର ପ୍ରତିଟି ଦିଗ ପାଇଁ ଉପଯୁକ୍ତ ଶୋଭା ପ୍ରଦାନ କରୁଛି। ଚଳିତ ସାବିତ୍ରୀ ଅବସରରେ ଗ୍ରାହକଙ୍କ ଖୁସିକୁ ବଢ଼ାଇବା ପାଇଁ ଚାନ୍ଦି ଭଣ୍ଡାର ଆକର୍ଷଣୀୟ ରିହାତି ପ୍ରଦାନ କରୁଛି। ବର୍ଷ ବର୍ଷ ଧରି ଗ୍ରାହକଙ୍କଠାରୁ ପାଇଥିବା ସମର୍ଥନ ଏବଂ ପ୍ରେମକୁ ସମ୍ମାନ ଜଣାଇ ଆମେ ଏହି ଅଫର୍ ପ୍ରଦାନ କରୁଛୁ। ଚାନ୍ଦି ଭଣ୍ଡାର ସର୍ବୋତ୍ତମ ଗହଣା ସହ ଆହୁରି ଅଧିକ କିଛି ପ୍ରଦାନ କରୁଛି। ପାରମ୍ପରିକ ରୁପା ଆଇଟମ୍ ସହିତ ଆଧୁନିକ ଲାଇଫ୍‌ଷ୍ଟାଇଲ୍ ଉତ୍ପାଦ ମଧ୍ୟ ଏଠାରେ ଉପଲବ୍ଧ। ପରିବାରର ସମସ୍ତ ସଦସ୍ୟଙ୍କ ଆବଶ୍ୟକତାକୁ ଏହା ପୂରଣ କରିଥାଏ। ଚାନ୍ଦି ଭଣ୍ଡାରରେ ହଲ୍‌ମାର୍କ ରୁପା ବାସନକୁସନଠାରୁ ଆରମ୍ଭକରି ପୁରୁଷ, ମହିଳା ଏବଂ ପିଲାମାନଙ୍କ ପାଇଁ ବ୍ୟାପକ ରେଞ୍ଜ୍‌ର ରୁପା ଆଇଟମ୍ ଉପଲବ୍ଧ ରହିଛି।

# ହ୍ୟାଣ୍ଡଲୁମ୍ ଜୋନ୍‌ରେ ଗ୍ରାହକଙ୍କ ଭିଡ଼

## ୧୯ ଦିନରେ ଦୁବାଇ ସିଟି କାର୍ନିଭାଲ

**ଭୁବନେଶ୍ୱର,୧୮।୫ (ଅଭୟ ଦାଶ)**



ପ୍ରଥମଥର ପାଇଁ ଓଡ଼ିଶା ବଜାରରେ ଏକ ଭିନ୍ନ ଧରଣର ପ୍ରଦର୍ଶନୀ 'ଦୁବାଇ ସିଟି କାର୍ନିଭାଲ' ଭୁବନେଶ୍ୱରର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ପଡ଼ିଛି। ଏହି ପ୍ରଦର୍ଶନୀରେ ଥିବା ହ୍ୟାଣ୍ଡଲୁମ୍ ଜୋନ୍‌ରେ ଗ୍ରାହକଙ୍କ ଭିଡ଼ ଜମୁଥିବାବେଳେ କାରବାର ବେଶ୍ ଉତ୍ସାହଜନକ ରହିଛି ବୋଲି ଆୟୋଜକ କ୍ରାଫ୍ଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ଏହି ଜୋନ୍‌ରେ ଓଡ଼ିଶା ସମେତ ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ରାଜସ୍ଥାନ, ତେଲଙ୍ଗାନା, ପଶ୍ଚିମବଙ୍ଗ ଭଳି ରାଜ୍ୟର ପ୍ରମୁଖ ହସ୍ତତନ୍ତ୍ର ବସ୍ତ୍ର(ହ୍ୟାଣ୍ଡଲୁମ ପ୍ରଡକ୍ଟସ) ର ସମ୍ଭାର ସାଙ୍ଗକୁ ସମ୍ବଲପୁରୀଠାରୁ ଆରମ୍ଭ କରି ବାରାଣସୀ ଏବଂ ଇକତରୁ ନେଇ କାଞ୍ଜିବରମ ଭଳି ପ୍ରିମିୟମ ହ୍ୟାଣ୍ଡଲୁମ ପ୍ରଡକ୍ଟସ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଛି। ସେହିଭଳି ଏହି ପ୍ରଦର୍ଶନୀରେ ମୋଟ ୧୨୦ଟି ଷ୍ଟଲ ସାଙ୍ଗକୁ ସେଲଫି ଜୋନ୍ ଏବଂ ଦୁବାଇର ବିଶେଷ ଆକର୍ଷଣ ବୁର୍ଜ ଖଲିଫା, ଆଇଫଲ ଟ୍ୱାୱାର, ଲଣ୍ଡନ ବ୍ରିଜ୍ ଏବଂ ହାର୍ଟ ପଏଣ୍ଟ ଭଳି ଆକର୍ଷଣୀୟ ସ୍ଥାନର ଭ୍ରମ ଡିଜାଇନ କରାଯାଇଛି। ଅପରପକ୍ଷରେ ଆକର୍ଷଣୀୟ ଖେଳନାଠାରୁ ଆରମ୍ଭ କରି ପ୍ରିମିୟମ ଗହଣା ରେଞ୍ଜ୍ ଏବଂ ଖେଳକୁଦ ପାଇଁ ବିଭିନ୍ନ ଝୁଲା (ବ୍ରେକ୍‌ଡ୍ୟାନ୍ସ, ଡ୍ରାଗନ ଟ୍ରେନ୍, ଟାୱାର. ନୌକା, ଟୋରା ଟୋରା) ସହିତ ଫନ୍ ଜୋନ୍ ରହିଛି।

ସେହିପରି ହ୍ୟାଣ୍ଡିକ୍ରାଫ୍ଟ ଏବଂ ହ୍ୟାଣ୍ଡଲୁମ ପୋଷାକର ବ୍ୟାପକ ସମ୍ଭାର ସାଙ୍ଗକୁ ଫୁଡ୍ ଜୋନ୍ ଏବଂ କଞ୍ଜୁମର ଜୋନ୍ ସବୁବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରୁଛି ବୋଲି ଆୟୋଜକ ମତବ୍ୟକ୍ତ କରିଛନ୍ତି। ଏପରିକି ଉଭୟ ଦର୍ଶକ ଓ ଗ୍ରାହକଙ୍କ ପାଇଁ ମାଗଣା ପାର୍କିଂ ସୁବିଧା ପ୍ରଦର୍ଶନୀ ପରିସରରେ ଉପଲବ୍ଧ ଥିଲାବେଳେ ସୁଲଭ ମୂଲ୍ୟ ଓ ଗୁଣାତ୍ମକ ସାମଗ୍ରୀ ପ୍ରଦର୍ଶନୀର ଆକର୍ଷଣ ପାଲଟିଛି।

ଏହି ପ୍ରଦର୍ଶନୀ ପ୍ରାଥମିକ ପର୍ଯ୍ୟାୟରେ ୨୦୨୫ ଜୁନ୍ ୧୮ ପର୍ଯ୍ୟନ୍ତ ଜାରି ରହିବ। ଏହି ପ୍ରଦର୍ଶନୀରେ ଓଡ଼ିଶା ସମେତ ୧୭ଟି ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ ଓ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ବିଶେଷକରି ଗ୍ରୀଷ୍ମ ଅବକାଶ ଯୋଗୁ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିଛି, ପିଲାମାନଙ୍କ ସହ ସମୟ ଅତିବାହିତ ପାଇଁ ଏହି ପ୍ରଦର୍ଶନୀ ଉଭୟ ରାଜ୍ୟ ଓ ସହରବାସୀଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ୟୁଏସ୍‌ଏଫ୍‌ବିଏଲ୍‌ର ନୂତନ ଶାଖା ଉଦ୍‌ଘାଟିତ

**ଭୁବନେଶ୍ୱର,୧୮।୫**

ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍(ୟୁଏସ୍‌ଏଫ୍‌ବିଏଲ୍)ର ନୂତନ ଶାଖା ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଶାଖା ମାଧ୍ୟମରେ ବ୍ୟାଙ୍କ ବ୍ରହ୍ମପୁରର ଗ୍ରାହକମାନଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବ। ଏପରିକି ସେଭିଙ୍ଗ୍‌ସ ଆକାଉଣ୍ଟ, କରେଣ୍ଟ ଆକାଉଣ୍ଟ, ଫିକ୍ସଡ ଡିପୋଜିଟ ଓ ରିକରିଙ୍ଗ ଡିପୋଜିଟ୍ ସମେତ ଅନ୍ୟାନ ବ୍ୟାଙ୍କିଙ୍ଗ୍ ଉତ୍ପାଦଗୁଡିକର ଏକ ବିସ୍ତୃତ ଶୃଙ୍ଖଳା ଉପଲବ୍ଧ କରାଇବ। ଏହି ବ୍ୟାଙ୍କ ଗୃହ ଋଣ, ବ୍ୟବସାୟ ଋଣ, ସମ୍ପତ୍ତି ଆଧାରରେ ଋଣ ଭଳି ବିଭିନ୍ନ ଋଣ ଉତ୍ପାଦ ସମେତ କ୍ରେଡିଟ୍, ବୀମା ଓ ନିବେଶ ଉତ୍ପାଦ ଆଦି ପ୍ରଦାନ କରୁଛି। ବ୍ୟାଙ୍କର ଭିତ୍ତିଭୂମି, ଡିଜିଟାଲ ବ୍ୟାଙ୍କିଙ୍ଗ କ୍ଷମତା ଓ ଏଟିଏମ୍ ନେଟ୍‌ୱର୍କ ଏକ ସହଜ ଓ ବାଧାମୁକ୍ତ ବ୍ୟାଙ୍କିଙ୍ଗ୍ ଅନୁଭୂତି ସୁନିଶ୍ଚିତ କରୁଛି। ଏ ସମ୍ପର୍କରେ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡର ଏମ୍‌ଡି ଓ ସିଇଓ ଗୋବିନ୍ଦ ସିଂହ କହିଛନ୍ତି, ବ୍ରହ୍ମପୁରରେ ଆମେ ଆମର ନୂତନ ଶାଖାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଓଡ଼ିଶାରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ତ୍ୱରାନ୍ୱିତ କରିବା ପ୍ରତି ଏହା ଆମର ନିରନ୍ତର ପ୍ରୟାସକୁ ସୂଚିତ କରୁଛି। ଏକ ମଜଭୁତ ବାଣିଜ୍ୟିକ ଓ ସାଂସ୍କୃତିକ ଆଧାର ସହ ବ୍ରହ୍ମପୁର ହେଉଛି ଗ୍ରାମର ଏକ ବିକଶିତ ସହର, ଯାହା ବର୍ଦ୍ଧିତ ଆର୍ଥିକ ଆକାଂକ୍ଷାଗୁଡ଼ିକ ସହ ଏକ ଜୀବନ୍ତ ସମୁଦାୟର ପ୍ରତିନିଧିତ୍ୱ କରୁଛି। ଆମର ସ୍ୱତନ୍ତ୍ର ଆର୍ଥିକ ସେବାଗୁଡିକ ମାଧ୍ୟମରେ ଆମେ ଲୋକମାନଙ୍କୁ ସଶକ୍ତ କରିବା, ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ଓ ଏହି ଅଞ୍ଚଳର ଆର୍ଥିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛୁ। ସେହିଭଳି ଏହି ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍‌ଗୁଡିକ ଆର୍ଥିକ ସେବା ପାଇଁ ସୀମିତ ପହଞ୍ଚଥିବା ଅଣସଂଗଠିତ ଓ କମଆୟ ବର୍ଗର ଲୋକମାନଙ୍କୁ ବ୍ୟବସାୟ ବିକାଶ ପାଇଁ ମାଇକ୍ରୋ-ବ୍ୟାଙ୍କିଙ୍ଗ ଲୋନ୍ ପ୍ରଦାନ କରିବେ। ଗ୍ରାହକମାନେ ବ୍ୟାଙ୍କର ବିଭିନ୍ନ ଚ୍ୟାନେଲ ଯେପରିକି ବ୍ୟାଙ୍କିଙ୍ଗ ଶାଖା, ମାଇକ୍ରୋ ଏଟିଏମ୍(ବ୍ୟାଙ୍କିଙ୍ଗ୍ ଅବଧିରେ), ଇଣ୍ଟରନେଟ ବ୍ୟାଙ୍କିଙ୍ଗ, ମୋବାଇଲ ବ୍ୟାଙ୍କିଙ୍ଗ, ୟୁପିଆଇ ଓ କଲ୍ ସେଣ୍ଟରଗୁଡିକ ମାଧ୍ୟମରେ ବ୍ୟାଙ୍କିଙ୍ଗ ସେବା ପାଇପାରିବେ।

**ଅପରାଧ**

# ମୁଖ୍ୟ ଅଭିଯୁକ୍ତ ଦିଲ୍ଲୀରୁ ଗିରଫ

## ୬୮ ଲକ୍ଷ ଟଙ୍କାର ସାଇବର ଠକେଇ ମାମଲା

- ୧୧.୬୫ ଲକ୍ଷ ଜବତ, ବ୍ୟାଙ୍କ ଆକାଉଣ୍ଟରେ ୧୧.୩୫ ଲକ୍ଷ ଅଚଳ
- ପୂର୍ବରୁ ବଲାଙ୍ଗୀରରୁ ଗିରଫ ହୋଇଥିଲେ ୬

**କଟକ,୧୮।୫(କାର୍ତ୍ତିକ ସାହୁ)**

କଟକ ସାଇବର ଥାନା ପୋଲିସ ଗତ ଏପ୍ରିଲରେ ହୋଇଥିବା ୬୮ ଲକ୍ଷ ଟଙ୍କାର ଏକ ସାଇବର ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ଦିଲ୍ଲୀରୁ ଗିରଫ କରିଛି। ତାଙ୍କୁ କଟକ ଅଣାଯାଇ ରବିବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଦିଲ୍ଲୀ ମାଣ୍ଡୱାଲି ଥାନା ଅନ୍ତର୍ଗତ ରେଲୱେ କଲୋନି ଗଳି ନଂ. ୨୦୦ର ବାସିନ୍ଦା ରବି ରାଜ (୨୮)। ପୋଲିସ ତାଙ୍କ ନିକଟରୁ ନଗଦ ୧୧.୬୫ ଲକ୍ଷ ଟଙ୍କା ଜବତ କରିଛି। ଏଥିସହ ଅଭିଯୁକ୍ତଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୧୧.୩୫ ଲକ୍ଷ ଟଙ୍କା ଅଚଳ କରିଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ମୁଖ୍ୟ ଅଭିଯୁକ୍ତ ରବି ରାଜ ଓ ତାଙ୍କ ସହଯୋଗୀମାନେ ଟେଲିଗ୍ରାମ୍ ଜରିଆରେ ମେସେଜ ପଠାଇ ନିରୀହ, ଅଜ୍ଞ ଲୋକଙ୍କୁ ଫସାଇବାକୁ ଚେଷ୍ଟା କରନ୍ତି। ସ୍ପ୍ରେଡେକ୍ସ ଗ୍ଲୋବାଲ ଲିମିଟେଡ୍ ନାମକ ନକଲି ଟ୍ରେଡିଂ ଆପ୍‌ରେ ସେହି ଲୋକଙ୍କୁ ଅର୍ଥ ବିନିଯୋଗ କରିବା ନିମନ୍ତେ ପ୍ରବର୍ତ୍ତାଇଥାନ୍ତି। ସେମାନଙ୍କ ଫାଶରେ ପଡ଼ୁଥିବା ଲୋକଙ୍କୁ ବିଭିନ୍ନ ଆକାଉଣ୍ଟରେ ଅର୍ଥ ଜମା କରିବା ଲାଗି କହିଥାନ୍ତି। ତା'ପରେ ଲୋକେ ଉକ୍ତ ଟ୍ରେଡିଂ ଆପ୍‌ର ନକଲି ଡ୍ୟାସ୍‌ବୋର୍ଡରେ ସେମାନଙ୍କ ଆକାଉଣ୍ଟରେ ମୋଟା ଅଙ୍କର ଲାଭ ହୋଇଥିବା ଦେଖନ୍ତି। ମାତ୍ର ତାହାକୁ ସେମାନେ ଉଠାଇ ପାରି ନ ଥାନ୍ତି। ସମାନ ଢଙ୍ଗରେ କଟକ ସାଇବର ଥାନାରେ ରୁଜୁ ମାମଲାରେ ଏତଲାକାରୀଙ୍କଠାରୁ ୬୮ ଲକ୍ଷ ଟଙ୍କା ଅଭିଯୁକ୍ତମାନେ ଠକି ନେଇଥିଲେ।

ଏହି ମାମଲାରେ ସାଇବର ଥାନା ପୋଲିସ ପୂର୍ବରୁ ବଲାଙ୍ଗୀରରୁ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ହେଲେ ବେଲପଦା ଥାନା ଅନ୍ତର୍ଗତ ନାଗାଫେନାର ବିଜୟ କୁମାର ମେହେର(୨୮), ପଲେସିରାର ବିଶ୍ୱମ୍ଭର ଖରସେଲ(୨୭), ପାଟଣାଗଡ଼ ଥାନା ଅନ୍ତର୍ଗତ ବଥର୍ଲାର ରାଜେଶ ତାଣ୍ଡି(୨୦), ବଡ଼ପଡ଼ାର ଅନିଲ ନାୟକ(୨୧), ଜେଲ ଲାଇନପଡ଼ାର ଶ୍ରୀତମ୍ ମେହେର(୧୯) ଏବଂ ସୁନାମୁଣ୍ଡିର ଦୀପକ ଧାରୁଆ(୨୪)। ସେମାନଙ୍କ ନିକଟରୁ ନଗଦ ୪.୩ ଲକ୍ଷ ଟଙ୍କା ସହ ୭ଟି ମୋବାଇଲ ଫୋନ, ୧୬ଟି ଏଟିଏମ୍ କାର୍ଡ, ୧୫ଟି ବ୍ୟାଙ୍କ ପାସ୍‌ବୁକ୍, ୭ଟି ବ୍ୟାଙ୍କଚେକ୍, ୩ଟି ସିମ୍‌କାର୍ଡ ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କ ୬୬ଟି ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯିବା ସହ ସେହି ଆକାଉଣ୍ଟଗୁଡ଼ିକରେ ଥିବା ୭,୩୮,୨୩୭ ଟଙ୍କା ଅଚଳ କରିଦିଆଯାଇଥିଲା।

ଉଲ୍ଲେଖଯୋଗ୍ୟ, ସାଇବର ଠକ ନିଜକୁ ପ୍ରିୟା ବଜାଜ୍ ଭାବେ ପରିଚୟ ଦେଇ ଟେଲିଗ୍ରାମ୍‌ରେ ଏତଲାକାରୀଙ୍କୁ ମେସେଜ ପଠାଇଥିଲେ। ସେ ପୂର୍ବୋକ୍ତ ଟ୍ରେଡିଂ ଆପ୍ ଜରିଆରେ ଷ୍ଟକ ମାର୍କେଟରେ ଅର୍ଥ ଲଗାଣ କଲେ ଅଧିକ ଲାଭ ମିଳିବାର ଲୋଭନୀୟ ପ୍ରତିଶ୍ରୁତି ଏତଲାକାରୀଙ୍କୁ ଦେଇଥିଲେ। ସାଇବର ଠକଙ୍କ କଥାରେ ବିଶ୍ୱାସ କରି ଏତଲାକାରୀ ପ୍ରଥମେ ୧୨ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ସାଇବର ଠକମାନେ ପର୍ଯ୍ୟାୟ କ୍ରମେ ଏତଲାକାରୀଙ୍କଠାରୁ ମୋଟ ୬୮ ଲକ୍ଷ ଟଙ୍କା ଠକି ନେଇଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ଅଭିଯୋଗକାରୀ କଟକ ସାଇବର ଥାନାରେ ଏତଲା ଦେଇଥିଲେ। ପୋଲିସ ଏ ନେଇ ଏକ କେସ୍ (ନଂ ୩୨/୨୦୨୫) ରୁଜୁ କରି ଅଭିଯୁକ୍ତମାନଙ୍କୁ ଧରିବା ନିମନ୍ତେ ବୈଷୟିକ ଅନୁସନ୍ଧାନ ଆରମ୍ଭ କରିଥିଲା। ହ୍ୱାଟ୍ସ ଆପ୍, ଟେଲିଗ୍ରାମ ନମ୍ବରଗୁଡ଼ିକୁ ଦେଶ ବାହାରୁ ଯାଞ୍ଚ କରାଯାଇଥିଲା। ବିଭିନ୍ନ ବ୍ୟାଙ୍କର ଏଟିଏମ୍ ଅଥବା ନଗଦ ଉଠାଣ ଉପରେ ମଧ୍ୟ ନଜର ରଖାଯାଇଥିଲା। ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ୍ ଥିବା ମୋବାଇଲ ନମ୍ବରଗୁଡ଼ିକୁ ଚିହ୍ନଟ କରାଯାଇଥିଲା। ଏସିପି ସତ୍ୟଜିତ ଦାଶ, ଏସିପି ପ୍ରମୋଦ କୁମାର ପଟ୍ଟନାୟକ, ଇନ୍ସପେକ୍ଟର ଆର୍. ଜେନା ପ୍ରମୁଖଙ୍କୁ ନେଇ ଗଠିତ ତଦନ୍ତକାରୀ ଦଳ ଅଭିଯୁକ୍ତଙ୍କ ସଂକ୍ରାନ୍ତରେ ଅଧିକ ସୂଚନା ସଂଗ୍ରହ କରିବା ପରେ ବଲାଙ୍ଗୀର ଯାଇଥିଲେ। ସେଠାରେ ଅଭିଯୁକ୍ତମାନଙ୍କୁ ଠାବ ପରେ ଉପରୋକ୍ତ ୬ ଜଣଙ୍କୁ ଗିରଫ କରି କଟକ ଆଣି ଗତ ୪ ତାରିଖରେ କୋର୍ଟ ଚାଲାଣ କରିଥିଲେ। ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତକାରୀ ଦଳ ଦିଲ୍ଲୀ ଯାଇଥିଲେ।

# ଦୁଇ କମ୍ପାନୀ ନିର୍ଦ୍ଦେଶକଙ୍କ ସମେତ ୩ ଗିରଫ

## ନିବେଶ ଆଳରେ ୧୦ ଲକ୍ଷ ଠକେଇ

**ଭୁବନେଶ୍ୱର,୧୮।୫ (ସତ୍ୟଜିତ ରାଉତ)**



ଗିରଫ ୩ ଅଭିଯୁକ୍ତ।

ନିବେଶ ଆଳରେ ୧୦ଲକ୍ଷ ଟଙ୍କା ଠକେଇ ମାମଲାରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ୩ ଜଣଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ କୋରାପୁଟ ଜିଲା ଜୟପୁର ଟାଉନ ଥାନା ଅନ୍ତର୍ଗତ ବିଦ୍ୟାଧରପୁରର ସିଦ୍ଧୁ ଓରଫ ସିଦ୍ଧାର୍ଥ ପୂଜାରୀ (୨୫) ଓ ବିବେକ୍‌ସିଂ (୩୫) ଏବଂ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅନ୍ତର୍ଗତ ଦାଶରଥପୁରର ବିକି ଓରଫ ଅବିନାଶ ସାହୁ (୩୭)। ସିଦ୍ଧାର୍ଥ ଜିପିଏନ୍‌ଏସ୍ ବିଜ୍‌ନେସ୍ ପ୍ରାଇଭେଟ୍ ଲିଃ କମ୍ପାନୀର ନିର୍ଦ୍ଦେଶକ ହୋଇଥିବା ବେଳେ ଅବିନାଶ ଏସ୍‌ଏସ୍‌ପେ ଡିଜିଟାଲ ସର୍ଭିସେସ୍ ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ଅଛନ୍ତି। ଅଭିଯୁକ୍ତଙ୍କଠାରୁ ୫ଟି ମୋବାଇଲ ଫୋନ୍, ଗୋଟିଏ ଲେଖାଏ ଆଇପାଡ୍ ଓ ଲାପଟପ୍, ୭ଟି ଚେକବୁକ୍, ଏଟିଏମ୍ କାର୍ଡ, ପାନ୍ କାର୍ଡ, କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ଜବତ ହୋଇଛି। କୋର୍ଟଚାଲାଣ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଠକେଇର ଶିକାର ହୋଇଛନ୍ତି ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ସେକ୍ଟର-ଏ ରେ ରହୁଥିବା ସୌମ୍ୟ ରଞ୍ଜନ ପ୍ରଧାନ। ସୌମ୍ୟ ଜାନୁଆରୀ ୪ରେ ଏନେଇ ଏତଲା ଦେବା ପରେ ସାଇବର ଥାନା ପୋଲିସ ମାମଲା (ନଂ.୪/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସାଉଥ୍ ବେଙ୍ଗାଲୁରୁ ମଦିନା ନଗରରେ ଜିପିଏନ୍‌ଏସ୍ ବିଜିନେସ୍ ପ୍ରାଇଭେଟ୍ ଲିଃର ମୁଖ୍ୟ କାର୍ଯ୍ୟାଳୟ ରହିଛି। ଭୁବନେଶ୍ୱରରେ ଏହାର କୌଣସି ବ୍ରାଞ୍ଚ ଅଫିସ୍ ନ ଥିବାବେଳେ କର୍ମଚାରୀ ଓ ଏଜେଣ୍ଟ ଜରିଆରେ ଲୋକଙ୍କୁ ଫସାଉଥିଲେ। କୌଣସି ନିବେଶ କଲେ କମ୍ପାନୀ ମାସକୁ ୭ ପ୍ରତିଶତ କମିଶନ ଦେବ ବୋଲି କହାଯାଉଥିଲା। ଏଥିରେ ରାଜି ହୋଇ ସୌମ୍ୟ ୩ଟି ପର୍ଯ୍ୟାୟରେ ୧୦ଲକ୍ଷ ଟଙ୍କା ଦେଇଥିଲେ। ୨୦୨୪ ସେପ୍ଟେମ୍ବର ୨୬ରେ ୪.୫ ଲକ୍ଷ, ନଭେମ୍ବର ୧୧ରେ ୩ ଲକ୍ଷ ଏବଂ ଜୁଲାଇ ୨୯ରେ ୨.୫ ଲକ୍ଷ ଟଙ୍କା ସୌମ୍ୟ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ କମ୍ପାନୀ ଆକାଉଣ୍ଟକୁ ପଠାଇଥିଲେ। ତଦନ୍ତ ବେଳେ ଓଡ଼ିଶାର ଏସ୍‌ଏସ୍‌ପେ ଡିଜିଟାଲ ସର୍ଭିସେସ୍ କମ୍ପାନୀ ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ଜଣାପଡିଥିଲା। ତେବେ ସିଏମ୍‌ଏସ୍ ପ୍ରକ୍ରିୟାରେ ଠକେଇ ଟଙ୍କାରୁ ୫ ଲକ୍ଷ ୩୦ହଜାର ଟଙ୍କା ଫେରାଇ ଅଣାଯାଇଛି। ଓଡ଼ିଶାରୁ ଏଭଳି ବିଭିନ୍ନ ଲୋକଙ୍କୁ କମ୍ପାନୀ ଦ୍ୱାରା ଠକେଇ କରାଯାଇଥିବା ଅଭିଯୋଗ ହୋଇଛି ବୋଲି ପୋଲିସ ସୂଚନା ଦେଇଛି।

# ଝିଅ ବାହାଘର ପାଇଁ ଥିବା ୫୦ ଲକ୍ଷର ସୁନା ଅଳଙ୍କାର ଚୋରି

**ବ୍ରହ୍ମପୁର,୧୮।୫( ସୁବାସ ଚନ୍ଦ୍ର ପାଢ଼ୀ)**

ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ହାଉସିଂବୋର୍ଡ ହରେକୃଷ୍ଣ ନଗରରେ ଏକ ତାଲାବନ୍ଦ ଘରେ ଚୋରଦଳ କଳାକାନା ବୁଲାଇଛନ୍ତି। ଗୃହକର୍ତ୍ତା ତଥା ଏଲଆଇସି ଏଜେଣ୍ଟ ଏ. କୃପାକର ଝିଅ ବାହାଘର ପାଇଁ ଘରେ ରଖିଥିବା ୫୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ଟଙ୍କାକୁ ଦୁର୍ବୃତ୍ତ ନେଇଯାଇଛନ୍ତି। କୃପାକର ରବିବାର ଚର୍ଚ୍ଚରୁ ପ୍ରାର୍ଥନା ସାରି ଘରକୁ ଫେରିବାରେ ଆଲମୀରାରୁ ସମସ୍ତ ଅଳଙ୍କାର ଗାୟବ ଥିବା ଦେଖି ଥାନାରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଛି। ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସିସିଟିଭି ଫୁଟେଜ ସଂଗ୍ରହ କରିଛି। ଝିଅ ବାହାଘର ଆସନ୍ତା ୩୦ ତାରିଖରେ ହେବାର ଥିଲା। ତେଣୁ ୫୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର କିଣି ଘରେ ରଖିଥିଲୁ ବୋଲି କୃପାକର କହିଛନ୍ତି। ହରେକୃଷ୍ଣ ନଗରରେକୃପାକର ଓ ତାଙ୍କ ସ୍ତ୍ରୀ ରହୁଛନ୍ତି । ତାଙ୍କର ଏକମାତ୍ର ଝିଅ ଚାକିରୀ କରି ବାହାରେ ରହୁଛନ୍ତି। ଝିଅ ବିବାହ ପାଇଁ ଘରେ ରଙ୍ଗ କାମ ଚାଲୁଥିଲା। ରବିବାର କାମ ବନ୍ଦ ଥିବାରୁ ଦମ୍ପତି ଚର୍ଚ୍ଚକୁ ଯାଇଥିଲେ। ଫେରିବା ପରେ ଘରୁ ଚୋରି ହୋଇଥିବା ଦେଖିଥିଲେ। ଘରେ ଚୂନ ଦେଉଥିବା ଲୋକମାନେ ଚୋରି କରୁଥିବା ସନ୍ଦେହ କରାଯାଉଛି।

# ମୋବାଇଲ ଟ୍ରେଡିଂ ଆପ୍‌ରେ ୭.୬୮ ଲକ୍ଷ ଠକେଇ

## ଚାନ୍ଦବାଲିରୁ ଅଭିଯୁକ୍ତ ଗିରଫ

**କଟକ,୧୮।୫ (କାର୍ତ୍ତିକ ସାହୁ)**

ମୋବାଇଲ ଟ୍ରେଡିଂ ଆପ୍‌ରେ ହୋଇଥିବା ଏକ ସାଇବର ଠକେଇ ମାମଲାରେ କଟକ ସାଇବର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ଗୋପାଳପୁର ସଇନ୍ଥା ଗ୍ରାମର ଅମୂଲ୍ୟ କୁମାର ସାହୁ(୪୦)। ତାଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କର ଚେକ୍ ବୁକ୍, ଏଟିଏମ୍ ଓ କ୍ରେଡିଟ୍ କାର୍ଡ, ଆଧାର କାର୍ଡ ଆଦି ଜବତ କରାଯାଇଛି। ଗତ ଜାନୁଆରୀ ୫ରେ ଏତଲାକାରୀ କଟକ ସାଇବର ଥାନାରେ କରିଥିବା ଅଭିଯୋଗ ଅନୁସାରେ, ସେ ଏକ ଅନ୍‌ଲାଇନ୍ ଷ୍ଟକ ଟ୍ରେଡିଂ ବ୍ରୋକର ଗ୍ରୁପ୍ ସହ ଯୋଡ଼ିହୋଇଥିଲେ। ପରେ ଉକ୍ତ ଗ୍ରୁପ୍ ସୂଚନାରେ ସେ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲେ। ସେଠାରେ ତାଙ୍କୁ ଭିଆଇପି ଟ୍ରେଡିଂ ଆକାଉଣ୍ଟ ନାମକ ଷ୍ଟକ ଟ୍ରେଡିଂରେ ଆକାଉଣ୍ଟ ଖୋଲିବାକୁ କୁହାଯାଇଥିଲା। ମୋବାଇଲ ଆପ୍ ଜରିଆରେ ପରିଚାଳିତ ଉକ୍ତ ଆକାଉଣ୍ଟରେ ସାଇବର ଠକଙ୍କ ପ୍ରରୋଚନାରେ ସେ ୬ ଥରରେ ୭ ଲକ୍ଷ ୬୮ ହଜାର ୫ ଟଙ୍କା ଜମା କରିଥିଲେ। ପରବର୍ତ୍ତୀ ସମୟରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ନ୍ୟାଶନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲରେ ରିପୋର୍ଟ କରିବା ସହ କଟକ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ କଟକ ସାଇବର ଥାନାରେ ମାମଲା ନଂ ୦୨/୨୦୨୫ ରୁଜୁ କରି ପୋଲିସ ଖୋଳତାଡ଼ କରିଥିଲା। ବିଭିନ୍ନ ବ୍ୟାଙ୍କ ଓ ଟେଲିକମ୍ କର୍ତ୍ତୃପକ୍ଷଙ୍କ ସହ ତଥ୍ୟ ବିନିମୟ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

# ଗାଡ଼ି ବିକ୍ରି ପାଇଁ ୧.୮ ଲକ୍ଷ ଠକେଇ, ଜଣେ ଗିରଫ

**କଟକ,୧୮।୫(କାର୍ତ୍ତିକ ସାହୁ)**



ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ

ପୁରୁଣା କାର୍ ବିକ୍ରି ଘଟଣାରେ ୧.୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ମଙ୍ଗଳାବାଗ ଥାନା ପୋଲିସ ଜଣକୁ ଗିରଫ କରିଛି। ସେ ହେଲେ ଜଗତସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ସୁନ୍ଥଲାର କାହ୍ନା ଓରଫ ପ୍ରିୟବ୍ରତ ଦାସ (୨୫)। ତାଙ୍କ ନିକଟରୁ ଗୋଟିଏ ମୋଟର ସାଇକେଲ, ୫ଟି ମୋବାଇଲ ଫୋନ୍, ନଗତ ୬୫,୦୦୦ ଟଙ୍କା, ୬ଟି ଏଟିଏମ୍ କାର୍ଡ, ୪ଟି ବ୍ୟାଙ୍କ ପାସ ବୁକ୍, ୪ଟି ଚେକ୍ ବୁକ୍, ୪ଟି ସିମ୍ କାର୍ଡ, ପାନ କାର୍ଡ ଆଦି ସାମଗ୍ରୀ ଜବତ କରାଯାଇଛି।

ସୂଚନାନୁସାରେ, ବାଲେଶ୍ୱର ଜିଲା ସିମୁଳିଆ ଥାନା ଅନ୍ତର୍ଗତ ଅଡ଼ା ଗ୍ରାମର ସୌମ୍ୟ ନିହାର ଦାସ ଅଭିଯୁକ୍ତ ପ୍ରିୟବ୍ରତଙ୍କ ସହ ଏକ ପୁରୁଣା ସୁଇଫ୍ଟ ଡିଜାୟାର କାର୍ କିଣିବା ନିମନ୍ତେ ଚୁକ୍ତିନାମା କରିଥିଲେ। ଚୁକ୍ତିନାମା ଅନୁସାରେ ନୀହାର ୧.୮ ଲକ୍ଷ ଟଙ୍କା ପ୍ରିୟବ୍ରତଙ୍କୁ ଦେଇଥିଲେ। ମାତ୍ର ପଇସା ପାଇବା ପରେ ନିର୍ଦ୍ଧାରିତ ତାରିଖ ସୁଦ୍ଧା ପ୍ରିୟବ୍ରତ କାରଟିକୁ ହସ୍ତାନ୍ତର କରି ନ ଥିଲେ। ବାରମ୍ବାର ଚେଷ୍ଟା ସତ୍ତ୍ୱେ ବିଫଳ ହେବାରୁ ନିହାର ଠକାମିରେ ପଡ଼ିଥିବା ଜାଣିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣକ ଏପରି ଭାବେ ବହୁ ଲୋକଙ୍କୁ ଠକୁଥିବା ନିହାର ଜାଣିବାକୁ ପାଇଥିଲେ। ତେଣୁ ସେ ଏନେଇ ମଙ୍ଗଳାବାଗ ଥାନାରେ ଅଭିଯୋଗ କରି ତାଙ୍କ ପଇସା ଫେରିପାଇବା ନିମନ୍ତେ ପୋଲିସକୁ ନିବେଦନ କରିଛନ୍ତି।

# 'ଭୂତ୍ ବଙ୍ଗଲା': ଅକ୍ଷୟ, ୱାମିକାଙ୍କ ରୋମାନ୍ସ




**ମୁମ୍ବାଇ**

ଅଭିନେତା ଅକ୍ଷୟ କୁମାର ତାଙ୍କର ଆଗାମୀ ହରର୍ କମେଡି ଫିଲ୍ମ 'ଭୂତ୍ ବଙ୍ଗଲା'ର ଶୁଟିଂକୁ ଶେଷ କରିଛନ୍ତି। ଫିଲ୍ମରେ ଅକ୍ଷୟଙ୍କ ବିପକ୍ଷରେ ଅଭିନେତ୍ରୀ ୱାମିକା ଗବି ରହିଛନ୍ତି। ଏହାସହ ପ୍ରଥମଥର ପାଇଁ ବଡ଼ ପରଦାରେ ୱାମିକାଙ୍କ ସହ ଅକ୍ଷୟ ରୋମାନ୍ସ କରୁଥିବାର ନଜରକୁ ଆସିବେ। ଅକ୍ଷୟ ଏବଂ ୱାମିକାଙ୍କ ଲଭ୍ କେମେଷ୍ଟ୍ରିକୁ ଦେଖିବା ପାଇଁ ଉଭୟଙ୍କ ପ୍ରଶଂସକ 'ଭୂତ୍ ବଙ୍ଗଲା'ର ରିଲିଜ୍‌କୁ ଅନାଇ ବସିଛନ୍ତି। ରବିବାର ଅକ୍ଷୟ ତାଙ୍କ ଇନ୍‌ଷ୍ଟାଗ୍ରାମରେ 'ଭୂତ ବଙ୍ଗଲା' ଶୁଟିଂ ଶେଟ୍‌ର ଏକ ବିହାଇଣ୍ଡ ଦି ସିନ୍ (ବିଟିଏସ୍) କ୍ଲିପ୍‌କୁ ଶେୟାର କରିଛନ୍ତି। ଏହି କ୍ଲିପ୍‌ରେ ଉଭୟ ଅକ୍ଷୟ ଏବଂ ୱାମିକା ଏକ ଝରଣା ନିକଟରେ କୌଣସି ଗୀତର ଶୁଟିଂ କରୁଥିବାର ଦେଖାଯାଉଛନ୍ତି। ଭିଡିଓରେ ଉଭୟଙ୍କର ରୋମାଣ୍ଟିକ ଅନ୍ଦାଜ ଦେଖିବାକୁ ମିଳିଛି। ଅକ୍ଷୟ ଏହି ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, 'ଭୂତ୍ ବଙ୍ଗଲା'ର ଶୁଟିଂ ଚାଲିଥିବା ବେଳର ଏକ ବିଟିଏସ୍ କ୍ଲିପ୍। ଏହାସହ ସେ ତାଙ୍କ 'ଭୂତ୍ ବଙ୍ଗଲା' ଶୁଟିଂକୁ ପୂରା କରିଛନ୍ତି। ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ସହ ଏହା ଥିଲା ତାଙ୍କର ସପ୍ତମ ପ୍ରୋଜେକ୍ଟ। ସେହିପରି ୱାମିକାଙ୍କ ସହ ଏହା ତାଙ୍କର ପ୍ରଥମ ଫିଲ୍ମ ଥିଲା। ଆଗକୁ ୱାମିକାଙ୍କ ସହ ସେ ଆହୁରି ଅନେକ ଫିଲ୍ମ କରିବେ ବୋଲି ଅକ୍ଷୟ ଆଶା ପ୍ରକଟ କରିଛନ୍ତି। ୨୦୨୬ ଏପ୍ରିଲ ୨ରେ ରିଲିଜ୍ ହେବାକୁ ଥିବା 'ଭୂତ୍ ବଙ୍ଗଲା' ଫିଲ୍ମରେ ଅଭିନେତ୍ରୀ ତବୁ, ଅଭିନେତା ପରେଶ୍ ରାୱଲ ଏବଂ ରାଜ୍‌ପାଲ ଯାଦବ ପ୍ରମୁଖଙ୍କୁ ମଧ୍ୟ ଦେଖିବାକୁ ମିଳିବ।

# ୧୪ ନର୍ସ ଏକସଙ୍ଗେ ଗର୍ଭବତୀ



**ୱାଶିଂଟନ୍**

ଆମେରିକାର ୱିସ୍‌କନ୍‌ସିନ୍ ରାଜ୍ୟ ଗ୍ରୀନ୍ ବେ ସହରର ସେଣ୍ଟ ଭିନ୍‌ସେଣ୍ଟ ହସ୍ପିଟାଲରେ ଏକସଙ୍ଗେ ୧୪ ଜଣ ନର୍ସ ଗର୍ଭବତୀ ହୋଇଥିବାର ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ହସ୍ପିଟାଲର ସ୍ତ୍ରୀ ଏବଂ ପ୍ରସୂତି ବିଭାଗରେ କାର୍ଯ୍ୟରତ ୧୪ ଜଣ ନର୍ସ ସମ୍ପ୍ରତି ଗର୍ଭବତୀ ଥିବାନେଇ ନିକଟରେ ହସ୍ପିଟାଲ ପକ୍ଷରୁ ଏକ ପ୍ରେସ୍ ରିଲିଜ ଜାରି କରାଯାଇ ସୂଚନା ଦିଆଯାଇଥିଲା। ହସ୍ପିଟାଲର ନିର୍ଦ୍ଦେଶକ କହିଛନ୍ତି, ସମ୍ପ୍ରତି ହସ୍ପିଟାଲର ୧୪ ଜଣ ନର୍ସ ଗର୍ଭବତୀ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ପ୍ରଥମ ଥର ପାଇଁ ମା' ହେବାକୁ ଯାଉଛନ୍ତି। ଏହି ସମସ୍ତ ନର୍ସ ନବଜାତ ଶିଶୁର କିପରି ଯତ୍ନ ନିଆଯିବ ତାହା ଭଲ ଭାବେ ଜାଣିଛନ୍ତି। ମାତୃତ୍ୱ ଲାଭ ପରେ ଏହି କ୍ଷେତ୍ରରେ ସେମାନଙ୍କର ଜ୍ଞାନ ଆହୁରି ବୃଦ୍ଧି ପାଇବ। ତେବେ ଗର୍ଭବତୀ ଥିବା ନର୍ସମାନଙ୍କ ପ୍ରସବ ସମୟ ଅଲଗା ଅଲଗା ମାସରେ ସ୍ଥିର ଥିବା ସେ କହିଛନ୍ତି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

## OFFICE OF THE PARADEEP MUNICIPALITY, PARADEEP

ସ୍ଥାନ–ପାରାଦ୍ୱୀପ, ଜିଲ୍ଲା–ଜଗତସିଂହପୁର, ୭୫୪୧୪୨
At/Po.-Paradeep, Dist.-Jagatsinghpur (Odisha), Pin-754142

No.C-345 **e-Procurement Notice**

| | |
|---|---|
| Tender Call Notice No. | : 1980/dt.14.05.2025 |
| Bid Identification No. | : EO/PDPM/W_01/2025-26 |
| Tender ID | : 2025_ORULB_113460 |
| Nature of Works | : Civil Works |
| Number of Works | : 130 |
| Tender Value | : ₹ 1.92 lakh to ₹ 16.95 lakh |
| Available Period | : Dt.19.05.2025 from 10:00 hrs to Dt.31.05.2025 17:00 hrs |
| Tender Opening Date | : Dt.02.06.2025 at 11:00 A.M. |

Bidders are requested to read the NIT & DTCN at www.tendersodisha.gov.in carefully and participate with their Supplier/ Manufacturer/license with valid Registration Certificate before the closing date.

Sd./- Executive Officer
Paradeep Municipality
OIPR-13120/11/0042/2526

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

No.T–:ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା**୧୯.୦୫.୨୦୨୫** ରିଖ (ସୋମବାର) ଦିନ ସକାଳ ୮ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ ।

ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ କରିଥିବା ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡ୍‌କୁ ମୋବାଇଲ ଫୋନ ଦ୍ୱାରା ସ୍କାନ୍ କରି ଗୁଗୁଲ ମ୍ୟାପ୍ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିପାରିବେ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ
ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0121/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, RAYAGADA

Email ID-ccerwcrayagada@gmail.com
Letter No.912, / Date:15.05.2025

**1st Corrigendum**

No.O-171:In Continuation to this office bid identification No.NCB-06/RWCRGDA/2025-26 invited vide this office letter No.539 dated 11.04.2025 partial modification of TCN has been made as follows:

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.25.04.2025 at 11.00 AM to Dt.16.05.2025 upto 5.00 PM | Extended upto 5.00 PM of 06.06.2025 |
| 2 | Date & Time of seeking tender clarification if any | Dt.15.05.2025 Upto 5.00 PM | Dt.05.06.2025 Upto 5.00 PM |
| 3 | Date & Time of opening of tender (Technical Bid) | Dt.17.05.2025 At 11.00 A.M. | Dt.09.06.2025, At 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.
OIPR-25196/11/0013/2526 Sd./- Chief Construction Engineer, Rural Works Circle, Rayagada

## BRAHMAPUR DEVELOPMENT AUTHORITY

Court Road, Courtpeta, Brahmapur, Ganjam, Odisha, PIN-760004
www.bdabrahmapur.in, e-mail: bedaengineers@gmail.com; Phone No.0680 2292797

**NATIONAL COMPETITIVE BIDDING THROUGH e-PROCUREMENT**

No.CAD-442
**Invitation for Bids (IFB)**
**No. 176/BeDA (Engg.), Dt.16.05.2025**

| Sl No. | Name of work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|---|
| 1 | Infrastructure Development of Waer Sports Complex at Sonapur, Ganjam | EM-BeDA-12/2025-26 | 244.48 | "B" Class or Equivalent | 09 (Nine) Calendar Months | 19.05.2025 10.00 Hours | 09.06.2025 17.30 Hours | Engineer Member, Brahmapur Development Authority, Courtpeta, Brahmapur, 760004 |
| 2 | Infrastructure at Sea Beaches for easy access to the differently abled people at Gopalpur, Ganjam | EM-BeDA-13/ 2025-26 | 21.18 | "C" Class or Equivalent | 06 (Six) Calendar Months | 19.05.2025 10.00 Hours | 09.06.2025 17.30 Hours | |

- All Corrigendum and addendum shall be published in official website only.
- The Bidder shall have to participate in **ONLINE** bidding only.
- Late date for seeking clarification - **Dt.30.05.2025** upto **17.30 hours**.
- Further details can be seen from the e-Procurement portal www.tendersodisha.gov.in and www.bdabrahmapur.in.
- Tender shall be opened online on **Dt.10.06.2025** at **11 hours**.

OIPR-13086/11/0006/2526 Sd./- ENGINEER MEMBER, Brahmapur Development Authority, Brahmapur

## DISTRICT EDUCATION OFFICE, SAMBALPUR
## (DISTRICT PROJECT MANAGEMENT UNIT, PM Poshan)

No. 4112/PM POSHAN (MDM) Dt.16/05/2025

**SHORT TENDER CALL NOTICE**

**No.n-48** : Sealed tenders are invited in the prescribed format from the intending **individual / firm/** Transport Contractor(s) / **Agents** having agent's license for transportation of foodstuff(rice) under PM Poshan feeding programme from OSCSC RRC **godowns i.e. A.Katapali, Nuakhurigaon, Kuchinda & Rairakhol** of the district **to different school points** of Sambalpur District without transit for **3rd & 4th qtr of 2025-26**. The detailed tender papers and documents can be obtained from the District Project Management Unit, PM Poshan (MDM), which is functioning in the Office of the District Education Officer, Sambalpur on payment of **Rs.500/-** (Rupees Five Hundred) only (non-refundable) in shape of Demand Draft in favour of the **"District Education Officer-cum-District Nodal Officer, District Project Management Unit, PM Poshan(MDM), Sambalpur"** payable at Sambalpur. The details of the Tender Call Notice and other documents are also available in Office website http://sambalpur.odisha.gov.in of Sambalpur District.

| | |
|---|---|
| Date of commencement of sale of Tender Document | : Dt.17.05.2025 |
| Last date of sale of Tender Document | : Dt.31.05.2025 |
| Last date & time of Receipt of Tender Documents | : Dt.03.06.2025 (1 P.M.) |
| Date & Time of Opening of Tender Docuemnts | : Intimated Later on |

Notwithstanding anything contained to the contrary in the tender document, the undersigned reserves the right to cancel/modify the "invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd./- District Education Officer
Sambalpur
OIPR-15013/11/0051/2526

## The Odisha State Co-operative Milk Producers' Federation Limited

D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
www.omfed.com
E-mail ID : omfed@yahoo.com

**e-Tender Notice**

**No.CAD-450** : OMFED invites Tender for Design, Development & Implementation of Integrated Dairy Management System (IDMS) along with Annual Operation & Maintenance support for 5 years across various locations of OMFED. Interested bidders may submit their offers latest by 05:00 P.M. dt. 05/06/2025. The cost of tender paper is ₹11,800/- (incl. GST 18%) along with EMD of ₹10,00,000/- (Rupees Ten Lakhs Only) to be submitted online on the e-tender portal of Government of Odisha (**www.tendersodisha.gov.in**) in favor of OMFED payable at Bhubaneswar. For details visit out official website: www.omfed.com.

The corrigendum / amendment to this notice, if required shall be published only in the OMFED website and will not be published again in newspaper.

OMFED reserves the right to accept or reject any or all the tenders or part thereof without assigning any reason.

OIPR-06063/11/0180/2526 Sd./- Managing Director

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI

E-mail-ruralworksdivisioniimalkangiri@yahoo.in

**INVITATION FOR BIDS**
**NATIONAL COMPETITIVE BIDDING**

**Bid Identification No: RWDSE_MKG_II_ONLINE_02/2025-26**

No.O-169:The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade/Class registered with Central Government/MES/Railways according to the norm of "e" Procurement system in online mode for the works detailed in the table below on turnkey basis.

1. Name of the Work: Building & Road Work. 2. No. of Works: 03 Nos. 3. Estimated Cost: Rs.58.83 Lakhs to 81.39 Lakhs. 4. Tender Paper Cost: Rs.10,000/-. 5. Class of Contractor: Estimated Cost upto Rs.20.00 Lakhs 'D', Estimated Cost upto Rs.40.00 Lakhs 'C', Estimated Cost more than Rs.20.00 lakhs & within Rs.300.00 lakhs 'B'. 6. Period of Completion: 09 (Nine) Calendar Months. 7. **Critical Dates:**

| Procurement Officer | Bid Identification No. | Availability of Tender Online for Bidding From | To | Last Date & Time of Seeking Tender Clarification | Date of Opening of Tender Technical Bid | Financial Bid |
|---|---|---|---|---|---|---|
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_02 of 2025-26 | 26.05.2025 at 11.00 A.M. | 10.06.2025 upto 05.30 PM | 09.06.2025 upto 3.00 PM | 11.06.2025 at 11.00 A.M. | To be intimated separately |

❖Further details can be seen in the bidding documents, which is available in the e-procurement portal https://www.tendersorissa.gov.in. ❖Subsequent corrigendum if required shall be appeared in the website. ❖Authority reserves the right to reject any or all tenders without assigning any reason thereof.

OIPR-25079/11/0024/2526 Sd./- Superintending Engineer, Rural Works Division-II, Malkangiri

## GOVERNMENT OF ODISHA
## DEPARTMENT OF WATER RESOURCES
### OFFICE OF THE ADDITIONAL CHIEF ENGINEER
### EASTERN CIRCLE-I, CANTONMENT ROAD, CUTTACK

No.A-164
Email id : seeccuttack@gmail.com

**'e'-Procurement Notice No.ACE, EC-I/01 of 2025-26**

| | | |
|---|---|---|
| 1 | Name of Work | : Protection to scoured bank on Kathajodi left embankment of 4 new nos. low level spur at RD 4.650 km, at RD 4.890 km, RD 5.070 km and at RD 5.350 km with launching apron near Birenmitra Park. Bid Identification No.ACE, EC-I MBD 01 of 2025-26 |
| 2 | Total No. of Work | : 1 (One) No. work |
| 3 | Tender paper Cost (online) (Non-refundable) | : Rs. 10,000.00 (Ten thousand) |

4. Bid details are as follows :

| Procurement Officer | Bid Identification No. | Tender Cost (Rs. in Lakh) (Approx.) | EMD (On-line) (in Rs.) | Class of Contractor | Period of Completion | Availability of Tender On-line for bidding From | To | Date of Opening of Technical Bid (Cover-I) |
|---|---|---|---|---|---|---|---|---|
| Additional Chief Engineer, Eastern Circle-I, Cuttack | ACE, EC-I MBD 01 of 2025-26 | 827.00 | 8,27,000.00 | 'A' & 'Special' | 12 (Twelve Calendar months) | 20.05.2025 at 10.00 hrs. | 03.06.2025 upto 17.30 hrs. | 04.06.2025 at 11.30 hrs. |

Other terms and conditions can be seen from the Govt. website www.tendersodisha.gov.in
All corrigendum / cancellation of tender if any, will only be uploaded in the above website.

Sd./- Additional Chief Engineer,
Eastern Circle-I, Cuttack
OIPR-32370/11/0016/2526

## OFFICE OF THE MUNICIPAL COUNCIL: GUNUPUR

No.C-338

**e-procurement Notice**
**Tender Reference No.GUN-MUN-70/2025-26**
**No.855, Dt.16.05.2025**

| | | |
|---|---|---|
| 01. | Total Nos. of Works | : 03 Nos. of Civil Works |
| 02. | Approximate Estimated Cost (including GST 18%) | : Rs.62,65,930/- to Rs.84,27,810/- |
| 03. | Period of Completion | : Three (03) - Six (06) Months |
| 04. | Date & Time of availability of Bid document in the Portal | : 10.00 Hrs. of Dt.19.05.2025 to 17.00 Hrs. of Dtd.06.06.2025 for Online Bidding |
| 05. | Last date/Time for receipt of Bids in the Portal | : 17.00 Hrs. of Dtd.06.06.2025 |
| 06. | Name and address of the Officer Inviting Bid | : Executive Officer, Gunupur Municipality |
| 07. | Date of Opening of Bids | : 11.00 Hrs. on Dtd.09.06.2025 |
| 08. | Further details can be seen from the e-Procurement Portal | : www.tendersodisha.gov.in |
| 09. | Further Addendum/ Corrigendum if any will be hosted in the above website. | |

Sd./- Executive Officer
Gunupur Municipality
OIPR-13104/11/0014/2526

## ଓଡ଼ିଶା ସରକାର
## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆଖୁଆପଦା ଜଳସେଚନ ବିଭାଜନ

No.A-186
ଇମେଲ–akp.irrigationdivision@gmail.com

**'e'- Procurement Notice No.03/2025-26**

1. କାର୍ଯ୍ୟର ନାମ : ନଦୀ ବନ୍ଧ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟ ସଂଖ୍ୟା : ୦୨ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୭୫.୫୦ ଲକ୍ଷରୁ ୮୩.୦୭ ଲକ୍ଷ
4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :
   - I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା
   - II. ଅନ୍‌ଲାଇନ Biddingର ସମୟସୀମା: ତା.୨୦.୦୫.୨୦୨୫ ଦିବା ୧୦ ଘଟିକାରୁ ତା.୨୯.୦୫.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
   - III. Technical ଏବଂ Financial bid: ଖୋଲାଯିବାର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୩୦.୦୫.୨୦୨୫ ଦିବା ୧୧.୩୦
   - IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୬.୦୬.୨୦୨୫ ଦିବା ୧୧.୦୦ ଘଟିକା ସମୟରେ ।

ଅନ୍ୟାନ୍ୟ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in

ସ୍ୱା./– ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ,
ଆଖୁଆପଦା
OIPR-32548/11/0002/2526

No.A-187

## GOVERNMENT OF ODISHA
## DEPARTMENT OF WATER RESOURCES
## INVITATION FOR BIDS (IFB)
## "e" Procurement Notice-1/2025-26
### BID IDENTIFICATION NO.SAL-BDK-1-P1 OF 2025-26

| | | |
|---|---|---|
| 1. | Name of Work | : Maintenance of Canal and Embankment (River & Saline) Works |
| 2. | Class of Contractor | : Varies from "C" Class to "B" Class |
| 3. | No. of Works | : 8 Nos. (Details as per NIT available in website) |
| 4. | Value of Work | : Rs.49.00 Lakhs to 10.27 Lakhs |
| 5. | Time of Completion | : 4 to 6 Calendar Months |
| 6. | Type of Bid | : Percentage Bid |
| 7. | Summary for key dates is provided below. | |

| Procurement Officer | Bid Identification No. | Availability of tender for online bidding From | To | Date & Time of opening Bid |
|---|---|---|---|---|
| Superintending Engineer, Salandi Canal Division, Bhadrak | SAL-BDK-1 P1 of 2025-26 | 22.05.2025 at 11.00 AM | 05.06.2025 upto 1.00 PM | 06.06.2025 at 11.00 AM |

Further details can be seen from the website http.//www.tendersodishagov.in/ www.dowrodisha.gov.in.
Any addendum/ Corrigendum/Cancellation to the above notice will be published in this website only.

Sd./- Superintending Engineer
OIPR-32005/11/0006/2526 Salandi Canal Division, Bhadrak

## Government of Odisha
## Office of the Superintending Engineer, Rural Works Division-II, Dhenkanal
## Kamakhyanagar

No.O-174
E-Mail : rw.kamakhyanagar@yahoo.co.in

**e-procurement Notice No. 01 / Building Work / 2025-26**

| | | |
|---|---|---|
| 1 | Name of the work | : Building Work |
| 2 | Total No. of Works | : 02 (Two) Nos. |
| 3 | Tender Cost | : Rs. 50.42 lakh (approx) |
| 4 | Class of Contractor | : "B" Class |
| 5 | Period of Completion | : 6 calendar months |
| 6 | Availability of Tender online for bidding | : 23.05.2025 at 11.00 A.M. to 31.05.2025 up to 5.00 P.M. |
| 7 | Last Date & Time of seeking tender clarification | : 30.05.2025 upto 4.00 P.M. |
| 8 | Date & Time of opening of Bid | : 02.06.2025 at 11.00 A.M. |

Other Details can be seen from the website http://tendersorissa.gov.in.

Sd./- Superintending Engineer
R.W. Division-II, Dhenkanal
Kamakhyanagar
OIPR-25094/11/0025/2526

## ODISHA PUBLIC SERVICE COMMISSION CUTTACK

**NOTICE**

**No. 3309/P.S.C., Dt. 17.05.2025**
**(1R-05-2025/26)(DR-V)**

**No.D-62** : It is for information of all concerned that, document verification of candidates having **PPSAN** mentioned below for the Post of **Professor in Metallurgical & Material Engineering,** pursuant to Advertisement No.31 of 2023-24 shall be held on **28.05.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 28.05.2025 | 2.30 P.M. | P240312208 & P240293819 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification :-

1. The hard copies of **online application forms** indicating their **PPSAN at the top right-hand corner**.
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board /Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech. /M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board /Council/ University /Institution.
9. Research Papers.
10. Research Publications.
11. Experience Certificate indicating minimum 10 years of experience in teaching/research/industry.
12. Experience Certificate in support of having minimum of 03 years of experience at a post equivalent to that of an Associate Professor (Level-13A1, Entry pay-131400).
13. Certificates/documents indicating about successfully guiding doctoral candidates.
14. Caste Certificate wherever applicable.
15. No Objection Certificate from the competent authorities in case of Government Servants.
16. Any proof of identity.
17. Copies of all the documents in support of Research Score as provided in Annexure-A (Table-2) of Advt. No.31 of 2023-24.
18. Any other documents as mentioned in para-09 of Advt. No.31 of 2023-24

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0209/2526 Sd./- Secretary

## ODISHA PUBLIC SERVICE COMMISSION CUTTACK

**NOTICE**

**No. 3303/P.S.C., Dt. 17.05.2025**
**(1R-07-2025/26)(DR-V)**

**No.D-61** : It is for information of all concerned that, document verification of candidates having **PPSAN** mentioned below for the Post of **Professor in Production Engineering,** pursuant to Advertisement No.31 of 2023-24 shall be held on **28.05.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 28.05.2025 | 10.30 A.M. | P240302121 & P240304475 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification :-

1. The hard copies of **online application forms** indicating their **PPSAN at the top right-hand corner**.
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board /Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech. /M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board /Council/ University /Institution.
9. Research Papers.
10. Research Publications.
11. Experience Certificate indicating minimum 10 years of experience in teaching/research/industry.
12. Experience Certificate in support of having minimum of 03 years of experience at a post equivalent to that of an Associate Professor (Level-13A1, Entry pay-131400).
13. Certificates/documents indicating about successfully guiding doctoral candidates.
14. Caste Certificate wherever applicable.
15. **No Objection Certificate** from the competent authorities in case of Government Servants.
16. Any proof of identity.
17. Copies of all the documents in support of Research Score as provided in Annexure-A (Table-2) of Advt. No.31 of 2023-24.
18. Any other documents as mentioned in para-09 of Advt. No.31 of 2023-24

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0211/2526 Sd./- Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯାଜପୁର, ଝାରସୁଗୁଡ଼ା, ସୋନପୁର ବିଜୟୀ

## ଓସିଏ ୧୯ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ

**ଭୁବନେଶ୍ୱର, ୧୮ା୫ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଓସିଏ ୧୯ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ (ଦିନିକିଆ ଫର୍ମାଟ) ଟୁର୍ନାମେଣ୍ଟର ପ୍ରଥମ ପର୍ଯ୍ୟାୟ ପ୍ରିମିୟର ଲିଗ୍ (ଗ୍ରୁପ୍ 'ଏ' ଓ 'ବି')ରେ ଯାଜପୁର, ଝାରସୁଗୁଡ଼ା, ସୋନପୁର, ଭୁବନେଶ୍ୱର 'ବି', ନବରଙ୍ଗପୁର ଓ ନୟାଗଡ଼ ସେମାନଙ୍କ ମ୍ୟାଚରେ ବିଜୟୀ ହୋଇଛନ୍ତି। କଟକସ୍ଥିତ ରେଭେନ୍ସା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚରେ ଯାଜପୁର ୮୬ ରନରେ ଭଦ୍ରକକୁ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଯାଜପୁର ସୌଭାଗ୍ୟ ଧଳଙ୍କ ଅର୍ଦ୍ଧଶତକ (୬୮ବଲ୍‌ରୁ ୫୨) ସହାୟତାରେ ୪୮ ଓଭରରେ ୨୧୧ ରନ କରି ଅଲଆଉଟ ହୋଇଯାଇଥିଲା। ବିପକ୍ଷ ଦଳର ସଫଳ ବୋଲର ଅମିତାଂଶୁ ମଲିକ ୪୦ରନ ଦେଇ ୪ ଉଇକେଟ ନେଇଥିଲେ। ଜବାବରେ ଭଦ୍ରକ ଏହାର ସମସ୍ତ ଉଇକେଟ ହରାଇ ୩୦. ୨ ଓଭରରେ ୧୨୫ ରନ କରିଥିଲା। ବିଜୟୀ ଦଳର ସୟଦ ଆର୍. ହୋସେନ ୭ ଓଭର ବୋଲିଂ କରି ୩୨ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଭେନ୍ସା ଗ୍ରାଉଣ୍ଡ-୨ରେ ସମ୍ବଲପୁର ବିପକ୍ଷରେ ଝାରସୁଗୁଡ଼ା ୨୪୮ରନରେ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡ଼ା ପୀୟୂଷ ଯାଦବ (୧୦୦ ବଲ୍‌ରୁ ୧୨୧ରନ)ଙ୍କ ଶତକ ସହାୟତାରେ ୭ଉଇକେଟ ବିନିମୟରେ ୩୨୫ ରନ କରିଥିଲା। ଜବାବରେ ସମ୍ବଲପୁର ୨୩.୪ ଓଭରରେ ୭୭ ରନ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ବୋଲର (୫.୪-୨-୧୬-୫) ଓମ୍ ସକୁନିଆ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଅଡ଼ଶପୁର ଗ୍ରାଉଣ୍ଡରେ ସୋନପୁର ୮୩ ରନରେ ରାୟଗଡ଼ାକୁ ହରାଇ ଦେଇଛି। ଏଥିରେ ସୋନପୁର ୪୫ ଓଭରରେ ୯ ଉଇକେଟ ବିନିମୟରେ ୨୨୬ ରନ କରିଥିଲା। କୁଶଲ ବିଷୋଇ ୬୧ରନ କରିଥିଲେ। ରାୟଗଡ଼ା ୩୮ ଓଭରରେ ୧୪୩ ରନ କରି ଅଲଆଉଟ ହୋଇଯାଇଥିଲା। ମ୍ୟାଚରେ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ସୋନପୁରର ଧ୍ରୁବ ଜ୍ୟୋତି ପାହାରି (୪ ଉଇକେଟ ଓ ୩୫ ରନ) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଡ୍ରିମ୍ସ ଗ୍ରାଉଣ୍ଡରେ ଭୁବନେଶ୍ୱର 'ବି' ୪ ଉଇକେଟରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ଏଥିରେ ବିଜୟୀ ଦଳର ବୋଲର ଅବିନାଶ ମହନ୍ତ (୯-୧-୨୦-୪) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସନ୍‌ସାଇନ୍ ଗ୍ରାଉଣ୍ଡରେ କିଟ୍ ବିପକ୍ଷରେ ନୟାଗଡ଼ ୬ ଉଇକେଟରେ ବିଜୟ ଲାଭ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ୩୬.୧ ଓଭରରେ ୧୨୬ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ନୟାଗଡ଼ ଦଳ୧୬.୩ ଓଭରରେ ୪ଉଇକେଟ ବିନିମୟରେ ୧୨୮ ରନ କରି ବିଜୟ ଲାଭ କରିଥିଲା। ଦେବଜ୍ୟୋତି ପଟ୍ଟନାୟକ (୮.୧-୧-୨୮-୪) ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ବିଡ଼ାନାସୀ ଗ୍ରାଉଣ୍ଡରେ ବୌଦ୍ଧ ବିପକ୍ଷରେ ନବରଙ୍ଗପୁର ୯୭ରନରେ ବିଜୟ ହାସଲ କରିଛି। ନବରଙ୍ଗପୁରରର ଦିଲୀପ ବିଷୋଇ (୭.୫-୦-୩୧-୭) ଓ ୩୯ରନ (୨୮ ବଲ୍) ଅଲରାଉଣ୍ଡ ପ୍ରଦର୍ଶନ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ପୀୟୂଷ ଯାଦବ


ଦିଲୀପ ବିଷୋୟୀ

# ଷ୍ଟାନୋଙ୍କ ବିଶ୍ୱ ରେକର୍ଡ

## ୩୫ କି.ମି. ରେସ ୱାକ୍



ରେସ୍ ଅବସରରେ ମାସିମୋ ଷ୍ଟାନୋ।

**ରୋମ,୧୮ା୫**

ଇଟାଲିର ମାସିମୋ ଷ୍ଟାନୋ ୩୫ କି.ମି. ରେସ ୱାକ୍ ଇଭେଣ୍ଟକୁ ୨ ଘଣ୍ଟା ୨୦ ମିନିଟ ଓ ୪୩ ସେକେଣ୍ଡରେ ଶେଷ କରି ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ପୋଡେବ୍ରାଡିଠାରେ ଚାଲିଥିବା ୟୁରୋପିଆନ ରେସ ୱାକିଂ ଟିମ୍ ଚାମ୍ପିୟନଶିପରେ ରବିବାର ଏହି ସଫଳତା ପାଇଛନ୍ତି। ୨୦ କି.ମି. ରେସ ୱାକ୍‌ରେ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଷ୍ଟାନୋ ପ୍ୟାରିସ ଗେମ୍ସରେ ଚତୁର୍ଥ ସ୍ଥାନରେ ରହିଥିଲେ। ସେ ୫୭ ସେକେଣ୍ଡର ବ୍ୟବଧାନରେ ପୁରୁଣା ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ଏଥିପୂର୍ବରୁ ଏହି ରେକର୍ଡ କାନାଡାର ଇଭାନ ଡନଫିଙ୍କ ନାମରେ ଥିଲା। ସେ ଦୁଇ ମାସ ତଳେ ଏହି ରେକର୍ଡ ହାସଲ କରିଥିଲେ।

# ସ୍କୁଲ୍ସ ଓପନ ଚେସ୍: ଆଦିତ୍ୟ ଚାମ୍ପିୟନ

**ଭୁବନେଶ୍ୱର, ୧୮ା୫ (ତପନ ସ୍ୱାଇଁ)**

ରାଜ୍ୟ ସ୍କୁଲ୍ସ ଓପନ ଚେସ୍ ରବିବାର କଳିଙ୍ଗ ନଗର ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୪.୫ ପଏଣ୍ଟ ଲେଖାଏ ପାଇ ଆଦିତ୍ୟ ଜେନା ଚାମ୍ପିୟନ ଓ ସତ୍ୟମ୍ ସ୍ୱରୂପ ସାହୁ ରନରଅପ୍ ହୋଇଛନ୍ତି। ଶ୍ରୀକୃଷ୍ଣ ସାମଲ, ଜେ. ସାଇ ସିଦ୍ଧାର୍ଥ ଓ ସୋମନାଥ ପ୍ରଧାନ ୪ ପଏଣ୍ଟ ଲେଖାଏ ସହ ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗରେ ୧୦ ଜଣଙ୍କୁ ଏଜ୍ ଗ୍ରୁପ୍ ଏବଂ ୧୪ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାର ଦିଆଯାଇ ସମ୍ମାନିତ କରାଯାଇଛି। ଡିଏଭି ସ୍କୁଲ ପ୍ରିନ୍ସିପାଲ ବଳରାମ ମହାପାତ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ସ୍କୁଲର ଏକାଡେମିକ ସୁପରଭାଇଜର ଶର୍ମିଳା ଦାଶ, କ୍ରୀଡ଼ା ବିଭାଗ ମୁଖ୍ୟ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଶିକ୍ଷକ ପ୍ରମୋଦ କୁମାର ନାୟକ, ଏ. ରବି ଶଙ୍କର ଓ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।


କୃତି ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଭିଜା ଗ୍ୟାରେଣ୍ଟି ମାଗିଲା ପିଏଚ୍‌ଏଫ୍

**କରାଚୀ, ୧୮ା୫ (ପି.ଟି.):** ଭାରତରେ ଏସିଆ କପ୍ ହକି ପ୍ରତିଯୋଗିତା ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍) ଏସିଆ ହକି ମହାସଂଘଠାରୁ ଭିଜା ଗ୍ୟାରେଣ୍ଟି ଚାହୁଁଛି। ଟୁର୍ନାମେଣ୍ଟ ବିହାରର ରାଜଗିରିଠାରେ ହେବ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ହକି ଇଣ୍ଡିଆ ସାଧାରଣ ସମ୍ପାଦକ ଭୋଳାନାଥ ସିଂ କହିଛନ୍ତି, ଏହି ବ୍ୟାପାରରେ ସେମାନେ ସରକାରଙ୍କ ପରାମର୍ଶ ଲୋଡ଼ିଛନ୍ତି। ଏଣେ ପିଏଚ୍‌ଏଫ୍‌ର ଜଣେ ବରିଷ୍ଠ ଅଫିସିଆଲ କହିଛନ୍ତି, ଏସିଆ କପ୍ ଆସନ୍ତାବର୍ଷ ନେଦରଲାଣ୍ଡ ଓ ବେଲଜିୟମରେ ହେବାକୁଥିବା ପୁରୁଷ ବିଶ୍ୱକପ୍ ଲାଗି ଏକ କ୍ୱାଲିଫାଇଂ ଟୁର୍ନାମେଣ୍ଟ ହୋଇଥିବାରୁ ପାକିସ୍ତାନ ପାଇଁ ଏହି ଟୁର୍ନାମେଣ୍ଟ ଗୁରୁତ୍ୱ ବହନ କରୁଛି। ଆମେ ଏହି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନା। ଏସିଆନ ହକି ମହାସଂଘ (ଏଏଚ୍‌ଏଫ୍) କିମ୍ବା ଭାରତ ଆମ ଦଳକୁ ଭିଜାର ଗ୍ୟାରେଣ୍ଟି ଦେଇପାରିଲେ ସମସ୍ୟାର ସମାଧାନ ହୋଇପାରନ୍ତା। ପିଏଚ୍‌ଏଫ୍ ଅଫିସିଆଲ ଜଣକ ଆହୁରି ମଧ୍ୟ କହିଛନ୍ତି ଯେ, ୨୦୨୬ ପ୍ରାରମ୍ଭରେ ମଧ୍ୟ ଏକ ବିଶ୍ୱକପ୍ କ୍ୱାଲିଫାଇଂ ଇଭେଣ୍ଟ ଅନୁଷ୍ଠିତ ହେବ, କିନ୍ତୁ ଏସିଆ କପ୍‌ରେ ଯୋଗ୍ୟତା ହାସଲ କରିବା ସେ ତୁଳନାରେ ସହଜ। ସୂଚନାଯୋଗ୍ୟ, ପାକିସ୍ତାନ ୨୦୨୩ରେ ଭାରତରେ ଅନୁଷ୍ଠିତ ଗତ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା। ଏସିଆ କପ୍ ହକି ୧୨ତମ ସଂସ୍କରଣରେ ଆୟୋଜକ ଭାରତ ବ୍ୟତୀତ ପାକିସ୍ତାନ, ଜାପାନ, କୋରିଆ, ଚାଇନା, ମାଲେସିଆ, ଓମାନ ଓ ଚାଇନିଜ ତାଇପେ ଆଦି ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ପାକିସ୍ତାନକୁ ଯଦି ଭାରତ ଆସିବାକୁ ଅନୁମତି ନ ମିଳେ ତେବେ ଏହି ଟୁର୍ନାମେଣ୍ଟ ୭ଟି ଦଳକୁ ନେଇ ହେବ କିମ୍ବା ଖାଲି ପଡ଼ିଥିବା ସ୍ଥାନରେ ଏକ ନୂଆ ଦଳକୁ ସାମିଲ କରାଯିବ। ଏସବୁ ଏସିଆନ ହକି ମହାସଂଘ ଉପରେ ନିର୍ଭର କରେ। ହକି ଇଣ୍ଡିଆ ସୂତ୍ରରୁ ପ୍ରକାଶ ପାକିସ୍ତାନ ହକି ଦଳକୁ ଭାରତ ଗସ୍ତରେ ଆସିବା ଲାଗି ଅନୁମତି ଦିଆଯିବ କି ନା ତାହା ସେ ସମୟ କହିବ। ସୂଚନାଯୋଗ୍ୟ, ଗତଥର ପଠାଣକୋଟ୍ ବିମାନଘାଟି ଆକ୍ରମଣ ଘଟଣାର କିଛି ମାସ ପରେ ୨୦୧୬ରେ ଭାରତରେ ଅନୁଷ୍ଠିତ ଜୁନିୟର ବିଶ୍ୱକପ୍‌ରେ ପାକିସ୍ତାନ ହକି ଟିମ୍ ଭାଗ ନେଇ ନ ଥିଲା। ସେତେବେଳେ ଇଭେଣ୍ଟରେ ପାକିସ୍ତାନ ସ୍ଥାନରେ ମାଲେସିଆ ଅଂଶଗ୍ରହଣ କରିଥିଲା।


# Classified Everyday
0674-2580101, 9692975378

## REAL ESTATE SALE

Plot for sale 345 dec Mouza Naugaon Bhubaneswar propose road 100sqft. side contact 9337469627. D-76457

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

## FOR RENT

**Hostel space with 170 bed available for rent behind Trident Engineering College, Infosys, Patia. Contact- 7008181478.** D-579

## Healthcare

Newly open health benefits SPA by expert therapist. Contact- 8280961126. D-76913

**Relax, Refresh your body, Mind at Saikrupa Spa with best therapies. 7848011468. D-568**

Positively health benefits spaexpertfemaletherapist homely atmosphere. 9114559860. D-542

## LOST

ଦଲିଲ ହଜିଯାଇଛି- ମୁଁ ଶ୍ରୀ ପ୍ରଶାନ୍ତ କୁମାର ଗଡ଼ନାୟକ, ପିତା- ଦୁର୍ଯ୍ୟୋଧନ ଗଡ଼ନାୟକ, ସା/ପୋ- ଖଲାରୀ, ଥାନା/ଜିଲ୍ଲା- ଅନୁଗୋଳ, ଜଣାଉଅଛି ଯେ ମୁଁ ମୋର ଦାଖଲ ଖାରଜ କେସ୍ ନମ୍ବର- ୯୨୮/୯୯ ଏବଂ ତତ୍ ସଂଲଗ୍ନ ଦେୱାନୀ ମାମଲା ସଂଖ୍ୟା ୩୬/୧୯୯୪ର ଚୂଡ଼ାନ୍ତ ଡିକ୍ରି ସମ୍ବନ୍ଧୀୟ ଦଲିଲଟି କେଉଁଠାରେ ହଜାଇ ଦେଇଅଛି। ଯଦି କେହି ସହୃଦୟ ବ୍ୟକ୍ତି ଏହି ଦଲିଲଟିକୁ ପାଇବେ ମୋତେ ଏହି ୯୮୬୧୫୫୩୧୫୭ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୫୯୯

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before dated 03.05.2025, I, Gouranga Charan Pradhan, Address- Plot No.- 1595 (B), Sasanpadia, Old Town, Bhubaneswar- 751002 declare that I have changed my daughter's name from Subhashree Priyadarshini Pradhan to Subhashree Priyadarsini. Henceforth, she shall be known as Subhashree Priyadarsini for all purposes.
Gouranga Charan Pradhan D-595

By virtue of an affidavit bearing Sl.No.-536, dt 06.05.25 before the Executive Magistrate, Ghatgaon, I, Sh. Puria Nayak, S/o- Birabar Nayak, Permanent Resident of Village- Sanabarabeda, P.O.- Sanamasinabilla, P.S.-Ghatgaon, Dist.- keonjhar,Odisha, PIN- 758029 declare as under. That my daughter Manjari Nayak was born at Ghatgaon C.H.C on dt- 25.12.2008 and as per her Birth Cerificate issued by the competent authorities the name is Manjari Nayak. But inadvertently in her Aadhaar Card the name has been mentioned as Pujarani Nayak. I want that her original name Manjari Nayak, which is as per the Birth Cerrificate should be mentioned in the Aadhaar Card instead of Pujarani Nayak. D-601

By virtue of an affidavit before Executive Magistrate, Nayagarh, dated 14.05.2025, I, Rajendra Pradhan, Vill- Lunisara, P.O.- Sikrida, P.S.- Nuagaon, Dist.- Nayagarh, Odisha, PIN- 752083 declare that I have changed my son's name from R.L. Ronak to RL Ronak Pradhan. Henceforth, he shall be known as RL Ronak Pradhan for all future purposes.
Rajendra Pradhan D-605

By virtue of an affidavit it declares that Sajid Mahammad, S/o- Late Mohammad Ajij and Sajid Mohammad, S/o- Late Mohammad Ajij is same and one person of Paikarapur, Chhatia, Jajpur. D-604

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ମାନସ ରଞ୍ଜନ ରାଉତ**
ଅବସରପ୍ରାପ୍ତ ଶିକ୍ଷକ, ବାଲେଶ୍ୱର ଜିଲ୍ଲା ସ୍କୁଲ
ଗ୍ରାମ: ପଦ୍ମୁଆଁପଦା, ବାଲେଶ୍ୱର
ଆବିର୍ଭାବ: ୦୬।୦୧।୧୯୩୩
ତିରୋଧାନ: ୦୯।୦୫।୨୦୨୫
ଆପଣଙ୍କ ନିତୀ, ଆଦର୍ଶ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହେଉ। ଆଜି ଏକାଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ସହଧର୍ମିଣୀ: ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ
ଧ-୬୦୬

### ଦ୍ୱାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ଅରୁଣ କୁମାର ଚମ୍ପତିରାୟ**
(ନିଗମ ନଗର, ତୃତୀୟ ଲାଇନ)
ଶିଳ୍ପାଞ୍ଚଳ, ବ୍ରହ୍ମପୁର
ଚାହୁଁ ଚାହୁଁ ବାରଦିନ ବିତିଗଲା। ଆପଣଙ୍କ ଅବର୍ତ୍ତମାନରେ ଆମେ ବ୍ୟଥିତ ଓ ମର୍ମାହତ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁପରିଜନ
ଧ-୬୦୦

### ଶ୍ରଦ୍ଧାଞ୍ଜଳି



**୰ଆଶିଷ କୁମାର ଜେନା (ବାବୁଲି)**
ହଣ୍ଡପା, ଅନୁଗୋଳ
ଆବିର୍ଭାବ: ୦୨।୦୮।୧୯୬୮
ତିରୋଧାନ: ୧୯।୦୫।୧୯୯୯
ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଜେନା ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୦୨

### ୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ହରିପ୍ରିୟା ମହାନ୍ତି**
Qrs No.- IVR-PF-19, Unit-6, BBSR
ଆବିର୍ଭାବ: ଅଗଷ୍ଟ,୧୯୪୬
ତିରୋଧାନ: ୨୦।୦୫।୨୦୧୪
ଆଜିର ୧୧ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୪୮୫

# ଭାରତର ସୁଦର୍ଶନ ଚକ୍ର ଏସ୍-୪୦୦


ଦେବାଶିଷ ମହାନ୍ତି

''ଏସ୍-୪୦୦ର ସ୍ୱତନ୍ତ୍ରତା ଏହି କି ଯେ, ଏହା ଏକ ସମୟରେ ୮୦ ରୁ ୧୦୦ ଉଡ଼ନ୍ତା ବସ୍ତୁକୁ ଚିହ୍ନଟ କରିପାରିବ। ଏହା କ୍ଷୁଦ୍ର ତଥା ୪୦୦ କିଲୋମିଟର ପର୍ଯ୍ୟନ୍ତ ଦୀର୍ଘ ଦୂରତା ପାଇଁ ବିଭିନ୍ନ ପ୍ରକାରର କ୍ଷେପଣାସ୍ତ୍ର ନିକ୍ଷେପ କରିପାରିବ। ଏହା ବହୁତ ଉଚ୍ଚ କିମ୍ବା ବହୁତ ନିମ୍ନରେ ଉଡୁଥିବା ଲକ୍ଷ୍ୟକୁ ନିପାତ କରିପାରିବ। ଏହା ବହୁତ ଶୀଘ୍ର ପ୍ରତିକ୍ରିୟା କରେ ଏବଂ ଶବ୍ଦଠାରୁ ଦ୍ରୁତ ଗତିରେ କ୍ଷେପଣାସ୍ତ୍ର ନିକ୍ଷେପ କରିପାରେ। ତେଣୁ ଏହାକୁ ବୋକା ବନାଇ ଖସିଯିବା କଷ୍ଟକର।''



ଚଳିତ ମାସ ୭ ତାରିଖ ସକାଳୁ ଉଠୁ ଉଠୁ ସମସ୍ତଙ୍କ ମୁଖରେ ଗୋଟିଏ ଚାଞ୍ଚଲ୍ୟକର ଖବର ଯେ ଭାରତ ପହଲଗାମ୍ ଆତଙ୍କବାଦୀ ଅମାନବୀୟ ହତ୍ୟାକାଣ୍ଡର ଦଣ୍ଡ ଦେବା ପାଇଁ ପାକିସ୍ତାନସ୍ଥିତ ୯ ଗୋଟି ଆତଙ୍କବାଦୀ ପ୍ରଶିକ୍ଷଣ ଶିବିରକୁ କ୍ଷେପଣାସ୍ତ୍ର ଦ୍ୱାରା ଧ୍ୱଂସ କରିଦେଇଛି। ସମସ୍ତ ଗଣମାଧ୍ୟମ ଏହି ଖବରକୁ ପ୍ରଚାର କରିବା ସହିତ ପାକିସ୍ତାନର ଏହାର ଉତ୍ତରରେ ଭାରତ ଉପରକୁ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଦ୍ୱାରା ପ୍ରତି ଆକ୍ରମଣର ଧମକ ମଧ୍ୟ ପ୍ରଚାରିତ ହେବାକୁ ଲାଗିଲା। ଏହି ଖବର ଶୁଣିଲା ପରେ ମୋ ମା' ଓ ପତ୍ନୀ ଭାରତର ପଶ୍ଚିମ ସୀମାବର୍ତ୍ତୀ ଅଞ୍ଚଳର ସାଧାରଣ ଲୋକଙ୍କ ଜୀବନ ବିପଦସଙ୍କୁଳ ହୋଇଯିବ ଭାବି ଟିକେ ବିଚଳିତ ହୋଇପଡ଼ିଲେ। ସେମାନଙ୍କ ଚିନ୍ତା ଦେଖି ତାକୁ ଲାଘବ କରିବା ପାଇଁ ମୁଁ କହିଲି ଜମା ଚିନ୍ତା କରନାହିଁ ଭାରତର ସୁଦର୍ଶନ ଚକ୍ର ଭାରତ ଭିତରକୁ କୌଣସି କ୍ଷେପଣାସ୍ତ୍ର, ଯୁଦ୍ଧ ଜାହାଜ କି ଡ୍ରୋନ୍‌କୁ ପୂରାଇ ଦେବ ନାହିଁ। ସୁଦର୍ଶନ ଚକ୍ର ନାଁ ଶୁଣି ମୋ ମା' ଓ ପତ୍ନୀ ମୋ ଆଡ଼କୁ କୌତୂହଳରେ ଅନାଇଲେ। ସେଠାରେ ଉପସ୍ଥିତ ଥିବା ମୋ ପୁଅ ଓମ୍ ପ୍ରଶ୍ନ ଛଳରେ ପଚାରିଲା ଭାରତର ସୁଦର୍ଶନ ଚକ୍ର? ସେମାନଙ୍କ ଉତ୍କଣ୍ଠାକୁ ମୋଚନ କରିବା ପାଇଁ ମୁଁ କହିଲି ମହାଭାରତ ଯୁଦ୍ଧରେ ଯେମିତି ପାଣ୍ଡବମାନଙ୍କ ବନ୍ଧୁ ଶ୍ରୀକୃଷ୍ଣଙ୍କ ସୁଦର୍ଶନ ଚକ୍ର ସେମାନଙ୍କୁ ରକ୍ଷା କରୁଥିଲା ଠିକ୍ ସେହିପରି ଭାରତର ପରମ ତଥା ସ୍ଥାୟୀ ବନ୍ଧୁ ରୁଷିଆ ପ୍ରଦତ୍ତ 'ଏସ୍ ୪୦୦' ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହି ଯୁଦ୍ଧରେ ଭାରତକୁ ରକ୍ଷା କରିବ। ତୁମେମାନେ ଦେଖିଲ ତାହା କେମିତି ସତରେ ପରିଣତ ହେଲା। ଏହା ଶୁଣି ମୋ ପୁଅ ସଙ୍ଗେ ସଙ୍ଗେ ପଚାରିଲା, ଏହି 'ଏସ୍ ୪୦୦' ବାୟୁ ପ୍ରତିରକ୍ଷା ପ୍ରଣାଳୀ କ'ଣ ? ତାକୁ ବୁଝେଇବା ପାଇଁ ମୁଁ କହିଲି, କଳ୍ପନା କର ଜଣେ ଶକ୍ତିଶାଳୀ ଯୋଦ୍ଧା ଯିଏ ଶହ ଶହ କିଲୋମିଟର ଦୂରରୁ ଆସୁଥିବା ଶତ୍ରୁମାନଙ୍କୁ ଦେଖିପାରେ ଏବଂ ସହରରେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କୁ ଧ୍ୱଂସ କରିପାରେ। ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହିପରି ଏକ ଯାନ୍ତ୍ରିକ ଯୋଦ୍ଧା ! ଏହା ଏକ ଅତି ଶକ୍ତିଶାଳୀ ଯନ୍ତ୍ର ଯାହା ଶତ୍ରୁ କ୍ଷେପଣାସ୍ତ୍ର, ବିମାନ ଏବଂ ଡ୍ରୋନଠାରୁ ଦେଶର ଆକାଶକୁ ସୁରକ୍ଷା ଦିଏ।

ଏସ୍-୪୦୦ ହେଉଛି ରୁଷ ଦ୍ୱାରା ନିର୍ମିତ ଏକ ଶକ୍ତିଶାଳୀ ପ୍ରତିରକ୍ଷା ପ୍ରଣାଳୀ। ଏହା ଏକ 'ରକ୍ଷକ' ପରି ଯିଏ ଆକାଶକୁ ଦେଖେ ଏବଂ ଶତ୍ରୁ ପକ୍ଷର ବିମାନ, କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଭଳି ବିପଦପୂର୍ଣ୍ଣ ଉଡ଼ନ୍ତା ବସ୍ତୁରୁ ଦେଶକୁ ରକ୍ଷା କରେ। ଏହା ବିଶ୍ୱର ସର୍ବୋତ୍ତମ ବାୟୁ ପ୍ରତିରକ୍ଷା ପ୍ରଣାଳୀ ମଧ୍ୟରୁ ଅନ୍ୟତମ। ଭାରତ ନିଜ ଲୋକଙ୍କ ସୁରକ୍ଷା ପାଇଁ ରୁଷିଆଠାରୁ ଏହାକୁ କିଣିଛି। ତେବେ ଏହି ଏସ୍-୪୦୦ କାମ କରେ କିପରି? ଏସ୍-୪୦୦ ଏକ ଦିବ୍ୟ ଚକ୍ଷୁ, ବୁଦ୍ଧିମାନ ମସ୍ତିଷ୍କ ଓ ଦ୍ରୁତ ବାହୁ ଥିବା ଯନ୍ତ୍ରମାନଙ୍କ ଦଳ। ଏହାର କାର୍ଯ୍ୟ ପ୍ରଣାଳୀ ଏଠାରେ ଉଲ୍ଲେଖ କରୁଛି।

ଏହାର ଦିବ୍ୟ ଚକ୍ଷୁ ବା ରାଡାର ୨୪ ଘଣ୍ଟା ଆକାଶ ମାର୍ଗ ଉପରେ ନଜର ରଖିଥାଏ। ଏହି ଶକ୍ତିଶାଳୀ ରାଡାର (ସ୍ୱତନ୍ତ୍ର ମେଶିନ ଯାହା ଆକାଶରେ 'ଦେଖିପାରେ') ଯାହା ୬୦୦ କିଲୋମିଟର ଦୂରରେ ମଧ୍ୟ ଉଡୁଥିବା ଯେକୌଣସି ଜିନିଷକୁ ଖୋଜିକରି ଚିହ୍ନିପାରେ। ଏହାର ମସ୍ତିଷ୍କ ବା କମ୍ପ୍ୟୁଟର ବିପଦ ଯାଞ୍ଚ କରେ। ରାଡାର କିଛି ଠାବ କଲା ପରେ, କମ୍ପ୍ୟୁଟର ସିଷ୍ଟମ ଯାଞ୍ଚ କରେ ଯେ ଏହା ପକ୍ଷୀ, ବିମାନ, ନା କ୍ଷେପଣାସ୍ତ୍ର ? ଏହା ବନ୍ଧୁ ନା ଶତ୍ରୁ କ୍ଷେପଣାସ୍ତ୍ର। ଯଦି ଏହା ବିପଦପୂର୍ଣ୍ଣ ବା କ୍ଷତିକାରକ ବସ୍ତୁ ବୋଲି ଜଣାପଡେ, ତେବେ ଏସ୍-୪୦୦ ଏହାକୁ ନଷ୍ଟ କରିବାକୁ ପ୍ରସ୍ତୁତ ହୁଏ। ଯଦି ଏହା ଶତ୍ରୁର କ୍ଷେପଣାସ୍ତ୍ର କିମ୍ବା ଜେଟ୍ ଚିହ୍ନଟ ହୁଏ ତେବେ ଏହି ଅସ୍ତ୍ର କୌଣସି କ୍ଷତି କରିବା ପୂର୍ବରୁ ଏସ୍-୪୦୦ର ଦ୍ରୁତ ବାହୁ ଏହାକୁ ଆକାଶରେ ଧ୍ୱଂସ କରିବା ପାଇଁ ନିଜର ସୁପରଫାଷ୍ଟ କ୍ଷେପଣାସ୍ତ୍ର ନିକ୍ଷେପ କରେ। କ୍ଷେପଣାସ୍ତ୍ରଟି ଶବ୍ଦର ଗତିଠାରୁ ଦ୍ରୁତ ଗତିରେ ଗତିକରେ ଏବଂ ଆକାଶରେ ଲକ୍ଷ୍ୟସ୍ଥଳକୁ ଆଘାତ କରି ଏହି ଶତ୍ରୁ କ୍ଷେପଣାସ୍ତ୍ର ବା ବିମାନ ବା ଡ୍ରୋନକୁ ଧ୍ୱଂସ କରିଦିଏ। ଏହା ଲୋକଙ୍କୁ ଏବଂ ସହରଗୁଡ଼ିକୁ ସୁରକ୍ଷିତ ରଖେ। ଏସ୍-୪୦୦ ସ୍ୱତନ୍ତ୍ରତା ଏହି କି ଯେ ଏହା ଏକ ସମୟରେ ୮୦ ରୁ ୧୦୦ ଉଡ଼ନ୍ତା ବସ୍ତୁକୁ ଚିହ୍ନଟ କରିପାରିବ। ଏହା କ୍ଷୁଦ୍ର ତଥା ୪୦୦ କିଲୋମିଟର ପର୍ଯ୍ୟନ୍ତ ଦୀର୍ଘ ଦୂରତା ପାଇଁ ବିଭିନ୍ନ ପ୍ରକାରର କ୍ଷେପଣାସ୍ତ୍ର ନିକ୍ଷେପ କରିପାରିବ। ଏହା ବହୁତ ଉଚ୍ଚ କିମ୍ବା ବହୁତ ନିମ୍ନରେ ଉଡୁଥିବା ଲକ୍ଷ୍ୟକୁ ନିପାତ କରିପାରିବ। ଏହା ବହୁତ ଶୀଘ୍ର ପ୍ରତିକ୍ରିୟା କରେ ଏବଂ ଶବ୍ଦଠାରୁ ଦ୍ରୁତ ଗତିରେ କ୍ଷେପଣାସ୍ତ୍ର ନିକ୍ଷେପ କରିପାରେ। ତେଣୁ ଏହାକୁ ବୋକା ବନାଇ ଖସିଯିବା କଷ୍ଟକର।

ରୁଷ୍ ଏସ୍-୪୦୦ ତିଆରି କରିଛି, କିନ୍ତୁ ଭାରତ, ଚାଇନା ଏବଂ ତୁର୍କୀ ଭଳି ଅନ୍ୟ ଦେଶଗୁଡ଼ିକ ମଧ୍ୟ ଏହାକୁ ସେମାନଙ୍କର ଆକାଶକୁ ସୁରକ୍ଷା ଦେବା ପାଇଁ ବ୍ୟବହାର କରନ୍ତି। ଭାରତ ଏହାର ବାୟୁ ପ୍ରତିରକ୍ଷାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏସ୍-୪୦୦ କିଣିଛି। ଏହି ପ୍ରଣାଳୀ ସାହାଯ୍ୟରେ, ଭାରତ ଏହାର ବଡ଼ ସହର, ଗୁରୁତ୍ୱପୂର୍ଣ୍ଣ କୋଠା ଏବଂ ସେନା ଘାଟିକୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିପାରିବ। ମୁଁ ଏସ୍-୪୦୦ ବିଷୟରେ ବର୍ଣ୍ଣନା କରିଲା ବେଳେ ଦୂରଦର୍ଶନରେ ଭାରତୀୟ ସେନାର ସାମ୍ବାଦିକ ସମ୍ମିଳନୀ ପ୍ରସାରିତ ହେଲା। ଏହି ସମ୍ମିଳନୀରେ ସ୍ଥଳସେନା ଅଧିକାରୀ କର୍ଣ୍ଣେଲ ସୋଫିଆ କ୍ୟୁରେଶି ଓ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂ ଦେଶକୁ ଜଣାଇଲେ ଯେ ପାକିସ୍ତାନ ଚାଇନା ପ୍ରଦତ୍ତ ଯୁଦ୍ଧ ଜାହାଜ, ତୁର୍କୀ ଡ୍ରୋନ୍ ଓ ଫତେ କ୍ଷେପଣାସ୍ତ୍ର ଭାରତ ଉପରକୁ ମାଡ଼ କରିଥିଲା। କିନ୍ତୁ ଭାରତର ସୁଦର୍ଶନ ଚକ୍ର ଏସ୍-୪୦୦ ସେ ସବୁକୁ ଆକାଶରେ ହିଁ ଧ୍ୱଂସ କରି ଦେଇଛି। କୌଣସି ଗୋଟିଏ ବି ଭାରତର ସ୍ଥଳଭାଗ କିମ୍ବା ଏହାର ଜନସାଧାରଣଙ୍କୁ ସ୍ପର୍ଶ କରିନାହିଁ। ଭାରତ କିନ୍ତୁ ଲାହୋରର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ନଷ୍ଟ କରିବା ସହିତ ପାକିସ୍ତାନର ବହୁ ସୈନ୍ୟ ଠିକଣା ଓ ଆତଙ୍କବାଦୀ ଆଡ୍ଡା ନଷ୍ଟ କରି ଦେଇଛି। ଏହି ଖବର ଶୁଣି ମୋ ମା', ପତ୍ନୀ ଓ ପୁତ୍ର ଆଶ୍ୱସ୍ତି ପ୍ରକାଶ କଲେ। ଏସ୍-୪୦୦ ଭାରତୀୟ ଆକାଶର ସେହି ବୀର ଯୋଦ୍ଧା, ଯାହାକି ଆକାଶର ସୁପରହିରୋ ପରି ସର୍ବଦା ନୀରବରେ ସତର୍କ ଏବଂ ପ୍ରସ୍ତୁତ ରହିଅଛି। ଆକାଶ ଉପରେ ନଜର ରଖି ଏବଂ ଶବ୍ଦ ଅପେକ୍ଷା ଦ୍ରୁତ ଗତିରେ ଉଡୁଥିବା କ୍ଷେପଣାସ୍ତ୍ର ସହିତ, ଏହା ଭାରତର ଆକାଶକୁ ସୁଦର୍ଶନ ଚକ୍ର ପରି ସୁରକ୍ଷିତ ରଖିଛି। ଆଧୁନିକ ଯୁଗରେ ଯୁଦ୍ଧକ୍ଷେତ୍ରରେ ମାନବ ଜୀବନକୁ ବିପଦରେ ନ ପକାଇ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ଚତୁର ପ୍ରତିରକ୍ଷା ପ୍ରଣାଳୀ ବଳରେ ଏସ୍-୪୦୦ ପରି ଆଧୁନିକ ଯାନ୍ତ୍ରିକ ବୀରମାନେ ବୁଦ୍ଧିମତ୍ତା, ଗତି ଏବଂ ସଠିକତା ସହିତ ଆମକୁ ସୁରକ୍ଷା ଦିଅନ୍ତି।

-ବିଭାଗୀୟ ମୁଖ୍ୟ, ରସାୟନ ବିଜ୍ଞାନ ବିଭାଗ, ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ
ମୋ : ୯୮୬୧୩୯୧୧୯୦

## ପୃଥୁଳତା ଓ ଇନ୍‌ସୁଲିନ୍ ରେଜିଷ୍ଟାନ୍ସ



ପୃଥୁଳତା ଏବଂ ଡାଇବେଟିସ୍ ମଧ୍ୟରେ ଅନେକାଂଶରେ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି। ପୃଥୁଳତା ବା ଓବେସିଟି ବଢ଼ିଗଲେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇଥାଏ। ଅଧିକ ମସଲା ତଥା ତେଲଯୁକ୍ତ ଏବଂ ଗରିଷ୍ଠ ଖାଦ୍ୟ ଖାଇଲେ ତାହା ପୃଥୁଳତା ପାଇଁ ଦାୟୀ ହୋଇଥାଏ। ଅନ୍ୟପକ୍ଷରେ ପୃଥୁଳତା ରକ୍ତରେ ସୁଗାର ପରିମାଣ ବଢ଼ାଇ ଦେବାର ଯଥେଷ୍ଟ ଆଶଙ୍କା ରହିଛି। ରକ୍ତରେ ଚର୍ବି ଜମିଲେ ତାହା ମଧ୍ୟ କ୍ଷତିକାରକ। ଏପରି ସ୍ଥିତିକୁ ଡାକ୍ତରୀ ଭାଷାରେ 'ଇନ୍‌ସୁଲିନ୍ ରେଜିଷ୍ଟାନ୍ସ' ବୋଲି କୁହନ୍ତି। ଏହାବ୍ୟତୀତ ପୃଥୁଳତା ଲାଗି ରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷମାନଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନି। ତେଣୁ ଜଣେ ଡାଇବେଟିସ୍ ରୋଗୀ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବା ସହ ଖାଦ୍ୟ ନିୟନ୍ତ୍ରଣ ଓ ନିୟମିତ ବ୍ୟାୟାମ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

## ଉପକାରୀ ଆଖୁରସ




ଆଖୁରସରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଏବଂ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଆଖୁରସ ପିଇବା ଦ୍ୱାରା ଶରୀରରେ ଶର୍କରା ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ। କେବଳ ସେତିକି ନୁହେଁ, କାର୍ଯ୍ୟ କରିବାକୁ ଏହା ମଧ୍ୟ ଶକ୍ତି ଯୋଗାଇଥାଏ। ଠିକ୍ ରହିବା ସହ କାର୍ଯ୍ୟ କରିବାର ଶକ୍ତି ମଧ୍ୟ ଏଥିରୁ ମିଳିଥାଏ। ଏଥିରେ ପଟାସିୟମ୍ ଓ କ୍ୟାଲସିୟମ୍ ମଧ୍ୟ ରହିଛି। ତେଣୁ ଏହାକୁ ପିଇଲେ ତାହା ଦାନ୍ତ ଓ ମାଢ଼ିକୁ ସୁରକ୍ଷା ଦେଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଲିଭରକୁ ବାହ୍ୟ ଜୀବାଣୁ ଆକ୍ରମଣରୁ କେତେକାଂଶରେ ରକ୍ଷା କରେ। ଆଖୁ ରସରେ ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି। ଏହା କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବାରେ ସାହାଯ୍ୟ କରିଥାଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଆଖୁରସ ପିଇଲେ ତାହା ଖାଦ୍ୟ ହଜମରେ ସାହାଯ୍ୟ କରିଥାଏ। ଅସ୍ଥି ଏବଂ ମାଂସପେଶୀକୁ ମଜଭୁତ କରିବାରେ ମଧ୍ୟ ଏହାର ଭୂମିକା ରହିଛି। ଏଥିରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏଥିରେ ଗ୍ଲାଇକୋ ଏସିଡ୍ ଥିବାରୁ ଏହା ଚର୍ମରେ ଥିବା କୋଷକୁ କ୍ଷୟ ହେବାକୁ ଦିଏ ନାହିଁ। ଯାହାଦ୍ୱାରା ଚର୍ମର ଔଜ୍ଜ୍ୱଲ୍ୟତା ବଢ଼ିଥାଏ। ଆଖୁ ରସ ପିଇବା ଦ୍ୱାରା ଆମ ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିଥାଏ।

## ଜାଣିରଖନ୍ତୁ



ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଉଚିତ। ଖାଦ୍ୟ ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଉଚିତ। ଆହାର ଗ୍ରହଣ ପୂର୍ବରୁ ଭଗବାନଙ୍କୁ ଅର୍ପଣ କରିବା ସହ ଖାଦ୍ୟ ଖାଆନ୍ତୁ। ଭୋଜନ ଗ୍ରହଣ ସମୟରେ ବାର୍ତ୍ତାଳାପ ନ କରିବା ସହ ଟିଭି ନ ଦେଖିବା ଭଲ। ଖାଦ୍ୟ ସେବନରେ ମନୋନିବେଶ କରି ପ୍ରଥମେ ଏହାକୁ ପ୍ରଭୁଙ୍କ ପ୍ରସାଦ ସମ ସମର୍ପଣ କରି ଖାଆନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଖାଇବା ଏକ ଘଣ୍ଟା ପରେ ପାଣି ପିଅନ୍ତୁ। ଖାଇବା ପରେ ପରେ ଥଣ୍ଡା ଜିନିଷ, ଆଇସକ୍ରିମ୍ ଆଦି ନଖାଇବା ଭଲ। ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡା ଆଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ସେବନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଖାଦ୍ୟ କୁହାଯାଏ।

## ମସ୍ତିଷ୍କର କାର୍ଯ୍ୟଧାରାକୁ ପ୍ରଭାବିତ କରେ ଅସନ୍ତୁଳିତ ଖାଦ୍ୟ



ଯଦି ଜଣେ ବ୍ୟକ୍ତିଙ୍କର ଅସନ୍ତୁଳିତ ଖାଦ୍ୟ ଖାଇବା ଏକ ଅଭ୍ୟାସରେ ପଡିଯାଏ ତେବେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏଭଳି ସତର୍କ ସୂଚନା ଦେଇଛନ୍ତି। ଅଧିକାଂଶ ସମୟ ଅସନ୍ତୁଳିତ ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କର ଜୀବନଶୈଳୀକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ପରିଶେଷରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ଏଭଳି ଅଭ୍ୟାସ ଯୋଗୁ ସେମାନଙ୍କର ମସ୍ତିଷ୍କର କାର୍ଯ୍ୟଧାରା ପ୍ରଭାବିତ ହେଉଥିବାର ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଖାରୁ ଫୁଲ



କଖାରୁ ଫୁଲରେ ଭିଟାମିନ୍ ବି-୯ ଅଧିକ ଥିବାରୁ ଏହା ଆମ ଶରୀର ପାଇଁ ବେଶ୍ ଉପଯୋଗୀ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। କଖାରୁ ଫୁଲରେ ଭିଟାମିନ୍ 'ସି' ରହିଛି, ଯାହା ମଧ୍ୟ ଶରୀର ପାଇଁ ଉପକାରୀ। ଏଥିରେ ଥିବା ଭିଟାମିନ୍ 'ଏ' ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ବେଳେବେଳେ ଆଲୋକର ରଙ୍ଗ ପରିବର୍ତ୍ତନ ହେବା ଦ୍ୱାରା, ଏହା ଆମ ଆଖି ଉପରେ ଗଭୀର ପ୍ରଭାବ ପକାଏ। ମାତ୍ର କଖାରୁ ଫୁଲ ଖାଇବା ଦ୍ୱାରା ଏହା କିଛି ମାତ୍ରାରେ ଆମକୁ ରକ୍ଷା ଦେଇଥାଏ ଓ ଆଖିକୁ ପରିଷ୍କାର ଦେଖାଯାଇଥାଏ। ଏହା ଅନ୍ଧାରକଣା ସମସ୍ୟାରୁ ମଧ୍ୟ କେତେକାଂଶରେ ରକ୍ଷା କରିଥାଏ। ବେଳେବେଳେ ଆମେ ଅନେକ ରୋଗର ଶିକାର ହୋଇଥାଉ। ବାହାର ଜୀବାଣୁ ଆମ ଶରୀରରେ ପ୍ରବେଶ କରି ବିଭିନ୍ନ ରୋଗ ସୃଷ୍ଟି କରନ୍ତି। ଆଉ ଏହି ଜୀବାଣୁଗୁଡ଼ିକୁ ପ୍ରତିହତ କରିବାର କ୍ଷମତା କଖାରୁ ଫୁଲରେ ରହିଛି ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହା ଶରୀରରେ ଶୁଦ୍ଧ ଅମ୍ଳଜାନ ମଧ୍ୟ ତିଆରି କରିଥାଏ। କଖାରୁ ଫୁଲରେ କ୍ୟାଲସିୟମ୍ ଓ ଫସ୍‌ଫରସ୍ ପ୍ରଚୁର ପରିମାଣରେ ଥାଏ, ଯାହା ଅସ୍ଥି ଓ ଦାନ୍ତକୁ ମଜଭୁତ ରଖିବାରେ ସାହାଯ୍ୟ କରେ।

## ପ୍ଲାଷ୍ଟିକ ପ୍ରଦୂଷଣ



ମନୁଷ୍ୟ ଦୈନନ୍ଦିନ ନିଜର ବ୍ୟବହାର କରୁଥିବା ସାମଗ୍ରୀ ମଧ୍ୟରେ ପ୍ଲାଷ୍ଟିକ ଅନ୍ୟତମ। ପ୍ଲାଷ୍ଟିକ ଜାତ ଦ୍ରବ୍ୟ ଭିତରେ ପ୍ଲାଷ୍ଟିକ ଚେୟାର, ଟେବୁଲ, ପିଲାମାନଙ୍କ ପ୍ଲାଷ୍ଟିକ ଖେଳନା ସାମଗ୍ରୀ, ବିଭିନ୍ନ ଖାଦ୍ୟଦ୍ରବ୍ୟ ରଖାଯାଇଥିବା ପ୍ୟାକେଟ, ପଲିଥିନ ବ୍ୟାଗ, ପାଣିବଟଲ ଆଦି ବହୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପ୍ଲାଷ୍ଟିକ ଓ ପଲିଥିନ ସାମଗ୍ରୀ ଦ୍ୱାରା ପ୍ରସ୍ତୁତି ହୋଇଥାଏ। ଆମେ ବ୍ୟବହାର ସାରିବା ପରେ ଉକ୍ତ ପ୍ଲାଷ୍ଟିକ ଓ ପଲିଥିନକୁ ଏଣେତେଣେ ଫୋପାଡ଼ି ଦେଇଥାଉ। ପରବର୍ତ୍ତୀ ସମୟରେ ଏଗୁଡିକ କୁଢ଼ କୁଢ଼ ଆବର୍ଜନା ଭାବେ ଗଦା ହୋଇ ପ୍ରଦୂଷଣର କାରଣ ସାଜିଥାଏ। ସମୁଦ୍ରରେ ମଧ୍ୟ ହଜାର ହଜାର ଟନ୍ ପ୍ଲାଷ୍ଟିକ ସାମଗ୍ରୀ ଜମାହୋଇ ରହିଥିବାର ଦେଖାଯାଏ। ଏହି ପ୍ଲାଷ୍ଟିକ ସାମଗ୍ରୀ ମାଟି,ଜଳ କିମ୍ବା ଜଳବାୟୁରେ ସହଜରେ ଶହଶହ ବର୍ଷ ଧରି ବିଘଟନ ହୋଇ ନ ଥାଏ। ଜଳଜୀବମାନେ ଉକ୍ତ ପ୍ଲାଷ୍ଟିକକୁ ଭକ୍ଷଣ କରି ମୃତ୍ୟୁମୁଖରେ ପଡିଥାଆନ୍ତି। ଆମେ ଦୈନନ୍ଦିନ ପ୍ଲାଷ୍ଟିକ ବୋତଲରେ ପାଣି ରଖି ପିଇବା ଦ୍ୱାରା ପ୍ଲାଷ୍ଟିକ ଓ ପାଣିର ବହୁ ସମୟ ଧରି ରହିବା ଦ୍ୱାରା ରାସାୟନିକ ପ୍ରତିକ୍ରିୟା ଘଟି ପ୍ଲାଷ୍ଟିକର କିଛି ପରିମାଣ ଜଳ ସହିତ ମିଶି ଶରୀରକୁ ଯାଇଥାଏ। ଏହାଦ୍ୱାରା ପେଟ ଜନିତ ସମସ୍ୟା ସୃଷ୍ଟି କରିବା ବ୍ୟତୀତ ଶାରୀରିକ ଅକ୍ଷମତା, ରୋଗପ୍ରତିରୋଧକ ଶକ୍ତି ହ୍ରାସ କରାଇବା ସହ ବିଭିନ୍ନ ମାରାତ୍ମକ ରୋଗ ସୃଷ୍ଟି କରିଥାଏ। ପ୍ଲାଷ୍ଟିକ ସାମଗ୍ରୀର ଏସବୁ ଖରାପ ପ୍ରଭାବ ଆମ ପୃଥିବୀର ପ୍ରକୃତି ଓ ପରିବେଶ ସୁରକ୍ଷାରେ ମଧ୍ୟ ସମସ୍ୟା ସୃଷ୍ଟି କରିଥାଏ।

## ସ୍ୱାସ୍ଥ୍ୟ ସୂଚନା

➢ଯେଉଁ ଋତୁ ହେଉ ନା କାହିଁକି ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। ପ୍ରତିଦିନ ଏପରି ଖାଦ୍ୟ ଖାଆନ୍ତୁ ଯେପରି ତାହା ସହଜରେ ହଜମ ହୋଇପାରିବ।

➢ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ମୋବାଇଲ୍ ଏବଂ ଇଲେକ୍‌ଟ୍ରୋନିକ ଗ୍ୟାଜେଟ୍‌ଠାରୁ ମଧ୍ୟ ଦୂରେଇ ରୁହନ୍ତୁ। କାରଣ ଏଗୁଡିକ ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥାଏ।

➢ଅସ୍ଥି ଓ ମଜ୍ଜାକୁ ମଜଭୁତ କରିବାରେ ଭିଟାମିନ୍ ଡି'ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାର ପ୍ରମୁଖ ଉତ୍ସ ହେଉଛି ସୂର୍ଯ୍ୟକିରଣ। ତେଣୁ ପ୍ରତିଦିନ ସକାଳର କଅଁଳ ଖରା ସଂସ୍ପର୍ଶରେ କିଛି ସମୟ ଆସନ୍ତୁ।



➢ନିଜକୁ ସୁସ୍ଥ ତଥା ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟପେୟ ପ୍ରତି ନଜର ଦିଅନ୍ତୁ। ତା' ସହ ଦୈନନ୍ଦିନ ଜୀବନରେ ବ୍ୟାୟାମ ଏବଂ ଯୋଗକୁ ସାମିଲ୍ କରନ୍ତୁ।

➢ଅନେକ ରୋଗର ବାହକ ବେଳେବେଳେ ପାଣି ହୋଇଥାଏ। ତେଣୁ ପାଣିକୁ ଫୁଟାଇ ପିଇବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ।

➢ ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ ହେଉଛନ୍ତି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପରାମର୍ଶ କରିବା ସମୟରେ ଡାକ୍ତରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ।

## ବାତ ବ୍ୟାଧିର ଉପଚାର



ମାନବ ଶରୀର ତ୍ରିଦୋଷ (ବାତ, ପିତ୍ତ, କଫ)ର ବିକୃତି କାରଣରୁ ବ୍ୟାଧି ଉତ୍ପନ୍ନ ହୋଇ ବାତ ବିକୃତି କାରଣରୁ ପକ୍ଷାଘାତ(ପାରାଲିସିସ୍),ଆଣ୍ଠୁଗଣ୍ଠିବାତ (ଜଏଣ୍ଟପେନ୍), ଅପସ୍ମାର (ଇପିଲେପ୍‌ସି), କଟିଗ୍ରହ (ଲୁମ୍ବାର ସ୍ପଣ୍ଡିଲିସିସ୍), ଗ୍ରୀବାଗ୍ରହ (ସର୍‌ଭାଇକାଲ ସ୍ପଣ୍ଡିଲିସିସ୍), ଗୃଧ୍ରସୀ (ସାଇଟିକା), ହନୁଗ୍ରହ (ଫେସିଆଲ୍ ପାରାଲିସିସ୍) ଆଦି ରୋଗ ହେବାର ଦେଖାଯାଇଥାଏ। ଏ ସମ୍ପର୍କରେ ଆୟୁର୍ବେଦ ବିଶେଷଜ୍ଞ ଡା. ଆଶିଷ ବାନାର୍ଜୀ କହନ୍ତି, ''ବାତ ବ୍ୟାଧି ରୋଗୀ କାର୍ଯ୍ୟ ଅକ୍ଷମ ହେବା କାରଣରୁ ତାଙ୍କୁ ସେବାର ଆବଶ୍ୟକତା ରହିଥାଏ। ଯଦି ଉତ୍ତମ ସେବା ଶୁଶ୍ରୁଷା ନ ମିଳେ ତେବେ ସେ ଆରୋଗ୍ୟ ହେବା କଷ୍ଟକର ହୋଇପଡ଼େ। ଏଥିପାଇଁ ଉତ୍ତମ ଚରିତ୍ର ସମ୍ପନ୍ନ, ରାଗ ଦ୍ୱେଷ ରହିତ ସୁଖ ଭାବାପନ୍ନ ପରିଚାରିକା, ସେବିକା ବା ପରିବାର ସଦସ୍ୟ ଆନ୍ତରିକତା ଭାବସମ୍ପନ୍ନ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସେବା କଲେ ରୋଗୀ ଶୀଘ୍ର ଆରୋଗ୍ୟ ହୋଇପାରିବ। ଏହି ରୋଗଗୁଡ଼ିକରେ ରୋଗୀକୁ ପ୍ରଥମେ ସ୍ନେହନ, ସ୍ୱେଦନ ଓ ବିରେଚନ ଦେଇ ସଂଶୋଧନ ଚିକିତ୍ସା ବା ଡେଟକ୍ସିଫିକେସନ୍ କରିବା ଉଚିତ। ବାତ ଦୋଷକୁ ସାମ୍ୟାବସ୍ଥାରେ ଆଣିବା ପାଇଁ ରୋଗ ଅନୁଯାୟୀ ବାତନାଶକ ତୈଳରେ ଅଭ୍ୟଙ୍ଗ/ ମାଲିସ୍ କରିବା ଉଚିତ। ଏହି ତୈଳକୁ ଏକ ଷ୍ଟିଲ୍ ପାତ୍ରରେ ନିଆଁରେ ଉଷୁମ କରି ମାଲିସ୍ କଲେ ଆଶୁ ଫଳ ମିଳେ। ତତ୍ ସଙ୍ଗେ ସଙ୍ଗେ ଆକ୍ରାନ୍ତ ଅଙ୍ଗକୁ ସ୍ୱେଦନ ବା ବାମ୍ଫ ଦିଆଯାଏ। ରୋଗୀକୁ ତୈଳାଭ୍ୟଙ୍ଗ ପରେ ଗୋଟିଏ ଖଟ ବା ଟେବୁଲ ଉପରେ ଶୁଆଇ ବା ବସାଇ ଦିଆଯାଏ। ତା'ପରେ ଏକ ମୁଖ ଘୋଡ଼ଣି ଥିବା ହାଣ୍ଡି ବା ବଡ ପ୍ରେସର କୁକୁର୍‌ରେ ବାତନାଶକ ଦ୍ରବ୍ୟ ବଳା, ରାସ୍ନା, ଶାଳପର୍ଣ୍ଣି, ପୃଷ୍ଣିପର୍ଣ୍ଣି, ବୃହତୀ, କଣ୍ଟକାରୀ, ଗୋକ୍ଷୁରା, ବିଲ୍ୱ, ଶ୍ୟୋନାକ (ଅଗ୍ନିମନ୍ଥ), ପାଟଳି, ଗମ୍ଭାରୀ ଇତ୍ୟାଦି ଦ୍ରବ୍ୟକୁ ଦରକୁଟା କରି ୪ଗୁଣ ପାଣିରେ ସିଝା ଯାଇଥାଏ। ତା' ପରେ ସେହି ବାମ୍ଫକୁ ଏକ ପାଇପ୍ ସାହାଯ୍ୟରେ ଆଣି ପୂର୍ବରୁ ତୈଳାଭ୍ୟଙ୍ଗ ହୋଇଥିବା ଆକ୍ରାନ୍ତ ସ୍ଥାନରେ ଛଡ଼ାଯାଏ। ବର୍ତ୍ତମାନ ପଞ୍ଚକର୍ମ ଚିକିତ୍ସା କେନ୍ଦ୍ରରେ ଏହା ସହଜରେ ଉପଲବ୍ଧ ହେଉଅଛି।

ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମେ ୧୯/୨୦୨୫ Bhubaneswar, Monday, May 19/ 2025

# ପ୍ଲେଅଫ୍‌ରେ ଗୁଜରାଟ, ଆର୍‌ସିବି, ପଞ୍ଜାବ

## ରାହୁଲଙ୍କ ଶତକକୁ ଫିକା ପକାଇଲା ସୁଦର୍ଶନ-ଗିଲଙ୍କ ଭାଗୀଦାରି



ଅସମାପ୍ତ ଦ୍ୱିଶତକୀୟ ଭାଗୀଦାରି ଅବସରରେ ସାଇ ସୁଦର୍ଶନ ଓ ଶୁବମନ ଗିଲ୍।

**ନୂଆଦିଲ୍ଲୀ,୧୮।୫**

ଅଧିନାୟକ ଶୁବମନ ଗିଲ ଓ ସାଇ ସୁଦର୍ଶନଙ୍କ ଅବିଭାଜିତ ଦ୍ୱିଶତକୀୟ ଓପନିଂ ଭାଗୀଦାରି ବଳରେ ଗୁଜରାଟ ଜାଏଣ୍ଟ୍ସ (ଜିଟି) ୧୦ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି)କୁ ପରାସ୍ତ କରିଛି। ଏହି ବିଜୟ ସହ ଗୁଜରାଟ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ପ୍ଲେଅଫ୍‌ରେ ପ୍ରବେଶ କରିଛନ୍ତି। ଲୋକେଶ ରାହୁଲଙ୍କ ଅପରାଜିତ ଶତକ ବେକାର ହୋଇଛି। ଦିଲ୍ଲୀ ଦ୍ୱାରା ପ୍ରଦତ୍ତ ୨୦୦ ରନର ଟାର୍ଗେଟକୁ ଗୁଜରାଟ ୧୯ ଓଭରରେ ବିନା ଉଇକେଟରେ ହାସଲ କରି ନେଇଥିଲା। ଏହା ଗୁଜରାଟର ନବମ ବିଜୟ ହୋଇଥିବା ବେଳେ ଦିଲ୍ଲୀ ଲାଗି ଏହା ପଞ୍ଚମ ପରାଜୟ। ପରାଜୟ ସତ୍ତ୍ୱେ ଦିଲ୍ଲୀର ପ୍ଲେଅଫ୍‌ରେ ସ୍ଥାନ ପକ୍କା କରିବାର ଆଶା ଉଜ୍ଜୀବିତ ରହିଛି। ଏହି ମ୍ୟାଚ୍ ଜରିଆରେ ଟି୨୦ କ୍ୟାରିୟରରେ ରାହୁଲ ୮ ହଜାର ଓ ଶୁବମନ ୫ ହଜାର ରନ ପୂରଣ କରିଛନ୍ତି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୨୦ ଓଭରରେ ୩ ଉଇକେଟ ହରାଇ ୧୯୯ ରନ କରିଥିଲା। ଦଳ ପାଇଁ ରାହୁଲ ୬୫ ବଲରେ ଅପରାଜିତ ୧୧୨ ରନର ଶତକୀୟ ପାଳି ଖେଳିଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ପଞ୍ଚମ ଶତକ ଥିଲା। ତାଙ୍କ ଇନିଂସରେ ୧୪ ଚୌକା ଓ ୪ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ପୋରେଲ ୩୦ (୧ ଚୌକା ଓ ୩ ଛକା), ଅଧିନାୟକ ଅକ୍ଷର ପଟେଲ ୨୫ (୨ ଚୌକା ଓ ୧ ଛକା) ଓ ଟ୍ରିଷ୍ଟାନ ଷ୍ଟବ୍ସ ୨୧ (୨ ଛକା) ରନ କରିଥିଲେ। ଗୁଜରାଟ ପକ୍ଷରୁ ଆର୍ଶଦ ଖାନ, ଆର ସାଇ କିଶୋର ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଧିନାୟକ ଗିଲ ଓ ସୁଦର୍ଶନ ଦଳକୁ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ଅବିଭାଜିତ ପ୍ରଥମ ଉଇକେଟରେ ୨୦୫ ରନ କରି ଦଳକୁ ଜିତାଇଥିଲେ। ସୁଦର୍ଶନ ୬୧ ବଲରେ ୧୨ ଚୌକା ଓ ୪ ଛକା ୧୦୮ ରନ କରିଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ଦ୍ୱିତୀୟ ଶତକ ଥିଲା। ସେହିଭଳି ଗିଲ ୫୩ ବଲରେ ୩ ଚୌକା ଓ ୭ ଛକା ସହିତ ୯୩ ରନ କରି ଅପରାଜିତ ରହିଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଲକ୍ଷ୍ନୌ ବନାମ ହାଇଦ୍ରାବାଦ
ସ୍ଥାନ: ଲକ୍ଷ୍ନୌ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୧୯୯/୩ (ଲୋକେଶ ରାହୁଲ-୧୧୨*, ଅଭିଷେକ ପୋରେଲ-୩୦, ଅକ୍ଷର ପଟେଲ-୨୫, ଆର୍ଶଦ ଖାନ-୧/୭, ପ୍ରସିଦ୍ଧ କ୍ରିଷ୍ଣା-୧/୪୦, ଆର ସାଇ କିଶୋର-୧/୪୭)। ଗୁଜରାଟ ଜାଏଣ୍ଟ୍ସ: ୧୯ ଓଭରରେ ୨୦୫/୦ (ସାଇ ସୁଦର୍ଶନ-୧୦୮*, ଶୁବମନ ଗିଲ-୯୩*)।

## ରାଜସ୍ଥାନକୁ ହରାଇଲା ପଞ୍ଜାବ



ପ୍ଲେୟର ଅଫ୍ ଦି ମ୍ୟାଚ ହରପ୍ରୀତ ବ୍ରାର।

**ଜୟପୁର,୧୮।୫**

ନେହାଲ ୱାଧେରା ଓ ଶଶାଙ୍କ ସିଂଙ୍କ ଅର୍ଦ୍ଧଶତକ ବଳରେ ରବିବାର ଅପରାହ୍ଣରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ୧୦ ରନରେ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍)କୁ ପରାସ୍ତ କରିଛି। ଏହା ପଞ୍ଜାବର ଅଷ୍ଟମ ବିଜୟ ହୋଇଥିବା ବେଳେ ରାଜସ୍ଥାନ ଲାଗି ଏହା ଦଶମ ପରାଜୟ। ଏହି ବିଜୟ ସହ ପଞ୍ଜାବ ୧୨ ମ୍ୟାଚ୍‌ରେ ୧୭ ପଏଣ୍ଟ ସହ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ପୂର୍ବରୁ ପ୍ଲେଅଫ୍ ଦୌଡ଼ରୁ ବାଦ୍ ପଡ଼ିଥିବା ରାଜସ୍ଥାନ ପୂର୍ବଭଳି ନବମ ସ୍ଥାନରେ ରହିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ମାତ୍ର ୩.୧ ଓଭର ମଧ୍ୟରେ ୩୪ ରନରେ ୩ ଉଇକେଟ ହରାଇଥିଲା। ଫର୍ମରେ ଥିବା ପ୍ରିୟାଂଶ ଆର୍ଯ୍ୟ ୯ ଓ ପ୍ରଭସିମରନ ସିଂ ୨୧ ରନ କରି ଆଉଟ୍ ହୋଇଥିବା ବେଳେ ମିଚେଲ ଓୱେନ ଖାତା ଖୋଲିପାରି ନ ଥିଲେ। ୱାଧେରା ଓ ଅଧିନାୟକ ଶ୍ରେୟସ ଆୟାର ଚତୁର୍ଥ ଉଇକେଟରେ ୬୭ ରନ ଯୋଡ଼ିଥିଲେ। ଆୟର ୩୦ (୫ ଚୌକା) ଏବଂ ୱାଧେରା ୭୦ (୫ ଲେଖାଏ ଚୌକା ଓ ଛକା) ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ଶଶାଙ୍କ ୩୦ ବଲରେ ୫୯ (୫ ଚୌକା ଓ ୩ ଛକା) ଏବଂ ଆଜମାତୁଲ୍ଲା ଓମାରଜାଇ ୯ ବଲରେ ୨୧ (୩ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ତୁଷାର ଦେଶପାଣ୍ଡେ ୨ ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନକୁ ବୈଭବ ସୂର୍ଯ୍ୟବଂଶୀ ଓ ଯଶସ୍ୱୀ ଜୟସ୍ୱାଲ ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୁହେଁ ୪.୫ ଓଭରରେ ୭୬ ରନ କରିଥିଲେ। ବୈଭବ ୧୫ ବଲରେ ୪୦ (୪ ଲେଖାଏ ଚୌକା ଓ ଛକା) ଓ ଜୟସ୍ୱାଲ ୨୫ ବଲରେ ୫୦ (୯ ଚୌକା ଓ ୧ ଛକା) ରନ କରିଥିଲେ। ଦୁହିଁଙ୍କୁ ହରପ୍ରୀତ ବ୍ରାର ଆଉଟ୍ କରିଥିଲେ। ଏହାପରେ ଦଳର ମିଡଲ ଅର୍ଡର ଫେଲ୍ ମାରିଥିଲା। ଧ୍ରୁବ ଜୁରେଲ ଶେଷ ପର୍ଯ୍ୟନ୍ତ ଦଳର ବିଜୟ ଆଶା ଉଜ୍ଜୀବିତ ରଖିଥିଲେ। ହେଲେ ୩୧ ବଲରେ ତାଙ୍କର ୫୩ (୩ ଚୌକା ଓ ୪ ଛକା) ରନର ଇନିଂସ ରାଜସ୍ଥାନକୁ ଜିତାଇ ପାରି ନ ଥିଲା। ରାଜସ୍ଥାନ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୨୦୯ ରନ କରିଥିଲା। ପଞ୍ଜାବ ପାଇଁ ହରପ୍ରୀତ ୩ ଉଇକେଟ ନେଇଥିବା ବେଳେ ମାର୍କୋ ଜାନସେନ ଓ ଓମାରଜାଇ ୨ଟି ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୧୯/୫ (ନେହାଲ ୱାଧେରା-୭୦, ଶଶାଙ୍କ ସିଂ-୫୯, ଆଜମାତୁଲ୍ଲା ଓମାରଜାଇ-୨୧*, ତୁଷାର ଦେଶପାଣ୍ଡେ-୨/୩୭, ରିୟାନ ପରାଗ-୧/୨୬)। ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୨୦୯/୭ (ଧ୍ରୁବ ଜୁରେଲ-୫୩, ଯଶସ୍ୱୀ ଜୟସ୍ୱାଲ-୫୦, ବୈଭବ ସୂର୍ଯ୍ୟବଂଶୀ-୪୦, ହରପ୍ରୀତ ବ୍ରାର-୩/୨୨, ମାର୍କୋ ଜାନସେନ-୨/୪୧, ଆଜମାତୁଲ୍ଲା ଓମାରଜାଇ-୨/୪୪)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୩ | ୩ | ୧୦ | ୦ | ୬ | -୦.୭୦୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୩ | ୯ | ୦ | ୬ | -୦.୯୯୨ |

# ଭର୍ଷ୍ଟାପେନ୍ ଜିତିଲେ ଏମିଲିଆ ରୋମାଗ୍ନା ଗ୍ରାଁ ପ୍ରି

**ଇମୋଲା (ଇଟାଲୀ), ୧୮।୫**

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ପୋଲ୍-ସିଟର ଓସ୍କାର ପିଆଷ୍ଟ୍ରିଙ୍କୁ ପଛରେ ପକାଇ ଏଠାରେ ରବିବାର ଅନୁଷ୍ଠିତ ଏମିଲିଆ ରୋମାଗ୍ନା ଫର୍ମୁଲା ୱାନ ଗ୍ରାଁ ପ୍ରି ରେସ୍ ଜିତିଛନ୍ତି। ତାଙ୍କ ପଛକୁ ମ୍ୟାକଲରେନର ଲାଣ୍ଡୋ ନୋରିସ ଓ ଓସ୍କାର ପିଆଷ୍ଟ୍ରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଚଳିତ ସିଜନରେ ଭର୍ଷ୍ଟାପେନ୍‌ଙ୍କର ଏହା ହେଉଛି ଦ୍ୱିତୀୟ ବିଜୟ। ରବିବାର ଫଳାଫଳ ପରେ ଚାମ୍ପିୟନଶିପ୍ ଷ୍ଟାଣ୍ଡିଂର ପ୍ରଥମ ସ୍ଥାନରେ ରହିଥିବା ପିଆଷ୍ଟ୍ରି ଦ୍ୱିତୀୟ ସ୍ଥାନରେ ଥିବା ଲାଣ୍ଡୋ ନୋରିସଙ୍କ ମଧ୍ୟରେ ରହିଥିବା ପଏଣ୍ଟ ବ୍ୟବଧାନ ୧୬ରୁ ୧୩କୁ ହ୍ରାସ ପାଇଛି। ନୋରିସଙ୍କଠାରୁ ୯ ପଏଣ୍ଟ ବ୍ୟବଧାନରେ ଭର୍ଷ୍ଟାପେନ୍ ତୃତୀୟ ସ୍ଥାନରେ ରହିଛନ୍ତି।

# ଅନ୍ୱେଷା, ରିୟାଂଶ, ପ୍ରଜ୍ଞାନ ଅଗ୍ରଣୀ

**ଭୁବନେଶ୍ୱର, ୧୮।୫ (ତପନ ସ୍ୱାଇଁ)**

**ରାଜ୍ୟ ୭ ବର୍ଷରୁ କମ୍ ଚେସ୍**

କଳିଙ୍ଗ ଷ୍ଟାଡିୟମ ପରିସରରେ ଚାଲିଥିବା ରାଜ୍ୟ ୭ ବର୍ଷରୁ କମ୍ ଚେସ୍ ଟୁର୍ନାମେଣ୍ଟରେ ୬ଷ୍ଠ ରାଉଣ୍ଡ ଶେଷସୁଦ୍ଧା ବାଳିକା ବିଭାଗରେ ଅନ୍ୱେଷା ମିଶ୍ର ଏବଂ ବାଳକରେ ରିୟାଂଶ ଅଗ୍ରୱାଲ ଓ ପ୍ରଜ୍ଞାନ ମିଶ୍ର ଯୁଗ୍ମ ଅଗ୍ରଣୀଲାଭ କରିଛନ୍ତି। ରବିବାର ୪ର୍ଥ, ୫ମ ଓ ୬ଷ୍ଠ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଖେଳାଳି ତଥା ଅଭିଜ୍ଞ ପ୍ରଶିକ୍ଷକ ସ୍ୱୟଂଶୁ ସତ୍ୟକାମ ଏବଂ କେନ୍ଦୁଝର ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଅମର ମହାନ୍ତି ବିଭିନ୍ନ ରାଉଣ୍ଡର ଶୁଭାରମ୍ଭ କରିଥିଲେ। ୬ଷ୍ଠ ପର୍ଯ୍ୟାୟ ଶେଷରେ ବାଳକ ବିଭାଗରେ ସୁନ୍ଦରଗଡ଼ର ରିୟାନ୍ସ ଓ ଖୋର୍ଦ୍ଧାର ପ୍ରଜ୍ଞାନ ୫.୫ ପଏଣ୍ଟ ଲେଖାଏ ପାଇଛନ୍ତି । ଅନ୍ୟ ୩ ଜଣ ଶିବାଂଶଜିତ ସାସମଲ, କାବ୍ୟାଂଶ ଚକ୍ରବର୍ତ୍ତୀ ଓ କ୍ରିଶିତ ପଣ୍ଡା ୫ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ବାଳିକାରେ ଖୋର୍ଦ୍ଧାର ଅନ୍ୱେଷା ପୂରା ୬ ପଏଣ୍ଟ ପାଇ ଏକକ ଅଗ୍ରଣୀଲାଭ କରିଛନ୍ତି। ପ୍ରତୀକ୍ଷା ସମ୍ବିଭୀ ୫ ଓ ଅର୍ଣ୍ଣବୀ ପଣ୍ଡା ୪.୫ ପଏଣ୍ଟ ସହିତ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାର ଶେଷ ୨ ପର୍ଯ୍ୟାୟ (୭ମ ଓ ୮ମ) ସୋମବାର ଅନୁଷ୍ଠିତ ହେବ । ବାଳିକା ଓ ବାଳକ ବିଭାଗର ଶ୍ରେଷ୍ଠ ୪ ଖେଳାଳି ଜୁନ ୧ରୁ ୫ ପର୍ଯ୍ୟନ୍ତ ହେବାକୁଥିବା ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ ।



ରବିବାର ମ୍ୟାଚ ଅବସରରେ ଅତିଥି ସ୍ୱୟଂଶୁ ସତ୍ୟକାମ, ଅମର ମହାନ୍ତି ଓ ଅନ୍ୟମାନେ।

# କୋହଲିଙ୍କୁ ଭାରତ ରତ୍ନ ଦାବି

**ନୂଆଦିଲ୍ଲୀ,୧୮।୫**

ମହାନ୍ ଭାରତୀୟ ବ୍ୟାଟର ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିବା ବେଳେ ତାଙ୍କର ପ୍ରଶଂସକ ତଥା କିଛି ପୂର୍ବତନ ଖେଳାଳି ତାଙ୍କ ଲାଗି 'ଭାରତ ରତ୍ନ' ଦାବି କରିଛନ୍ତି। ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ଟୁର ଲାଗି ଭାରତୀୟ ଦଳ ଘୋଷଣା ହେବା ପୂର୍ବରୁ କୋହଲି ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଜଣାଇଥିଲେ। ଏହି ଷ୍ଟାର ବ୍ୟାଟର ବିନା ବିଦାୟୀ ମ୍ୟାଚ୍‌ରେ ବିଦାୟ ନେଇଥିଲେ, ଯାହା କି ପ୍ରଶଂସକଙ୍କୁ ଦୁଃଖିତ କରିଛି। ଭାରତ ତଥା ଚେନ୍ନାଇ ସୁପର କିଙ୍ଗ୍ସର ପୂର୍ବତନ ଖେଳାଳି ସୁରେଶ ରାଇନା ଭାରତ ସରକାରଙ୍କୁ କୋହଲିଙ୍କୁ ଭାରତ ରତ୍ନରେ ସମ୍ମାନିତ କରିବାକୁ ଅନୁରୋଧ କରିଛନ୍ତି। ଏଥିସହିତ ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଦିଲ୍ଲୀଠାରେ ଏକ ବିଦାୟୀ ମ୍ୟାଚ୍ ଆୟୋଜନ କରିବାକୁ କହିଛନ୍ତି।

ମୋ ମତରେ ଭାରତ ସରକାର କୋହଲିଙ୍କୁ ଭାରତ ରତ୍ନ ଦେବା ଉଚିତ। କାରଣ ସେ ଭାରତ ପାଇଁ ଅନେକ କିଛି ହାସଲ କରିଛନ୍ତି। ମୋ ମତରେ ତାଙ୍କୁ ଦିଲ୍ଲୀଠାରେ ଏକ ବିଦାୟୀ ମ୍ୟାଚ୍ ଦିଆଯିବା ଦରକାର। ତାଙ୍କ ପରିବାର ଓ କୋଚ୍ ତାଙ୍କୁ ସମର୍ଥନ କରିବା ପାଇଁ ସେଠାରେ ରହିବା ଉଚିତ। ସେ ଦେଶ ପାଇଁ ବହୁତ କିଛି କରିଥିବାରୁ ତାଙ୍କୁ ଯୋଗାଯୋଗ କରାଯିବା ଦରକାର। କାରଣ ସେ ବିଦାୟୀ ମ୍ୟାଚ୍ ଲାଗି ହକଦାର ବୋଲି ରାଇନା ଷ୍ଟାର ସ୍ପୋର୍ଟ୍ସରେ କହିଛନ୍ତି।




ବେଙ୍ଗାଲୁରୁରେ ମ୍ୟାଚ ଅବସରରେ ବିରାଟ କୋହଲିଙ୍କ ପ୍ରଶଂସକ।

## ଟିକେଟ ମୂଲ୍ୟ ଫେରାଇବ ଆର୍‌ସିବି

**ବେଙ୍ଗାଲୁରୁ,୧୮।୫**

କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷ ବାତିଲ ହୋଇଥିବା ମ୍ୟାଚ୍ ଲାଗି ଷ୍ଟାଡିୟମରେ ଉପସ୍ଥିତ ଥିବା ଦର୍ଶକଙ୍କୁ ଟିକେଟ ଟଙ୍କା ଫେରସ୍ତ କରାଯିବ। ଏ ନେଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପକ୍ଷରୁ ରବିବାର ଘୋଷଣା କରାଯାଇଛି। ଲଗାଣ ବର୍ଷା ଯୋଗୁ ମ୍ୟାଚ୍‌ରେ ଟସ୍ ବି ପଡ଼ିପାରି ନ ଥିଲା।

ଖରାପ ପାଣିପାଗ ଯୋଗୁ ବାତିଲ ହୋଇଥିବା ଆର୍‌ସିବି-କେକେଆର୍ ମ୍ୟାଚ୍ ଲାଗି ସମସ୍ତ ଟିକେଟଧାରୀଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରାଯିବ। ଡିଜିଟାଲ ଟିକେଟଧାରୀଙ୍କୁ ୧୦ ଦିନ ମଧ୍ୟରେ ସେମାନଙ୍କ ଟଙ୍କା ଫେରସ୍ତ ମିଳିବ। ଟିକେଟ ବୁକ କରିବା ଲାଗି ବ୍ୟବହାର କରିଥିବା ଆକାଉଣ୍ଟକୁ ଟଙ୍କା ଯିବ। ଯଦି ୩୧ ତାରିଖ ସୁଦ୍ଧା ଟଙ୍କା ଫେରସ୍ତ ନ ମିଳେ, ତେବେ ବୁକିଂ ବିବରଣୀ ସହିତ ମେଲ କରିବାକୁ ଅନୁରୋଧ। କାଉଣ୍ଟରରୁ ଟିକେଟ କରିଥିବା ଦର୍ଶକଙ୍କୁ ଟଙ୍କା ଫେରସ୍ତ ଲାଗି ସେମାନଙ୍କ ପ୍ରକୃତ ଟିକେଟ ଦାଖଲ କରିବାକୁ ପଡ଼ିବ ବୋଲି ଆର୍‌ସିବି ବିବୃତି ଜାରି କରିଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ